ପୃଷ୍ଠା–୧୨+୮

DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୯/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, January 9/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୪୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 47 ମୂଲ୍ୟ ₹୭/-





**ସଂକ୍ଷେପରେ**

## ଉପନିର୍ବାଚନରେ ମନ୍ତ୍ରୀ ହାରିଲେ

### ରାଜସ୍ଥାନରେ ଭାଜପାକୁ ଝଟକା

**ଜୟପୁର,୮।୧:** ରାଜସ୍ଥାନର ଶ୍ରୀଗଙ୍ଗାନଗର ଅନ୍ତର୍ଗତ କରନପୁର ବିଧାନସଭା କ୍ଷେତ୍ର ପାଇଁ ଡିସେମ୍ବର ୩୦ରେ ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ତଥା ରାଜ୍ୟ ସରକାରରେ ମନ୍ତ୍ରୀ ଥିବା ସୁରେନ୍ଦ୍ର ପାଲ ସିଂ ଟିଟି ପରାଜିତ ହୋଇଛନ୍ତି। ଉକ୍ତ ଆସନରୁ କଂଗ୍ରେସ ପ୍ରାର୍ଥୀ ରୂପୀନ୍ଦର ସିଂ କୁନେର ୧୧,୨୮୩ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ଫଳରେ ରାଜସ୍ଥାନର ଭଜନଲାଲ୍ ଶର୍ମାଙ୍କ ନେତୃତ୍ୱାଧୀନ ସରକାରଙ୍କୁ ବଡ଼ ଝଟକା ଲାଗିଛି। ଗତ ନଭେମ୍ବର ୧୫ରେ କରନପୁର ଆସନର କଂଗ୍ରେସ ପ୍ରାର୍ଥୀ ଗୁର୍‌ମିତ ସିଂ କୁନେରଙ୍କ ପରଲୋକ ଯୋଗୁ ସେଠାରେ ନିର୍ବାଚନ ସ୍ଥଗିତ ରହିଥିଲା। ଫଳରେ ଡିସେମ୍ବର ୩୦ରେ ଉକ୍ତ ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପା ମନ୍ତ୍ରୀ ଟିଟିଙ୍କୁ ପ୍ରାର୍ଥୀ କରିଥିଲା। ଏହା ଆଦର୍ଶ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବୋଲି କଂଗ୍ରେସ ଅଭିଯୋଗ କରିଥିଲା। ଟିଟି ରାଜ୍ୟର କୃଷି ବିପଣନ, ଜଳସେଚନ ଅଞ୍ଚଳ ବିକାଶ ଓ ଜଳ ଉପଯୋଗ ବିଭାଗର ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଦାୟିତ୍ୱରେ ଅଛନ୍ତି। ଉପନିର୍ବାଚନରେ ହାରିଥିବାରୁ ସେ ମନ୍ତ୍ରୀ ପଦରେ ରହିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

## ସଲ୍‌ମାନଙ୍କ ଫାର୍ମହାଉସ୍‌ରେ ପ୍ରବେଶ ଉଦ୍ୟମ: ୨ ଗିରଫ

**ମୁମ୍ବାଇ,୮।୧:** ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ଫାର୍ମ ହାଉସ୍‌ରେ ପ୍ରବେଶ ଲାଗି ଉଦ୍ୟମ କରୁଥିବା ୨ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସେହି ସମୟରେ ସଲ୍‌ମାନ ଫାର୍ମହାଉସ୍‌ରେ ନ ଥିଲେ। କ'ଣ ପାଇଁ ସେମାନେ ପ୍ରବେଶ କରିଥିଲେ ଜଣାପଡ଼ି ନ ଥିବାବେଳେ ପୋଲିସ ସେମାନଙ୍କୁ ଜେରା କରୁଛି। ଏହି ଘଟଣା ପରେ ଫାର୍ମହାଉସ୍ ସୁରକ୍ଷା ବଢ଼ାଇଦିଆଯାଇଛି। ସେମାନେ ଘରେ ଗଣ୍ଡଗୋଳ କରି ମୁମ୍ବାଇ ଚାଲିଆସିଥିଲେ ଏବଂ ସେଲିବ୍ରିଟି ଓ ସେମାନଙ୍କ ଫାର୍ମହାଉସ୍ ଦେଖିବାକୁ ଚାହୁଁଥିଲେ ବୋଲି ଜେରା ବେଳେ କହିଛନ୍ତି। ଅଭିଯୁକ୍ତ ଅଜେଶ କୁମାର ଗିଲା ଏବଂ ଗୁରୁସେବକ ସିଂ ଶିଖ୍‌ଙ୍କ ଘର ପଞ୍ଜାବର ଫଜିଲକାରେ ବୋଲି ଜଣାପଡ଼ିଛି।



କାଲିଫର୍ନିଆର ବେଭର୍ଲି ହିଲ୍‌ସରେ ୮୧ତମ ବାର୍ଷିକ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ପ୍ରଦାନ ଅବସରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ଅଭିନେତା ସାରାହ ସ୍ନୁକ୍, ମାଥ୍ୟୁ ମାକ୍‌ଫାଡ୍ୟେନ୍ ଏବଂ କିରନ କୁଲ୍‌କିନ୍ ପୁରସ୍କାର ସହ ପୋଜ୍ ଦେଉଛନ୍ତି।

# ୫୦୦ ଛାତ୍ରୀଙ୍କୁ ଯୌନ ନିର୍ଯାତନା

**ସିର୍ସା,୮।୧**

■ପ୍ରଧାନମନ୍ତ୍ରୀ, ହରିୟାଣା ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି

■ପ୍ରଫେସରଙ୍କ ନିଲମ୍ବନ, ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି

ହରିୟାଣାର ସିର୍ସା ଜିଲା ଅନ୍ତର୍ଗତ ଏକ କଲେଜର ୫୦୦ ଛାତ୍ରୀ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କୁ ପତ୍ର ଲେଖି ଗୁହାରି କରିଛନ୍ତି। ସେମାନେ ଚୌଧୁରୀ ଦେବୀଲାଲ୍ ୟୁନିଭର୍ସିଟିର ପ୍ରଫେସରଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା ଆଣିବା ସହ ତାଙ୍କ ନିଲମ୍ବନ ଦାବି କରିଛନ୍ତି। ଏଥିସହିତ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ କରାଯିବାକୁ ସେମାନେ ନିବେଦନ କରିଛନ୍ତି। ଉକ୍ତ ଚିଠିର ନକଲ ବିଶ୍ୱବିଦ୍ୟାଳୟ କୁଳପତି ଡ. ଆଜମେର ସିଂ ମଲିକ, ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ, ରାଜ୍ୟ ଗୃହମନ୍ତ୍ରୀ ଅନିଲ ଭିଜ୍ ଏବଂ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମାଙ୍କ ସମେତ ବରିଷ୍ଠ ପଦାଧିକାରୀ ଓ ଗଣମାଧ୍ୟମକୁ ପଠାଯାଇଛି।

ଛାତ୍ରୀମାନେ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି, ପ୍ରଫେସର ଜଣକ ଅଶ୍ଳୀଳ କାର୍ଯ୍ୟରେ ଲିପ୍ତ ରହୁଥିଲେ। ସେ ଅଧିକାଂଶ ସମୟରେ ଛାତ୍ରୀମାନଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡାକି ବାଥ୍‌ରୁମ୍‌ରେ ସେମାନଙ୍କ ଗୋପନ ଅଙ୍ଗକୁ ସ୍ପର୍ଶ କରୁଥିଲେ ଓ ସେମାନଙ୍କ ସହ ଅଶ୍ଳୀଳ କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗ ହୋଇଛି। ପ୍ରତିବାଦ କଲେ ପରିଣାମ ଖରାପ ହେବ ବୋଲି ସେମାନଙ୍କୁ ପ୍ରଫେସର ଧମକ ଦେଉଥିଲେ। ଅନେକ ମାସ ହେଲା ଏଭଳି ଯୌନ ନିର୍ଯାତନା ଚାଲିଥିବାବେଳେ ପ୍ରଫେସର ନିଜକୁ ଉଚ୍ଚ ଚରିତ୍ରର ବ୍ୟକ୍ତି ଭାବେ ମିଛ ପରିଚୟ ଦେଉଥିଲେ। ସେ ଏଭଳି ଆଚରଣ ପାଇଁ କେବେ ନିଜକୁ ଦାୟୀ କରୁ ନ ଥିଲେ। ପ୍ରଫେସରଙ୍କର ରାଜନୈତିକ ପ୍ରଭାବ ରହିଥିବାରୁ ଅଭିଯୋଗ ସତ୍ତ୍ୱେ କୁଳପତି ଛାତ୍ରୀମାନଙ୍କୁ ସହାୟତା କରିବା ପରିବର୍ତ୍ତେ କଲେଜରୁ ବାହାର କରିଦେବେ ବୋଲି ଧମକ ଦେଉଥିଲେ। ଅଭିଯୋଗକୁ ଚାପିଦେବା ପାଇଁ କୁଳପତି ଛାତ୍ରୀମାନଙ୍କୁ ପରୀକ୍ଷାରେ ଅଧିକ ନମ୍ବର ଦେଉଥିଲେ।

ୟୁନିଭର୍ସିଟି ରେଜିଷ୍ଟ୍ରାର ଡ. ରାଜେଶ କୁମାର ବଂଶଲ ଛାତ୍ରୀମାନଙ୍କ ଚିଠି ପାଇଥିବା କହିଛନ୍ତି। ପୋଲିସ ଅଭିଯୋଗର ତଦନ୍ତ କରୁଛି ଏବଂ ବିଶ୍ୱବିଦ୍ୟାଳୟର ନିଜସ୍ୱ କମିଟି ମଧ୍ୟ ଅନୁଧ୍ୟାନ କରୁଛି। ଏହା ଅତ୍ୟନ୍ତ ଗମ୍ଭୀର ଅଭିଯୋଗ। ଚିଠିରେ କାହାର ନାଁ ନ ଥିଲେ ମଧ୍ୟ ଆମେ ତଦନ୍ତ କରୁଛୁ ବୋଲି ରେଜିଷ୍ଟ୍ରାର କହିଛନ୍ତି। ଏଥିପାଇଁ ଯିଏ ଦାୟୀ ତାଙ୍କୁ ଛଡ଼ାଯିବ ନାହିଁ। ତେବେ ଜଣେ ବ୍ୟକ୍ତି ନିର୍ଦ୍ଦୋଷ ହୋଇଥିଲେ, ତାଙ୍କର ଚରିତ୍ର ସଂହାର କରାଯିବା ଉଚିତ ନୁହେଁ ବୋଲି ବଂଶଲ କହିଛନ୍ତି। ପୋଲିସ୍‌କୁ ସିସିଟିଭି ଫୁଟେଜ୍ ହସ୍ତାନ୍ତର କରାଯାଇଛି। ତେବେ ଅଭିଯୁକ୍ତ ପ୍ରଫେସର ତାଙ୍କ ଅଫିସର ସମସ୍ତ ଫଟୋକୁ ଡିଲିଟ୍ କରିଦେଇଥିବା ଅଭିଯୋଗ ହୋଇଛି। ପରିବାର ବଦନାମ ହେବା ଆଶଙ୍କାରେ ଛାତ୍ରୀମାନେ ସେମାନଙ୍କ ପରିଚୟ ଗୋପନ ରଖିଥିବା କହିଛନ୍ତି। ଘଟଣାର ତଦନ୍ତ ଚାଲିଥିବାବେଳେ କେତେଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିବା ସିର୍ସାର ବରିଷ୍ଠ ପୋଲିସ ଅଧିକାରୀ ଦୀପ୍ତି ଗର୍ଗ କହିଛନ୍ତି। ପ୍ରଫେସରଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

## କ୍ଷମତା ବଜାୟ ରଖିଲେ ହାସିନା

**ଢାକା, ୮।୧**

ଉମି ନିର୍ବାଚନକୁ ବିଏନ୍‌ପିର ପ୍ରତ୍ୟାଖ୍ୟାନ, ସାନି ନିର୍ବାଚନ ଦାବି

ବାଂଲାଦେଶ ସାଧାରଣ ନିର୍ବାଚନରେ ଆୱାମୀ ଲିଗ୍ ବିପୁଳ ବିଜୟ ହାସଲ କରିଥିବାରୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ରମାଗତ ୪ର୍ଥ ଥର ପାଇଁ କ୍ଷମତା ବଜାୟ ରଖିଛନ୍ତି। ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ଏବଂ ଏହାର ସହଯୋଗୀ ଦଳ ନିର୍ବାଚନକୁ ବର୍ଜନ କରିଥିଲେ। ଉକ୍ତ ଡମି ନିର୍ବାଚନକୁ ବାତିଲ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଲାଗି ବିଏନ୍‌ପି ଦାବି କରିଛି। ଏଥିସହ ସାନି ନିର୍ବାଚନ କରାଯାଉ ବୋଲି ମୁଖ୍ୟ ବିରୋଧୀ ଦଳ କହିଛି। ବିରୋଧୀଙ୍କ ଭୋଟ ବର୍ଜନ ଏବଂ ହିଂସାକାଣ୍ଡ ମଧ୍ୟରେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇ ଭୋଟଗଣତି କରାଯାଇଥିଲା। ଆୱାମୀ ଲିଗ୍‌ର ବିଜୟ ଫଳରେ ହାସିନା ବାଂଲାଦେଶର ସର୍ବାଧିକ ସମୟ କ୍ଷମତାରେ ଥିବା ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ୩୦୦ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ତାଙ୍କ ଦଳ ୨୨୪ ଆସନରେ ବିଜୟୀ ହୋଇଛି। ସ୍ୱାଧୀନ ପ୍ରାର୍ଥୀଙ୍କ ହାତକୁ ୬୨ଟି ଆସନ ଯାଇଛି।



ଶେଖ୍ ହାସିନା

## ବିଲ୍‌କିସ୍ ମାମଲାର ଘଟଣାକ୍ରମ

ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାର ଘଟଣାକ୍ରମ ଏହିପରି:

**୨୦୦୨ ମାର୍ଚ୍ଚ ୩:** ଅହମଦାବାଦ ନିକଟ ରାନ୍ଧିକପୁରରେ ୨୧ ବର୍ଷୀୟା ବିଲ୍‌କିସ୍‌ଙ୍କ ପରିବାର ଉପରେ ହିଂସାତ୍ମକ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀମାନେ ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରିବା ସହ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରିଥିଲେ।

**୨୦୦୩ ଡିସେମ୍ବର:** ମାମଲାର ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**୨୦୦୮ ଜାନୁଆରୀ ୨୧:** ଏକ ସ୍ୱତନ୍ତ୍ର ଅଦାଲତ ୧୧ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ସେମାନଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ।

**୨୦୧୭ ମେ':** ୧୧ ଅପରାଧୀଙ୍କ ଆଜୀବନ ଜେଲଦଣ୍ଡ ବମ୍ବେ ହାଇକୋର୍ଟରେ କାଏମ।

**୨୦୧୯ ଏପ୍ରିଲ ୨୩:** ବିଲ୍‌କିସ୍‌ଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୨୦୨୨ ମେ' ୧୩:** ୧୯୯୨ ଜୁଲାଇ ୯ର ନୀତି ଆଧାରରେ ଜଣେ ଅପରାଧୀଙ୍କୁ ଅବଧି ପୂର୍ବରୁ ମୁକ୍ତ କରିବା ଲାଗି କ୍ଷମା ଆବେଦନକୁ ବିଚାରକୁ ନେବା ନିମନ୍ତେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୨୦୨୨ ଅଗଷ୍ଟ ୧୫:** ଗୁଜରାଟ ସରକାର କ୍ଷମା ନୀତି ଆଳରେ ଗୋଧ୍ରା ଉପକାରାଗାରରୁ ୧୧ ଅପରାଧୀଙ୍କୁ ମୁକ୍ତ କରିଦେଇଥିଲେ।

**୨୦୨୨ ଅଗଷ୍ଟ ୨୫:** ଅପରାଧୀଙ୍କ ମୁକ୍ତି ବିରୋଧରେ ପୂର୍ବତନ ସିପିଆଇ ଏମ୍‌ପି ସୁଭାଷିନୀ ଅଲି, ସାମ୍ବାଦିକ ରେବତୀ ଲାଉଲ୍ ଏବଂ ପ୍ରଫେସର ରୂପରେଖା ବର୍ମାଙ୍କ ମିଳିତ ଜନସ୍ୱାର୍ଥ ମାମଲା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ନୋଟିସ ଜାରି କରିଥିଲେ।

**୨୦୨୨ ନଭେମ୍ବର ୩୦:** ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ବିଲ୍‌କିସ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ।

**୨୦୨୨ ଡିସେମ୍ବର ୧୭:** କ୍ଷମା ଆବେଦନ ବିଚାର କରିବା କ୍ଷମତା ଗୁଜରାଟ ସରକାରଙ୍କର ରହିଥିବା ଅଦାଲତଙ୍କ ମେ' ୧୩ ରାୟର ସମୀକ୍ଷା ପାଇଁ ବିଲ୍‌କିସ୍‌ଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

**୨୦୨୩ ଅକ୍ଟୋବର ୧୨:** ପିଟିଶନଗୁଡ଼ିକ ଉପରେ ୧୧ ଦିନର ଶୁଣାଣି ପରେ ସର୍ବୋଚ୍ଚ ଅଦାଲତରେ ରାୟ ସଂରକ୍ଷିତ।

**୨୦୨୪ ଜାନୁଆରୀ ୮:** ସୁପ୍ରିମକୋର୍ଟ ୧୧ ଅପରାଧୀଙ୍କ କ୍ଷମାକୁ ଖାରଜ କରିଦେବା ସହ ୨ ସପ୍ତାହ ମଧ୍ୟରେ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ନାରାୟଣ ଦାସଗୁପ୍ତା ଏବଂ ସ୍ୱାତୀ ମାଲିୱାଲ ରାଜ୍ୟ ସଭା ନିର୍ବାଚନ ପାଇଁ ନୂଆଦିଲ୍ଲୀରେ ସୋମବାର ନାମାଙ୍କନ ପତ୍ର ଦାଖଲ କରିବା ଅବସରରେ।

# ମାଳଦ୍ୱୀପ ବାସନ୍ଦ ଚର୍ଚ୍ଚା ଜୋର୍ ଧରିଲା

**ନୂଆଦିଲ୍ଲୀ,୮।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ମାଳଦ୍ୱୀପ ମନ୍ତ୍ରୀଙ୍କ ଅପମାନଜନକ ମନ୍ତବ୍ୟ ପରେ ସୋସିଆଲ ମିଡିଆରେ 'ମାଳଦ୍ୱୀପ ବର୍ଜନ' ଚର୍ଚ୍ଚା ଜୋର୍ ଧରିଛି। ମାଳଦ୍ୱୀପ ବଦଳରେ ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଲାକ୍ଷାଦ୍ୱୀପ ବେଳାଭୂମିକୁ ପର୍ଯ୍ୟଟନ ସ୍ଥଳ ଭାବେ ବାଛିବାକୁ କୁହାଯାଉଛି। ଅକ୍ଷୟ କୁମାର, ସଲମାନ୍ ଖାନ୍, ଶ୍ରଦ୍ଧା କପୁର, ହାର୍ଦ୍ଦିକ ପାଣ୍ଡ୍ୟା, ସଚିନ ତେନ୍ଦୁଲକର ଓ ଅନ୍ୟ ସେଲିବ୍ରିଟିମାନେ ପ୍ରଧାନମନ୍ତ୍ରୀଙ୍କ ଲାକ୍ଷାଦ୍ୱୀପ ଆହ୍ୱାନକୁ ସମର୍ଥନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନିକଟରେ ଲାକ୍ଷାଦ୍ୱୀପ ଗସ୍ତରେ ଯାଇ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିବା ସହ ଯେଉଁମାନେ ରୋମାଞ୍ଚକୁ ଭଲ ପାଆନ୍ତି, ସେମାନେ ନିଶ୍ଚିତ ଭାବେ ଲାକ୍ଷାଦ୍ୱୀପ ଆସିବା ଉଚିତ ବୋଲି ଲେଖିଥିଲେ। ସେମାନେ ମାଳଦ୍ୱୀପକୁ ନିନ୍ଦା କରିବା ସହ ଘୃଣାକୁ ବରଦାସ୍ତ କରାଯିବନାହିଁ ବୋଲି ଅକ୍ଷୟ କୁମାର ଏକ୍ସ'ରେ ଲେଖିଥିଲେ। ବଲିଉଡ୍ ମେଗାଷ୍ଟାର ଅମିତାଭ ବଚନ ମଧ୍ୟ ପର୍ଯ୍ୟଟନ ସ୍ଥଳ ଭାବେ ଲାକ୍ଷାଦ୍ୱୀପର ପ୍ରଚାର ପ୍ରସାର ଅଭିଯାନରେ ସେମାନଙ୍କ ସହ ହାତ ମିଳାଇଛନ୍ତି। ସେ ଲାକ୍ଷାଦ୍ୱୀପର ଚମତ୍କାର ସୌନ୍ଦର୍ଯ୍ୟସ୍ଥଳର ଉଚ୍ଚ ପ୍ରଶଂସା କରିଛନ୍ତି।



ଅମିତାଭ ବଚନ

## ଅପମାନକୁ କଦାପି ବରଦାସ୍ତ କରାଯିବନି: ଲାକ୍ଷାଦ୍ୱୀପ ପ୍ରଶାସନ

ବହିର୍ବ୍ୟାପାର ଅଧିକାରୀଙ୍କୁ ଭେଟିଲେ ମାଳଦ୍ୱୀପ ରାଷ୍ଟ୍ରଦୂତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାକ୍ଷାଦ୍ୱୀପ ଗସ୍ତରେ ଯାଇ ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିବା ପରେ ମାଳଦ୍ୱୀପର ୩ ଜଣ ମନ୍ତ୍ରୀ ତାଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିବାଦ ଲାଗି ରହିଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ସୋମବାର ମାଳଦ୍ୱୀପ ରାଷ୍ଟ୍ରଦୂତ ଇବ୍ରାହିମ୍ ଶାହିବଙ୍କୁ ଡକାଇ ଭାରତର ପ୍ରତିବାଦ ଜଣାଇଦେଇଛି। ଏହାର କିଛି ସମୟ ପରେ ମାଳଦ୍ୱୀପରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ମୁନୁ ମହାୱର ସେଠାର ବହିର୍ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ଭେଟି ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତି ମାଳଦ୍ୱୀପ ମନ୍ତ୍ରୀଙ୍କ ମନ୍ତବ୍ୟ ଭାରତର ମର୍ଯ୍ୟାଦାକୁ ଚ୍ୟାଲେଞ୍ଜ କରିଥିବା ଲାକ୍ଷାଦ୍ୱୀପ ପ୍ରଶାସନ ପ୍ରଫୁଲ୍ଲ ଖୋଡା ପଟେଲ କହିଛନ୍ତି। ଭାରତ ଏଭଳି ଅପମାନକୁ କଦାପି ବରଦାସ୍ତ କରିବ ନାହିଁ। ଅପମାନଜନକ ମନ୍ତବ୍ୟ ପାଇଁ ମାଳଦ୍ୱୀପ ସର୍ବସାଧାରଣରେ କ୍ଷମା ମାଗୁ ବୋଲି ସେ ଦାବି କରିଛନ୍ତି।

**ଫୁର୍‌ସତ୍**

# ବିଶ୍ୱର ୧୧୦ ଦେଶରେ ପ୍ରବାସୀ ଭାରତୀୟ

**ଜା**ତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ପ୍ରବାସରେ ଥିବା ସମୟରେ ପ୍ରଥମ ଅହିଂସା ଆନ୍ଦୋଳନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅହିଂସା ଆନ୍ଦୋଳନ ସତ୍ୟାଗ୍ରହ ମାଧ୍ୟମରେ ଭାରତରେ ସ୍ୱାଧୀନତା ସଂଗ୍ରାମ ସଫଳ ହୋଇଥିଲା। ଶେଷରେ ଇଂରେଜମାନେ ଭାରତ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ତେବେ ସତ୍ୟାଗ୍ରହର ମୂଳଦୁଆ ପ୍ରବାସରେ ହିଁ ପଡ଼ିଥିଲା। ତେଣୁ ପ୍ରବାସରେ ଭାରତୀୟଙ୍କ ଅବଦାନକୁ ସ୍ମରଣକରିବା ପାଇଁ ପ୍ରତିବର୍ଷ ଜାନୁଆରୀ ୯ରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥାଏ। ଭାରତ ବାହାରେ ବାସକରୁଥିବା ଭାରତୀୟଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ବହୁ ସମୟରେ ଦେଶ ଗର୍ବିତ ହୋଇଥାଏ। ପ୍ରବାସରେ ପ୍ରବାସୀଙ୍କ ଦେଶପ୍ରେମର ବହୁ ଉଦାହରଣ ମଧ୍ୟ ରହିଛି।



୧୯୧୫ ଜାନୁଆରୀ ୯ରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ମୁମ୍ବାଇକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଦିନଟିକୁ ମନେରଖିବା ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥାଏ। ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ନିଷ୍ପତ୍ତି ଏଲ୍.ଏମ୍. ସିଂଘଭିଙ୍କ ଅଧ୍ୟକ୍ଷତାରେ ଭାରତ

### ପ୍ରବାସୀ ଭାରତୀୟ ଦିବସ

ସରକାରଙ୍କ ଦ୍ୱାରା ସ୍ଥାପିତ ଭାରତୀୟ ଡାଏସ୍ପୋରା ଉପରେ ଉଚ୍ଚସ୍ତରୀୟ କମିଟିର ସୁପାରିସ ଅନୁଯାୟୀ ଗ୍ରହଣ କରାଯାଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୮ ଜାନୁଆରୀ ୨୦୦୨ରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏକ ଜନସମାବେଶରେ କମିଟିର ରିପୋର୍ଟ ଗ୍ରହଣ କରିଥିଲେ ଏବଂ ୯ ଜାନୁଆରୀ ୨୦୦୨ରେ 'ପ୍ରବାସୀ ଭାରତୀୟ ଦିବସ' ପାଳନ କରିବାକୁ ଘୋଷଣା କରିଥିଲେ। ଏହା ପରେ ୨୦୦୩ ଠାରୁ ଏହା ପାଳିତ ହେଉଛି।

ଏହି ଦିବସର ଲକ୍ଷ୍ୟ ହେଉଛି ଭାରତ ପ୍ରତି ପ୍ରବାସୀ ଭାରତୀୟଙ୍କ ଚିନ୍ତାଧାରା, ସେମାନଙ୍କର ଭାବନାକୁ ପ୍ରକାଶ କରିବା ସହିତ ସେମାନଙ୍କ ଦେଶବାସୀଙ୍କ ସହିତ ସକାରାତ୍ମକ କଥାବାର୍ତ୍ତା ପାଇଁ ଏକ ମଞ୍ଚ ଯୋଗାଇବା।

ପ୍ରବାସୀ ଭାଇମାନଙ୍କ ସଫଳତା ବିଷୟରେ ଭାରତର ଲୋକଙ୍କୁ ଅବଗତ କରାଇବା ଏବଂ ସେମାନଙ୍କଠାରୁ ଦେଶବାସୀଙ୍କ ଆଶା ବିଷୟରେ ପ୍ରବାସୀମାନଙ୍କୁ ଅବଗତ କରାଇବା। ବିଶ୍ୱର ୧୧୦ଟି ଦେଶରେ ରହୁଥିବା ପ୍ରବାସୀ ଭାରତୀୟଙ୍କର ଏକ ନେଟ୍‌ୱର୍କ ସୃଷ୍ଟି କରିବା। ଭାରତର ଅନ୍ୟ ଦେଶଗୁଡ଼ିକ ସହ ଥିବା ଆନ୍ତରିକ ସମ୍ପର୍କରେ ପ୍ରବାସୀମାନଙ୍କ ଭୂମିକା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଇବା। ଭାରତର ଯୁବପିଢ଼ିକୁ ପ୍ରବାସୀ ଭାଇମାନଙ୍କ ସହ ସଂଯୋଗ କରାଇବା। ବିଦେଶରେ ଭାରତୀୟ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ଆଲୋଚନା କରିବା।

## ଗୋଲ୍ଡେନ ଗ୍ଲୋବ ଆୱାର୍ଡରେ 'ଓପେନହାଇମର'ର ବାଜିମାତ୍

**ସାକ୍ରାମେଣ୍ଟୋ**

ଦୁନିଆର ସବୁଠାରୁ ପ୍ରତିଷ୍ଠିତ ପୁରସ୍କାର ଉତ୍ସବ ମଧ୍ୟରୁ ଅନ୍ୟତମ ଗୋଲ୍ଡେନ ଗ୍ଲୋବ ଆୱାର୍ଡ ୨୦୨୪ ବର୍ତ୍ତମାନ କାଲିଫର୍ନିଆ ବେଭେରି ହିଲ୍‌ର ବେଭେରି ହିଲଟନ୍ ହୋଟେଲରେ ଆରମ୍ଭ ହୋଇଛି। ପୁରସ୍କାରର ୮୧ତମ ସଂସ୍କରଣରେ ୨ଟି ହଲିଉଡ୍ ଚଳଚ୍ଚିତ୍ର 'ଓପେନହାଇମର' ଏବଂ 'ବାର୍ବି' ସର୍ବାଧିକ ପ୍ରାଧାନ୍ୟ ବିସ୍ତାର କରିଛି। ଏହି ଦୁଇ ଚଳଚ୍ଚିତ୍ରକୁ ସର୍ବାଧିକ ନୋମିନେଶନ ମିଳିଛି। ଆୱାର୍ଡ ଶୋ' ୨୦୨୪ ପାଇଁ 'ଓପେନହାଇମର' ୮ ଟି ବର୍ଗରେ ମନୋନୀତ ହୋଇଥିବାବେଳେ 'ବାର୍ବି' ୧୦ଟି ବର୍ଗରେ ମନୋନୀତ ହୋଇଥିଲା। ଷ୍ଟାଣ୍ଡଅପ୍ ହାସ୍ୟ ଅଭିନେତା ତଥା ଅଭିନେତା ଜୋ କୋୟଙ୍କ ଦ୍ୱାରା ଆୟୋଜିତ ଏହି ଆୱାର୍ଡ ଶୋ' ଲାୟନ୍ସଗେଟ୍ ଇଣ୍ଡିଆରେ ପ୍ରସାରିତ ହୋଇଛି। କ୍ରିଷ୍ଟୋଫର ନୋଲନ୍‌ଙ୍କ ନିର୍ଦ୍ଦେଶିତ 'ଓପେନହାଇମର' ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଛନ୍ତି। ଶ୍ରେଷ୍ଠ ମୋସନ୍ ଫିଲ୍ମ ଭାବେ 'ଓପେନହାଇମର' ପୁରସ୍କୃତ ହୋଇଛି। ଶ୍ରେଷ୍ଠ ଅଭିନେତା ଭାବେ ମୋସନ୍ ପିକ୍ଚର ଡ୍ରାମା ବର୍ଗରେ ସିଲିୟନ୍ ମର୍ଫି ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ସହାୟକ ଅଭିନେତା ଭାବେ ମୋସନ୍ ପିକ୍ଚର ବର୍ଗରେ ରୋବର୍ଟ ଡାଉନି ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ସ୍କୋର ମୋସନ୍ ପିକ୍ଚର ବର୍ଗରେ ଲୁଡ୍‌ୱିଗ୍ ଗୋରାନସନ୍, ଶ୍ରେଷ୍ଠ ପିକ୍ଚର ଡ୍ରାମା ଭାବେ 'ଓପେନହାଇମର' ପୁରସ୍କାର ହାସଲ କରିଛି।



ନିର୍ଦ୍ଦେଶକ କ୍ରିଷ୍ଟୋଫର ନୋଲନ୍



ଅଭିନେତା ସିଲିୟନ୍ ମର୍ଫି

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୯/୨୦୨୪ | Bhubaneswar, Tuesday, January 9/2024 | ପୃଷ୍ଠା-୧






# ପୌର ନିର୍ବାହୀ ଅଧିକାରୀଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ

ବଡ଼ବିଲ,୮।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୌର କାର୍ଯ୍ୟାଳୟରେ ସୋମବାର ଅପରାହ୍ନ ୫ଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ହୋଇଛି। ନିର୍ବାହୀ ଅଧିକାରୀ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ନିର୍ବାହୀ ଅଧିକାରୀ ପଣ୍ଡା ପୌର କାର୍ଯ୍ୟାଳୟର ନିଜ ଚାମ୍ବରରେ ବସିଥିଲେ। ଏହି ସମୟରେ ବଡ଼ବିଲ ଡେଲି ମାର୍କେଟ ଅଞ୍ଚଳର ଅଭିଷେକ ଗୁପ୍ତା ଚାମ୍ବର ଭିତରେ ପଶିଥିଲେ। କିଛି କଥାବାର୍ତ୍ତା ପରେ ବ୍ୟାଗ୍‌ରେ ଲୁଚାଇ


ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା

ଆଣିଥିବା ପେଟ୍ରୋଲ ଭର୍ତ୍ତି ବୋତଲ ବାହାର କରି ଅଧିକାରୀଙ୍କ ଉପରେ ଢାଳିଥିଲେ। ପରେ ନିଆଁ ଲଗାଇବା ପାଇଁ ଲାଇଟର ବାହାର କରୁଥିବା ବେଳେ ଅଧିକାରୀ ଜଣଙ୍କ ପାଟି କରି ବାହାରକୁ ଚାଲି ଆସିଥିଲେ। ପାଟି ଶୁଣି କାର୍ଯ୍ୟାଳୟରେ ଥିବା ପୌର କର୍ମଚାରୀମାନେ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଖବରପାଇ ବଡ଼ବିଲ ପୋଲିସ ପହଞ୍ଚି ଯୁବକଙ୍କୁ ☞ପୃଷ୍ଠା-୨

# ଜେଲ୍‌କୁ ଫେରିବେ ବିଲ୍‌କିସ୍ ବଳାତ୍କାରୀ

## କ୍ଷମତାର ଦୁରୁପଯୋଗ କରିଛି ଗୁଜରାଟ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୧

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୧୧ ଅପରାଧୀଙ୍କୁ ଜେଲ୍‌କୁ ଫେରିବାକୁ ହେବ ବୋଲି ସୁପ୍ରିମକୋର୍ଟ ସୋମବାର ତାଙ୍କ ରାୟରେ କହିଛନ୍ତି। ଜେଲରେ ଉତ୍ତମ ଆଚରଣ ଦର୍ଶାଇ ଗୁଜରାଟ ସରକାର ଅପରାଧୀମାନଙ୍କୁ ମୁକ୍ତ କରିଦେଇଥିଲେ। ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ଅଦାଲତ ଖାରଜ କରିଦେବା ସହ ଅପରାଧୀମାନେ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ରେ ଅପରାଧୀମାନଙ୍କୁ ମୁକ୍ତ କରିବା କ୍ଷମତା ଗୁଜରାଟ ସରକାରଙ୍କର ନ ଥିଲା ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ତାଙ୍କ ଐତିହାସିକ ରାୟରେ କହିଛନ୍ତି।

ବିଲ୍‌କିସ୍ ଗଣବଳାତ୍କାର ମାମଲାର ୧୧ ଅପରାଧୀଙ୍କ କ୍ଷମା ଆବେଦନକୁ ଗୁଜରାଟ ସରକାର ବିଚାର କରିବା ପାଇଁ ସୁପ୍ରିମକୋର୍ଟର ଅନ୍ୟ ଏକ ଖଣ୍ଡପୀଠ ୨୦୨୨ ମେ' ୧୩ରେ ଦେଇଥିବା ରାୟକୁ ଅଦାଲତ ସୋମବାର ରଦ୍ଦ କରିଦେଇଛନ୍ତି। କୋର୍ଟଙ୍କ ରାୟ ଆଳରେ ଅସାଧୁ ଉପାୟ ଅବଲମ୍ବନ କରାଯାଇ ଅପରାଧୀଙ୍କୁ ମୁକ୍ତ କରାଯାଇଥିଲା ବୋଲି ଅଦାଲତ କହିଛନ୍ତି। ସେତେବେଳେ ଜଷ୍ଟିସ ଅଜୟ ରସ୍ତୋଗୀ ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୯୯୨ ଜୁଲାଇ ୯ର କ୍ଷମା ନୀତି ଆଧାରରେ ଅପରାଧୀ ରାଧେଶ୍ୟାମ




ବିଲ୍‌କିସ୍ ବାନୋ

ଶାହଙ୍କୁ ଅବଧି ପୂର୍ବରୁ ମୁକ୍ତ କରିବା ଆବେଦନର ବିଚାର କରିବାକୁ ଗୁଜରାଟ ସରକାରଙ୍କୁ କହିଥିଲେ। ଉକ୍ତ ନୀତି ଅନୁଯାୟୀ ଯେଉଁ ରାଜ୍ୟରେ ଅପରାଧ ହୋଇଥିବ କିନ୍ତୁ ବିଚାର ଅନ୍ୟତ୍ର କରାଯାଇଥିବ, ସେପରି ସ୍ଥଳରେ ସମ୍ପୃକ୍ତ ରାଜ୍ୟ ନୀତି ଅନୁଯାୟୀ ଅପରାଧୀଙ୍କ କ୍ଷମା ଆବେଦନକୁ ବିଚାରକୁ ନେଇପାରିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଶାହ ୨୦୧୯ରେ ଗୁଜରାଟ ହାଇକୋର୍ଟରେ କ୍ଷମା ଆବେଦନ କରିଥିଲେ, ଯାହାକୁ ଅଦାଲତ ଖାରଜ କରିଦେଇଥିଲେ। ମହାରାଷ୍ଟ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ହାଇକୋର୍ଟ ପରାମର୍ଶ ଦେଇଥିଲେ। ଶାହଙ୍କ ଦ୍ୱିତୀୟ ଆବେଦନ ମଧ୍ୟ ୨୦୨୦ରେ ଖାରଜ ହୋଇଯାଇଥିଲା। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ୧୪ ଦିନ ପୂର୍ବରୁ ମହାରାଷ୍ଟ୍ର ସରକାରଙ୍କ ନିକଟରେ ସେ କରିଥିବା ଆବେଦନକୁ ମୁମ୍ବାଇର ସିବିଆଇ ଏବଂ ସ୍ୱତନ୍ତ୍ର ବିଚାରପତି ଖାରଜ କରିଦେଇଥିବା ସମ୍ପର୍କରେ ଜଣାଇ ନ ଥିଲେ। ତଥ୍ୟ ଲୁଚାଇ ଅଦାଲତଙ୍କୁ ବିଭ୍ରାନ୍ତ କରାଯାଇଥିବାରୁ ଶାହଙ୍କ କ୍ଷମା ଆବେଦନକୁ ବିଚାରକୁ ନେବା ଲାଗି ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ କହିଥିଲେ ବୋଲି ଖଣ୍ଡପୀଠ କହିଛନ୍ତି।

ଜଘନ୍ୟ ଅପରାଧ ମାମଲାରେ ଜେଲଦଣ୍ଡ ଭୋଗୁଥିବା ୧୧ ଅପରାଧୀଙ୍କୁ ଅବଧି ପୂର୍ବରୁ ମୁକ୍ତ କରିଦେବା ଘଟଣାକୁ ଦେଶବ୍ୟାପୀ ନିନ୍ଦା ☞ପୃଷ୍ଠା-୨

# ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ଧର୍ମଘଟ ପ୍ରତ୍ୟାହୃତ

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ଓଡ଼ିଶା ପରିବହନ ଶ୍ରମିକ ମହାସଂଘର ଆନ୍ଦୋଳନ ସୋମବାର ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନ ପ୍ରତ୍ୟାହାର ନେଇ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ସଭାପତି ଜନାର୍ଦ୍ଦନ ପତି ସୂଚନା ଦେଇଛନ୍ତି। ସୋମବାର ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ପ୍ରତ୍ୟାହାର କରାଯାଇଛି। ସଂଶୋଧିତ ଭାରତୀୟ ନ୍ୟାୟ ସଂହିତା ଆଇନରେ ଡ୍ରାଇଭରଙ୍କ ପାଇଁ କରାଯାଇଥିବା ଦଣ୍ଡବିଧାନ ବ୍ୟବସ୍ଥାକୁ ବିରୋଧ କରି ଅନିର୍ଦ୍ଦିଷ୍ଟକାଳ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଥରେ ଇଏ, ଥରେ ସିଏ**




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖେ ଲୋ ନାନୀ ଦେଖେ**
**ବିଲେଇ ପାଳିଛି ଓଷା**
**ତାକୁ ତୁ ଟିକେ ସଲଖେ।**

ସାଧାରଣତଃ ବିଲେଇଟି ଆମିଷଲୋଭୀ ହୋଇଥିବାବେଳେ ସେ ଓଷା କରିବା ନିହାତି ଏକ ହାସ୍ୟାସ୍ପଦ କଥା ବୋଲି ବୁଝିବାକୁ ହୋଇଥାଏ। ଠିକ୍ ସେହିପରି ଭାବେ ତୋସରପାତକାରୀ ବ୍ୟକ୍ତି ନିଜକୁ ଯେତେ ସଚ୍ଚୋଟ ବୋଲି କହି ହେଲେ ସୁଦ୍ଧା ତାଙ୍କଠାରେ ବିଶ୍ୱାସ ରଖିବା ଆଦୌ ଉଚିତ ହୋଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଦଇବ, ଏହାକି ଦିହ ସହିବ**
**ସୁନା ଫୁଲ ଝିଅ ଜନମ କଲି,**
**ପର ପୁଅ ଘେନି ରହିବ।**

ଝିଅ ଜନମ ପର ଘରକୁ। ଝିଅଟିକୁ ବାପା ମା' କାଖେଇ କୋଳେଇ ବଡ଼ କରିଥାନ୍ତି। କିନ୍ତୁ ଶେଷରେ ସେ ବୋହୂ ହୋଇ ଯାଇଥାଏ ଆଉ ଗୋଟିଏ ଘରକୁ। ଏହା ହିଁ ବିଧିର ବିଧାନ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଜେଲ୍‌କୁ ଫେରିବେ...

କରାଯାଇଥିଲା। ଏହା ନ୍ୟାୟର ଦୁରୁପଯୋଗ ବୋଲି କହି ସାମାଜିକ କର୍ମୀ, ଆଇନଜୀବୀ ଓ ସିଭିଲ୍ ସୋସାଇଟି ସମାଲୋଚନା କରିଥିଲେ। ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟଙ୍କ ସୋମବାର ରାୟରେ ବିଲ୍‌କିସ୍ ଆଶ୍ୱସ୍ତ ହୋଇଥିଲେ ମଧ୍ୟ ବିଜୟୀ ହେଲେ ବୋଲି ଏପର୍ଯ୍ୟନ୍ତ ଅନୁଭବ କରି ନ ଥିବା ତାଙ୍କ ପରିବାରର ଏକ ଘନିଷ୍ଠ ସୂତ୍ରରୁ କୁହାଯାଇଛି। ଅଦାଲତଙ୍କ ରାୟ ନ୍ୟାୟିକ ବ୍ୟବସ୍ଥା ଉପରେ ଆମ ଆସ୍ଥାକୁ ପୁନଃସ୍ଥାପିତ କରିଛି ଏବଂ ନ୍ୟାୟ ବଞ୍ଚିଥିବା ନେଇ ସାନ୍ତ୍ୱନା ମିଳିଛି। ତେବେ ଅପରାଧୀ ଅନ୍ୟ ରାଜ୍ୟରେ କ୍ଷମା ଆବେଦନ କରି ଜେଲରୁ ମୁକୁଳିବାକୁ ଆମେ ବିଜୟୀ ହେଲୁ ବୋଲି ଅନୁଭବ କରୁନାହୁଁ। ତେଣୁ ସେମାନେ ଜେଲକୁ ନ ଫେରିବା ପର୍ଯ୍ୟନ୍ତ ଆମ ଲଢ଼େଇ ଶେଷ ହେବ ନାହିଁ ବୋଲି ବିଲ୍‌କିସ୍‌ଙ୍କ ସମ୍ପର୍କୀୟ କହିଛନ୍ତି।

ବିଲ୍‌କିସ୍ ମାମଲାରେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ଖାରଜ କରିଦେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାଜପାକୁ ସମାଲୋଚନା କରିଛନ୍ତି। ଭାଜପା ଅପରାଧୀଙ୍କ ସୁରକ୍ଷାକାରୀ ବୋଲି ଉକ୍ତ ରାୟ ପୁଣିଥରେ ପ୍ରମାଣିତ କରିଥିବା ସେ କହିଛନ୍ତି। ସେହିପରି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ଭାରତରେ ମହିଳା ସଶକ୍ତୀକରଣ ବଢ଼ାଇବା ପାଇଁ ମୋଦିଙ୍କ ପ୍ରତିଶ୍ରୁତି ଫମ୍ପା ଆୱାଜ ଥିଲା ବୋଲି ସେ କହିଛନ୍ତି।

## ପୌର ନିର୍ବାହୀ ଅଧିକାରୀଙ୍କ...

ହେପାଜତକୁ ନେଇଥିଲା। ତେବେ ଅଭିଯୁକ୍ତ ଅଭିଷେକଙ୍କ ମା' ଲତା ଦେବୀଙ୍କ କହିବା ଅନୁଯାୟୀ, ନିଜ ଘର ସମ୍ମୁଖରେ ସରକାରୀ ଜମିରେ କିଛି ଦୋକାନ ଘର ରହିଛି। ସେଗୁଡ଼ିକ ଉଚ୍ଛେଦ ନିମନ୍ତେ ବର୍ଷ ବର୍ଷ ଧରି ପୌର କାର୍ଯ୍ୟାଳୟକୁ ଧାଇଁଥିଲେ ହେଁ କିଛି ସୁଫଳ ମିଳି ନ ଥିଲା। ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ସମସ୍ତ ପ୍ରୟାସ ସତ୍ତ୍ୱେ ଦୋକାନ ଘର ଉଚ୍ଛେଦ ନ ହେବାରୁ ସେ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିଲେ। କିନ୍ତୁ ତାଙ୍କ ପୁଅ ଏଭଳି ପଦକ୍ଷେପ ନେବେ ବୋଲି ସେ ଜାଣି ନ ଥିଲେ। ପୁଅ ଅଭିଷେକ ଯାହା କରିଛି ଭୁଲ୍ କରିଛି। ବଡ଼ବିଲ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ କହିଛନ୍ତି, କେସ୍ ରୁଜୁ ହୋଇନାହିଁ, ପୌର ନିର୍ବାହୀ ଅଧିକାରୀ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କୁ ହେପାଜତରେ ରଖାଯାଇ ଘଟଣାର ତଦନ୍ତ ଜାରି ରହିଛି।

## ଓଡ଼ିଶା ପରିବହନ...

ପର୍ଯ୍ୟନ୍ତ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ଧର୍ମଘଟ ଡାକରା ଦେଇଥିଲା। ଏହି ଦଣ୍ଡବିଧାନକୁ ପ୍ରତ୍ୟାହାର ସହ ଅନ୍ୟାନ୍ୟ ଦାବି ପୂରଣ ନିମନ୍ତେ ମହାସଂଘ ପକ୍ଷରୁ ଦାବି କରାଯାଇଥିଲା। ଏନେଇ ସମସ୍ତ ତୈଳ କମ୍ପାନୀର ଡିପୋ ବନ୍ଦ କରିଥିଲା ମହାସଂଘ। ଧର୍ମଘଟ ଡାକରା ପରେ ସମସ୍ତ ପେଟ୍ରୋଲିୟମ ତୈଳ ଡିପୋରେ ନିୟୋଜିତ ଟ୍ୟାଙ୍କର କର୍ମଚାରୀମାନେ ଗାଡ଼ି ଚଳାଚଳ ବନ୍ଦ ରଖିଥିଲେ। ଫଳରେ ପେଟ୍ରୋଲ, ଡିଜେଲ ପରିବହନ ବନ୍ଦ ହୋଇଯାଇଥିଲା। ତୈଳ ସଙ୍କଟ ଦେଖାଦେବା ଆଶଙ୍କାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଏକପ୍ରକାର ଚିନ୍ତା ମଧ୍ୟ ବଢ଼ିଯାଇଥିଲା। ଫଳରେ ଏହି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ତତ୍ପରତା ଦେଖାଇଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅନୁରୋଧ କ୍ରମେ ଓଡ଼ିଶା ପରିବହନ ଶ୍ରମିକ ମହାସଂଘର ୫ ଜଣିଆ ଟିମ୍ ଲୋକସେବା ଭବନରେ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ, ପରିବହନ କମିଶନରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘ ସମୟର ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଘୋଷଣା କରାଯାଇଥିଲା। ଏନେଇ ମହାସଂଘ ସଭାପତି ଜନାର୍ଦ୍ଦନ ପତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମୁଖ୍ୟ ଶାସନ ସଚିବ ଆଲୋଚନା ନିମନ୍ତେ ଡାକିଥିଲେ। ୫ ଜଣ ପ୍ରତିନିଧି ଦୀର୍ଘ ସମୟ ଆଲୋଚନା କଲେ। ଡ୍ରାଇଭରଙ୍କ ପାଇଁ କରାଯାଇଥିବା କଡ଼ା ଦଣ୍ଡ ବିଧାନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ଗୃହ ସଚିବଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଛନ୍ତି। ଡ୍ରାଇଭରଙ୍କ ବିରୋଧରେ ହୋଇଥିବା କଠୋର ଦଣ୍ଡ ବିଧାନ ଆଇନ ଏବେ କାର୍ଯ୍ୟକାରୀ ହେବନି। ବିଭିନ୍ନ ରାଜ୍ୟ ସରକାର ଓ ଟ୍ରେଡ ୟୁନିୟନ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ଗୃହ ସଚିବ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ଫଳରେ ଆମେ ଆନ୍ଦୋଳନ ପ୍ରତ୍ୟାହାର କରୁଥିବା ନେଇ ଜନାର୍ଦ୍ଦନ କହିଥିଲେ। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଓଡ଼ିଶା ପରିବହନ ଶ୍ରମିକ ମହାସଂଘ କର୍ମକର୍ତ୍ତାଙ୍କ ସହ ହୋଇଥିବା ଆଲୋଚନା ସଫଳ ହୋଇଛି। ତେଣୁ ମହାସଂଘ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ରାଜି ହୋଇଥିବା ସେ କହିଛନ୍ତି। ଏହାପରେ ବିଭିନ୍ନ ତୈଳ କମ୍ପାନୀର ଡିପୋରୁ ତେଲ ଟ୍ୟାଙ୍କର ଚଳାଚଳ ଆରମ୍ଭ ହୋଇଛି।




# ଆଜିଠୁ କାଳିଆ ଛାତ୍ରବୃତ୍ତି ଆବେଦନ

ଭୁବନେଶ୍ୱର, ୮।୧(ଅସମାପିକା ସାହୁ)

କାଳିଆ ଛାତ୍ରବୃତ୍ତି ପାଇଁ ମଙ୍ଗଳବାରଠାରୁ ଆବେଦନ ଆରମ୍ଭ ହେବ। କାଳିଆ ହିତାଧିକାରୀଙ୍କ ପିଲାମାନେ କମନ ସ୍କଲାରସିପ ପୋର୍ଟାଲରେ (http://scholarship.odisha.gov.in) ୩୧ ତାରିଖ ପର୍ଯ୍ୟନ୍ତ ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ଅନ୍‌ଲାଇନ୍‌ରେ କାଳିଆ ଛାତ୍ରବୃତ୍ତି ପାଇଁ ଆବେଦନ ଓ ନବୀକରଣ ନିମନ୍ତେ ବର୍ଷକୁ ଦୁଇଥର ପୋର୍ଟାଲ ଖୋଲାରହିବ। ଏହି ଛାତ୍ରବୃତ୍ତି ଯେପରି ଅଧିକ ଉପଯୋଗୀ ହେବ ଏବଂ ଅଧିକ ପିଲା ଉପକୃତ ହୋଇପାରିବେ, ସେଥି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଆବଶ୍ୟକ ସଂଶୋଧନ କରାଯାଇ ପରିବର୍ଦ୍ଧିତ କରାଯାଇଛି। ଏଥିରେ ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ନିମନ୍ତେ ରାଜ୍ୟର ସରକାରୀ ଶିକ୍ଷାନୁଷ୍ଠାନ ବ୍ୟତୀତ ଅଲ୍‌ଇଣ୍ଡିଆ ସର୍ଭେ ଅନ୍ ହାୟର ଏଜୁକେଶନ୍ କୋଡ୍‌ପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ଏବଂ ରାଜ୍ୟ ଓ ରାଜ୍ୟ ବାହାରର ପ୍ରିମିୟର ସରକାରୀ ଶିକ୍ଷାନୁଷ୍ଠାନଗୁଡିକୁ ସାମିଲ କରାଯାଇଛି ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି।

ସୋମବାର ବିଭାଗ ପକ୍ଷରୁ କୃଷି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, କାଳିଆ ଛାତ୍ରବୃତ୍ତି ପାଇଁ ଗ୍ରାଜୁଏଶନ୍ ସ୍ତରରେ ବିବିଏ ଓ ବିସିଏ ପାଠ୍ୟକ୍ରମ ସାମିଲ କରାଯାଇଛି। ପୋଷ୍ଟଗ୍ରାଜୁଏଶନ ସ୍ତରରେ ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମ ଯଥା- ଏମ୍.ଟେକ୍, ଏମ୍‌ଏସ୍ (ଏଗ୍ରି), ଏମ୍‌ଏସ୍‌ସି (ଫରେଷ୍ଟ୍ରି), ମେଡିକାଲ ସାଇନ୍ସରେ ପିଜି ପାଠ୍ୟକ୍ରମ, ଏମ୍‌ବିଏ, ଏମ୍‌ସିଏ, ଏମ୍.ଫାର୍ମ ପାଠ୍ୟକ୍ରମକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ପିଏଚ୍‌ଡି ପାଠ୍ୟକ୍ରମକୁ କାଳିଆ ଛାତ୍ରବୃତ୍ତିରେ ସାମିଲ କରାଯାଇଛି ଏବଂ ଏହା ସମ୍ପୃକ୍ତ ତାଲିକାଭୁକ୍ତ ପିଜି ପାଠ୍ୟକ୍ରମ ଅନ୍ତର୍ଗତ ହୋଇଥିବା ଆବଶ୍ୟକ। ସର୍ବାଧିକ ୪ବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ ଏବଂ ଏହା କେବଳ ରାଜ୍ୟ ଭିତରର ସରକାରୀ ଶିକ୍ଷାନୁଷ୍ଠାନ କ୍ଷେତ୍ର ପାଇଁ ଲାଗୁ ହେବ। ରାଜ୍ୟ ତଥା ରାଜ୍ୟ ବାହାରର ପ୍ରିମିୟର ସରକାରୀ ଶିକ୍ଷାନୁଷ୍ଠାନ ଯଥା-ଏନ୍‌ଆଇଟି, ଆଇଆଇଟି, ଆଇଆଇଏମ୍, ଏମସ୍, ଆଇସିଏଆର୍, ଆଇଏଆର୍‌ଆର୍, ଆଇଭିଆର୍‌ଆଇ, ସିଆଇଏଫ୍‌ଇ, ଏନ୍‌ଡିଆର୍‌ଆଇ, ଆଇଜର, ନାଇଜର ଆଦି ଶିକ୍ଷାନୁଷ୍ଠାନରେ ବୈଷୟିକ କିମ୍ବା ବୃତ୍ତିଗତ ପାଠ୍ୟକ୍ରମକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପରିବର୍ଦ୍ଧିତ କାଳିଆ ଛାତ୍ରବୃତ୍ତି କାଳିଆ ହିତାଧିକାରୀ ପିଲାଙ୍କ ଉତ୍ତମ ଶିକ୍ଷା ପାଇବା ସ୍ୱପ୍ନ ସାକାର ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ସେମାନଙ୍କର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ନିଶ୍ଚିତ ଭାବରେ ରୂପାନ୍ତରଣ ଘଟିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ କାଳିଆ ଛାତ୍ରବୃତ୍ତି ୨୦୨୧-୨୨ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଯୋଜନାରେ ସରକାରୀ ଶିକ୍ଷାନୁଷ୍ଠାନରେ ବୃତ୍ତିଗତ/ବୈଷୟିକ ଶିକ୍ଷାଲାଭ କରୁଥିବା କାଳିଆ ହିତାଧିକାରୀଙ୍କ ପିଲାମାନଙ୍କୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୧-୨୨ ଏବଂ ୨୦୨୨-୨୩ରେ ରାଜ୍ୟରେ ୧,୮୩୯ଜଣ ଛାତ୍ରୀଛାତ୍ରଙ୍କୁ ମୋଟ ୩.୮୮ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ନିଯୁକ୍ତି ପାଇଲେ ୫୦୪ କନିଷ୍ଠ ଯନ୍ତ୍ରୀ

## ରୂପାନ୍ତର ଡ୍ରାଇଭ ଲୋକଙ୍କ ଜୀବନରେ ଦୃଶ୍ୟମାନ ଉନ୍ନତି ଆଣିଛି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୮।୧(ଅନିଲ ଦାସ)

ରାଜ୍ୟ ସରକାର ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗରେ ୫୦୪ ଜଣ କନିଷ୍ଠ ଯନ୍ତ୍ରୀ(ସିଭିଲ)ଙ୍କୁ ନିଯୁକ୍ତି ଦେଇଛନ୍ତି। ସେଥିରୁ ପଞ୍ଚାୟତିରାଜ ବିଭାଗରେ ୩୯୮ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଗୃହ ଓ ନଗର ଉନ୍ନୟନ ବିଭାଗର ଓଡ଼ିଶା ମ୍ୟୁନିସିପାଲ ଇଞ୍ଜିନିୟରିଂ କ୍ୟାଡର୍‌ର ୭୮ଜଣ ଏବଂ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ କ୍ୟାଡର୍ ୨୮ ଜଣଙ୍କୁ ନିଯୁକ୍ତି ମିଳିଛି।

ଏହି ଅବସରରେ ସୋମବାର ଲୋକସେବା ଭବନଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ନବନିଯୁକ୍ତ ଯନ୍ତ୍ରୀମାନେ ସମସ୍ତେ ଯୁବ, ଆତ୍ମବିଶ୍ୱାସଭରା ଏବଂ ସମ୍ପୂର୍ଣ୍ଣ ଶକ୍ତିଧାରୀ। ଲୋକମାନଙ୍କର ଜୀବନକୁ ଉତ୍ତମ କରିବା ପାଇଁ ସେବା କରିବାକୁ ହେବ। ଲୋକଙ୍କ ସେବାରେ ନିଜର ସର୍ବୋତ୍କୃଷ୍ଟ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନବନିଯୁକ୍ତ ଯନ୍ତ୍ରୀମାନଙ୍କୁ ସ୍ୱାଗତ କରିବା ସହ ୫-ଟି (ଟିମ୍‌ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପାରେନ୍ସି, ଟ୍ରାନ୍ସଫରମେଶନ ଏବଂ ଟାଇମ୍)କୁ ନିଜ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆପଣମାନେ ନିଜ ଜୀବନ କାଳରେ ଓଡ଼ିଶାର ରୂପାନ୍ତରୀକରଣକୁ ସମ୍ପୂର୍ଣ୍ଣ ଭାବେ ଦେଖିପାରିବେ ଏବଂ ନିଜେ ଏହାର ବିନ୍ଧାଣୀ ହେବେ। ସମାଜର ପ୍ରତ୍ୟେକ କ୍ଷେତ୍ରରେ ରୂପାନ୍ତର ଆଣିବାକୁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି ଏବଂ ଏହା ଲୋକମାନଙ୍କର ଜୀବନରେ ହେଉଥିବା ପରିବର୍ତ୍ତନର ଦୃଶ୍ୟମାନ ହେଉଛି। ସହରାଞ୍ଚଳରେ ଯୋଗାଇ ଦିଆଯାଉଥିବା ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯାହା କି ଦିଲ୍ଲୀ, ମୁମ୍ବାଇ ଭଳି ବଡ଼ ସହରରେ ଦେଖିବାକୁ ମିଳୁ ନାହିଁ। ଲୋକମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ଦିଗରେ କାର୍ଯ୍ୟ କରିବାକୁ କନିଷ୍ଠ ଯନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପାନୀୟ ଜଳ ଯୋଗାଣ, ପରିମଳ, ସଫଳ ଯୋଜନା ବସୁଧା, ଗାରିମା, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ସହରାଞ୍ଚଳ ଗରିବ ଲୋକମାନଙ୍କୁ ଜାଗା ମିଶନ ଜରିଆରେ ବାସଗୃହ ସୁବିଧା ଏବଂ ଅନ୍ୟ ବହୁ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରୁ ନବନିଯୁକ୍ତ ଯନ୍ତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ସମୟ ଥିଲା ରାଜ୍ୟରେ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ କୌଣସି ନିଯୁକ୍ତି ଦିଆଯାଇ ପାରୁ ନ ଥିଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତମ ଆର୍ଥିକ ପରିଚାଳନା ଦ୍ୱାରା ପ୍ରତ୍ୟେକ ମାସରେ ଦୁଇଟିରୁ ତିନୋଟି ନିଯୁକ୍ତି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସେହିପରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ଜନସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନବନିଯୁକ୍ତ ଇଞ୍ଜିନିୟରମାନେ ନୀତି ଓ କାର୍ଯ୍ୟକାରିତା ମଧ୍ୟରେ ଆବଶ୍ୟକ ସଂଯୋଗ ସ୍ଥାପନ କରିବେ। ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍ ଲୋକ ଏବଂ ଜନପ୍ରତିନିଧିଙ୍କ ସହ ମିଶି କାର୍ଯ୍ୟକରିବା ପାଇଁ ଶିକ୍ଷା କରିବା ଆବଶ୍ୟକ। ସରକାର ଯେଉଁ ସେବା ଯୋଗାଉଛନ୍ତି ତାହା ଲୋକମାନଙ୍କର ଅଧିକାର ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ ବିଭାଗ ସଚିବ ଏସ.କେ. ଲୋହାନୀ ସ୍ୱାଗତ ଭାଷଣ ଦେଇ ୫-ଟି ଏବଂ ମୋ ସରକାରର ଗୁରୁତ୍ୱ ବିଷୟରେ ସୂଚନା ଦେଇଛନ୍ତି।

# ମାଲକାନଗିରି ବିମାନବନ୍ଦର ଲୋକାର୍ପଣ ଆଜି | ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନର ପ୍ରସ୍ତୁତି

ମାଲକାନଗିରି,୮।୧(ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ବିମାନବନ୍ଦରକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଶାସନ ପକ୍ଷରୁ ଏନେଇ ଚୂଡାନ୍ତ ପ୍ରସ୍ତୁତି ଶେଷ ହୋଇଛି।

ରବିବାର ମାଲକାନଗିରି ବିମାନବନ୍ଦରରେ ପରୀକ୍ଷାମୂଳକ ଭାବେ ୭ ସିଟ୍ ବିଶିଷ୍ଟ ଭିଟି ୧୦୦ ବିମାନ ଅବତରଣ କରିଥିଲା। ଟ୍ରାଏଲ ରନ୍ ସଫଳ ହେବା ପରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦ୍ୱାରା ଏହି ନୂତନ ବିମାନବନ୍ଦର ଲୋକାର୍ପିତ ହେବ। ସେଥିପାଇଁ ଜିଲାପାଳ ବିଶାଳ ସିଂ, ଏସ୍‌ପି ନୀତେଶ ୱାଧାନୀ ଓ ଜିଲାସ୍ତରୀୟ ଅଧିକାରୀ ବିମାନବନ୍ଦରରେ ପହଞ୍ଚି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସୋମବାର ଅପରାହ୍ଣରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ପ୍ରମୁଖ ବିମାନବନ୍ଦର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମଥର ଲାଗି ମାଲକାନଗିରି ଜିଲା ବିମାନସେବାରେ ଯୋଡିହେବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସମଗ୍ର ବିମାନବନ୍ଦର ଚତୁଃପାର୍ଶ୍ୱରେ ପୋଲିସ ଛାଉଣି ହେବା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।



ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟମାନେ ମାଲକାନଗିରି ବିମାନବନ୍ଦର ପ୍ରସ୍ତୁତି ତଦାରଖ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଚନ୍ଦ୍ରଙ୍କ ସହ ଶୁକ୍ର ପ୍ରଭାବରେ ଅର୍ଥପ୍ରାପ୍ତି, ସାହିତ୍ୟ ସଙ୍ଗୀତରେ ପ୍ରତିଷ୍ଠା ସହ ବ୍ୟବସାୟିକ ସଫଳତା ମିଳିବ। ପାରିବାରିକ ଜୀବନ ପାରସ୍ପରିକ ଉତ୍ତମ ବୁଝାମଣା ଦ୍ୱାରା ହସ, ଖୁସିରେ କଟିବ। ରାସ୍ତାରେ ଅଜଣା ବ୍ୟକ୍ତିଙ୍କ ସହ ମିତ୍ରତା ସୃଷ୍ଟି ହେବ। ଅଶ୍ୱିନୀ ନକ୍ଷତ୍ର ମନର ଦୁଃଖ ଭାବପ୍ରବଣ ହୋଇ ଅନ୍ୟ ସମ୍ମୁଖରେ ପ୍ରକାଶ କରିପାରନ୍ତି।

**ବୃଷ** - ଅଷ୍ଟମସ୍ଥ ରବି ଯୋଗୁ ପରିବାରରେ ବୟସ୍କ ବ୍ୟକ୍ତି ତଥା ପିତାଙ୍କ ସହ ସୁସମ୍ପର୍କ ରହି ନ ପାରେ। କେତେକ ବ୍ୟତିକ୍ରମ କାରଣରୁ ପୂର୍ବରୁ ଆଶା କରୁଥିବା ଜିନିଷଟି ପାଇବେ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅର୍ଥ ଆବଶ୍ୟକ ହେବ। ସହକର୍ମୀମାନେ ସହଯୋଗର ହାତ ବଢ଼ାଇ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟାଇବେ।

**ମିଥୁନ** - ସପ୍ତମସ୍ଥ ମଙ୍ଗଳ ପରିବାରରେ ସ୍ତ୍ରୀ, ବ୍ୟବସାୟରେ ଗ୍ରାହକ, ଯାତ୍ରାରେ ସହଯାତ୍ରୀଙ୍କ ସହ କଳହର କାରଣ ହୋଇପାରନ୍ତି। ନିଜ ମନର ଅସ୍ଥିରତା ହେତୁ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଅବହେଳାଜନିତ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଅଭିଳଷିତ ଜିନିଷଟି ଠିକ୍ ସମୟରେ ପାଇପାରିବେ।

**କର୍କଟ** - ବୁଧ ଷଷ୍ଠ ସ୍ଥାନରେ ରବି ଓ ମଙ୍ଗଳ ସହ ରହିଥିବାରୁ ଭାଇଙ୍କ ସକାଶେ ଖର୍ଚ୍ଚାନ୍ତ ହୋଇ ବିରକ୍ତ ହେବେ। ଅବଶ୍ୟ ଶୁକ୍ର ପ୍ରଭାବରୁ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହୁଅନ୍ତ, ନଚେତ୍ ପରକ୍ଷଣରେ ନେଡ଼ିଗୁଡ଼ କହୁଣିକୁ ବୋହିଯାଇପାରେ।

**ସିଂହ** - ଭାଗ୍ୟସ୍ଥାନରେ ବୃହସ୍ପତି ଶାରୀରିକ ସୁସ୍ଥତା, ଭାଇ ଭାଇରେ ସହୃଦୟତା, ସନ୍ତାନଙ୍କ ଉଚ୍ଚଶିକ୍ଷାରେ ସହାୟକ ହେବେ। ସକାଳୁ କୌଣସି ସୁଖଦ ଖବର ପାଇ ମନ ହାଲୁକା ହୋଇଯିବ। କର୍ମକ୍ଷେତ୍ରରେ କୌଣସି ନୂତନ ପଦକ୍ଷେପ ଗ୍ରହଣ ସକାଶେ ମନସ୍ଥ କରିପାରନ୍ତି। ଧର୍ମକାମରେ ବ୍ୟସ୍ତ ରହି ଘରର ଆବଶ୍ୟକତାକୁ ଭୁଲିଯିବେ।

**କନ୍ୟା** - ଅଷ୍ଟମ ବୃହସ୍ପତିଜନିତ ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ, ସାହାଯ୍ୟ, ସହଯୋଗ କ୍ଷେତ୍ରରେ କାମକୁ ଆସିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ତୁଳା** - ଶନିଙ୍କ ଦୃଷ୍ଟିଜନିତ ସ୍ତ୍ରୀ ଓ ପୁତ୍ରଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମନାନ୍ତରର କାରଣ ହୋଇପାରେ। ସ୍ୱାତୀ ନକ୍ଷତ୍ର ସକାଶେ ପରିସ୍ଥିତି ବଦଳିଯିବା କାରଣରୁ ମାନସିକ ସ୍ଥିତି କେତେକାଂଶରେ ଭଲ ରହିବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** - ଦ୍ୱିତୀୟସ୍ଥ ଗ୍ରହଙ୍କ ଦ୍ୱାରା ଅପ୍ରିୟ ଭାଷଣଜନିତ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସାହାଯ୍ୟରୁ ଉପକୃତ ହେବେ। ଘରେ ଅସାବଧାନତା ଯୋଗୁ ଦ୍ରବ୍ୟନଷ୍ଟ କିମ୍ବା ଧନହାନି ଘଟିପାରେ। ଜମିଜମା, ଚୁକ୍ତିପତ୍ର ସମ୍ପାଦନ, ସାମ୍ବାଦିକତା ଓ ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ଧନୁ** - କେତୁ କର୍ମସ୍ଥାନରେ ଥିବାରୁ ପୂର୍ବ ଯୋଜନା ଅନୁଯାୟୀ କର୍ମକଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସଦାବେଳେ ପାଖରେ ରହୁଥିବା ବ୍ୟକ୍ତିମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିବେ।

**ମକର** - ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଓ ବୃହସ୍ପତି ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ଅବଶ୍ୟ ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। କିନ୍ତୁ ଭଲ ସମ୍ପର୍କ ନ ଥିବା ସହକର୍ମୀଙ୍କ ଦୌରାତ୍ମ୍ୟ କର୍ମକ୍ଷେତ୍ରରେ ଅସହ୍ୟ ହୋଇପାରେ। ସନ୍ତାନହେତୁକ ମାନସିକ ଆଘାତ ପାଇପାରନ୍ତି।

**କୁମ୍ଭ** - ରାଶ୍ୟାଧିପତି ସ୍ୱଗୃହରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଅବସ୍ଥାରେ ରହିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ଭାଗୁଆଳି ବ୍ୟବସାୟରେ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ। ବନ୍ଧୁଙ୍କ ଉପରେ ଭରସାକରି କୌଣସି କାମ କରିପାରିବେ ନାହିଁ।

**ମୀନ** - କର୍ମକ୍ଷେତ୍ରସ୍ଥ ଗ୍ରହ ପ୍ରଭାବରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟିକରି ମାନସିକ ଅସନ୍ତୋଷ ବୃଦ୍ଧିର କାରଣ ହେବ। ଅର୍ଥ ସଂଗ୍ରହର ପ୍ରଚେଷ୍ଟା ଜାରି ରଖିଲେ ସମୟାନ୍ତରରେ ଉପକୃତ ହୋଇପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

ଆଜି ଜାନୁଆରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ପୌଷ କୃଷ୍ଣ ତ୍ରୟୋଦଶୀ ମଙ୍ଗଳବାର। ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୫୭ ମି. ଗତେ, ଘ.୦୭।୧୦ ମି. ମଧ୍ୟେ, ଘ.୦୯।୧୦ ଗତେ, ଘ.୧୧।୩୧ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୩୬ ମି. ଗତେ, ଘ.୦୩।୫୮ ମି. ମଧ୍ୟେ ରାହୁକାଳ।

# ହାତ ବଦଳରେ ଜଗନ୍ନାଥ



ପଚ୍ଚାମୁଣ୍ଡାଇ ସହରର ଡାକବଙ୍ଗଳା ନିକଟ ରାସ୍ତାରେ ଥିବା ଅଂଶୁମାନ୍ ମହାନ୍ତିଙ୍କ ହାତ ଚିହ୍ନ ନ ଥିବା ହୋର୍ଡିଂ।

## ପଚ୍ଚାମୁଣ୍ଡାଇରେ ଦଳୀୟ ବ୍ୟାନର ହାଉଯାଉ

ପଚ୍ଚାମୁଣ୍ଡାଇ, ୮।୧ (କଳ୍ପତରୁ ନାୟକ)

ଅଣକଂଗ୍ରେସ ରାଜନୀତି କଥା ଉଠିଲେ କେନ୍ଦ୍ରାପଡ଼ା ଜିଲା ଆସିଥାଏ। ସୀମା ପୁନଃନିର୍ଦ୍ଧାରଣ ପରେ ପଚ୍ଚାମୁଣ୍ଡାଇ ସଂରକ୍ଷିତ ଆସନର ବିଲୋପ ଘଟି ପଚ୍ଚାମୁଣ୍ଡାଇ ବ୍ଲକର ୧୯ଟି ପଞ୍ଚାୟତ, ପୌରାଞ୍ଚଳ ଏବଂ ରାଜନଗର ବ୍ଲକର ୨୯ଟି ପଞ୍ଚାୟତକୁ ନେଇ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ପଚ୍ଚାମୁଣ୍ଡାଇ ରାଜନୈତିକ ଦୃଶ୍ୟପଟ୍ଟକୁ ଲକ୍ଷ୍ୟ କଲେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ଇତିମଧ୍ୟରେ ଏହିସବୁ ରାଜନୈତିକ ଦଳରୁ ଆଶାୟୀ ଥିବା ନେତାମାନେ ପଚ୍ଚାମୁଣ୍ଡାଇ ଗଳିକନ୍ଦିରେ ନୂଆବର୍ଷ ଅଭିନନ୍ଦନ ଜଣାଇବା ନାମରେ ପୋଷ୍ଟର ଓ ବ୍ୟାନର ଝୁଲାଇଥିବା ଦେଖିବାକୁ ମିଳୁଛି।

ନିକଟରେ ତେଲଙ୍ଗାନାରେ କଂଗ୍ରେସ ସରକାର ଗଢ଼ିବା ପରେ ଦଳରେ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏଥିସହିତ ନୂଆ ପ୍ରଭାରୀ ଅଜୟ କୁମାର ଏବେ ଓଡ଼ିଶା ଗସ୍ତରେ ଆସି ସାଙ୍ଗଠନିକ ଶକ୍ତି ସୁଦୃଢ଼ କରିବାକୁ ଚେଷ୍ଟା କରିଛନ୍ତି। ଏହାସତ୍ତ୍ୱେ କେତେକ ସ୍ଥାନରେ ଦଳୀୟ ଶୃଙ୍ଖଳାରେ ଅଭାବ ଦେଖାଦେବାରୁ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ରାଜନଗର ନିର୍ବାଚନମଣ୍ଡଳୀ କଥା ଦେଖିଲେ କଂଗ୍ରେସ ଯୁବନେତା ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ପ୍ରଭାବ ଯୋଗୁ ସେ ୨୦୧୪ ନିର୍ବାଚନରେ ଜିତିଥିଲେ। ତେଣୁ ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ସେଥିପାଇଁ ଦଳୀୟ ନେତା ଓ କର୍ମୀ ଦଳଗତ ଭାବେ କଂଗ୍ରେସର ବରିଷ୍ଠ ନେତାଙ୍କ ସହ ସ୍ୱର୍ଗତ ନଳିନୀ ମହାନ୍ତି ଓ ଅଂଶୁମାନଙ୍କ ଫଟୋ ଥିବା ବ୍ୟାନର ଲଗାଇ ନୂଆବର୍ଷ ଶୁଭେଚ୍ଛା ଜଣାଇଛନ୍ତି। ଆଉ କିଛି ନେତା ମଧ୍ୟ ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ଦେବାକୁ ଯାଇ ପୋଷ୍ଟର ଲଗାଇଥିବା ଦେଖିବାକୁ ମିଳିଛି। ତେବେ ଏଥିରେ ନୂଆ ଯେଉଁ ଦିଗକୁ ଲକ୍ଷ୍ୟ କରାଯାଇଛି ତାହା ହେଲା ଅଧିକାଂଶ ବ୍ୟାନରରେ ହାତ ଚିହ୍ନ ଦେଖିବାକୁ ମିଳୁନାହିଁ। ଦଳରେ ଏ କି ପରିବର୍ତ୍ତନ ବୋଲି ପୂର୍ବତନ ବିଧାୟକ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ସମସ୍ତ ବ୍ୟାନରରେ କଂଗ୍ରେସର ବରିଷ୍ଠ ଜାତୀୟ ନେତାମାନଙ୍କୁ ସ୍ଥାନିତ କରାଯାଇଛି। ହାତ ଚିହ୍ନ ନ ରଖି ଆମ ବଡ଼ ଠାକୁର ଜଗନ୍ନାଥଙ୍କୁ ସର୍ବ ଉପରେ ରଖାଯାଇଛି ବୋଲି କହିଥିଲେ।

ଶାସକ ବିଜେଡି ବର୍ଷତମାମ ପଚ୍ଚାମୁଣ୍ଡାଇରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ନୂଆବର୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ କେତେକ ଆଶାୟୀ ପୋଷ୍ଟରରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହିତ ନିଜ ଫଟୋ ଲଗାଇଛନ୍ତି। ଏହାରି ମାଧ୍ୟମରେ ସରକାରଙ୍କ ଯୋଜନା ଓ ଶାସନ ବିଷୟରେ ଜନସାଧାରଣଙ୍କୁ ଜଣାଇବା ଉଦ୍ଦେଶ୍ୟରେ ନୂଆବର୍ଷର ଅଭିନନ୍ଦନ ବାର୍ତ୍ତା ଦିଆଇଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ପଚ୍ଚାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ତାଙ୍କ ସହ ସ୍ଥାନୀୟ ପୌରାଧ୍ୟକ୍ଷ, ୱାର୍ଡ ପ୍ରମୁଖ, ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ ନେତାମାନଙ୍କୁ ଦେଖିବାକୁ ମିଳୁଛି। ବିଜେଡିର ଆଉ କିଛି ଆଶାୟୀ ପ୍ରାର୍ଥୀ ମଧ୍ୟ ନିଜ ସମର୍ଥକଙ୍କୁ ସାଙ୍ଗରେ ଧରି ବସ୍ତି, କଲୋନି ଓ ଗାଁରେ ବୁଲୁଛନ୍ତି। ସେମାନେ ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ ଉତ୍ସବ ମାଧ୍ୟମରେ ଲୋକଙ୍କ ନିକଟକୁ ଯାଉଛନ୍ତି। ଏମିତି ଦେଖିବାକୁ ମିଳିଛି ଯେ, ପଚ୍ଚାମୁଣ୍ଡାଇ କଲେଜ ମୁଖ୍ୟ ଫାଟକକୁ ମଧ୍ୟ ନୂଆବର୍ଷ ବ୍ୟାନରରେ ଢାଙ୍କି ଦିଆଯାଇଛି।

ବିଜେଡି ଓ କଂଗ୍ରେସ ଭଳି ଭାଜପାରେ ମଧ୍ୟ ଏକାଧିକ ଆଶାୟୀ ଅଛନ୍ତି। ତେବେ ଆଲୋଚନା ହେଉଛି ଯେ ରାଜନଗରର ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ନେତୃତ୍ୱକୁ ଭାଜପା ନେତା ଓ କର୍ମୀମାନେ ସେଭଳି ଗ୍ରହଣ କରି ପାରୁ ନ ଥିବାରୁ ଦଳ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଛି। ସେଥିନେଇ ପଚ୍ଚାମୁଣ୍ଡାଇ ଅଞ୍ଚଳରେ ଏବେ ଭାଜପାର ଆଉ ଏକ ସଙ୍ଗଠନ ସକ୍ରିୟ ହେଉଥିବା ଆଲୋଚନା ହେଉଛି। ସେ ନେଇ ଭାଜପାର ନୂଆବର୍ଷ ଅଭିନନ୍ଦନ ବ୍ୟାନରରେ କେଉଁଠି ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ତ ଆଉ କେଉଁଠି ବୈଜୟନ୍ତ ପଣ୍ଡାଙ୍କ ସହ ବିଭିନ୍ନ ହୋର୍ଡିଂରେ ଆଶାୟୀଙ୍କୁ ଦେଖିବାକୁ ମିଳୁଛି। ଶାସକ ଦଳକୁ ଟାର୍ଗେଟ କରି ଭାଜପା ନେତାମାନେ ଅଭିନନ୍ଦନ ଆଳରେ ପରିବର୍ତ୍ତନର ଆହ୍ୱାନ ଦେଉଛନ୍ତି ବୋଲି ବରିଷ୍ଠ ନେତା କହୁଥିବା ଶୁଣିବାକୁ ମିଳୁଛି।




ପଚ୍ଚାମୁଣ୍ଡାଇ ବ୍ଲକ୍ ପାଖରେ ଲାଗିଥିବା ଧ୍ରୁବ ସାହୁଙ୍କ ହୋର୍ଡିଂ।



ପଚ୍ଚାମୁଣ୍ଡାଇ ଡାକବଙ୍ଗଳା ଛକରେ କଂଗ୍ରେସ, ଭାଜପାର ଲାଗିଥିବା ପୋଷ୍ଟର।

# ବିଜେଡି ଛାଡ଼ିଲେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି

## ୨ଥର ମନ୍ତ୍ରୀ, ୫ ଥର ବିଧାୟକ ଥିଲେ

ଭବାନୀପାଟଣା,୮।୧ (ଉତ୍ତମ କୁମାର ଦାଶ)



ବଳଭଦ୍ର ମାଝି

କଳାହାଣ୍ଡି ଜିଲାର ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ବଳଭଦ୍ର ମାଝି ସୋମବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦଳରେ ଅବହେଳା ଅଭିଯୋଗ କରି ବିଜେଡି ରାଜ୍ୟ ସଭାପତିଙ୍କୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା କହିଛନ୍ତି। ୧୯୯୭ଠାରୁ ସେ ବିଜେଡିରେ ରହିଥିଲେ। ଜିଲାର ଜଣେ ପୁରୁଣା ଓ ଅନୁଭବୀ ବିଜେଡି ନେତା ଭାବେ ବେଶ୍ ପରିଚିତ ଥିଲେ। ଲାଞ୍ଜିଗଡ଼ ବିଧାନ ସଭା ନିର୍ବାଚନମଣ୍ଡଳୀରୁ ସେ ୪ଥର ଓ ନର୍ଲା ନିର୍ବାଚନମଣ୍ଡଳୀରୁ ଥରେ ବିଧାୟକ ରହିବା ସହ ୨ ଥର ମନ୍ତ୍ରୀ ହୋଇଥିଲେ। ସେହିପରି ବିଜେଡିର ଜିଲା ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳ ତାଙ୍କ ଟିକେଟ କାଟି କଂଗ୍ରେସରୁ ଆସିଥିବା ପ୍ରଦୀପ ଦିଶାରୀଙ୍କୁ ଦେଇଥିଲା। ଏହାକୁ ନେଇ ତାଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା। ଏହା ସତ୍ତ୍ୱେ ବି ବିଜେଡିର ଅନେକ କାର୍ଯ୍ୟକ୍ରମରେ ସେ ଯୋଗଦେଉଥିବାବେଳେ ସେଠାରେ ମଧ୍ୟ ତାଙ୍କୁ ଅଣଦେଖା କରାଯାଇଥିବାରୁ ସେ ଦଳ ଛାଡ଼ିବା ପାଇଁ ବାଧ୍ୟ ହୋଇଥିବା କହିଛନ୍ତି। ବିଜେଡି ଛାଡିବା ପରେ ସେ ଏବେ କେଉଁ ଦଳକୁ ଯିବେ ତାହା ସ୍ପଷ୍ଟ କରିନାହାନ୍ତି। ତେବେ ସେ କଂଗ୍ରେସରେ ଯୋଗଦେଇ ପାରନ୍ତି ବୋଲି ଶୁଣିବାକୁ ମିଳୁଛି।

# ହେମାଙ୍କ କଂଗ୍ରେସରେ ଯୋଗଦାନ ଚର୍ଚ୍ଚାରେ ରହିଲା

ରାୟଗଡ଼ା,୮।୧(ଆଶିଷ ରଞ୍ଜନ ପଣ୍ଡା)



ହେମା ଗମାଙ୍ଗ

ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସ୍ତ୍ରୀ ପୂର୍ବତନ ଏମ୍‌ପି ତଥା ପୂର୍ବତନ ବିଧାୟିକା ହେମା ଗମାଙ୍ଗ କଂଗ୍ରେସରେ ଯୋଗ ଦେବେ ବୋଲି ହୋଇଆସୁଥିବା ଚର୍ଚ୍ଚା ପୁଣି ଚର୍ଚ୍ଚାରେ ରହିଯାଇଛି। କଂଗ୍ରେସରେ ତାଙ୍କ ଯୋଗଦାନ ନେଇ ଜୋରଦାର କଥା ଉଠିଥିବା ବେଳେ କାହିଁକି ସେ ଦଳରେ ସାମିଲ ହୋଇପାରିଲେ ନାହିଁ ତାହା ରାଜନୈତିକ ପରିମଣ୍ଡଳରେ ଆଲୋଚନାର ବିଷୟ ପାଟଲିଛି । ଏଥିସହିତ ଗୁଣପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବଢ଼ିଛି।

୭ ତାରିଖରେ ହେମା କଂଗ୍ରେସରେ ଯୋଗଦେବା ନେଇ ସ୍ଥିର ହୋଇଥିଲା । ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କ ଉପସ୍ଥିତିରେ ସେ ଯୋଗ ଦେଇଥାଆନ୍ତେ। ପରବର୍ତ୍ତୀ ସମୟରେ ସ୍ୱାମୀ ଗିରିଧର ଗମାଙ୍ଗ ଓ ପୁଅ ଶିଶିର ଗମାଙ୍ଗ ଦିଲ୍ଲୀ ଯାଇ କଂଗ୍ରେସରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା । ତେବେ ୬ ତାରିଖରେ ଓଡ଼ିଶା କଂଗ୍ରେସର ନୂତନ ପ୍ରଭାରୀ ଅଜୟ ଓଡ଼ିଶା ଗସ୍ତରେ ଆସି ଦୁଇ ଦିନ ରହିଥିଲେ ମଧ୍ୟ ଏ ଦିଗରେ କିଛି ଅଗ୍ରଗତି ହୋଇ ନ ଥିଲା । ତେବେ ହେମା କଂଗ୍ରେସରେ ଯୋଗଦେବେ ନା ନାହିଁ ତାହା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଏ ନେଇ ପୁଅ ଶିଶିର ଗମାଙ୍ଗ କହିଛନ୍ତି ଯେ, ଓଡ଼ିଶା ପ୍ରଦେଶ କଂଗ୍ରେସର ନୂତନ ପ୍ରଭାରୀଙ୍କ ସହ ଆଲୋଚନା ପରେ ସେ, ତାଙ୍କ ପିତା ଗିରିଧର ଓ ମାତା କଂଗ୍ରେସରେ ଯୋଗଦେବେ । ମାଆ ହେମାଙ୍କ କଂଗ୍ରେସରେ ଯୋଗଦେବା ନେଇ ପିସିସି ସଭାପତି ଶରତ ପଟନାୟକ ନିୟମିତ ସମ୍ପର୍କରେ ରହିଥିଲେ ମଧ୍ୟ ନୂତନ ପ୍ରଭାରୀ ଅଜୟଙ୍କ ଓଡ଼ିଶା ଗସ୍ତ ସମୟରେ ପିସିସି ସଭାପତି କୌଣସି ସୂଚନା ଦେଇ ନ ଥିବା ଶିଶିର କହିଛନ୍ତି। ତେବେ ଏ ନେଇ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବପର ହୋଇପାରି ନ ଥିଲା । ଏବେ ଅପେକ୍ଷା ହେମା କଂଗ୍ରେସରେ ଯୋଗଦେଇ ଗୁଣପୁର ଆସନରୁ ବିଧାୟିକା ପ୍ରାର୍ଥୀ ହେବା ନେଇ ଯେଉଁ ଆଶା ରଖିଛନ୍ତି ବୋଲି ଶୁଣିବାକୁ ମିଳୁଛି, ତାହା କେତେ ଦୂର ବାସ୍ତବ ରୂପ ପାଉଛି।

# କେନ୍ଦ୍ର ଯୋଜନାର ସଫଳତା ବାଣ୍ଟିବ ନମୋ ଆପ୍ : ଭାଜପା




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ନମୋ ଆପ୍ ରାଷ୍ଟ୍ରୀୟ ସଂଯୋଜକ କୁଲଜିତ ସିଂ ଚହଲ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ଭବିଷ୍ୟତ ପିଢ଼ିର ବିକାଶ। ୨୦୪୭ରେ ଦେଶକୁ ବିଶ୍ୱଗୁରୁ କରିବାକୁ ପ୍ରଧାନମନ୍ତ୍ରୀ ସଂକଳ୍ପ ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟିକୁ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନବାସୀ ବିଶ୍ୱାସ କରିଛନ୍ତି। ନମୋ ଆପ୍ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ସୁଫଳର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଯିବ। ଓଡ଼ିଶାରେ ୩୦ ଲକ୍ଷ 'ନମୋ ଆପ୍-ବିକଶିତ ଭାରତ' ଆମ୍ବାସାଡର ଏହି କାର୍ଯ୍ୟରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ସୁଫଳର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବେ ବୋଲି ନମୋ ଆପ୍ ରାଷ୍ଟ୍ରୀୟ ସଂଯୋଜକ କୁଲଜିତ ସିଂ ଚହଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁଲଜିତ କହିଛନ୍ତି, କେନ୍ଦ୍ର ସରକାରଙ୍କ ପ୍ରତି ଦେଶବାସୀଙ୍କ ବିଶ୍ୱାସ ଓ ଭରସା ବଢୁଛି ଏବଂ ନମୋ ଆପ୍ ଜରିଆରେ ଏହା ସ୍ପଷ୍ଟ ପରିଲକ୍ଷିତ ହେଉଛି । ରାଜ୍ୟର ପ୍ରତ୍ୟେକ ମହିଳା, ଯୁବକ, ଡାକ୍ତର, ଓକିଲ, କୃଷକ ଇତ୍ୟାଦି ଅନେକ ଲାଭାର୍ଥୀ ଅଛନ୍ତି, ଯେଉଁମାନେ ପ୍ରଧାନମନ୍ତ୍ରୀଙ୍କ ବିକାଶ ସହ ଯୋଡି ହେବାକୁ ଚାହିଁଛନ୍ତି। ସୋମବାର 'ନମୋ ଆପ୍-ବିକଶିତ ଭାରତ' ଆମ୍ବାସାଡର ଅଭିଯାନର ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବହୁ ଭୋଟରେ ଜିତାଇବାକୁ ବିଜେଡିର ସଂକଳ୍ପ

**କାକଟପୁର,୮।୧(ଶୁଭଦର୍ଶନ ମିଶ୍ର):** କାକଟପୁର ବ୍ଲକ ଅଧୀନ ୭ନଂ. ଜୋନ୍ ବିଜେଡି ପକ୍ଷରୁ କୁଣ୍ଡେଇ ଗ୍ରାମପଞ୍ଚାୟତ ଅଧୀନସ୍ଥ କୁଣ୍ଡେଇଶୁଣୀଙ୍କ ପୀଠରେ ବିଜେଡି କର୍ମୀ ବୈଠକ ଓ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ସମାବେଶରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଜୋନ୍ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କବିରାଜ ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, କାଦୁଆ ନୂଆଗାଁ ପଞ୍ଚାୟତ ବରିଷ୍ଠ ବିଜେଡି ନେତା କୈଳାସ ଚନ୍ଦ୍ର ଲେଙ୍କା, ଆରତି ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ବିଜେଡିକୁ ଆସନ୍ତା ନିର୍ବାଚନରେ ବହୁ ଭୋଟରେ ଜିତାଇବା ଲାଗି କର୍ମୀମାନେ ସଂକଳ୍ପ ନେଇଥିଲେ। କୁଣ୍ଡେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୁଭ୍ରଜିତ୍ ମଲ୍ଲ, ବିପିନ ବିହାରୀ ନାୟକ, ହିମାଂଶୁ ଦୀକ୍ଷିତ, କାକଟପୁର ସରପଞ୍ଚ ଅଭୟ ସେଠୀ ପ୍ରମୁଖ ସମାବେଶରେ ଉପସ୍ଥି ଥିଲେ।




କର୍ମୀ ବୈଠକ ଓ ସଂକଳ୍ପ ସମାବେଶରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

# ମୁହଁ ଖୋଲିଲେ ନିଲମ୍ବିତ ନେତା

## ବାହାର ପ୍ରାର୍ଥୀଙ୍କୁ ବିରୋଧ କରିବାରୁ ହେଲା କାର୍ଯ୍ୟାନୁଷ୍ଠାନ

ମୋରଡ଼ା,୮।୧(ସ୍ମାରକ ମାଜୀ)



ଦଳ ବିରୋଧୀ କାର୍ଯ୍ୟ ପାଇଁ ମୟୂରଭଞ୍ଜ-୧ ସାଙ୍ଗଠନିକ ଜିଲା ବିଜେଡି ସାଧାରଣ ସମ୍ପାଦକ ଅମୀର ଖାନ ଏବଂ ବିଜୁ ଛାତ୍ର ଜନତା ଜିଲା ଉପ ସଭାପତି ହର୍ଷବର୍ଦ୍ଧନ ମୁଦୁଲିଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇଛି। ନିଲମ୍ବନ ପରେ ଏହି ଦୁଇ ନେତା ମୁହଁ ଖୋଲିଛନ୍ତି। ଚିତ୍ରଡ଼ା କଲେଜ ଛକ ନିକଟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉଭୟ ନେତା କହିଛନ୍ତି ଯେ, ମୋରଡ଼ା ମାଟିର ସ୍ୱାଭିମାନ, ସମ୍ମାନ ଏବଂ ହକ୍ କଥା ଉଠାଇବାରୁ ସେମାନଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ପୂର୍ବରୁ କୌଣସି ନୋଟିସ ନ ଦେଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧୩ ବର୍ଷ ହେଲା ସେମାନେ ବିଜୁ ଜନତା ଦଳ ସହିତ ନିରବିଚ୍ଛିନ୍ନ ଭାବେ ରହି କାର୍ଯ୍ୟ କରି ଆସୁଥିଲେ। ତେବେ ମୋରଡ଼ା ନିର୍ବାଚନ ମଣ୍ଡଳୀର ଭୋଟର ବାହାର ପ୍ରାର୍ଥୀଙ୍କ ବଦଳରେ ଆଞ୍ଚଳିକ ପ୍ରାର୍ଥୀ ଚାହୁଁଛନ୍ତି। ସେମାନେ ଆଞ୍ଚଳିକ ପ୍ରାର୍ଥୀ ତଥା ବରିଷ୍ଠ ବିଜେଡି ନେତା କୃଷ୍ଣଚନ୍ଦ୍ର ଦାସଙ୍କ ସହିତ ଅଛନ୍ତି। କିନ୍ତୁ ମୋରଡ଼ା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୃଷ୍ଣାନନ୍ଦ ମହାନ୍ତି ଏକ ବୈଠକ ଡାକି ଆସନ୍ତା ସାଧାରଣ ନିର୍ବାଚନରେ ବର୍ତ୍ତମାନର ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନ୍‌ଗୋଙ୍କୁ ବିଜେଡିରୁ ପ୍ରାର୍ଥୀ କରାଯିବ ବୋଲି ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ ସୂଚନା ଦେବାରୁ ଅସନ୍ତୋଷ ଦେଖା ଦେଇଥିଲା। ବାହାର ପ୍ରାର୍ଥୀଙ୍କୁ ଟିକେଟ ନ ଦେଇ ଆଞ୍ଚଳିକ ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯାଉ ବୋଲି ଦାବି କରିବାରୁ ସେମାନଙ୍କୁ ନିଲମ୍ବନ କରାଯାଇଥିବା କହିଛନ୍ତି। ଏଥି ସହିତ ସେମାନେ ବାହାର ନେତାଙ୍କ ଉପରେ ବର୍ଷିଛନ୍ତି। ବାହାର ନେତା ଆସି ବର୍ଷ ବର୍ଷ ଧରି ମୋରଡ଼ାକୁ ନିଜେ ଆୟତ୍ତରେ ରଖିଛନ୍ତି ଓ ସ୍ଥାନୀୟ ନେତା ତଥା କର୍ମୀଙ୍କୁ ଅଣଦେଖା କରୁଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସେମାନେ କହିଥିଲେ।

## ହାଇଟେକ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ହାଇଟେକ୍ ହସ୍ପିଟାଲରେ ଚିକିତ୍ସିତ ରୋଗୀଙ୍କୁ ହତ୍ୟା କରାଯାଇଥିବା କଂଗ୍ରେସର ଦୁଇ ଛାମୁଆ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସ୍ଥାନୀୟ ହାଇଟେକ୍ ସ୍ଥିତ ହାଇଟେକ୍ ହସ୍ପିଟାଲରେ ଏସି କମ୍ପ୍ରେସରରେ ଗ୍ୟାସ ଭର୍ତ୍ତି କରିବା ସମୟରେ ହୋଇଥିବା ବିସ୍ଫୋରଣ ଘଟଣାରେ ହସ୍ପିଟାଲର ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ। ମୃତ୍ୟୁବରଣ କରିଥିବା ଦୁଇ ଜଣ ବ୍ୟକ୍ତିଙ୍କ ପରିଚୟ ଠିକ୍ ଭାବେ ହସ୍ପିଟାଲ କର୍ତ୍ତୃପକ୍ଷ ନ ଦେବା ଯୋଗୁ ପରିବାର ସଦସ୍ୟ ନିଜ ପିଲାଙ୍କୁ ଶେଷ ଦର୍ଶନ ଠିକ୍ ଭାବେ କରି ନ ପାରିବା ଦୁଃଖଦାୟକ ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଉଭୟ ଛାତ୍ର ଓ ଯୁବ କଂଗ୍ରେସ ଅଭିଯୋଗ କରି କହିଛି, ଏଥିରେ ପୋଲିସର ମଧ୍ୟ ତ୍ରୁଟି ରହିଛି। ଦିଲ୍ଲୀପଙ୍କ ପରିବାର ପ୍ରଶ୍ନ କରୁଛନ୍ତି ଯେ, ଯଦି ତାଙ୍କ ପୁଅଙ୍କ ଅବସ୍ଥା ଶୋଚନୀୟ ଥିଲା ତେବେ ତାଙ୍କୁ ଭେଣ୍ଟିଲେଟରରୁ କାହିଁକି ବାହାରକୁ ଅଣାଯାଇଥିଲା। ହାଇଟେକ୍ ହସ୍ପିଟାଲରେ ଏ ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଦାୟୀ। ହସ୍ପିଟାଲରେ ରୋଗୀ ସୁରକ୍ଷିତ ନାହାନ୍ତି। ହାଇଟେକ ହସ୍‌ପିଟାଲ ମାଲିକ ଏବଂ ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ। ନିଜ ଦାୟିତ୍ୱ ନିର୍ବାହରେ ଚରମ ଅବହେଳା ଏବଂ ରୋଗୀଙ୍କୁ ହତ୍ୟା ଅଭିଯୋଗ ଥିବାରୁ ହସ୍‌ପିଟାଲର ଲାଇସେନ୍ସ ରଦ୍ଦ କରାଯାଉ। ବିଜେଡି ସରକାର କ'ଣ ପାଇଁ ହାଇଟେକ ମାଲିକଙ୍କୁ ସୁରକ୍ଷା ଦେଉଛି। ତୁରନ୍ତ ମୃତକଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଅନ୍ତୁ। ଏହି ଅବସରରେ ଛାତ୍ର କଂଗ୍ରେସ ପକ୍ଷରୁ ହାଇଟେକ୍ ହସ୍ପିଟାଲ ମାଲିକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।



ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସରକାରୀ ବାସଭବନକୁ ସୋମବାର ଘେରାଉ କରୁଛନ୍ତି ପ୍ରଦେଶ ଛାତ୍ର କଂଗ୍ରେସ ଓ ପ୍ରଦେଶ ଯୁବ କଂଗ୍ରେସ।

ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। -ଶ୍ରୀଅରବିନ୍ଦ

# ଥରେ ଇଏ, ଥରେ ସିଏ

୨୦୨୩ ପ୍ରାରମ୍ଭରେ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଗ୍ରୁପ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଥିଲା। ନିଜ ଷ୍ଟକ୍ ଓ ଆକାଉଣ୍ଟ୍‌ସରେ ଦୀର୍ଘବର୍ଷ ଧରି ଆଦାନୀ ଗ୍ରୁପ୍ ବ୍ୟାପକ ହେରଫେର କରିଥିବା ବିଷୟ ପ୍ରଘଟ ହେବା ପରେ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ଥିବା ଗୌତମ ଆଦାନୀ ୭ମ ସ୍ଥାନକୁ ଖସି ଯାଇଥିଲେ। ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଜାଣିଶୁଣି ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ୩ ବର୍ଷ ମଧ୍ୟରେ ୧୨୦ ବିଲିୟନ୍ ଡଲାର ଠୁଳ କରିଥିଲେ ବୋଲି ରିପୋର୍ଟ ଦର୍ଶାଇଥିଲା। ହିଣ୍ଡେନବର୍ଗର ଗୋଟିଏ ରିପୋର୍ଟ ଆଦାନୀଙ୍କ ବାସ୍ତବ ରୂପକୁ ପଦାରେ ପକାଇଦେଇଥିଲା। ଏହା ଏକ ବିରାଟକାୟ ଆର୍ଥିକ ଠକାମି। ଏହି ରିପୋର୍ଟରେ ଭାରତବାସୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେହି ସମୟରେ ଏହାକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟ ହୋଇଥିଲା। ସେତେବେଳେ ସୁପ୍ରିମକୋର୍ଟ ଆଦାନୀ ଅର୍ଥ ହେରଫେରର ପୁନର୍ବିଚାରକୁ ଅସ୍ୱୀକାର କରିବା ଫଳରେ ଦେଶବ୍ୟାପୀ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ, ସୁପ୍ରିମକୋର୍ଟ ସରକାରଙ୍କ ସହ ହାତ ମିଳାଇ ଦେଇଛନ୍ତି।

> **ଏତିକି କୁହାଯାଇପାରେ, କୋର୍ଟଙ୍କ ରାୟକୁ ସରକାରୀ ସ୍ତରରେ ବଦଳାଇବା ଏବଂ ସୁପ୍ରିମକୋର୍ଟ ସେହି କଥାକୁ ଓଲଟାଇବା ଫଳରେ ପୁଣି ଗୋଟିଏ ବିଶ୍ୱାସ ଉପୁଜିଛି ଯେ, ସମ୍ପୂର୍ଣ୍ଣ ଭାବେ ସବୁ ଜିନିଷ ଶେଷ ହୋଇନାହିଁ। ଏହି ରାୟରୁ ମଧ୍ୟ ସ୍ପଷ୍ଟ ହୋଇଛି ଯେ,ନ୍ୟାୟିକ ବ୍ୟବସ୍ଥାରେ ଧର୍ମ ସମ୍ପ୍ରଦାୟ ଭିତ୍ତିକ ପକ୍ଷପାତର ସ୍ଥାନ ନାହିଁ।**

ଏବେ ୮ ଜାନୁଆରୀରେ ଗୋଧ୍ରା ଦଙ୍ଗା ପୀଡ଼ିତା ବିଲ୍‌କିସ ବାନୋଙ୍କ ମାମଲାରେ ୧୧ ଜଣ ଦୋଷୀଙ୍କୁ ଗୁଜରାଟ ସରକାର ଜେଲରୁ ମୁକ୍ତ କରିବା ବିରୋଧରେ ଦାଖଲ ପିଟିଶନର ବିଚାର କରି ଶୀର୍ଷ ଅଦାଲତ ଯେଉଁ ଭିନ୍ନ ରାୟ ଦେଇଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଉଲ୍ଲେଖନୀୟ ଯେ, ବିଲ୍‌କିସଙ୍କ ଗଣବଳାତ୍କାର ଓ ତାଙ୍କ ପରିବାରର ୭ଜଣଙ୍କ ହତ୍ୟା ଘଟଣାରେ ୧୧ ଜଣ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ତେବେ ଏକ ସରକାରୀ ଆଦେଶ ବଳରେ ଗୁଜରାଟ ସରକାର ୧୫ ଅଗଷ୍ଟ ୨୦୨୨ରେ ସେମାନଙ୍କୁ ଗୋଧ୍ରା ସବ୍‌ଜେଲରୁ ମୁକ୍ତ କରିଥିଲେ। ସବୁଠୁ ଚିନ୍ତାଜନକ ବିଷୟ ହେଉଛି ଦେଶ ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ପାଳନ କରୁଥିବା ସମୟରେ ଦୋଷୀମାନଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା। କେବଳ ଏତିକି ନୁହେଁ ଜେଲରୁ ମୁକ୍ତ କରାଯାଇଥିବା ଦୋଷୀଙ୍କୁ ଫୁଲମାଳ ପିନ୍ଧାଇ ମିଠା ଖୁଆଇବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହି ସମୟରେ ଗୋଧ୍ରାର ଭାଜପା ବିଧାୟକ ସେମାନଙ୍କ ମୁକ୍ତି ସପକ୍ଷରେ ଯୁକ୍ତି ମଧ୍ୟ ବାଢ଼ିଥିଲେ। ଗୁଜରାଟ ସରକାରଙ୍କ ଏଭଳି ପଦକ୍ଷେପକୁ କେନ୍ଦ୍ରକରି ସେତେବେଳେ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ଯେ, ସରକାର କିଭଳି ଏହି ଜଘନ୍ୟ ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ସହଜରେ ଛାଡ଼ି ଦେଉଛନ୍ତି। ବଡ଼ କର୍ପୋରେଟ ଠକେଇ କରି ଖସିଯିବା ଗୋଟିଏ ସ୍ତରର, ଗୋଟିଏ ପ୍ରକାର ଅପରାଧ। କିନ୍ତୁ ସମାଜକୁ ପ୍ରଭାବିତ କରୁଥିବା ହତ୍ୟା, ବଳାତ୍କାର ଭଳି ଅପରାଧରେ ଜଡ଼ିତ ଅପରାଧୀଙ୍କୁ ଯଦି ଦଣ୍ଡମୁକ୍ତ କରାଯାଏ ତେବେ ତାହା ତଳସ୍ତରରେ ବିପଜ୍ଜନକ ବାର୍ତ୍ତାଦିଏ। ସେ ଦୃଷ୍ଟିରୁ ବିଚାର କଲେ ବିଲ୍‌କିସ ମାମଲାରେ ସୁପ୍ରିମକୋର୍ଟ ୧୧ ଜଣ ଦୋଷୀଙ୍କୁ ପୁନର୍ବାର ଜେଲ ପଠାଇବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

୨୨ ବର୍ଷ ପୂର୍ବର ଗୁଜରାଟ ଦଙ୍ଗା ଇତିହାସକୁ ଲକ୍ଷ୍ୟ କଲେ ସବୁଠୁ ବର୍ବର ଆକ୍ରମଣ ହୋଇଥିଲା ବିଲ୍‌କିସ ବାନୋ ଓ ତାଙ୍କ ପରିବାର ଉପରେ। କିନ୍ତୁ ପ୍ରାରମ୍ଭିକ ତଦନ୍ତ ପ୍ରକ୍ରିୟାରେ ଏହି ମାମଲା ବନ୍ଦ କରିବାକୁ କୋର୍ଟରେ ପୋଲିସ ରିପୋର୍ଟ ଦାଖଲ କରିବା ପରେ ବିଲ୍‌କିସ ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ସହ ମାମଲାର ଗୁରୁତ୍ୱ ଦୃଷ୍ଟିରୁ ତାହାକୁ ମୁମ୍ବାଇ କୋର୍ଟକୁ ସ୍ଥାନାନ୍ତର କରିଥିଲେ। ଗ୍ରେଟର ମୁମ୍ବାଇ କୋର୍ଟ ସିବିଆଇ ଚାର୍ଜଶିଟରେ ଥିବା ୨୦ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଏହି ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ପରେ ୨୦୧୭ରେ ମୁମ୍ବାଇ ହାଇକୋର୍ଟ ଏମାନଙ୍କ ଦଣ୍ଡାଦେଶକୁ କାଏମ ରଖିଲେ। କିନ୍ତୁ ୨୦୨୨ରେ ଏହି ଦୋଷୀମାନଙ୍କୁ ସରକାରୀ ଆଦେଶ କ୍ରମେ ମୁକ୍ତ କରାଯିବା ପରେ ଏହା ବିରୋଧରେ ସୁପ୍ରିମକୋର୍ଟରେ ବିଲ୍‌କିସ ପିଟିଶନ ଦାଖଲ କରିଥିଲେ। ଏହାର ବିଚାର କରି ସୁପ୍ରିମକୋର୍ଟ ଦୋଷୀମାନଙ୍କୁ ପୁଣି ଜେଲ ପଠାଇଦେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ସେମାନେ ଜେଲରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେଖିବାକୁ ଗଲେ ଆଇନର ଶାସନକୁ ଭରସା କରି ତିଷ୍ଠି ରହିଥିବା ଭାରତ ଭଳି ଗଣତାନ୍ତ୍ରିକ ଦେଶରେ ଦୋଷୀମାନଙ୍କୁ ଏଭଳି ମୁକ୍ତ କରାଯିବା କେବେ ଶୁଣାଯାଇନାହିଁ। ତେବେ ଏତିକି କୁହାଯାଇପାରେ, କୋର୍ଟଙ୍କ ରାୟକୁ ସରକାରୀ ସ୍ତରରେ ବଦଳାଇବା ଏବଂ ସୁପ୍ରିମକୋର୍ଟ ସେହି କଥାକୁ ଓଲଟାଇବା ଫଳରେ ପୁଣି ଗୋଟିଏ ବିଶ୍ୱାସ ଉପୁଜିଛି ଯେ, ସମ୍ପୂର୍ଣ୍ଣ ଭାବେ ସବୁ ଜିନିଷ ଶେଷ ହୋଇନାହିଁ। ଏହି ରାୟରୁ ମଧ୍ୟ ସ୍ପଷ୍ଟ ହୋଇଛି ଯେ,ନ୍ୟାୟିକ ବ୍ୟବସ୍ଥାରେ ଧର୍ମ ସମ୍ପ୍ରଦାୟ ଭିତ୍ତିକ ପକ୍ଷପାତର ସ୍ଥାନ ନାହିଁ। ଏବେ ମଧ୍ୟ ନ୍ୟାୟିକ ପ୍ରକିୟା ଉପରେ ଆସ୍ଥା ରହିଛି। ଯାହା ଲାଗୁଛି ଆସନ୍ତା ଦିନରେ ଥରେ ଇଏ, ଥରେ ସିଏ କରିବେ।

# ସେଇ ହଜିଲା ଜିନିଷ



ଡ. ନରେନ୍ଦ୍ର ସେଠୀ

ହଜିଲା ଜିନିଷ ମିଳିଗଲେ ଆମ ସମସ୍ତଙ୍କୁ ଖୁସି ଲାଗେ। ସେହିପରି ବିଶ୍ୱର ବୈଜ୍ଞାନିକମାନେ ବହୁଦିନ ଧରି ଖୋଜୁଥିବା ବ୍ରହ୍ମାଣ୍ଡର ଏକ ଲୁକ୍କାୟିତ ହଜିଲା ତଥ୍ୟକୁ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି। ମିଳିଯାଇଥିବା ବିଶ୍ୱର ସେହି ସବୁଠୁ ଲୁକ୍କାୟିତ ତଥ୍ୟ ବିଷୟରେ ଆସନ୍ତୁ ତର୍ଜମା କରିବା।

ଆମେ ବିଶାଳ ବିଶ୍ୱର କଳ୍ପନାକରି ଆକାଶକୁ ଚାହିଁଲେ ଅନେକ ତାରା, ନେବୁଲା ଓ ଆକାଶଗଙ୍ଗା ଆମକୁ ଅଭିନନ୍ଦନ କରି ଆଖି ଆଗରେ ଦଣ୍ଡାୟମାନ ହୁଅନ୍ତି ଓ ଏମାନେ ସମସ୍ତ ଆଲୋକ ଗ୍ରହଣ ଓ ବିଚ୍ଛୁରିତ କରୁଥିବାରୁ ଏମାନଙ୍କୁ ଆମେ ଦେଖିପାରୁ। ବିଗ୍‌ବ୍ୟାଙ୍ଗ୍‌ରୁ ବିଶ୍ୱର ଜନ୍ମର କଳ୍ପନାକରି ବର୍ତ୍ତମାନର ଆଧୁନିକ ସମୟରେ ପହଞ୍ଚିଲା ବେଳକୁ ବୈଜ୍ଞାନିକମାନେ ବିଶ୍ୱର ଅଧା ବସ୍ତୁତ୍ୱକୁ ଖୋଜି ପାଇବାରେ ଅସମର୍ଥ ହୋଇଥାନ୍ତି। ବୈଜ୍ଞାନିକ ନିୟମ ଓ ଗାଣିତିକ ମାପ ପ୍ରୟୋଗକରି ସହଜରେ ବିଗ୍‌ବ୍ୟାଙ୍ଗ୍ ସମୟରେ ବିଶ୍ୱର ବସ୍ତୁତ୍ୱ କେତେ ଥିଲା ତାହା କଳନା କରାଯାଇପାରେ। ଆଉ ଏକ ଉପାୟ ହେଲା ଆଲୋକ ଓ ବସ୍ତୁତ୍ୱ କିପରି ଏବଂ କେମିତି ମାଧ୍ୟାକର୍ଷଣ ବଳ ପ୍ରଭାବରେ ପ୍ରଭାବିତ ହେଉଛି ତାହା ନିରୀକ୍ଷଣକରି ମଧ୍ୟ ବିଶ୍ୱର ଓଜନ ବିଷୟରେ ଅନୁମାନ ଲଗାଯାଇପାରେ। କିନ୍ତୁ କିଛି ବର୍ଷ ହେଲା ସମଗ୍ର ବିଶ୍ୱର ବସ୍ତୁତ୍ୱ ଅଧ୍ୟୟନ କଲାବେଳେ ବୈଜ୍ଞାନିକମାନେ ବିଶ୍ୱର ଅଧାରୁ ଅଧିକ ବସ୍ତୁତ୍ୱ ଯାହା ବର୍ତ୍ତମାନ ରହିବା କଥା, ତାକୁ ଖୋଜି ପାଇବାରେ ଅସମର୍ଥ ହୋଇଥିଲେ। ଯଦି ଆମେ ବିଶ୍ୱର ବସ୍ତୁତ୍ୱ ହିସାବ କରିବା ତା'ହେଲେ ଆମେ ଦେଖିବା ଯେ ବ୍ଲାକ୍‌ହୋଲ୍, ସବୁ ତାରା ଓ ଗ୍ରହ ଏବଂ ଧୂଳିକଣାକୁ ମିଶାଇ ମାତ୍ର ବିଶ୍ୱର ୨ ପ୍ରତିଶତ ଓଜନ ବହନ କରନ୍ତି। ସେହିପରି ଉତ୍ତପ୍ତ ପ୍ରାକୃତିକ ଗ୍ୟାସ୍ ବିଶ୍ୱର ୬ ପ୍ରତିଶତ ଓଜନ ବହନ କରିଥାଏ ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି। ତେବେ ଆକାଶଗଙ୍ଗା ଭିତରେ ଥିବା ପ୍ଲାଜ୍‌ମା ଓ ଅନ୍ୟ ଉତ୍ତପ୍ତ ବ୍ରହ୍ମାଣ୍ଡୀୟ ମାଧ୍ୟମ ୮ପ୍ରତିଶତ ଓଜନ ବହନ କରୁଛନ୍ତି। ଏସବୁ ମିଶାଇଲେ ଏହା ବିଶ୍ୱର ମାତ୍ର ୧୫ ପ୍ରତିଶତ ଓଜନର ହିସାବ ମିଳେ ଓ ଅବଶିଷ୍ଟ ଓଜନର ହିସାବ ମିଳେନାହିଁ।

୭୦ ଦଶକ ବେଳକୁ ଜ୍ୟୋତିର୍ବିଜ୍ଞାନୀମାନେ ସନ୍ଦେହ କରୁଥିଲେ ଯେ, ଅନ୍ଧକାରମୟ ପଦାର୍ଥ ଯାହା ବିଷୟରେ ଏବେ ମଧ୍ୟ ବିଶେଷ କିଛି ଜଣାପଡ଼େ ବିଶ୍ୱର ଅଧିକାଂଶ ବସ୍ତୁତ୍ୱର ଭାର ବହନ କରୁଛି ଓ



ଅବଶିଷ୍ଟ ବସ୍ତୁତ୍ୱକୁ ବାରିୟନ (ପ୍ରୋଟନ ଓ ନ୍ୟୁଟ୍ରନରେ ଯୁକ୍ତ ପରମାଣୁରେ ତିଆରି ସାଧାରଣ ପଦାର୍ଥ ) ବୋଲି କହିଲେ। ୯୦ ଦଶକରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ୩ଜଣ ବୈଜ୍ଞାନିକ ଗବେଷଣାରୁ ଠିକ୍ ଅନୁମାନ କଲେ ଯେ ଏହି ବାରିୟନ ମାତ୍ର ବିଶ୍ୱର ୫ ପ୍ରତିଶତ ଓଜନ ବହନକରେ। ଯେହେତୁ ପଦାର୍ଥ ବିଜ୍ଞାନର ମୌଳିକ ନିୟମ ଅନୁସାରେ ପଦାର୍ଥକୁ ସୃଷ୍ଟି କରାଯାଇ ପାରିବନାହିଁ କି ତା'ର ବିନାଶ ମଧ୍ୟ କରାଯାଇପାରିବନାହିଁ; ତା'ହେଲେ ବିଶ୍ୱର ଏହି ହଜିଲା ବସ୍ତୁତ୍ୱ ନିଶ୍ଚୟ କୋଉଁଠି ଲୁକ୍କାୟିତ ହୋଇ ରହିଥିବ। ବିଶ୍ୱର ସେହି ନିଖୋଜ ବସ୍ତୁତ୍ୱ ବହୁଚର୍ଚ୍ଚିତ ଅନ୍ଧକାର ପଦାର୍ଥ ନୁହେଁ ବରଂ ପ୍ରୋଟନ ଓ ନ୍ୟୁଟ୍ରନରେ ଯୁକ୍ତ ପରମାଣୁରେ ତିଆରି ସାଧାରଣ ପଦାର୍ଥ ଯାହାକୁ ବୈଜ୍ଞାନିକ ଭାଷାରେ ବାରିୟନ କୁହାଯାଏ। ବହୁ ବର୍ଷ ପର୍ଯ୍ୟନ୍ତ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ବିଶ୍ୱର ଏହି ନିଖୋଜ ବସ୍ତୁତ୍ୱ ବା ବାରିୟନର ସନ୍ଧାନ ଅତି ଶକ୍ତିଶାଳୀ ଟେଲିସ୍କୋପ୍ ଜରିଆରେ ମଧ୍ୟ ମିଳି ନ ଥିଲା, ଯେହେତୁ ଏହି ନିଖୋଜ ବସ୍ତୁ ବିଶ୍ୱର ବିଶାଳତମ ଜାଗାରେ ଏଭଳି ଭାବରେ ପ୍ରସାରିତ ହୋଇ ସାରିଥିଲା ଯେପରି ଗୋଟିଏ ଘର ଭଳି ଆୟତନରେ ଦୁଇଟି ପରମାଣୁ ଥାଏ। ଏହି ନିଖୋଜ ବସ୍ତୁର ଅବଧାରଣା ସର୍ବପ୍ରଥମେ ୧୯୩୦ରେ ବୈଜ୍ଞାନିକ ମାନେ କରିଥିଲେ ଯେତେବେଳକୁ ବୈଜ୍ଞାନିକମାନେ ବୁଝିସାରିଥିଲେ ଯେ ସୂର୍ଯ୍ୟ ସମେତ ସମସ୍ତ ତାରକା କିପରି କାର୍ଯ୍ୟ କରୁଛନ୍ତି, ସେମାଙ୍କର ଆକାର ସମେତ ଆକାଶଗଙ୍ଗା ଗୁଡ଼ିକର ଗତି ଓ କାର୍ଯ୍ୟକାରିତା ବିଷୟରେ ମଧ୍ୟ ବିଜ୍ଞାନ ଧାରଣା କରି ସାରିଥିଲା। କିନ୍ତୁ ସେହି ନିଖୋଜ ପଦାର୍ଥ ଯାହା ଆମର ଦୃଶ୍ୟମାନ ସବୁ ଜିନିଷ ପରି ଅଣୁ ପରମାଣୁରେ ତିଆରି ତାକୁ ଖୋଜିପାରି ନ ଥିଲା।

ନିକଟରେ ମହାକାଶ ବିଜ୍ଞାନୀମାନଙ୍କ ଦ୍ୱାରା ପ୍ରସିଦ୍ଧ ନେଚର ପତ୍ରିକାରେ ପ୍ରକାଶିତ ଏକ ପ୍ରବନ୍ଧରେ ଏହି ନିଖୋଜ ବସ୍ତୁର ସନ୍ଧାନ ମିଳିଥିବାର ଚାଞ୍ଚଲ୍ୟକର ପ୍ରବନ୍ଧ ଆସିଛି। କୋଟି କୋଟି ଆଲୋକବର୍ଷ ଦୂରତାରୁ ଆସିଥିବା କ୍ଷିପ୍ର ରେଡିଓ ତରଙ୍ଗଗୁଚ୍ଛକୁ ଠାବକରି ବୈଜ୍ଞାନିକମାନେ ବିଶ୍ୱର ଏହି ନିଖୋଜ ବସ୍ତୁକୁ ଖୋଜି ପାଇଛନ୍ତି। ବୈଜ୍ଞାନିକମାନଙ୍କ ପୂର୍ବ ଅନୁମାନ ଅନୁସାରେ ଏହି ନିଖୋଜ ବସ୍ତୁ ଆକାଶ ଗଙ୍ଗାଗୁଡିକ ମଝିରେ ଥିବା ଖାଲି ଜାଗାରେ ଅଛି। ୨୦୨୦ରେ ଅଷ୍ଟ୍ରେଲିଆର ମହାକାଶ ବିଜ୍ଞାନୀ ଜେପି ମାକୁରେଟ ଆକାଶଗଙ୍ଗାର ଆରପାଖରୁ ଆସୁଥିବା ଏହି ବିଚ୍ଛୁରିତ କ୍ଷିପ୍ର ରେଡିଓ ତରଙ୍ଗକୁ ଅଧ୍ୟୟନକରି ବିଶ୍ୱର ନିଖୋଜ ବସ୍ତୁକୁ ଠାବକରିପାରିଲେ। ଯେହେତୁ ଏହି କ୍ଷିପ୍ର ରେଡିଓ ତରଙ୍ଗ ଆକାଶଗଙ୍ଗା ଆରପାର୍ଶ୍ୱରୁ ଆସୁଅଛି, ଏହା ନିଶ୍ଚିତ ପୃଥିବୀରେ ପହଞ୍ଚିବା ପୂର୍ବରୁ ବାଟରେ ଆକାଶଗଙ୍ଗାଗୁଡିକ ମଝିରେ ଖାଲି ଜାଗାରେ ଥିବା ନିଖୋଜ ବସ୍ତୁ ସହ ଧକ୍କାଖାଇ ବିଚ୍ଛୁରିତ ହୋଇଥିବ। ଏହାହିଁ ଥିଲା ବିଶ୍ୱର ସବୁଠୁ ମୂଲ୍ୟବାନ୍ ହଜିଲା ଜିନିଷକୁ ଠାବ କରିବାର ଏକ ବହୁ ମୂଲ୍ୟ ଉପାୟ। ସୂଚନାଯୋଗ୍ୟ, ଏହି କ୍ଷିପ୍ର ବିଚ୍ଛୁରିତ ରେଡିଓ ତରଙ୍ଗ ଯାହା ଅନ୍ତରୀକ୍ଷରେ ଏକ ସାଧାରଣ ଘଟଣା, ଅଷ୍ଟ୍ରେଲିଆର ବିଶାଳ ପାଥ୍ ଫାଇଣ୍ଡର ଟେଲିସ୍କୋପ ପ୍ରଥମେ ଠାବକରିଥିଲା। ଏହି ରେଡିଓ ତରଙ୍ଗରେ କିଛି ମିଲି ସେକେଣ୍ଡରେ ଏତେ ଶକ୍ତି ନିର୍ଗତ କରିଥିଲା ଯେ ଯାହା ପାଇଁ ସୂର୍ଯ୍ୟକୁ ୩୦ ବର୍ଷ ଲାଗିପାରେ। ଯେଉଁ ଦ୍ରୁତ ରେଡିଓ ତରଙ୍ଗଗୁଚ୍ଛ ସାହାଯ୍ୟରେ ବୈଜ୍ଞାନିକମାନେ ସଂସାରର ଏହି ହଜିଲା ଜିନିଷର ଠିକଣା ପାଇଲେ ଓ ଏକ ବଡ଼ କଳ୍ପନାଜଳ୍ପନାର ପରିସମାପ୍ତି ଘଟିଲା, ତାହାକୁ ନେଇ ବୈଜ୍ଞାନିକମାନେ ବ୍ରହ୍ମାଣ୍ଡକୁ ଆହୁରି ଭଲ କରି ବୁଝିବାକୁ ଚେଷ୍ଟା କରିବେ।

ସଂସାରର ଅଜଣା ଇଲାକା ଓ କୋଟି କୋଟି ଆଲୋକବର୍ଷ ପୂର୍ବରୁ ଆସୁଥିବା ଏହି ଦ୍ରୁତ ରେଡିଓ ତରଙ୍ଗଗୁଚ୍ଛକୁ ବ୍ୟବହାରକରି ହୁଏତ ଅନେକ ଲୁକ୍କାୟିତ ଜିନିଷର ସନ୍ଧାନ ମିଳିବାକୁ ଯାଉଛି, ଯାହା ବିଷୟରେ ମଣିଷ ଏପର୍ଯ୍ୟନ୍ତ ଜାଣିପାରି ନାହିଁ। ଆକାଶଗଙ୍ଗାଗୁଡ଼ିକୁ ଯୋଡ଼ି ସମଗ୍ର ସଂସାରକୁ ବାନ୍ଧି ରଖିଥିବା ବ୍ରହ୍ମାଣ୍ଡୀୟ କସ୍ମିକ ଜାଲକୁ ବୈଜ୍ଞାନିକମାନେ ଆହୁରି ଭଲ ଭାବେ ମ୍ୟାପିଂ କରିପାରିବେ। ତେଣୁ ଭବିଷ୍ୟତରେ ବ୍ରହ୍ମାଣ୍ଡର ଅଧିକାଂଶ ଭାର ଓ ବସ୍ତୁତ୍ୱ ବହନ କରୁଥିବା ଅଦୃଶ୍ୟ ଅନ୍ଧକାର ପଦାର୍ଥ ଓ ଅନ୍ଧକାର ଶକ୍ତି ବିଷୟରେ ଆହୁରି ବିଶେଷ ତଥ୍ୟ ଉନ୍ମୋଚିତହୋଇ ବିଶ୍ୱବାସୀଙ୍କୁ ଚକିତ କରିବ।

ମୋ: ୭୦୦୪୦୬୮୧୧୦

# ବୋଉର ପୃଥିବୀ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ବୋଉ ସହିତ କଥାବାର୍ତ୍ତା ହେଲାବେଳେ ଥରେ ତାକୁ କହିଲି, ''ତୁ କାହିଁକି ସବୁକଥା ପାଇଁ ଏତେ ବ୍ୟସ୍ତ ହଉ? 'ଅମକର ଅସୁବିଧା', 'ସିଏ ଭାରି କଷ୍ଟରେ ଅଛି', 'ତା' ଘରେ ଗୁଡ଼ାଏ ପାରିବାରିକ ସମସ୍ୟା' ଏଭଳି କେତେ କ'ଣ!''

'ସମୟ ଆସିଲେ ଯାହା ଭାଗ୍ୟରେ ଯାହା ଥିବ, ସେ ବଳେ କରିଯିବନି? ତୁ ଚିନ୍ତା କଲେ କି ରାତି ଅନିଦ୍ରା ହେଲେ କିଛି ସମାଧାନ ହୋଇଯିବ କି; ବରଂ ତୋର ଦେହ ଖରାପ ହେବା ସାର।' ବୋଉର ପୁଣି ଉତ୍ତର, ''ନାଇଁ ଯେ, କ'ଣ ଆଉ କରିବି! ଦୁନିଆ ରହିଲେ କି ଭାସିଗଲେ ମୋର କି ଯାଏ ଆସେ... ମୋର ଦୁନିଆ, ମୋ ପୃଥିବୀ ତ ମୋର ପିଲାମାନେ, ମୋ ପରିବାର, ମୋ ଚାରି ପାଖରେ ଘୂରି ବୁଲୁଥିବା ମୋର ଆତ୍ମୀୟ ଓ ଅନ୍ତରଙ୍ଗ ମଣିଷମାନେ! ସେମାନେ କେମିତି ଭଲରେ ରହିବେ, ତାଙ୍କ କଥା ଶୁଣିବା, ବୁଝିବା ମୋର ଦାୟିତ୍ୱ ଓ କର୍ତ୍ତବ୍ୟ। ଯଦିଓ ମୁଁ ତାଙ୍କ ପାଇଁ କିଛି କରି ନ ପାରେ, ତାଙ୍କ ପାଖରେ ଛିଡା ହୋଇ, ତାଙ୍କୁ ଟିକେ ସମୟ ଦେଇ ସେମାନଙ୍କୁ ଆପଣାର ତ କରିପାରିବି!''

ପାଠକ ବନ୍ଧୁ! ଏ ଥିଲା ପ୍ରତିଟି ବୋଉର ମନ ଗହନ କଥା। ବୋଉମାନଙ୍କର ଏ ବିଶାଳ ପୃଥିବୀର ଘଟଣା, ଖବର ବିଷୟରେ ଜାଣିବାର ସ୍ପୃହା ନ ଥାଏ। କେଉଁ ଦେଶ କାହାକୁ ଆକ୍ରମଣ କଲା, କିଏ ରଣ ଭାରରେ ବୁଡ଼ିଗଲା, କେଉଁଠି ଅପରାଧ, ଅନାଚାର, ଦୁର୍ନୀତି, ଦାରିଦ୍ର୍ୟ ବଢ଼ିଲା ସେସବୁ ତଥ୍ୟ ଓ ସଂଖ୍ୟା ବିଷୟରେ ଜାଣିଲେ ସେମାନଙ୍କର କି ଲାଭ? ବରଂ ପିଲାମାନଙ୍କ ସଂସାରରେ ହସ ଖୁସି ଅଛି କି ନାହିଁ, ସ୍ୱଚ୍ଛନ୍ଦରେ ଚଳିବା ପାଇଁ ଆର୍ଥିକ ସାମର୍ଥ୍ୟ ଅଛି କି ନାହିଁ, ପିଲାଙ୍କର ପିଲାମାନେ ଠିକ୍ ବାଟରେ ଯାଉଛନ୍ତି କି ନାହିଁ, ସେମାନେ ଭବିଷ୍ୟତରେ କ'ଣ କରିବେ ସେ ଦିଗରେ ଯତ୍ନଶୀଳ ଅଛନ୍ତି କି ନାହିଁ ଏହା ହିଁ ତା'ର ଚିନ୍ତା। ଝିଅ ତା' ଶାଶୁଘରେ ଶାନ୍ତିରେ ଚଳୁଛି ତ, ପୁଅକୁ ଦରମା ନିଅଣ୍ଟ ପଡୁନି ତ, ନାତିନାତୁଣୀ ଆସିଲେ କ'ଣ ଭଲ ମନ୍ଦ ଖାଇବେ, ଏଇସବୁ ଯୋଜନା ଓ ପ୍ରସ୍ତୁତିରେ ହିଁ ତାର ମାଆ, ଶାଶୁ, ଆଈ ଓ ଜେଜେମା ରୂପକ ଜୀବନଟି କଟିଯାଏ।

ସମସ୍ତେ ଭାବନ୍ତି ଏସବୁ ବିଷୟରେ ଚିନ୍ତା ବା ଆଲୋଚନା କଲେ ବୋଉର କ'ଣ ଲାଭ? ହେଲେ ବୋଉମାନେ କ'ଣ କେବେ ନିଜ ଲାଭ କଥା ଚିନ୍ତା କରନ୍ତି? ସେମାନେ ତ ସେଇ ସୀମିତ ସଂସାର ଭିତରେ ବ୍ୟସ୍ତ। ସେମାନେ ଜ୍ଞାନୀ, ଗୁଣୀ, ବୁଦ୍ଧିଜୀବୀ ନୁହନ୍ତି ଯେ ଦେଶ, ରାଜ୍ୟ ବା କୌଣସି ଅଞ୍ଚଳର ସମସ୍ୟା ବିଷୟରେ କଥୋପକଥନ କରିବେ କିମ୍ବା ସେଇ ସମସ୍ୟାଗୁଡ଼ିକର ସମାଧାନ ବିଷୟରେ ନିଜର ମତ ରଖିବେ। ଜୀବନ କାଳ ଭିତରେ ନିଜର ସୁଖୀ ଓ ଭରପୂର ପରିବାର ପାଇଁ ଭାବିବା ହିଁ ସେମାନଙ୍କର ଗୋଟିଏମାତ୍ର କାମ।



ବିବାହ କରି ଶାଶୁଘରେ ପ୍ରବେଶ କଲା ଦିନଠୁ ସ୍ୱାମୀ ଘରକୁ ନିଜ ଘର ମନେକରି ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ବନ୍ଧୁବାନ୍ଧବ, କୁଣିଆ ମୈତ୍ର ସମସ୍ତଙ୍କୁ ନିଜର କରିନେବା, ଘର ସମ୍ଭାଳିବା, ବଂଶରକ୍ଷା କରିବା, ସନ୍ତାନମାନଙ୍କର ଉତ୍ତମ ପାଳନ ପୋଷଣ କରି ସେମାନଙ୍କୁ ଜୀବନ ଜିଇବାର କଳା ଶିକ୍ଷା ଦେବା, ଉଚିତ ବ୍ୟବହାର, ସଣ୍ଢଣା ଶିକ୍ଷା ଦେଇ ଜୀବନ ଯୁଦ୍ଧ ପାଇଁ ପ୍ରସ୍ତୁତ କରିବା; ଏସବୁ ପ୍ରତି ବୋଉଙ୍କ ପାଇଁ ଗୋଟିଏ ବିରାଟ ବଡ଼ ଦାୟିତ୍ୱର କାର୍ଯ୍ୟ। ବୋଉମାନେ ଏହା କରିବାରେ ନିଜର ପୂରା ଜୀବନ ବିତେଇ ଦିଅନ୍ତି।

ଆଉ ଗୋଟିଏ ବଡ଼ ଚିନ୍ତାର ବିଷୟ ସୃଷ୍ଟି ହୁଏ ଯେ, ବୋଉ ତା' ପିଲାମାନଙ୍କ ଭିତରେ ପାତରଅନ୍ତର କରେ। କାହାକୁ ଅଧିକ ଭଲ ପାଏ, କିଏ ଅଧିକ ସୁଖୀ ରହୁ ବୋଲି ତା' ପଟିଆ ହୋଇ କଥା ହୁଏ କିମ୍ବା କାହାର ଭୁଲକୁ ଦେଖି ଅଣଦେଖାକରେ? ମାତ୍ର ସତ ହେଉଛି, ବୋଉ ତା' ପ୍ରତି ପିଲାର ଗୁଣ, ଦୋଷ, ଦୁର୍ବଳତା ବିଷୟରେ ଠିକ ଜାଣେ। ଯିଏ ବେଶୀ ଧୈର୍ଯ୍ୟବାନ୍ ତାକୁ ସିଧାସଳଖ ଉତ୍ତର ଦିଏ, ଯିଏ ଟିକେ ଦୁର୍ବଳ ତାକୁ ଟିକେ ଅଧିକା ଗେଲ କରେ, ସାହାଯ୍ୟ କରେ, ଜାଣେ ସେମାନଙ୍କୁ ଟିକେ ସହଯୋଗ ଦରକାର। ସବୁ ପଛରେ ଉଦ୍ଦେଶ୍ୟ କିନ୍ତୁ ଗୋଟିଏ ଯେ ତାର ସବୁ ପିଲା ମିଳିମିଶି ଏକାଠି ଚଳନ୍ତୁ। ସୁଖଦୁଃଖରେ ପରସ୍ପର ପାଇଁ ଠିଆ ହୁଅନ୍ତୁ। ଭିତରେ କିଛି କମ ରହିଥିଲେ ବି ଦୁନିଆ ଆଗରେ ନିଜ ଦୋଷ ଦୁର୍ବଳତା ଧରା ପଡ଼େନାହିଁ। ଏହାହିଁ ମାଆଟିଏର ହୃଦୟର ଗଭୀରତମ ପ୍ରଦେଶରୁ ଏକମାତ୍ର ଇଚ୍ଛା।

ତଥାପି ଏତେସବୁ କଲା ପରେ କିଛି ବୋଉଙ୍କ ଶେଷ ଜୀବନ ବିତେ ନିଃସଙ୍ଗ ଭାବରେ ବା ଜରାଶ୍ରମରେ। ସନ୍ତାନମାନଙ୍କ ସବୁକଥା ବୁଝିବା, ଶୁଣିବା କେବେ ପିଲାଙ୍କ ମନରେ ବିରକ୍ତି ଭରିଦିଏ ତାହା ବୋଉ ବି ଜାଣିପାରେନି। ଯେଉଁ ବୋଉକୁ ନ ପଚାରିଲେ, ତା'ର ମତ ନ ହେଲେ ପିଲାଏ କିଛି କରୁ ନ ଥିଲେ, ଶେଷବେଳକୁ ସେଇ ବୋଉକୁ ଜଣେଇବା କି ଅନୁମତି ନେବା ବି ଜରୁରୀ ମନେହୁଏ ନାହିଁ। ବୋଧେ ଏୟା ହିଁ କାଳର କରାଳ ଗତି, ଯାହା ଅଧିକାଂଶ ବୋଉମାନଙ୍କୁ ମାନିନେବାକୁ ପଡ଼େ, ଭାଗ୍ୟ ବୋଲି ଆଦରି ନେବାକୁ ହୁଏ। ଅନ୍ତରରେ ଦୁଃଖର କୋହ ସତ୍ତ୍ୱେ ତୁଣ୍ଡରେ ପିଲାଙ୍କ ପାଇଁ ଆଶୀର୍ବାଦ ଓ କେବଳ ଆଶୀର୍ବାଦ ହିଁ ବାହାରେ। ବାରମ୍ବାର ହାତଟେକି ସେ ଗୁହାରି କରୁଥାଏ ଯେ ତାର ପରିବାର, ତା' ପିଲାମାନେ ସୁଖରେ ରହନ୍ତୁ। ସତରେ! ବୋଉର ସଂକୁଚିତ ପୃଥିବୀରେ ତା' ପିଲାମାନେ ହିଁ ଆଲୋଚନାର ପ୍ରଥମ ଓ ଶେଷ ବିଷୟ ହୋଇ ରହିଥା'ନ୍ତି।

**ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

ବାହାରେ ଠୁଳ ହେଉଥିବା ବର୍ଜ୍ୟ ଓ ଚିମିନି ଇଟାଭାଟିରୁ ନିର୍ଗତ ବିଷାକ୍ତ ବାଷ୍ପ ପରିବେଶକୁ ପ୍ରଭାବିତ କରୁଛି। ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ଜୀବଜଗତ ଉପରେ ପଡୁଛି। ଏଭଳି ଏକ କ୍ଷତିକାରକ ପରିବେଶ ପ୍ରଦୂଷଣ ରୋକିବା ଲାଗି ଆସାମର ରୁପମ ଚୌଧୁରୀ ଓ ତାଙ୍କ ସାଥୀ ମୌସମ ତାଲୁକଦାର ଓ ଡାଭିଡ ପ୍ରୀତମ୍ ଗୋଗୋଇଙ୍କ ବିକଳ୍ପ ଉଦ୍ୟମ ପ୍ରଶଂସନୀୟ। ସେମାନେ ଏକ ପ୍ରକାର ଇଟା ତିଆରି କରୁଛନ୍ତି; ଯେଉଁଥିରେ ୭୦% ବର୍ଜ୍ୟ ରହୁଛି। ଏହି କାର୍ଯ୍ୟ ସେମାନେ ଜେରୁଣ୍ଡ ବ୍ରିକ୍ସ କମ୍ପାନୀ ମାଧ୍ୟମରେ କରୁଛନ୍ତି। ଥର୍ମାଲ ପ୍ଲାଣ୍ଟରୁ ବାହାରୁଥିବା ଫ୍ଲାଏଆଶ୍, ପ୍ଲାଷ୍ଟିକ ବର୍ଜ୍ୟ ଓ ସିମେଣ୍ଟ ମିଶାଇ ଏହି ଇଟା ପ୍ରସ୍ତୁତ କରାଯାଉଛି। ଇଟା ଚୁଲା ବଦଳରେ ଏହାକୁ ଇଲେକ୍ଟ୍ରି ମେଶିନରେ କରାଯାଉଛି। ଫଳରେ କାର୍ବନ ନିର୍ଗମନ କମ୍ ହେଉଛି। ଏହି ଇଟାର ଓଜନ ସାଧାରଣ ଇଟାଠାରୁ କମ୍ । ୬ଟି ସାଧାରଣ ଇଟା ଆକାର ଯାହା ଏହି ଜେରୁଣ୍ଡ ଇଟାର ଆକାର ତାହା। ଏଣୁ ସାଧାରଣ ଇଟା ତୁଳନାରେ ଏଥିରେ କମ୍ ଖର୍ଚ୍ଚ ହେଉଛି। ୨୦୧୮ରୁ ସେମାନେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେମାନେ ୨.୫ ଲକ୍ଷ ଇଟା ବିକ୍ରି କରିସାରିଲେଣି। ଏହାକୁ ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ ଓ ନାଗାଲାଣ୍ଡରେ ବିକ୍ରି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜାନୁଆରୀ ୧୯୭୫

- ଆଳି ପଞ୍ଚାୟତ ସମିତିର ଗୋବିନ୍ଦପୁର ଦେସାହି ଓ ଡିମିରିପାଳି ପଞ୍ଚାୟତରେ ୨୫ ଜଣ ଲୋକ ହଇଜାରେ ପ୍ରାଣ ହରାଇଛନ୍ତି।
- ଦୈତାରୀ ଖଣି ଷ୍ଟୋର୍‌ରେ ନିଆଁ ଲାଗିବା ଫଳରେ ପ୍ରାୟ ୧୫ ଲକ୍ଷ ଟଙ୍କାର ମୂଲ୍ୟବାନ ଜିନିଷ ପୋଡି ନଷ୍ଟ ହୋଇଯାଇଛି।
- ସୋଭିଏତ୍ ରୁଷିଆରେ ଭାରତର ରାଷ୍ଟ୍ରଦୂତ ଥିବା ଡଃ କୃଷ୍ଣରାଓ ଶିବରାଓ ଶେଲଭାଙ୍କର ସୁରେନ୍ଦ୍ର ନାଥ ଚୋପ୍ରାଙ୍କ ସ୍ଥାନରେ ନରଓ୍ୱେ ପାଇଁ ଭାରତର ନୂତନ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ।

## ଚିରନ୍ତନୀ

ସବୁଠାରୁ ବଡ଼ ସେହି ଲଢ଼େଇର ଡାକ
ରୁଷିଆ-ଭାରତ ବହୁଦେଶ ଘେରି
ଉଠିଛି ଦୁନିଆଯାକ?
ସାମ୍ରାଜ୍ୟବାଦ ଶିଖା
ସେ ଡାକେ ପଡ଼ିଛି ଫିକା।
-(ଅଗଣିତ ଆଗୁଆନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| | | 5 | | 7 | | | | |
| | | 8 | | | | | | 1 |
| 7 | | | 8 | | | | | 4 |
| 9 | | 4 | | | | 5 | 1 | |
| | | | 1 | | | | | 6 |
| | 5 | 9 | 3 | | | | | |
| 4 | | | 2 | | | | 8 | 5 |
| | | | 7 | | 1 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 8 | 2 | 3 | 6 | 9 | 5 | 4 |
| 2 | 6 | 4 | 1 | 9 | 5 | 3 | 7 | 8 |
| 3 | 9 | 5 | 4 | 7 | 8 | 6 | 1 | 2 |
| 6 | 5 | 9 | 8 | 1 | 4 | 2 | 3 | 7 |
| 4 | 3 | 2 | 7 | 5 | 9 | 8 | 6 | 1 |
| 7 | 8 | 1 | 3 | 6 | 2 | 5 | 4 | 9 |
| 8 | 2 | 3 | 6 | 4 | 1 | 7 | 9 | 5 |
| 5 | 4 | 6 | 9 | 8 | 7 | 1 | 2 | 3 |
| 9 | 1 | 7 | 5 | 2 | 3 | 4 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଦି ଭାଷାକୁ ନେଇ ଏତେ ବିବାଦ କାହିଁକି

ମହାଶୟ,

ସମ୍ବଲପୁରୀ ଭାଷାରେ ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା କରିବାକୁ ଏବେ ଏକ ନୂଆ ଆନ୍ଦୋଳନ ଜାରି ରହିଛି । କିନ୍ତୁ ଯେଉଁମାନେ ଏପରି କାମ କରୁଛନ୍ତି ସେମାନେ ନିଶ୍ଚିତ ଭାବରେ ସେଇ ପଶ୍ଚିମ ଓଡ଼ିଶାର ଲୋକ। ସେମାନେ କ'ଣ ଭୁଲି ଯାଇଛନ୍ତି ଯେ ଯେବେଠାରୁ ଏହି ବିଶ୍ୱ ପ୍ରସିଦ୍ଧ ମୁକ୍ତ ରଙ୍ଗମଞ୍ଚରେ ଧନୁଯାତ୍ରା ପରିବେଷଣ କରାଯାଉଛି ସେବେଠାରୁ ବୋଧେ ଏହା ବିନା ସମ୍ବଲପୁରୀ ଭାଷାରେ ହେଉଛି ଓ ଆଜିଯାଏ କୌଣସି ବ୍ୟକ୍ତି ଦିନେହେଲେ ମଧ୍ୟ କୌଣସି ପ୍ରକାରର ଏହାକୁ ବିରୋଧ କରିବା ଦେଖାଯାଇନାହିଁ। ସମସ୍ତେ ଅତି ଆନନ୍ଦରେ ଏହାର ମଜା ଉଠାନ୍ତି । ଏଭଳି ଭ୍ରାନ୍ତ ଦାବିକୁ ସାରା ପଶ୍ଚିମ ଓଡ଼ିଶାର ପ୍ରତ୍ୟେକଟି ସୃଜନଶୀଳ ବ୍ୟକ୍ତିମାନେ ଦୃଢ଼ ଭାବରେ ବିରୋଧ କରିବା ଦରକାର । ଏହା କେବେବି ଗ୍ରହଣୀୟ ନୁହେଁ। ନିକଟରେ କୌଣସି ଏକ ସିନେମାର ଡାଇଲଗକୁ ନେଇ ଏକ ବିରାଟ ବିଭେଦ ସୃଷ୍ଟି ହୋଇଥିଲା, ଏହା ତାହାର କିଛି ଅଂଶ । ପୂର୍ବ ପଶ୍ଚିମ, ଉତ୍ତର, ଦକ୍ଷିଣ ଓଡ଼ିଶାର ଗୋଟିଏ ଗୋଟିଏ ଭାଗ, ଯାହାକୁ ନେଇ ଓଡ଼ିଶା ପ୍ରଦେଶ । ଏହାକୁ ଯଦି ଭାଗ ଭାଗ କରିବାକୁ ଚେଷ୍ଟା କରାଯାଏ ବେଶି ସମୟ ଲାଗିବ ନାହିଁ, କିନ୍ତୁ ସମସ୍ତେ ଯୋଡ଼ି ହୋଇ ରହିଲେ ତା'ର ଯେଉଁ ଶକ୍ତି ମିଳେ ତାହା ଅକଳନୀୟ। ବର୍ତ୍ତମାନ ଆମର ଭେଦଭାବ ମନୋଭାବ ଯୋଗୁ ହିଁ ଆନ୍ଧ୍ର ପ୍ରଦେଶ ତା'ର ସୀମା ପାଖରୁ ମାଡ଼ି ଆସୁଛି,ଏପଟେ ବିହାର ଓ ପଶ୍ଚିମବଙ୍ଗ ଆଜିଯାଏ କେତେକ ଅଞ୍ଚଳ ମାଡ଼ିବସିଛନ୍ତି ଯେ ଛାଡ଼ିବାର ନାହିଁ । ଯଦି ଓଡ଼ିଆ ଜାତି ନିଜର ସମସ୍ତ ପାର୍ଥକ୍ୟକୁ ଭୁଲି ସମୂହ ଭାବରେ ଓଡ଼ିଶାର ଉନ୍ନତି ଚିନ୍ତା କରନ୍ତି ତେବେ କାହାର ସାହସ ନାହିଁ ଆମକୁ ଆଡଆଖିରେ ଚାହିଁବା ପାଇଁ । ମନେରଖିବା ଉଚିତ ଯେ ଆମେ ଉତ୍କଳଗୌରବ ମଧୁସୂଦନ, ପଣ୍ଡିତ ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ, ନୃସିଂହ ଚରଣ ଗୁରୁ , ଡ.କୃପାସିନ୍ଧୁ ଭୋଇଙ୍କ ପରି ମହାପୁରୁଷମାନଙ୍କ ଦାୟାଦ ହୋଇ କିପରି ଏତେ ନୀଚ ଭାବନାରେ ବୁଡିଯିବା ? ଆମେ ନିଜକୁ ସୁଧାରି ନେବା ଦରକାର।

**-ପ୍ରଦୀପ୍ତ କୁମାର କର, ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପାଣିପମ୍ପ ଚୋରି କରି ଯୁବକ ଗିରଫ**

**ଲୋଇସିଂହା,(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ନୁନିଆପାଲି ଗ୍ରାମର ରେଣୁକା ସାହୁଙ୍କ ଘରୁ ସମରସେବୁଲ ପାଣି ପମ୍ପ ଚୋରି ଘଟଣାରେ ପୋଲିସ ଗ୍ରାମର ରଥ ସାହୁ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚୋରି ମୋଟର ଜବତ କରାଯାଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି।

# ସବୁଠି ଶୁଭିଲା ଜୟ ଜଗନ୍ନାଥ ଧ୍ୱନି


ସଦର ବ୍ଲକରେ ଅର୍ପଣ ରଥକୁ ଶୁଭାରମ୍ଭ କରାଯାଉଛି।


ବଲାଙ୍ଗୀର ମ୍ୟୁନିସିପାଲିଟିରେ ଅର୍ପଣ ରଥ ପରିକ୍ରମା କରୁଛି।

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ସୋମବାର ବଲାଙ୍ଗୀର ଜିଲାରେ ପରିକ୍ରମା କରିଛି ଅର୍ପଣ ରଥ। ବଲାଙ୍ଗୀର ମ୍ୟୁନିସିପାଲିଟି, ସଦର ବ୍ଲକ, ଦେଓଗାଁ ଓ ଲୋଇସିଂହା ବ୍ଲକ ଅଫିସ ପରିସରରୁ ବାହାରି ଥିବା ରଥ ବିଭିନ୍ନ ୱାର୍ଡ ଓ ପଞ୍ଚାୟତ ପରିକ୍ରମା କରିଥିଲା। ଏହି ଭ୍ରାମ୍ୟମାଣ ରଥରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ, ଭଜନ ବାଜିଥିଲା। ରଥ ବିଭିନ୍ନ ଗାଁରେ ପହଞ୍ଚିବା ବେଳେ ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଲୋକେ ନିଜ ଘର ସମ୍ମୁଖରେ ମୁରୁଜ ଓ ଚିତା ପକାଇ ରଥକୁ ସ୍ୱାଗତ କରିଥିଲେ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମହିଳାମାନେ ଅକ୍ଷତ ଅରୁଆ ଚାଉଳ, ନଡିଆ ଓ ଟଙ୍କା ପ୍ରଦାନ କରିଥିଲେ।**

ବଲାଙ୍ଗୀର/ଦେଓଗାଁ/ଲୋଇସିଂହା,୮।୧ (ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ/ସୁଶାନ୍ତ ବାରିକ)

ବଲାଙ୍ଗୀର ପୌରାଞ୍ଚଳରେ ଅର୍ପଣ ରଥ ପରିକ୍ରମାର ସୋମବାର ଶୁଭାରମ୍ଭ ହୋଇଛି। ଏହି ଅର୍ପଣ ରଥକୁ ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଓ ପରିଷଦ ପୌର ପରିଷଦ କାର୍ଯ୍ୟନିବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ମାଉସୀ ମା'ମନ୍ଦିର ପରିସରରେ ପୂଜାର୍ଚ୍ଚନା ପରେ ଉଦ୍‌ଘାଟନ କରାଯାଇଥିଲା। ଏଠାରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଲିକେଶ ନାରାୟଣ ସିଂଦେଓ ଓ ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଉପସ୍ଥିତ ଥିଲେ। ଏହି ରଥ ଉଦ୍‌ଘାଟନ ସମୟରେ ସହରର ବହୁ ସ୍ୱୟଂ ସହାୟକ ଗୋଷ୍ଠୀ, ପୌର ପରିଷଦ କର୍ମଚାରୀ, ସଂକୀର୍ତ୍ତନ ମଣ୍ଡଳୀ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସହରରେ ରଥ ପରିକ୍ରମା କରିବା ସମୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବଲାଙ୍ଗୀର ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରିତା ବାଗ ୩ଟି ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ଚୂଡାପାଲି ଡୁଲୁସାର, ମାନହୀରା, ସକମା ପଞ୍ଚାୟତର ବିଭିନ୍ନ ଗାଁ ପରିକ୍ରମା କରିଥିଲା। ଏହି ରଥ ଉଦ୍‌ଘାଟନ ବେଳେ ବିଡିଓ ଶରତ କୁମାର ସେଠୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

ଦେଓଗାଁ ବ୍ଲକ ପରିସରରେ ୭ଟି ଅର୍ପଣ ରଥକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ କ୍ଷମାନିଧି ଭୋଇ ଶୁଭାରମ୍ଭ କରିଥିଲେ। ଏହି ସବୁ ରଥ ବିଭିନ୍ନ ପଞ୍ଚାୟତରେ ପରିକ୍ରମା ଆରମ୍ଭ କରିଛି। ଦେଷଣ୍ଡ ଓ କୁତୁର୍ଲାରେ ଅର୍ପଣ ରଥ ପରିକ୍ରମା ସମୟରେ ବ୍ଲକ କର୍ମଚାରୀଙ୍କ ସହ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଲିକେଶ ନାରାୟଣ ସିଂଦେଓ, ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ବିଜେଡି ନେତା ଉମାଶଙ୍କର ସିଂ, ବିଜେଡି ବ୍ଲକ ଯୁବସଭାପତି ଶୈଳେନ୍ଦ୍ର କୁମାର ସାହୁ, ସମାଜସେବୀ ଶଙ୍କର ପ୍ରସାଦ ଅଗ୍ରୱାଲ, କୁତୁର୍ଲା ସରପଞ୍ଚ ତେଜ ହରପାଲ, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଦେଷଣ୍ଡ ସରପଞ୍ଚ ଯଶୋଦା ମେହେର, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ହିତେଶ ଦଲାଇ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ବୁଦ୍ଧଦେବ ପରୁଆ, ଡମ୍ବରୁଧର ହରପାଲ ପ୍ରମୁଖ ସାମିଲ ହୋଇଥିଲେ।

**ବଲାଙ୍ଗୀର ପୌରାଞ୍ଚଳ, ସଦର ବ୍ଲକ, ଦେଓଗାଁ, ଲୋଇସିଂହାରେ ବୁଲିଲା ଅର୍ପଣ ରଥ**

ଲୋଇସିଂହା ବ୍ଲକ ପରିସରରୁ ୯ଟି ଅର୍ପଣ ରଥ ପରିକ୍ରମା ଆରମ୍ଭ କରିଛି। ଶୁଭାରମ୍ଭ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଡିଓ ଯୁଧିଷ୍ଠିର ମେହେର, ଏବିଡିଓ ବିଜୟ କୁମାର ହୋତା, ଆଇଆଇସି ଯାଜ୍ଞସିନୀ ନାୟକ, ଲୋଇସିଂହା ସରପଞ୍ଚ ନବକିଶୋର ନାଏକ, ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ, ଯୁବନେତା ନିହାର ରଞ୍ଜନ ବେହେରା ପ୍ରମୁଖ ସୁସଜ୍ଜିତ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଡିଓ ମେହେର କହିଥିଲେ ଯେ, ଉକ୍ତ ରଥ ଗାଁଗାଁ ବୁଲି ଲୋକଙ୍କ ମନରେ ଧାର୍ମିକ ଭାବନା ଜାଗ୍ରତ କରିବା ସହ ଗୁଆ ଓ ଚାଉଳ ସଂଗ୍ରହ କରିବ। ପ୍ରଥମ ଦିବସରେ ବୁର୍ଡା ପଞ୍ଚାୟତ ସିଆଲବାହାଲିରୁ ରଥ ବୁର୍ଡା ବସ୍ତି ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସେହିପରି ବାଦିବାହାଲ ପଞ୍ଚାୟତର କଦଳୀପାଲି, ଭାଲୁପାଲି ଓ ଭାଲିଆମୁଣ୍ଡା, ହୀରାପୁର ପଞ୍ଚାୟତର ସେମେଲମୁଣ୍ଡା, ସରେସମୁଣ୍ଡା ଓ ମାଣ୍ଡିଆପଦର, କୁଟେନପାଲି ଓ ପଣ୍ଡରାଣୀରେ ଅର୍ପଣ ରଥ ପରିକ୍ରମା କରିଥିଲା।


ଦେଓଗାଁରେ ଅର୍ପଣ ରଥ ପରିକ୍ରମାରେ ସାମିଲ ଶ୍ରଦ୍ଧାଳୁ।


ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଏବଂ ଅଧିକାରୀ ଅର୍ପଣ ରଥର ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ସ୍କୁଲରୁ ଚାଉଳ ଚୋରି ଘଟଣା, ୩ ଗିରଫ

ଦେଓଗାଁ,୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ପରଧିଆପାଲି ପ୍ରାଥମିକ ବିଦ୍ୟାଳୟରୁ ଚାଉଳ ଚୋରି ଘଟଣାରେ ୩ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପରଧିଆପାଲିର ଜୀବର୍ଦ୍ଧନ ସାହୁ, ସୁଦନ ବୁଡେକ ଓ ପ୍ରକାଶ ଭୋଇ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଡିସେମ୍ବର ୩୦ତାରିଖରେ ବିଡିଘାଟ ପଞ୍ଚାୟତ ଅନ୍ତର୍ଗତ ପରଧିଆପାଲି ସ୍କୁଲ କବାଟ ତାଲା ଭାଙ୍ଗି ୩ କୁଇଣ୍ଟାଲ ୬୩କେଜି ଚାଉଳ ଚୋରି ହୋଇଥିଲା। ନବବର୍ଷ ଛୁଟି ପରେ ୩ତାରିଖ ସ୍କୁଲ ଖୋଲିବା ପରେ ଚାଉଳ ଚୋରି ହୋଇଥିବା ଜାଣି ସ୍କୁଲ ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ବନ୍ଧପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(୩/୨୪)ରୁଜୁ ହୋଇଥିଲା।

### ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର

**୩ ଶିକ୍ଷକଙ୍କ ଡେପୁଟେସନ ବନ୍ଦ ଦାବି**

କଣ୍ଟାବାଞ୍ଜି, ୮।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚଟୁଅନକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବଜନିତ କାରଣରୁ ଶିକ୍ଷାଦାନରେ ଅବ୍ୟବସ୍ଥା ଦେଖାଦେଇଛି। ଏହାର ପ୍ରତିବାଦ କରି ଛାତ୍ରୀଛାତ୍ରମାନେ ସୋମବାର ସ୍କୁଲରେ ତାଲା ପକାଇ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସହଦେବ ପନିକା ସାମିଲ ହୋଇଥିଲେ। ପରେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଛାତ୍ରୀଛାତ୍ର। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ୩୯୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ୧୭ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଡେପୁଟେସନରେ ପଠାଯାଇଛି। ଜଣେ ଶିକ୍ଷୟିତ୍ରୀ ନୋୱାର୍କ ନୋ ପେ ଅଛନ୍ତି। ଏଭଳି ସ୍ଥିତିରେ ଦଶମ ଶ୍ରେଣୀ ଏବଂ ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ର ପାଠପଢା ଗୁରୁତର ବାଧାପ୍ରାପ୍ତ ହେଉଛି। ଡେପୁଟେସନ ପ୍ରତ୍ୟାହାର କରିବା ସହ ନୋ ୱାର୍କ ନୋ ପେ ରେ ଥିବା ଶିକ୍ଷୟିତ୍ରୀଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତ କରିବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଜାତୀୟ ରାଜପଥ କଡ଼ରେ ଏହି ବିଦ୍ୟାଳୟ ଥିବା ଯୋଗୁ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ପାଇଁ ରାସ୍ତାରେ ଗାଡି ମୋଟର ଯିବା ଆସିବା ଅସୁବିଧା ହୋଇଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

### ଦୁଇ ବାଇକ ମୁହାଁମୁହିଁ, ଜଣେ ମୃତ

ଦେଓଗାଁ, ୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତଥା ପୁଇଁତଳା ଥାନା ଅଧିନ ଭରତବାହାଲ ନିକଟ ଡୁମେରପାଲି ଛକଠାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦିକସନ ପୋଢ (୧୯)। ସୂଚନାନୁସାରେ ଦେଓଗାଁ ଥାନା ଅନ୍ତର୍ଗତ ପୋଢପରା ଗ୍ରାମର ଦିକସନ ରବିବାର ତାଙ୍କ ମାମୁ ଘର ଭରତବାହାଲରୁ ଆଶିଷ ପୋଢଙ୍କ ସହ ବାଇକରେ ଫେରୁଥିବାବେଳେ ଡୁମେରପାଲି ଛକଠାରେ ସଦର ଥାନା ଅଧିନ ଡୁଙ୍ଗୁରିପାଲି ଗ୍ରାମର ଜଣେ ଯୁବକଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ଜଣ ଯାକ ଛିଟିକ ପଡି ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିକସନଙ୍କର ସୋମବାର ମୃତ୍ୟୁ ଘଟିଛି। ପୁଇଁତଳା ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ, ୩ଗିରଫ

ଖପ୍ରାଖୋଲ,୮।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଓଡ଼ିଆପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ କୁନୁ ବରିହା(୫୮)ଙ୍କୁ ରବିବାର ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣର ଶିକାର ପୂର୍ବତନ ସରପଞ୍ଚଙ୍କ ପୁଅ ଶଙ୍କର ବରିହାଙ୍କ ଅଭିଯୋଗକୁ ଭିତ୍ତି କରି ଖପ୍ରାଖୋଲ ଥାନାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ନିର୍ଯ୍ୟାତନା ନିରୋଧ ଆଇନ ସମେତ ବିଭିନ୍ନ ଦଫାରେ ଏକ ମାମଲା(୫/୨୪)ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଆଧାରରେ ବର୍ତ୍ତମାନର ସରପଞ୍ଚଙ୍କ ସାମୀ ସୁବାଷ ଛୁରା(୩୫), ତାଙ୍କ ସହଯୋଗୀ ମଞ୍ଜନ ନିଆଲ(୩୩)ଓ ବୁଲୁ ହଂସ(୨୫)ଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପୂର୍ବଶତ୍ରୁତାରୁ ଆକ୍ରମଣ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁସାରେ ପୂର୍ବତନ ସରପଞ୍ଚ କୁନୁ ବରିହା ରବିବାର ସନ୍ଧ୍ୟାରେ ନିଜ ଗାଁ କପସିପାଲି ବସ୍‌ଷ୍ଟାଣ୍ଡ ନିକଟରେ ଛିଡ଼ା ହୋଇଥିବା ବେଳେ କପସିପାଲି ଗାଁର ସୁବାସ ଓ ତାଙ୍କ ସହଯୋଗୀ ମଞ୍ଜନ ଓ ବୁଲୁ ଅତର୍କିତଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ବରିହା ଅଚେତ ହୋଇ ପଡ଼ିଥିଲେ।

### କଲଭର୍ଟ ନିର୍ମାଣ ପରେ ରାସ୍ତାକାମ କର

**ଆରମ୍ଭ ହୋଇଥିବା କାମକୁ ବନ୍ଦ କଲେ**

ଲାଠୋର, ୮।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ରାଧାକୃଷ୍ଣ ମନ୍ଦିର ନିକଟ ପିଡ଼୍‌କ୍ୟୁଡ଼ି ରାସ୍ତାଠାରୁ ତଳିପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ସୋମବାର ଆରମ୍ଭ କରାଯାଇଥିଲା। ହେଲେ ସେଠାରେ କଲଭର୍ଟ ନିର୍ମାଣ ପରେ ରାସ୍ତା କାମ କରିବାକୁ ପଡ଼ାର କେତେଜଣ ବ୍ୟକ୍ତି କହି କାମକୁ ବନ୍ଦ କରି ଦେଇଥିଲେ। ଦୀର୍ଘ ୧୦ ବର୍ଷ ହେବ ପିଡ଼୍‌କ୍ୟୁଡ଼ି ରାସ୍ତାରୁ ତଳିପଡ଼ା ପର୍ଯ୍ୟନ୍ତ ୨୦୦ ମିଟର ରାସ୍ତା ଶୋଚନୀୟ ହୋଇ ପଡ଼ିଥିଲା। ସମସ୍ୟାର ସମାଧାନ ପାଇଁ ଲାଠୋର ଗ୍ରାମ ପଞ୍ଚାୟତ ପାଣ୍ଠିରୁ ୨ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ରାସ୍ତା କାମ କରାଯାଉଥିଲା। ହେଲେ ସେଠାରେ କଲଭର୍ଟ ନିର୍ମାଣର ଆବଶ୍ୟକତା ରହିଥିବା କହି କାମ ବନ୍ଦ କରି ଦିଆଯାଇଛି। ଅପରପକ୍ଷେ ଅନ୍ୟ କେତେକ ଲୋକ କାମ ବନ୍ଦ ନ କରି କରାଯାଉ ବୋଲି ଦାବି କରିଛନ୍ତି। ଏନେଇ ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଟଣାଓଟରା ଯେପର୍ଯ୍ୟନ୍ତ ସମାଧାନ ନ ହୋଇଛି ସେ ଯାଏ ଆଉ କାମ କରାଯିବ ନାହିଁ ବୋଲି କହିଛନ୍ତି।

## ବିଷ ପିଇ ପରିବା ଚାଷୀଙ୍କ ଆତ୍ମହତ୍ୟା

ଲୋଇସିଂହା,୮।୧(ସୁଶାନ୍ତ ବାରିକ)

ଅଦିନିଆ ବର୍ଷାରେ ପରିବା କ୍ଷତି ହେବାରୁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅନ୍ତର୍ଗତ ଗଣ୍ଡପାଲି ଗ୍ରାମର ଚାଷୀ ନିର୍ମଳ ବାଗ(୬୧) ସୋମବାର ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି। ଅଭିଯୋଗ ଅନୁଯାୟୀ, ନିର୍ମଳ ନିଜର ୩ଏକର ଜମିରେ କୋବି, ବାଇଗଣ, ଟମାଟ ଆଦି ପରିବା ଚାଷ କରିଥିଲେ। ଅଦିନିଆ ବର୍ଷାରେ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ସେ ସ୍ଥାନୀୟ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଫସଲ କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ସରକାରୀ ଅଧିକାରୀ ତାଙ୍କ ଦୁଃଖ ଶୁଣି ନ ଥିଲେ। ଏଥିପାଇଁ ସେ ଚିନ୍ତାଗ୍ରସ୍ତ ରହୁଥିଲେ। ସୋମବାର ସକାଳେ ଲଟାମରା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ପୁତୁରା ଗଣମାଧ୍ୟମକୁ କହିଛନ୍ତି।

## ପଲିଥିନ ବର୍ଜନ ସଚେତନତା ଶୋଭାଯାତ୍ରା

**ଟିଟିଲାଗଡ଼,୮।୧(ଶରତ ମିଶ୍ର):** ଟିଟିଲାଗଡ଼ ବନାଞ୍ଚଳ ପକ୍ଷରୁ ପଲିଥିନ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବନ କର୍ମଚାରୀ, ଛାତ୍ରୀଛାତ୍ର, ବନ ସୁରକ୍ଷା ସମିତି ସଦସ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରି ପର୍ଯ୍ୟଟନ କ୍ଷେତ୍ର କୁମୁଡା ଶିବ ମନ୍ଦିରରେ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ପରେ ସ୍ଥାନୀୟ ପାର୍କ ପରିସରକୁ ପଲିଥିନମୁକ୍ତ କରିଥିଲେ। ବନାଞ୍ଚଳ ଅଧିକାରୀ ଲିଙ୍ଗରାଜ ଭୋଇ, ବନପାଳ ସୁରେନ୍ଦ୍ର ମହାରଣା, ଅଜୟ ମହାନ୍ତି, ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନସିସି ଅଧିକାରୀ ବେଦବର ରଣା ସାମିଲ ହୋଇଥିଲେ।

## ମହିଳାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ନଥିଲା: ନରସିଂହ

**ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳାଙ୍କୁ ଅପମାନ ଅଭିଯୋଗ ପ୍ରସଙ୍ଗ**



■ଘରବୋହୂଙ୍କୁ ନିର୍ଯାତନା ଦେଇଥିବା ନେତାଙ୍କୁ ଲୋକେ ଚିହ୍ନିଛନ୍ତି

ବଲାଙ୍ଗୀର,୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ମହିଳାମାନଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ବିଧାୟକ ନରସିଂହ ମିଶ୍ରଙ୍କ ନାମରେ ସ୍ଥାନୀୟ ବିଜେଡିର କେତେଜଣ ମହିଳା ନେତ୍ରୀ ରବିବାର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରିଥିଲେ। ଗତ ୩ ତାରିଖ ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳାଙ୍କୁ ଭଡାଟିଆ ବୋଲି କହିଥିବା ଅଭିଯୋଗ କରି ଖବରଦାତା ସମ୍ମିଳନୀରେ ବିଧାୟକ ମିଶ୍ରଙ୍କୁ ସମାଲୋଚନା କରିଥିଲେ। ସୋମବାର ଗଣମାଧ୍ୟମରେ ଜବାବ ରଖିଛନ୍ତି ବିଧାୟକ ମିଶ୍ର। ସେ କହିଛନ୍ତି ଯେ, କୌଣସି ମହିଳାଙ୍କୁ ସେ ଭଡାଟିଆ ବୋଲି ସମ୍ବୋଧନ କରିନାହାନ୍ତି କି ଆକ୍ଷେପ କରିନାହାନ୍ତି। ସେଦିନ ସଭାରେ ମୁଁ କହିଲାବେଳେ ଯେଉଁମାନେ ପାଟିତୁଣ୍ଡ କରୁଥିଲେ ସେମାନଙ୍କୁ ଭଡାଟିଆ ବୋଲି କହିଥିଲି। ଯଦି ମନ୍ଦିର ଭିତରେ କିଏ ବୋଲି କହିଲେ ନା ମୁଁ କଦଳୀ ଖାଇନାହିଁ ବୋଲି କହିବେ ତେବେ ମୁଁ ନାଚାର। ଏହାସତ୍ତ୍ୱେ ଯଦି କେହି ମହିଳା ଦୁଃଖିତ ହୋଇଛନ୍ତି ତେବେ ମୁଁ ଦୁଃଖ ପ୍ରକାଶ କରୁଛି। ଯେଉଁ ଦଳର ନେତୃବୃନ୍ଦ ତାଙ୍କ ପରିବାର ଉପରେ ନାରୀ ନିର୍ଯାତନା କରନ୍ତି ଏବଂ ତାଙ୍କ ନାଁରେ ଫୌଜଦାରୀ ମାମଲା ରୁଜୁ ହୋଇଛି। ସେଇ ଦଳର ନେତାମାନଙ୍କ କ'ଣ ଅଧିକାର ଅଛି ନାରୀ ଅପମାନ ଉପରେ କହିବାର। ସେମାନଙ୍କୁ ଲୋକେ ଚିହ୍ନିଛନ୍ତି। ସେଦିନ ସଭାରେ ଜିଲାପାଳ, ଏସ୍‌ପି, ଆଇଜି, ମୁଖ୍ୟମନ୍ତ୍ରୀ ସମସ୍ତେ ଥିଲେ। ଯଦି ତାଙ୍କୁ ଏହା ବାଧିଥିଲା ସେଦିନ ସେମାନେ ବିରୋଧ କରିଥାନ୍ତେ। ଯେଉଁମାନେ ସେଠାରେ ପାଟିତୁଣ୍ଡ କରୁଥିଲେ ସେମାନେ ମହିଳା ନୁହନ୍ତି। ମୋର ସେଦିନର ବକ୍ତବ୍ୟ ରାଜ୍ୟରେ ଚହଳ ପକାଇଥିଲା। ସେଥିରେ ଶାସକ ଦଳର କିଛି କ୍ଷତି ହୋଇଛି। ଏଣୁ ୩ ତାରିଖର ଘଟଣାକୁ ୭ରେ ଅଭିଯୋଗ କରିଛନ୍ତି। ରାଜନୀତକୁ ଦୃଷ୍ଟିରେ ରଖି ସେମାନେ ଏଭଳି କରିଛନ୍ତି ବୋଲି ବିଧାୟକ ମିଶ୍ର ପ୍ରତିକ୍ରିୟା ରଖିଥିଲେ।

**ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

## ନାଟକ ଗୁଡମର୍ଣ୍ଣିଂ ମଞ୍ଚସ୍ଥ


ଅତିଥିମାନେ ଡା. ସରୋଜ କୁମାର ପାଣିଗ୍ରାହୀଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।


କୋଶଲୀ ନାଟକ ଗୁଡମର୍ଣ୍ଣିଂର ଏକ ଦୃଶ୍ୟ।

ବଲାଙ୍ଗୀର,୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ସୋମବାର ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ନୂଆ ରଙ୍ଗମଞ୍ଚରେ ବରଗଡ ଜିଲା ଭଟଲି ନବଜ୍ୟୋତି ଶିକ୍ଷା ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ କୋଶଲୀ ନାଟକ ଗୁଡମର୍ଣ୍ଣିଂ ମଞ୍ଚସ୍ଥ ହୋଇଥିଲା। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟ ସଭାରେ ଅତିଥି ଭାବେ ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ଋଷିକେଶ ଖିଲାରୀ ମଞ୍ଚାସୀନ ହୋଇଥିଲେ। ଏମ୍‌ପି ସଂଦେଓ ମଠଖାଇ ମହୋତ୍ସବ କମିଟିର ଉଦ୍ୟମକୁ ସାଧୁବାଦ୍ ଦେଇ ନାଟକ ମାଧ୍ୟମରେ ସମାଜ ସଂସ୍କାର ଏକ ମହତ୍ତର କାର୍ଯ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରର କଳା, ସଂସ୍କୃତି ଉତ୍କର୍ଷ ବୋଲି କହିବା ସହ ନାଟକ ସାମାଜିକ ସାଂସ୍କାର ପାଇଁ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ଏସ୍‌ପି ଖିଲାରୀ ତାଙ୍କ ବକ୍ତବ୍ୟରେ ନାଟକ ମହୋତ୍ସବର ଆୟୋଜନ ଏକ ସାଂସ୍କୃତିକ ଆନ୍ଦୋଳନ ବୋଲି କହିଥିଲେ। ମହୋତ୍ସବ ଅଧ୍ୟକ୍ଷ ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ନାଟକ ମାଧ୍ୟମରେ ସାମାଜିକ ବିକାଶକୁ ପ୍ରାଥମିକତା ଦିଆଯାଇଛି। ଅନେକ କିଛି ଶିଖିବାକୁ ମିଳୁଛି ବୋଲି କହିଥିଲେ। ଏହି ଅବସରରେ ଲୋକଙ୍କୁ ମାଗଣାରେ ହୋମିଓପାଥିକ ସେବା ଯୋଗାଇ ଆସୁଥିବା ଡା ସରୋଜ କୁମାର ପାଣିଗ୍ରାହୀଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଆଜିର ମଞ୍ଚକୁ ଦିବଙ୍ଗତ ନାଟ୍ଯକାର ଶୈଳେନ୍ଦ୍ର ଆଚାର୍ଯ୍ୟଙ୍କ ସ୍ମୃତିରେ ସମର୍ପିତ କରାଯାଇଥିଲା। ଅତିଥିମାନେ ଦିବଙ୍ଗତ ନାଟ୍ୟକାର ଆଚାର୍ଯ୍ୟଙ୍କ ପରିବାରକୁ ସମର୍ପଣ ପତ୍ର ଦେବା ସହ ମଞ୍ଚରେ ସମ୍ମାନିତ କରିଥିଲେ। ସଭାକୁ ଅଖିଳ ଚନ୍ଦ୍ର ହୋତା ସଂଯୋଜନା କରିଥିଲେ। ଶେଷରେ ସଙ୍ଗୀତଜ୍ଞ ମୁରଲୀଧାରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ବିଶିଷ୍ଟ ନାଟ୍ୟକାର ନକୁଳ ବାଦୀଙ୍କ ରଚିତ ଏବଂ ସନ୍ତୋଷ କୁମାର ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ ଗୁଡମର୍ଣ୍ଣିଂ ମଞ୍ଚସ୍ଥ ହୋଇଥିଲା। ଅନ୍ଧାର ଭିତରେ ରହିଥିବା ଲୋକେ ସକାଳକୁ ଅପେକ୍ଷା କରନ୍ତି। ସକାଳ ପାଇଁ ଆତୁର ହୁଅନ୍ତି। ଖୋଜନ୍ତି। ସକାଳ କହିଦିଏ ଦିନଟି କିପରି ହେବ। ଏଣୁ ମଣିଷ ମାନେ ଶୁଭ ସକାଳ ବା ଗୁଡମର୍ଣ୍ଣିଂ ବୋଲି କହିଥାନ୍ତି। ଅନ୍ଧାର ଭିତରୁ ଶୁଭ ସକାଳର ଯାତ୍ରାକୁ ଅପେକ୍ଷାରତ ଲୋକେ ଅନେକ କିଛି ଆଶା କରିଛନ୍ତି। ସେମାନଙ୍କ ସ୍ୱପ୍ନ ଓ ସଂକଳ୍ପର ଦିନଟିଏ, ସମାଜଟିଏ, ସମୁହଟିଏ ଖୋଜୁଛନ୍ତି। ସେମାନଙ୍କ ଖୋଜିବା ଭଳି ସମାଜ ମିଳିବାର ବିଷୟକୁ ନେଇ ଗତିଶୀଳ ନାଟକ ଗୁଡମର୍ଣ୍ଣିଂର କାଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଚମତ୍କୃତ କରିଦେଇଥିଲା। ନାଟକକୁ ଶତାଧିକ ଲୋକେ ଉପଭୋଗ କରିଥିଲେ।

**ଡା. ସରୋଜ କୁମାର ପାଣିଗ୍ରାହୀଙ୍କୁ ମଠଖାଇ ସମ୍ମାନ**

## ସଂକ୍ଷେପରେ

### କଂଗ୍ରେସ ସଙ୍ଗଠନ ମଜଭୁତ କରାଯିବ

ପଦ୍ମପୁର,୮।୧(ପ୍ରଦୀପ୍ତ ଦାଶ): ପଦ୍ମପୁର ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକରେ କଂଗ୍ରେସ ସଙ୍ଗଠନକୁ କିପରି ମଜଭୁତ କରାଯିବ ସେ ନେଇ ଦଳ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା ବିନୋଦ ବିଶ୍ୱାଳ, ବରଗଡ଼ ଜିଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଗଜରାଜ ସିଂ ପୁଟା ସୂଚନା ଦେଇ କହିଛନ୍ତି, ପଦ୍ମପୁର ନିର୍ବାଚନ ମଣ୍ଡଳୀର ୩ ବ୍ଲକରେ କଂଗ୍ରେସ ସଙ୍ଗଠନକୁ ସଜଡାଯିବ। ଆଗାମୀ ଦିନରେ ଦଳ ଚାଷୀ, ମଣ୍ଡିରେ ଧାନ ବିକ୍ରି, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଶ୍ୱାଳ ସୂଚନା ଦେଇଥିଲେ ।

### ଯମୁନା କନ୍ଧୁଣୀ ସ୍କୁଲରେ ମିଲେଟ କର୍ମଶାଳା

ପାଇକମାଲ,୮।୧(ବଡ ଶତପଥୀ): ବରଗଡ଼ ଜିଲା ପାଇକମାଲ ବ୍ଲକର ଯମୁନା କନ୍ଧୁଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତିର ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପାଇକମାଲ ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି, ୱାସନ୍‌ର ରିଜିଓନାଲ କୋର୍ଡିନେଟର ପ୍ରିୟରଞ୍ଜନ ବିଶ୍ୱାଳ, ସମାଜସେବୀ ବଡ଼ ଶତପଥୀ, ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ୱାସନ୍‌ର ଜିଲା ସଂଯୋଜକ ନାରାୟଣ ପାଣଗ୍ରାହୀ ଓ ସବ୍ୟସାଚୀ ହନୁମାନ, ସ୍ୱୟଂପ୍ରଭା ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମିଲେଟ ମିଶନ ତରଫରୁ ମାଣ୍ଡିଆ ଜାତୀୟ ପୁଷ୍ଟିଶସ୍ୟ ଖାଦ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ଶିବ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ରାକେଶ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭୁବନେଶ୍ୱର ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଯମୁନା କନ୍ଧୁଣୀ ହାଇସ୍କୁଲର ଛାତ୍ରୀ ପ୍ରିୟାରାଣୀ ଦାସ ଓ ଆଫ୍ରୀନ ବାନୋ ପୁରସ୍କୃତ ହୋଇଥିଲେ। ଉଭୟ ଛାତ୍ରୀଙ୍କୁ ଆଜିର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ପ୍ରକାର ଦେଶୀ ବିହନ ଓ ମାଣ୍ଡିଆ ଜାତୀୟ ବିହନ ପ୍ରଦର୍ଶିତ ହୋଇଥିଲା। ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପିକା ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରେଳ ଲାଇନ୍ ଟ୍ରାକ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ନୂଆପଡ଼ା,୮।୧(ମକାରୁ ବେମାଲ): ରାୟପୁର-ବିଶାଖାପାଟନାମ ରେଲୱେ ଲାଇନ ଟ୍ରାକରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ନୂଆପଡା ରେଲଷ୍ଟେସନ ଠାରୁ ୩ କି.ମି. ଦୂରରେ ଭେରା ଗାଁ ନିକଟ ରେଲଲାଇନ ଟ୍ରାକରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ନୂଆପଡା ସଦର ପୋଲିସଙ୍କୁ ଖବର ଦେଇଥିଲେ। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୋଲିସକୁ ଖବର କରିଥିଲା। ରେଲୱେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହ ଚିହ୍ନଟ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ଜଣାପଡିନାହିଁ, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ରେଲୱେ ପୋଲିସ ସୂତ୍ରରୁ ପ୍ରକାଶ।



ଭଟଲି ବ୍ଲକ କେଶାଇପାଲି ମନ୍ଦିର ପ୍ରାଙ୍ଗଣରେ ଜୟ କିଷାନ ଆନ୍ଦୋଳନର ଏକ କର୍ମୀ ସମ୍ମିଳନୀରେ ଉପସ୍ଥିତ କୃଷକ ପ୍ରତିନିଧି।

# ୧୮ରେ କୃଷକଙ୍କ ବିଶାଳ ବିକ୍ଷୋଭ ସମାବେଶ

**ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣ, ଧାନ ବିକ୍ରି ସମସ୍ୟାର ପ୍ରତିବାଦ**

ବରଗଡ଼,୮।୧(ପ୍ରେମାନନ୍ଦ ଖମାରୀ)

ବିଦ୍ୟୁତ କ୍ଷେତ୍ରର ଘରୋଇକରଣ, ଧାନ ବିକ୍ରି ସମସ୍ୟାକୁ ନେଇ କୃଷକ ମହଲରେ ଅସନ୍ତୋଷ ବଢୁଛି। ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି କ୍ରମରେ ଆସନ୍ତା ଜାନୁୟାରୀ ୧୮ ତାରିଖରେ ଭଟଲି ବ୍ଲକରେ ଜୟ କିଷାନ ଆନ୍ଦୋଳନ ତରଫରୁ ଏକ କୃଷକ ବିକ୍ଷୋଭ ସମାବେଶ କାର୍ଯ୍ୟକ୍ରମର ଆହ୍ୱାନ ଦିଆଯାଇଛି। ଭଟଲି ବ୍ଲକ ଅନ୍ତର୍ଗତ କେଶାଇପାଲି ମନ୍ଦିର ପ୍ରାଙ୍ଗଣରେ ରବିବାର ଜୟ କିଷାନ ଆନ୍ଦୋଳନର ଏକ କର୍ମୀ ସମ୍ମିଳନୀରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନର ବ୍ଲକ ସଭାପତି ମାନଭଞ୍ଜନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସମ୍ମିଳନୀରେ ଭଟଲି ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରୁ କୃଷକମାନେ ଯୋଗ ଦେଇଥିଲେ। ବିଜୁଳି କ୍ଷେତ୍ରର ଘରୋଇକରଣ, ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଜୁଲୁମ୍, ଧାନ ବିକ୍ରି ସମସ୍ୟା ଉପରେ ବିଶଦ ଆଲୋଚନା କରାଯାଇଥିଲା। ପଡୋଶୀ ଛତିଶଗଡ଼ରେ କୃଷକ ପ୍ରତିବର୍ଷ ଧାନର ବୋନସ୍ ପାଇବା ସହ ଅତି ସୁରୁଖୁରୁରେ ଫସଲର ମୂଲ୍ୟ ପାଇପାରୁଥିବା ବେଳେ ଓଡିଶା ସରକାର ଏଯାଏ ଟଙ୍କାଟିଏ ମଧ ବୋନସ୍ ଦେଉନାହିଁ। ଧାନ ବିକ୍ରି ବ୍ୟବସ୍ଥାକୁ ଦଲାଲ ଏବଂ ମିଲ୍ ମାଲିକଙ୍କ ହାତରେ ଟେକି ଦେଇଥିବା ଅଭିଯୋଗ ହୋଇଥିଲା। ଏପରି ପରିସ୍ଥିତିରେ କୃଷକ ସ୍ମାର୍ଟ ମିଟରରେ ବିଦ୍ୟୁତ୍ ବିଲ୍ ଦେଇ ଚାଷ କରିବା କଷ୍ଟକର ହୋଇଛି ବୋଲି ମତପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୧୮ ତାରିଖରେ ଭଟଲି ତହସିଲ କାର୍ଯ୍ୟାଳୟଠାରେ ଏକ ବିକ୍ଷୋଭ ସମାବେଶ ଆୟୋଜନ କରିବା ପାଇଁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀରେ ବରିଷ୍ଠ ଚାଷୀନେତା ତଥା ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆ, ବିଜୟ ପ୍ରଧାନ, ସତ୍ୟବାନ ନାୟକ, ମନବୋଧ ନାୟକ, ଅକ୍ଷୟ ସାହୁ, ଦେବେନ୍ଦ୍ର ପ୍ରଧାନ, ଜନ୍ମେଜୟ ଠାକୁର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋପେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଗଡ଼ିଲା ଅର୍ପଣ ରଥ

ବରଗଡ଼,୮।୧(ପ୍ରେମାନନ୍ଦ ଖମାରୀ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବରଗଡ଼ ବ୍ଲକରୁ ସୋମବାର ୮ଟି ଅର୍ପଣ ରଥ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ପାଇଁ ଶୁଭାରମ୍ଭ ହୋଇଛି । ବିଡ଼ିଓ ସୁରଜ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ଯୋଗଦେଇ ଅର୍ପଣ ରଥ ପ୍ରତି ପଞ୍ଚାୟତ ଓ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କଠାରୁ ଚାଉଳ, ଗୁଆ ସଂଗ୍ରହ କରିବ ବୋଲି କହିଥିଲେ। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ପ୍ରତି ପଞ୍ଚାୟତ ଓ ଗ୍ରାମରୁ ସଂଗୃହୀତ ଚାଉଳ, ଗୁଆ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦ୍ଦେଶ୍ୟରେ ପ୍ରେରଣ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ପ୍ରଥମ ଦିନରେ ଅର୍ପଣ ରଥ କଟାପାଲି, ବରଗାଁ, ଗାଇସୀମା ଓ ତୁମଗାଁ ପଞ୍ଚାୟତ ପରିକ୍ରମା କରିଥିଲା।



ବରଗଡ଼ରୁ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରାଯାଉଛି।

## ଇନ୍ଦ୍ରାବତୀରୁ ରବି ଚାଷ ପାଇଁ ଛଡ଼ାଗଲା ଜଳ

ଭବାନୀପାଟଣା,୮।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଇନ୍ଦ୍ରାବତୀରୁ ସୋମବାର ଚଳିତ ରବି ଚାଷ ପାଇଁ ଜଳସେଚନ ଆରମ୍ଭ ହୋଇଛି। ଏଥିରେ ଇନ୍ଦ୍ରାବତୀ ବାମ, ଦକ୍ଷିଣ ଓ ମେଗା ଲିଫ୍ଟ କେନାଲ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଣ କରାଯାଇଛି। ଇନ୍ଦ୍ରାବତୀ ଜଳସେଚନ ଜିଲାର ଅର୍ଥନୀତି ଓ କର୍ମ ଯୋଗାଣ କ୍ଷେତ୍ରରେ ଜୀବନ ରେଖା ପାଲଟି ଥିବା ବେଳେ ଚଳିତ ରବି ଜଳସେଚନ ବାମ ମୁଖ୍ୟ କେନାଲରେ ୩୧,୩୧୫ ହେକ୍ଟର ସମେତ ଦକ୍ଷିଣ ମୁଖ୍ୟ କେନାଲରେ ୨୦,୦୭୩ ଓ ମେଗା ଲିଫ୍ଟ କେନାଲରେ ପରିବର୍ଦ୍ଧିତ ଆୟକଟ ସହିତ ୧୬,୬୪୫ ହେକ୍ଟର ମୋଟ ୭୧,୨୭୪ ହେକ୍ଟର ଜମିରେ ଜଳସେଚନ ଲକ୍ଷ ରଖାଯାଇ ଥିବା ସୂଚନା ମିଳିଛି। ଏଥିରେ ପ୍ରାୟ ୩୩୫ ଗ୍ରାମର ଚାଷୀ ଉପକୃତ ହେବେ। ଅନ୍ୟପକ୍ଷରେ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ବର୍ତ୍ତମାନ ୬୩୬.୪୫ମିଟର ଜଳସ୍ତର ଥିବାରୁ ଚାଷୀଙ୍କ ମଧ୍ୟରେ ଏବେଠୁ ସୁରକ୍ଷିତ ଜଳସେଚନ ନେଇ ଆଶଙ୍କା ବଢ଼ିବାରେ ଲାଗିଲାଣି।

## ଶ୍ରୀମନ୍ଦିରରୁ ଗୋପପୁର ଆସିଲା ଆଜ୍ଞାମାଳ



ଶ୍ରୀମନ୍ଦିରରେ ଆଜ୍ଞାମାଳ ଗ୍ରହଣ କରାଯାଉଛି।

ବରଗଡ଼,୮।୧(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୧୫ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଗୋପପୁର ଯାତ୍ରା ବିନା ଧନୁଯାତ୍ରା ଅସମ୍ପୂର୍ଣ୍ଣ । ଗୋପପୁର ଯାତ୍ରା ଆସନ୍ତା ୧୭ତାରିଖରୁ ଆରମ୍ଭ ହେବ। ଫଳରେ ଗୋପପୁର ପାଲଟୁଥିବା ଅମ୍ବାପାଲିରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ଗୋପପୁର ଯାତ୍ରାକୁ କମିଟିର ଏକ ପ୍ରତିନିଧି ଦଳ ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଧରି ସୋମବାର ବିଳମ୍ବିତ ରାତିରେ ଅମ୍ବାପାଲି ଫେରିଛନ୍ତି। ଗୋପପୁର ଯାତ୍ରା ସମୟରେ ନନ୍ଦରାଜା ଭୂମିକାରେ ଅଭିନୟ କରିଆସୁଥିବା ସତ୍ୟନାରାୟଣ ପୋଢଙ୍କ ବାସଭବନରେ ଆଜ୍ଞାମାଳ ରଖାଯାଇଛି। ଗୋପପୁର ଯାତ୍ରା କମିଟିର ଦୟାନିଧି ପଧାନ, ସୁରେଶ ମହାପାତ୍ରଙ୍କ ସମେତ ଭରତ ମହାପାତ୍ର, କଳାକାହ୍ନୁ ଚୌହାନ, ସଂଯୁକ୍ତା ମହାପାତ୍ର, ଅର୍ଚ୍ଚିତା ମହାପାତ୍ର, ଚୂଡ଼ାମଣି ପଧାନ ପ୍ରମୁଖ ଶ୍ରୀମନ୍ଦିର ଯାଇଥିଲେ। ଶ୍ରୀମନ୍ଦିର ପୂଜକ ରାମକୃଷ୍ଣ ମିଶ୍ରଙ୍କ ହାତରୁ ସେମାନେ ଆଜ୍ଞାମାଳ ଗ୍ରହଣ କରିଥିଲେ। ଗୋପପୁର ଯାତ୍ରା ନିର୍ବିଘ୍ନରେ ସମାପନ ହେବା ସଂକଳ୍ପ ନେଇ ଏହି ଆଜ୍ଞାମାଳ ଅଣାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## କାନ୍ଥରେ ବାଇକ୍ ପିଟି ହୋଇ ଜଣେ ମୃତ

ଲାଞ୍ଜିଗଡ଼,୮।୧(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଗଡ଼ ଆଶ୍ରମପଡାସ୍ଥିତ କୁମ୍ଭାରପଡ଼ା ନିକଟରେ ଭାରସାମ୍ୟ ହରାଇ ଏକ ବାଇକ୍ କାନ୍ଥରେ ପିଟିହୋଇଛି। ଏଥିରେ ମସ୍କାପଦର ଦଇତୁ ହରିଜନ(୫୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଭ୍ରାଇଁ ମନୀଷ ତାଣ୍ଡି ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ସୋମବାର ସନ୍ଧ୍ୟାରେ ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ମସ୍କାପଦର ଗାଁର ଦଇତୁ ଓ ତାଙ୍କ ଭ୍ରାଇଁ ମନୀଷ ଏକ ବାଇକରେ ନିଜ ଗାଁ ମସ୍କା ପଦର ଠାରୁ ଲାଞ୍ଜିଗ ଆସୁଥିଲେ। ଆଶ୍ରମପଡାସ୍ଥିତ କୁମ୍ଭାରପଡା ନିକଟରେ ମୁଖ୍ୟ ରାସ୍ତା କଡ ଏକ ପାଚେରୀ କାନ୍ଥରେ ବାଇକ ପିଟି ହୋଇଯାଇଥିଲା। ଫଳରେ ଉଭୟେ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଲାଞ୍ଜିଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଦଇତୁ ଓ ମନୀଷଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଦଇତୁଙ୍କୁ ମୃତ ଘୋଷଣା କରିଥିବା ବେଳେ ମନୀଷଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଆୟୋଜକ ଏବଂ ରକ୍ତଦାତାମାନେ।

ବରଗଡ଼,୮।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ପ୍ରଗତି ସାମାଜିକ ଅନୁଷ୍ଠାନ ଆନୁକୂଲ୍ୟରେ ଭଟଲି ଛକ ନିକଟସ୍ଥ ଭି.ଡି ପ୍ୟାଲେସଠାରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଜେଡି ଟାଉନ ସଭାପତି କିଶୋର ମିଶ୍ର, ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଭାପତି ସୁରସେନ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ସଂଯୋଜକ ଅଭିଜିତ ପ୍ରତିହାର ସଂଯୋଜନା କରିଥିଲେ। ସମ୍ପାଦକ ଭାରତ ଭୂଷଣ ଦାଶ, କିଶନଲାଲ କେଡିଆ, ରତନଲାଲ ଅଗ୍ରୱାଲ, ରାଧାକାନ୍ତ ସାହୁ, ଚତୁର୍ଭୁଜ ମହନ୍ତମ୍, ସୁବାସ କର, ଉପସଭାପତି ମନୋଜ ପ୍ରଧାନ, ସଂଯୋଜକ ପ୍ରମୋଦ ପଟ୍ଟନାୟକ, ସହ ସଂଯୋଜକ ନନ୍ଦ କିଶୋର ଅଗ୍ରୱାଲ, ସତ୍ୟାନନ୍ଦ ଦୁଆନ୍, ଦିନେଶ ସାହୁ, ସାମାଜିକ ସମ୍ପାଦକ ପ୍ରତୀକ ଝାୱର୍, ମହମ୍ମଦ ଅସଲାମ, ବିନୋଦ ଅଗ୍ରୱାଲ, ସୁଶିଲ ସାହୁ, ରାଜେନ୍ଦ୍ର ସାହୁ, ବିଜୟ ମିତ୍ତଲ, ଶଶାଙ୍କ ଶର୍ମା, ଅରବିନ୍ଦ ଭୋଇ, ବିଷ୍ଣୁ ବରିହା, ଗଜପତି ରଥ, ରାକେଶ ଶର୍ମା, ସୁରଞ୍ଜନ୍ ସାହୁ, ଜଗନ୍ନାଥ ବରିହା, ସୁରେନ୍ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରମୋଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା ଅଭିଯୋଗ

ବୌଦ୍ଧ,୮।୧( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସାମ୍ପୋଚ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ନିହତ ଯୁବକ ହେଲେ ସତ୍ୟନାରାୟଣ ସ୍ୱାଇଁ (୩୦) । ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ପ୍ରକାଶ ଯେ, ଗତ ରବିବାର ରାତି ୯ଟା ସମୟରେ ବୌଦ୍ଧ ଥାନା ଅନ୍ତର୍ଗତ ସାମ୍ପୋଚ ଗ୍ରାମର ସତ୍ୟ ନାରାୟଣଙ୍କୁ ଉକ୍ତ ଗ୍ରାମର ଦୁଇଜଣ ଯୁବକ କୌଣସି କାରଣରୁ ଠେଙ୍ଗାରେ ପ୍ରବଳ ମାଡ଼ ମାରିଥିଲେ । ଫଳରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟନାରାୟଣଙ୍କ ମୃତ୍ୟୁ ଘଟିଥିଲା । ଏନେଇ ପରିବାର ଲୋକ ସୋମବାର ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ. ୧୨/୨୪ରେ ଏକ ମାମଲା ରୁଜୁ ହୋଇଛି । ଏ ସଂକ୍ରାନ୍ତରେ ବୌଦ୍ଧ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସଙ୍କୁ ପଚାରିବାରେ ପ୍ରକୃତ ଘଟଣା ଜଣାପଡିନାହିଁ । ତଦନ୍ତ ଚାଲିଛି । ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ସେ ପ୍ରକାଶ କରିଥିଲେ ।

## ଦେଓଗାଁ ହାଇସ୍କୁଲର ବାର୍ଷିକ ଉତ୍ସବ

ବରଗଡ଼,୮।୧(ପ୍ରେମାନନ୍ଦ ଖମାରୀ)



ବାର୍ଷିକ ଉତ୍ସବରେ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ବରଗଡ଼ ବ୍ଲକ ଅନ୍ତର୍ଗତ ଦେଓଗାଁ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଦୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ହରିହର ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ନିଗମାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ଏବଂ ପ୍ରାଣବନ୍ଧୁ କରଙ୍କ ରଚିତ ଏକାଙ୍କିକା 'ଦୂର ପାହାଡ' ମଞ୍ଚସ୍ଥ ହୋଇଥିଲା। ଛାତ୍ରୀ ମିତା ଦାଶ, ଲିଲି ଠାକୁର, ରାକ୍ଷୀ ମହାପାତ୍ର, ଗୀତାଞ୍ଜଳି ମେହେର, ରୁବିନା ପ୍ରଧାନ, ପ୍ରୀତି ପାଣ୍ଡେ, ସ୍ନେହା ମହାପାତ୍ର, ସରିତା ପଟେଲ ପ୍ରମୁଖ ସଫଳ ଅଭିନୟ କରିଥିବା ବେଳେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମିତା ଦାଶ ପୁରସ୍କୃତ ହୋଇଥିଲେ। ଏହି ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଆ ମାଟିକୁ ଭଲ ପାଇ ପ୍ରତିଟି କ୍ଷେତ୍ରରେ ସକାରାତ୍ମକ ମନୋଭାବ ପୋଷଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀ ଗୀତାଞ୍ଜଳି ମେହେରଙ୍କ ରଚିତ କବିତା ଆମର ଗାଁର ନାଁ ଦେଓଗାଁ ଆବୃତ୍ତି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। ଛାତ୍ରୀ ଲିଲି ଠାକୁର ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ବିବେକାନନ୍ଦ ଜାଲ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନାରାୟଣ ପଣ୍ଡା ଦିଲୀପ ପଣ୍ଡା, ଅଙ୍କିତା ଦାଶ, ଚୁନିଲାଲ୍ ସେଟ୍, ବିଷ୍ଣୁ ଭୁଏଁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ହକ୍ ହାସଲ ପାଇଁ ଲଢ଼େଇ ଏକମାତ୍ର ରାସ୍ତା

ବରଗଡ଼,୮।୧(ପ୍ରେମାନନ୍ଦ ଖମାରୀ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସ୍ଥାନୀୟ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଜ୍ଞାନଜ୍ୟୋତି ମାତା ସାବିତ୍ରୀ ବାଇ ଫୁଲେ ଏବଂ ମହିୟସୀ ମହିଳା ସମାଜସେବୀ ଫାତିମା ଶେଖ୍‌ଙ୍କ ଜୟନ୍ତୀ ପାଳନ କରାଯାଇଛି । ସାବିତ୍ରୀ ବାଇ ଫୁଲେଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ଆଲୋଚନା କରି କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ରୋଶନ ପଧାନ କହିଥିଲେ, ସାବିତ୍ରୀ ବାଇ ଫୁଲେ ଶିକ୍ଷା ଦ୍ୱାରା ସମାଜରେ ସମତା ଅଣାଯାଇପାରିବ। କାରଣ ଶିକ୍ଷା ବ୍ୟତୀତ ଅନ୍ୟ ସବୁ ସଂସାଧନ ଉଚ୍ଚ ଜାତିମାନଙ୍କ ହାତରେ ଅଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଦେଶରେ ସମତା ଆସି ପାରି ନ ଥିବାବେଳେ ମହିଳାମାନଙ୍କୁ ସ୍ୱାତନ୍ତ୍ର୍ୟ ମିଳି ନ ଥିବା ସେ କହିଥିଲେ। ଆଜି ଦିନରେ ମଧ ସମାଜ ମହିଳାମାନଙ୍କୁ ଦ୍ୱିତୀୟ ନାଗରିକ ଭାବେ ମାନ୍ୟତା ପ୍ରଦାନ କରୁଛନ୍ତି । ସେଥିପାଇଁ ମହିଳାମାନଙ୍କୁ ସାବିତ୍ରୀ ବାଇ ଫୁଲେ ମନ୍ତ୍ରରେ ମନ୍ତ୍ରିତ ହୋଇ ହକ୍, ଅଧିକାର ପାଇଁ ଲଢେଇ ଏକମାତ୍ର ରାସ୍ତା ବୋଲି ସେ କହିଥିଲେ। ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ସଭାପତି ଗୁଣମଣି ସୁନାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଶୋଷଣ ଦିଗରେ ଆମେ ସମସ୍ତେ ମିଳିତ ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୀତମ ସିଂ, ଜେଠୁ ଭୋଇ, ରମେଶ ମହାପାତ୍ର, କିଶୋର ଚନ୍ଦ୍ର ସାହୁ, ରାଧାରାଣୀ ମିଶ୍ର, ଜୟଶ୍ରୀ ସାହୁ, ବେନଜିର ଖାତୁନ, ତରଣୀ ସୁନା, ମମତା କିଷାନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅଞ୍ଚଳରେ ନିଃସ୍ୱାର୍ଥପର ଶିକ୍ଷା ସେବା ପ୍ରଦାନ କରୁଥିବାରୁ କବିତା ମେହେର, ନମିତା ସାହୁ, ବବି ସିଂଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାବିତ୍ରୀ ବାଇ ଫୁଲେଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଧାରିତ ତଥା ରାଜକୁମାର ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ କ୍ଷୁଦ୍ର ନାଟକ ପ୍ରଦର୍ଶିତ ହୋଇଥିଲା। ସଙ୍ଗଠନର ଶକୁନ୍ତଳା ସୁନା, ଟିକେଶ୍ୱରୀ ଛତର, ମମତା ବେହେରା, ଅନୁ ଭୋଇ, ଯଶୋବନ୍ତୀ ପୋଢ, ବାସୁମତି ବନଛୋର, ଆରତୀ ମେହେର, ଦିବାକର ମାଝି, ମେଘନାଦ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ହଷ୍ଟେଲରେ ନାବାଳକଙ୍କ ଆତ୍ମହତ୍ୟା

ରାଉରକେଲା,୮।୧(ଦିନେଶ ମିଶ୍ର): ରାଉରକେଲା ଛେଣ୍ଡ ଥାନା ଅଧୀନ ଅନ୍ୱେଷା ବାଳକ ହଷ୍ଟେଲରେ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହକୁ ଜବତ କରାଯାଇଛି। ମୃତକ ହେଲେ କ୍ରିଷ୍ଣା କୁଜୁର(୧୨)। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଛେଣ୍ଡ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, କ୍ରିଷ୍ଣା ଅନ୍ୱେଷା ବାଳକ ହଷ୍ଟେଲରେ ରହି ସିଟି ଇଂରାଜୀ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। ରବିବାର ରାତିରେ କ୍ରିଷ୍ଣାଙ୍କ ସମେତ ହଷ୍ଟେଲର ସବୁ ବିଦ୍ୟାର୍ଥୀ ଖାଇସାରି ଶୋଇପଡିଥିଲେ। ସୋମବାର ସକାଳେ କ୍ରିଷ୍ଣା ହଷ୍ଟେଲ ପଙ୍ଖାରେ ରଶି ବାନ୍ଧି ଝୁଲୁଥିବା ଦେଖି ସହପାଠୀମାନେ କର୍ମଚାରୀଙ୍କ ସହାୟତାରେ ପୋଲସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳକଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ।

### ଏନ୍‌ଆଇଟି ଏନ୍‌ସିସି ପକ୍ଷରୁ ନଦୀଶଯ୍ୟା ସଫେଇ

ରାଉରକେଲା, ୮।୧(ସଙ୍ଗୀତା ଜେନା): ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ନ୍ୟାଶନାଲ୍ କ୍ୟାଡେଟ୍ କର୍ପ(ଏନ୍‌ସିସି) ପକ୍ଷରୁ କାଂଶବାହାଲଠାରେ ନଦୀ ଶଯ୍ୟାକୁ ସୋମବାର ସଫେଇ କରାଯାଇଛି। ନଦୀ ଶଯ୍ୟାଗୁଡ଼ିକ ଦିନକୁ ଦିନ ଅପରିଷ୍କାର ହୋଇପଡୁଛି। ଯାହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଆଇଟି ପକ୍ଷରୁ ସ୍ୱେଚ୍ଛାସେବୀମାନେ ସଫେଇ କରିବାକୁ ନିଷ୍ପତ୍ତି ନେଇଥିଲେ। ଆର୍ମି ୱିଙ୍ଗ୍ କ୍ୟାପ୍ଟେନ ଡ. ଅଜିତ ବେହେରା ଓ ନାଭାଲ୍ ୱିଙ୍ଗ୍ ଡ. ଅରୁଣ ପ୍ରସାଦଙ୍କ ନେତୃତ୍ୱରେ ପ୍ରାୟ ୯୨ଜଣ ସ୍ୱେଚ୍ଛାସେବୀ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବିଭିନ୍ନ ନଦୀକୂଳ ସଫେଇ କରି ପରିବେଶ ସ୍ୱଚ୍ଛ କରାଯିବ ବୋଲି ସୂଚନା ଦିଆଯାଇଛି।

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ଲହୁଣୀପଡ଼ା,୮।୧(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବାହାଡ଼ାପୋଷ ରାସ୍ତା୧୦(କ) ରାଜ୍ୟ ରଜପଥ ଟାଙ୍କଯୋଡ଼ା ଗ୍ରାମ ନିକଟରେ ସୋମବାର ସକାଳେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦରେଇକଳା ଗ୍ରାମର ଗଗନ କୁମାର ତ୍ରିପାଠୀ (୨୧)। ଲହୁଣୀପଡା ପୋଲିସ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗଗନ ଶୌଚ ସାରି ବାଇକ୍ ଯୋଗେ ନିଜ ମାମୁ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ବଣେଇଁ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯାତ୍ରୀଙ୍କୁ ଅପହଞ୍ଚ ମୌଳିକ ସୁବିଧା

**ରାଉରକେଲା ନ୍ୟୁ ବସଷ୍ଟାଣ୍ଡ**

ରାଉରକେଲା,୮।୧(ବିପ୍ଳବ ରଞ୍ଜନ ଦାଶ)

ସୂଚନା ଅନୁସାରେ, ବିଶ୍ରା ଛକ କ୍ଷେତ୍ରାଞ୍ଚଳରେ ରହିଥିବା ନ୍ୟୁ ବସ୍‌ଷ୍ଟାଣ୍ଡ ୧୯୯୦ରୁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ)ଙ୍କ ଦ୍ୱାରା ପରିଚାଳିତ ହୋଇଆସୁଛି। ହକି ବିଶ୍ୱକପ୍ ପୂର୍ବରୁ ରାଜ୍ୟ ସରକାର ବସଷ୍ଟାଣ୍ଡ ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନତୀକରଣ ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଦେଇଥିଲେ। ସେହି ଅନୁସାରେ ଉନ୍ନତମାନର ରାସ୍ତା, ଉନ୍ନତ ବସ୍ ପାର୍କିଂ ସ୍ଥଳ, ମାର୍କେଟ କମ୍ପ୍ଲେକ୍ସ, ବସ୍ ଚାଳକଙ୍କ ଆବାସ, ଦୂର ଯାତ୍ରୀ ତଥା ବୃଦ୍ଧାବୃଦ୍ଧ ଓ ରୋଗୀମାନଙ୍କ ପାଇଁ ଆଶ୍ରୟ କେନ୍ଦ୍ର, ପାଣି ଗାଳିଚା, ଉଦ୍ୟାନ ଓ ଝିଲିମିଲି ଆଲୋକ ତୋରଣ ନିର୍ମିତ ହୋଇଥିଲା। ମାତ୍ର ହକି ବିଶ୍ୱକପ ପରେ ଏହି ବସ୍‌ଷ୍ଟାଣ୍ଡ ଉପରେ ବିଭାଗୀୟ ଅଧିକାରୀଙ୍କ ଆଉ ଦୃଷ୍ଟି ପଡିଲା ନାହିଁ। ଫଳରେ ବସଷ୍ଟାଣ୍ଡର ଅବସ୍ଥା ଶୋଚନୀୟ ହୋଇ ପଡିଲା। ଏହାଦ୍ୱାରା ଦୈନିକ ହଜାର ହଜାର ଯାତ୍ରୀ ନାନା ସମସ୍ୟା ଭୋଗୁଛନ୍ତି। ଏଯାବତ୍ ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିନାହିଁ। ପରିସ୍ରାଗାର, ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ହୋଇପାରି ନ ଥିବାବେଳେ ସମସ୍ତ ମୃଦୁ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଏସବୁର ମରାମତି ହେଉନାହିଁ। ପରିସ୍ରାଗାର ଅଭାବରୁ ଯାତ୍ରୀମାନେ ବାଧ ହୋଇ ଖୋଲାରେ ପରିସ୍ରା କରୁଥିବାରୁ ବସଷ୍ଟାଣ୍ଡ ସାରା ଦୁର୍ଗନ୍ଧ ହେଉଛି। ଅନ୍ୟପଟେ ବସଷ୍ଟାଣ୍ଡ କୋଠାରୁ ପାଇପ୍ ଯୋଗେ ବର୍ଜ୍ୟଜଳ ନିଷ୍କାଷିତ ହେଉଥିବା ବେଳେ ପାଇପଗୁଡିକ ଫାଟି ଗଲାଣି। ନିଷ୍କାସିତ ବର୍ଜ୍ୟଜଳ ସିଧାସଳଖ ଯାତ୍ରୀମାନଙ୍କ ଦେହରେ ପଡୁଛି। ବସଷ୍ଟାଣ୍ଡର ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ଟାୟାର କାଟି ରାସ୍ତାରେ ପକାଇ ବସ୍ ଯାତାୟତ କାମ କରୁଛି। ଅନ୍ୟପଟେ ବସଷ୍ଟାଣ୍ଡ ଉଦ୍ୟାନରେ ସ୍ଥାପିତ ହୋଇଥିବା ସିମେଣ୍ଟ ଚୌକି ଭାଙ୍ଗିରୁଜି ଯାଇଥିବା ବେଳେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ଲକ୍ଷାଧିକ ଟଙ୍କାରେ ନିର୍ମିତ ପାଣି ଗାଲିଚା ପ୍ରକଳ୍ପ ଦୀର୍ଘ ମାସ ହେଲା ଅଚଳ ହୋଇଥିଲେ ମଧ ମରାମତି ହେଉନାହିଁ।

ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସର ଉପର ମହଲା ଛାତରେ ଫାଟ ସୃଷ୍ଟି ହୋଇଛି। ପ୍ରତ୍ୟେକ ମାସରେ ଆରଡିଏ ବସଷ୍ଟାଣ୍ଡରେ ନିର୍ମିତ କୋଠାବାଡ଼ିରୁ ଭଡା ସୂତ୍ରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ କରୁଛି। ମାତ୍ର ବସଷ୍ଟାଣ୍ଡ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଉନାହିଁ। ଏହି ବସଷ୍ଟାଣ୍ଡରେ ଦୈନିକ ୩ଶହରୁ ଊର୍ଦ୍ଧ୍ୱ ବସ୍ ରୁହେ। ମାତ୍ର ଏଠାରେ ନାନା ସମସ୍ୟା ଯୋଗୁ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଏ ନେଇ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ନ୍ୟୁ ବସଷ୍ଟାଣ୍ଡରେ ରହିଥିବା ମୌଳିକ ସମସ୍ୟା ସମାଧାନ ନେଇ ସମୀକ୍ଷା କରାଯିବ। ଏହାସହ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ ମରାମତି କାର୍ଯ୍ୟ ମଧ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ।


ବସ୍‌ଷ୍ଟାଣ୍ଡରେ ଅଚଳ ପାଣି ଗାଲିଚା ପ୍ରକଳ୍ପ।


ରାସ୍ତା ଉପରେ ଟାୟାର ପକାଯାଇଛି।

### ରାଉରକେଲା ଡିସିସିର ନୂତନ କମିଟି ଗଠନ

ରାଉରକେଲା,୮।୧(ସଙ୍ଗୀତା ଜେନା)

ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ନୂତନ କମିଟି ଗଠନ କରାଯାଇଛି। ଡିସିସି ସଭାପତି ରଶ୍ମୀରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ଏହି କମିଟି ସଦସ୍ୟଙ୍କ ନାମ ତାଲିକାକୁ ପିସିସି ସଭାପତି ଶରତ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଉପସଭାପତି ଭାବେ ଉମେଶ ଶରଣ, କୀର୍ତ୍ତନ ଦାସ, ବି. ରୀନା, ରାଜେନ୍ଦ୍ର ପରିଚ୍ଛା, ଗୋପାଳ ଦାସ, ଏମ୍‌ଡ଼ି ନୱାଜୁଦ୍ଦିନ, ସନ୍ତୋଷ ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରଦୀପ ଦାସ, ସାଧାରଣ ସମ୍ପାଦକ ନଚିକେତା ମହାପାତ୍ର, ପ୍ରଶାନ୍ତ ନାୟକ ରଘୁନାଥ ପ୍ରଦା, ରବିନ୍ଦ୍ର ଭଞ୍ଜରହିଛନ୍ତି। ସେହିପରି ୨୦ ଜଣ ସାଧାରଣ ସମ୍ପାଦକ, ୨୩ ଜଣ ସମ୍ପାଦକ ରହିଥିବା ବେଳେ ପ୍ରବକ୍ତା ଭାବେ ଶିବୁ ଓରାମ, ପାର୍ଲାମେଣ୍ଟ ଇନ୍‌ଭାଇଟି ଭାବେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବିରେନ ସେନାପତି, ଦେବବିହାରୀ, ରବି ରାୟ, ସାବିର ହୁସେନ୍, ପ୍ରବୋଧ ଦାସ, ଗଣେଶ ପ୍ରଧାନ, ପ୍ରଭାତି ମିଶ୍ର, ଲତା ନାୟକ, ବିନୋଦ ରାଉତ ପ୍ରମୁଖ ରହିଛନ୍ତି। ସେହିପରି ବ୍ଲକ ୧-୧୦ ପର୍ଯ୍ୟନ୍ତ ମାତାପ୍ରସାଦ ଜେସୱାଲ, ହରପ୍ରସାଦ ସାମଲ, ଏମ୍‌ଡି ସାକିର ହୁସେନ୍, ଭୀମ ମହତୋ, ବ୍ରଜବନ୍ଧୁ ତ୍ରିପାଠୀ, ରଘୁନାଥ ଦାସ, ପ୍ରଫୁଲ ପ୍ରଧାନ, ସୁନୀଲ ପଟ୍ଟନାୟକ, ରବିନ୍ଦ୍ର ଶିକ୍କା, ସର୍ବେଶ ସିଂ ପ୍ରମୁଖ ସଭାପତି ରହିଛନ୍ତି।

## ବନ୍ଧମୁଣ୍ଡା ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ୍ ରହଣି ଦାବି

ରାଉରକେଲା,୮।୧
(ଦିନେଶ ମିଶ୍ର/ସୁବ୍ରତ ଦେ)

ବନ୍ଧମୁଣ୍ଡା ରେଳ ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ ରହଣୀକୁ ନେଇ ତୃଣମୂଳ କଂଗ୍ରେସ ପକ୍ଷରୁ ଚକ୍ରଧରପୁର ରେଳ ମଣ୍ଡଳର ଡିଆରଏମ୍‌ଙ୍କ ନିକଟରେ ସୋମବାର ଦାବି କରାଯାଇଛି। ଏ ନେଇ ତୃଣମୂଳ କଂଗ୍ରେସର ନେତା ଜାହାଙ୍ଗୀର ହକ୍ ଓ ବହୁ କର୍ମୀ ଉପସ୍ଥିତ ରହି ଡିଆରଏମ୍ ଏ.ଜେ. ରାଠୋରଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡା ରେଳ ଷ୍ଟେଶନରେ ପୂର୍ବରୁ ହାୱଡା-କୁର୍ଲା ଏକ୍ସପ୍ରେସ ଓ ଟାଟାନଗର-ଆଲୋପି ଯାତ୍ରୀବାହୀ ଟ୍ରେନ ରହଣି କରୁଥିଲା। ଫଳରେ ବନ୍ଧମୁଣ୍ଡା ସମେତ ଡୁମେର୍ତ୍ତା, କୋଇଲାଗେଟ, ଚମ୍ପାରଣ, ବିମଲାଗଡ, କରିବୁର, ବରସୁଆଁ ଆଦି ଅଞ୍ଚଳର ଯାତ୍ରୀ ଉପକୃତ ହେଉଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ଷ୍ଟେଶନରେ ଉକ୍ତ ଯାତ୍ରୀବାହୀ ଟ୍ରେନ ରହଣି ନ କରିବାରୁ ବାଧ୍ୟହୋଇ ଯାତ୍ରୀମାନେ ରାଉରକେଲା ଷ୍ଟେଶନରେ ଓହ୍ଲାଇ ନିଜ ଅଞ୍ଚଳକୁ ଫେରୁଛନ୍ତି। ଏହି ଯାତ୍ରୀମାନେ ରାଉରକେଲାରୁ ପୁନଃ ଶହ ଶହ ଟଙ୍କା ଗାଡିଭଡା କରି ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ପୂର୍ବପରି ବନ୍ଧମୁଣ୍ଡା ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ ରହଣି ହେଲେ ଏହାର ପାର୍ଶ୍ୱ ଅଞ୍ଚଳବାସୀ ଉପକୃତ ହୁଅନ୍ତେ ବୋଲି ତୃଣମୂଳ କଂଗ୍ରେସର ପ୍ରତିନିଧିମଣ୍ଡଳୀ ଡିଆରଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଚକ୍ରଧରପୁରର ଡିଆରଏମ୍ ରାଠୋର କହିଥିଲେ, ବନ୍ଧମୁଣ୍ଡା ଷ୍ଟେଶନରେ ଟିକେଟ ବିକ୍ରି ମାତ୍ରାକୁ ଅନୁଧ୍ୟାନ କରିବା ପରେ ରେଲୱେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା ହୋଇ ଏହାର ନିଷ୍ପତ୍ତି ନିଆଯିବ ।


ଡିଆର୍‌ଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ମୋବାଇଲ ଚୋରି ର୍‍ୟାକେଟ୍ ସକ୍ରିୟ

**ଟେର୍ ପାଉନି ପୋଲିସ**

ରାଉରକେଲା,୮।୧(ସଙ୍ଗୀତା ଜେନା)

ରାଉରକେଲା ଓ ଆଖାପାଖ ଅଞ୍ଚଳରେ ଚୋରି, ଲୁଟ୍ ଭଳି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ସହରର ଝିରପାଣି, ନୂଆଗାଁ, ଦକ୍ଷିଣ ରାଉରକେଲା ସାରନଗରୀ ଟିପ୍ ଟାଇପ୍ ମାର୍କେଟରେ ଥିବା ଦୋକାନରୁ ମୋବାଇଲ ଲୁଟ୍ ହୋଇଥିଲେ ମଧ ଏଯାଏ ଚୋର ଗ୍ୟାଙ୍ଗ୍ ଧରାପଡିନାହାନ୍ତି କି ଚୋରି ମୋବାଇଲ ଜବତ ହୋଇନାହିଁ। ଝିରପାଣି ମେନ୍‌ରୋଡରେ ଥିବା ଏକ ମୋବାଇଲ ଶୋରୁମ୍‌ରେ ଗତ ଡିସେମ୍ବର ୨ ତାରିଖ ବିଳମ୍ବିତ ରାତିରେ ପ୍ରାୟ ୨୫ ଲକ୍ଷ ଟଙ୍କାର ଦାମୀ ମୋବାଇଲ ଚୋରି ଘଟଣାରେ ପୋଲିସ ଛାନ୍‌ଭିନ୍ କରୁଛି। ମାତ୍ର ଏଯାଏ ଦୁର୍ବୃତ୍ତମାନଙ୍କ କୌଣସି ପତ୍ତା ମିଳିପାରିନାହିଁ। ଅନ୍ୟପକ୍ଷେ ମୋବାଇଲରେ ଥିବା ଇଣ୍ଟରନ୍ୟାଶନାଲ ମୋବାଇଲ୍ ଇକ୍ୟୁପମେଣ୍ଟ ଆଇଡେଣ୍ଟି (ଆଇଏମ୍‌ଇଆଇ) ନମ୍ବର ଆକ୍ଟିଭ ହେଲେ ସମ୍ପୃକ୍ତ ମୋବାଇଲ କମ୍ପାନୀକୁ ମେସେଜ ଆସୁଛି। ଫଳରେ ଚୋରି ମୋବାଇଲଗୁଡିକ ବାହାର ଦେଶରେ ଆକ୍ଟିଭ କରାଯାଉଥିବା ଜଣାପଡିଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ତଥା ଝିରପାଣି ଥାନାଧିକାରୀ ରବିନ୍ଦ୍ର ସାହୁ କହିଛନ୍ତି, ଭାରତରେ ଉକ୍ତ ମୋବାଇଲ୍ କମ୍ପାନୀଗୁଡ଼ିକର ଆଇଏମ୍‌ଇଆଇ ନମ୍ବର ରିପୋର୍ଟ ଆସୁନାହିଁ। ବାହାର ଦେଶରେ ଏହା ଆକ୍ଟିଭ ହେଉଥିବା ମୋବାଇଲ ନେଟୱର୍କ କମ୍ପାନୀମାନେ କହୁଛନ୍ତି ବୋଲି ସାହୁ କହିଥିଲେ। ସେହିପରି ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଏ ନେଇ ପଚରାଯିବାରୁ ସେ କହିଥିଲେ, ମୋବାଇଲ ଚୋରିରେ ଅନ୍ତର୍ଜାତୀୟ ର୍‍ୟାକେଟ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସପି ମହାପାତ୍ର କହିଥିଲେ।

## ପୋଲିସକୁ ମାଡ଼ ମାରି ୪ ଗିରଫ

ବେଦବ୍ୟାସ/ ରାଉରକେଲା, ୮।୧
( ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା)

ପିତାମହଲ ଡ୍ୟାମ୍‌ରେ ରବିବାର ବଣଭୋଜି ସମୟରେ ୨ ଗୋଷ୍ଠୀ ମଧ୍ୟରେ ମାଡ୍‌ପିଟ ବେଳେ ପୋଲିସକୁ ଆକ୍ରମଣ କରାଯାଇଥିଲା। ଏହି ମାମଲାରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶାନ୍ତିନଗରର ସତ୍ୟଜିତ୍ ଧଳ, ସେକ୍ ଅବଦୁଲ ସତ୍ତାର, ରଞ୍ଜିତ ସାଗର ଏବଂ ବାବୁ ରାଉତ। ଏ ନେଇ ପୋଲିସ ଏକ ମାମଲା (ନଂ.୧୦/୨୪) ରୁଜୁ କରି ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ପିତାମହଲ ଡ୍ୟାମ୍ ନିକଟରେ ରବିବାର ଏସ୍‌ଟିଆଇ ଶାନ୍ତିନଗର ସାଇନାଥ କ୍ଲବର ସଦସ୍ୟ ଏବଂ ଏୟାରଟେଲ କମ୍ପାନୀରେ କାର୍ଯ୍ୟରତ ଯୁବତୀମାନେ ବଣଭୋଜି କରୁଥିଲେ। ଏହି ସମୟରେ ଉକ୍ତ ଯୁବତୀମାନଙ୍କୁ କମେଣ୍ଟକୁ ନେଇ ସେମାନେ ବିରୋଧ କରିଥିଲେ। ଫଳରେ ଉକ୍ତ କ୍ଲବର ଯୁବକମାନେ କାର୍ କାଚ ଓ ଛତା ଭାଙ୍ଗି ଦେଇଥିଲେ। ଯୁବତୀମାନେ ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କଲୁଙ୍ଗା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକମାନଙ୍କୁ ଜାଗା ଖାଲି କର ବୋଲି କହିବାରୁ ସେମାନେ ମିଳିତ ଭାବେ ପୋଲିସକୁ ଆକ୍ରମଣ କରିଥିଲେ। ଅନ୍ୟ ପୋଲିସ ଅଧିକାରୀ ସେଠାରେ ପହଞ୍ଚି ଉକ୍ତ ଯୁବକମାନଙ୍କୁ ଗିରଫ କରିଥିଲେ।

## ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ

ରାଉରକେଲା,୮।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଭଞ୍ଜ ଭବନ ପ୍ରଦର୍ଶନୀ ପଡିଆରେ ଗତ ୪ତାରିଖରୁ ଆରମ୍ଭ ହୋଇଥିବା ଆଞ୍ଚଳିକ କଳିଙ୍ଗ ହର୍ବଲ ମେଳା ସୋମବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ରାଉରକେଲା କେନ୍ଦୁପତ୍ର ଡିଏଫ୍‌ଓ ଗୋକୁଳ ଚନ୍ଦ୍ର ପାଇକରାୟ ମୁଖ୍ୟ ଅତିଥି, ବାମଡା ଡିଏଫଓ ସମୀର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଏସିଏଫ ସୌମ୍ୟ ରଞ୍ଜନ ଗୋଛାୟତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ବୈଦ୍ୟ, ଷ୍ଟଲ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଓଡିଶା ସରକାରଙ୍କ ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦର ମିଳିତ ସହଯୋଗରେ ଏହି ମେଳା ଆୟୋଜିତ ହୋଇଥିଲା। ମେଳାରେ ହର୍ବାଲ ସାମଗ୍ରୀ ପ୍ରଦର୍ଶିତ ହେବା ସହ ବିକ୍ରି କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ହର୍ବାଲ ମେଳାରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରାଉରକେଲାରେ ସ୍ୱଚ୍ଛତା ପକ୍ଷ ପାଳିତ


ପିକ୍‌ନିକ୍ ସ୍ପଟ୍‌ରେ ସଫେଇ କରାଯାଉଛି।

ରାଉରକେଲା,୮।୧(ଦିନେଶ ମିଶ୍ର)

ରାଉରକେଲାର କ୍ଲିନ ଓ ଗ୍ରୀନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସଭାପତି ଡାକ୍ତର ଦେବେନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ପକ୍ଷ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସେକ୍ଟର-୯ ସ୍ଥିତ ଲୁରୁନ ପାର୍କ ପିକ୍‌ନିକ୍ ସ୍ପଟକୁ ସଫେଇ କରିଥିଲେ। ପ୍ରତିବର୍ଷ ଶୀତଋତୁରେ ଏହି ପାର୍କରେ ଜନସାଧାରଣ ପିକ୍‌ନିକ୍ କରିଥାନ୍ତି। ଫଳରେ ପାର୍କର ଚାରିଆଡେ ଅଳିଆ ଆବର୍ଜନା ପଡିଥାଏ। ଏହାକୁ ଦୃଷ୍ଟିରେ ରଖି ଅନୁଷ୍ଠାନର କର୍ମକର୍ତ୍ତା ପାର୍କରେ ପିକ୍‌ନିକ ସ୍ପଟ୍‌ରେ ପଡିଥିବା ଅନାବନା ଜରି, କାଗଜ, ଗୁଳ୍ମଲତା ଓ ଅଳିଆ ଆବର୍ଜନାକୁ ସଫା କରି ଡଷ୍ଟବିନ୍‌ରେ ରଖିଥିଲେ। ଆଗାମୀ ଦିନରେ ମଧ ଏଭଳି ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନର ସମ୍ପାଦକ ପି. କେ. ଦାସ ସୂଚନା ଦେଇଛନ୍ତି।

## ସୁସ୍ଥ ନାଗରିକତା ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି

ରାଉରକେଲା,୮।୧
(ଦିନେଶ ମିଶ୍ର/ଆଲୋକ ସ୍ୱାଇଁ)

ବେଦବ୍ୟାସ ସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଯୋଜନାରେ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ହକି ଇଣ୍ଡିଆ ସଭାପତି ତଥା ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତେକ ସୁସ୍ଥ ନାଗରିକଙ୍କ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି। କାରଣ କ୍ରୀଡ଼ା ମାଧ୍ୟମରେ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ଘଟିଥାଏ। ତେଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ଖେଳିବା ନିତାନ୍ତ ଆବଶ୍ୟକ ବୋଲି ତିର୍କୀ ମତପ୍ରକାଶ କରିଥିଲେ। ହକି ଫୁଟବଲ ପ୍ରତିଯୋଗିତାରେ ବିଜୟୀ ପ୍ରଥମ ବର୍ଷ ଓ ଶାସ୍ତ୍ରୀ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସିଲ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରମୋଦ ପ୍ରଧାନ, ରମେଶ ଜେନା, ରାଜୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସ୍ୱାମୀ ବିବେକାନନ୍ଦ ସଙ୍ଗଠନର କାଞ୍ଚନ ସୌମ୍ୟ ଅଗ୍ରୱାଲ, ରାଜୀବ କୁମାର ନାୟକ, ମାନସି ସିଂ, ଆଞ୍ଚଲ ସିଂ, ଅଞ୍ଜୁ ମେହର, ଝରୁ ରାୟ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଯୋଗ ସାଧନ ମାଧ୍ୟମରେ କିଭଳି ସ୍ୱାସ୍ଥ୍ୟର ଯତ୍ନ ନେଇହେବ ସେ ନେଇ ଅବଗତ କରିଥିଲେ। ନୋଡାଲ ଅଫିସର ଚନ୍ଦ୍ରଧ୍ୱଜ ମାଝୀ, ଡକ୍ଟର ପରମେଶ୍ୱର ଶତପଥୀ, କେଦାର ଦାସ, ସନ୍ତୋଷ ଲେଙ୍କା, ରବୀନ୍ଦ୍ର କୁମାର ପୃଷ୍ଟି ସହଯୋଗ କରିଥିଲେ। ଏହି ଅବସରରେ ଫୁଡ୍ ଫେଷ୍ଟିଭାଲରେ ପ୍ରଥମ ହୋଇଥିବା ଛାତ୍ରୀ ସିପ୍ରା ପୁହାଣଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଶିବ ପ୍ରସାଦ ପାଠୀ ବେଦମନ୍ତ୍ର ପାଠ ଏବଂ ସମାଜସେବୀ ପ୍ରଦୀପ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

## ଠିକା ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ ସମାରୋହ

ରାଉରକେଲା,୮।୧୧(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପିର ଆର୍‌ଏମ୍‌ଏଚ୍‌ପି ଏବଂ ମେକାନିକାଲ ଶପ୍ ବିଭାଗରେ ନିୟୋଜିତ ଠିକା ଶ୍ରମିକଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଭାରତୀୟ ଲୌହ ଓ ଇସ୍ପାତ ବିଭାଗର ଦକ୍ଷତା ପରିଷଦ ଦ୍ୱାରା ଆରପିଏଲ ତାଲିମ କାର୍ଯ୍ୟକ୍ରମର ସଫଳ ସମାପ୍ତି ପରେ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆରଏମ୍‌ଏଚ୍‌ପି ବିଭାଗ ସିଜିଏମ ଏସ.ଏସ୍. ରାୟ ଚୌଧୁରୀ ଏବଂ ଏଚ୍‌ଆରଡି ବିଭାଗ ସିଜିଏମ୍ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ୧୧ଜଣ ଠିକା ଶ୍ରମକଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଆରଏମ୍‌ଏଚ୍‌ପି ବିଭାଗର ଏଜିଏମ୍ ସିକନ୍ଦର ମୁଣ୍ଡା ଠିକା ଶ୍ରମିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ମେକାନିକାଲ ଶପ୍‌ଠାରେ ୯ଜଣ ଠିକା ଶ୍ରମିକ ପୁରସ୍କୃତ ହୋଇଥିଲେ। ଡିଜାଇନ ଓ ଶପ୍ ବିଭାଗର ସିଜିଏମ ରବି ରଞ୍ଜନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ଡିଜାଇନ ଏବଂ ମେକାନିକାଲ ଶପ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଶେଖର ନାରାୟଣ, ଏଚ୍‌ଆରଡି ବିଭାଗର ଜିଏମ୍ ଏଚ୍. ପତିଙ୍କ ସମେତ ଏଚ୍‌ଆରଡି ବିଭାଗ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଟିଏଚ୍‌ଆରଡି ବିଭାଗ ବରିଷ୍ଠ ପରିଚାଳକ ଏଲ୍. ମାରାଣ୍ଡି ଓ କନିଷ୍ଠ ଅଧିକାରୀ ଆଲୋକ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଠିକା ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଧମା ସ୍ଥିତ ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉତ୍ସବ, ଜ୍ୟୋତି ବିହାର ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଶେଖ ଫାତିମାଙ୍କ ୧୯୩ତମ ଜୟନ୍ତି, ସାମ୍ବାଦିକ ଭବନ, ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ବିଜେଡି କପ କ୍ରିକେଟ ଟୁର୍ନାମେଣ୍ଟ: ବଡେମୁରା ଚାମ୍ପିୟନ

ସମ୍ବଲପୁର,୮।୧(ବି.ଶଙ୍କର)

ବିଜେଡି କପ କ୍ରିକେଟ ଟୁର୍ନାମେଣ୍ଟ––୨୦୨୪ ସୋମବାର ସମ୍ବଲପୁର ଜିଲା ଗମ୍ଭାରପଙ୍କ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ବଡେମୁରା ଦଳ ଚାମ୍ପିୟନ ହୋଇଛି। ବିଶାଳଖଣ୍ଡା ଦଳ ରନସ ହୋଇଛି। ଗମ୍ଭାରିପଙ୍କ ବିଜେଡି ଯୁବକ ସଂଘ ପକ୍ଷରୁ ଟୁର୍ନାମେଣ୍ଟ ହୋଇଥିଲା। ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ପ୍ରସନ୍ନ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ଜୀବନ ପାଇଁ ଭିନ୍ନ ଏକ ପରିଚୟ ତିଆରି କରିଥାଏ। କ୍ରୀଡାର ଭିତ୍ତିଭୂମି ଥିବା ଅଞ୍ଚଳରେ କ୍ରୀଡାର ବିକାଶ ପାଇଁ ପୁଞ୍ଜିର ଅଭାବ ନାହିଁ। ବରଂ ଯୁବ ସମାଜ ଏ ଦିଗରେ ଆଗେଇ ଆସିଲେ ଗ୍ରାମାଞ୍ଚଳରୁ ହିଁ କ୍ରୀଡାର ବିକାଶଧାରା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନବୀନ ସରକାର ପହଞ୍ଚାଇବାକୁ ବଦ୍ଧ ପରିକର ଅଛନ୍ତି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହିରାଲାଲ ବେହେରା ଓ ସମ୍ମାନିତ ଅତିଥି ଭାବେ କୁକୁଡାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରୀ, ଡଙ୍ଗରପଡା ସରପଞ୍ଚ ଅୟସ କାନ୍ତ ବଡପଣ୍ଡା, ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଦିଲ୍ଲୀପ ଦୁରୁଆ, ଜୟନ୍ତପୁର ପୂର୍ବତନ ସରପଞ୍ଚ ଗଣେଷ ତାଣ୍ଡିଆ, ପରମାଣପୁର ସରପଞ୍ଚ ମହେନ୍ଦ୍ର ନାଥ, ସତ୍ୟନାରାୟଣ ପଧାନ ଓ ଡାକ୍ତର ରାଜାରାମ ଷଡଙ୍ଗୀ ଯୋଗଦେଇ ଥିଲେ। ସଭାରେ କୁକୁଡାପାଲିର ପୂର୍ବତନ ସରପଞ୍ଚ ସରୋଜ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମ୍ୟାଚଗୁଡିକୁ ସନତ ପଣ୍ଡା, ସଞ୍ଜୟ ଡନସେନା, ପ୍ରଶାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଅଭିଳାସ ସାମଲ, ପରେଶ ସାହୁ, ସଙ୍କେତ ପଣ୍ଡା, ଶୁଭମ ପଣ୍ଡା, ଆଶିକ ବିଶି ସହଯୋଗ କରିଥିଲେ। ପ୍ରିତମ ସାହୁ ଟୁର୍ନାମେଣ୍ଟକୁ ସଂଯୋଜନା କରିଥିଲେ।

### କୁଚିଣ୍ଡାରେ ମିଶନ ଶକ୍ତି ଭବନ ଉଦ୍‌ଘାଟିତ

କୁଚିଣ୍ଡା,୮।୧(ବିରଞ୍ଚି ଦର୍ଶୀ)–କୁଚିଣ୍ଡା ବ୍ଲକ ପରିସରରେ ନବନିର୍ମିତ ମିଶନ ଶକ୍ତି ଭବନର ଶୁଭ ଉଦଘାଟନ ହୋଇଯାଇଛି।ସମ୍ବଲପୁର ଡିପିଏମ ଡ.ପୁଷ୍ପଶ୍ରୀ ନାୟକଙ୍କ ସଭାପତିରେ ହୋଇଥିବା ଉଦଘାଟନୀ ସମାରୋହରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ସିଡିପିଓ କନକଲତା ନାୟକ,ଡିପିସି ଭାରତୀ ବେଶ୍ରା, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫୦ଲକ୍ଷ ଟଙ୍କା ଅଟକଳରେ ନିର୍ମିତ ମିଶନ ଶକ୍ତି ଭବନର ଉଦଘାଟନ କରିଥିଲେ।

# ହୀରାକୁଦ ଜଳଭଣ୍ଡାରରେ ପକ୍ଷୀ ଗଣନା



ହୀରାକୁଦ ଜଳଭଣ୍ଡାରକୁ ଯାଉଛନ୍ତି ପକ୍ଷୀ ଗଣନାକାରୀ।



ହୀରାକୁଦ ଜଳଭଣ୍ଡାରରେ ବିଦେଶାଗତ ପକ୍ଷୀ।

ସମ୍ବଲପୁର, ୮।୧(ପ୍ରମୋଦ ବହିଦାର)

ସମ୍ବଲପୁର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ହୀରାକୁଦ ଜଳଭଣ୍ଡାରରେ ସୋମବାର ପକ୍ଷୀ ଗଣନା ହୋଇଥିଲା। ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ୬ଟାରୁ ପକ୍ଷୀ ଗଣନା ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୫ଟାରେ ସମ୍ପନ୍ନ ହୋଇଥିଲା। ଗଣନାକାରୀଙ୍କ ୩୨ଟି ଦଳ ୩୨ଟି ଯନ୍ତ୍ରଚାଳିତ ବୋଟରେ ୨୧ଟି ସେକ୍ଟରରେ ଭାଗ ଭାଗ ହୋଇ ଜଳଭଣ୍ଡାରର ୫ ଶହ ବର୍ଗ କିଲୋମିଟର ପରିଧିରେ ପକ୍ଷୀ ଗଣନା କରିଥିଲେ। ୩୩ ଜଣ ପକ୍ଷୀ ବିଶେଷଜ୍ଞଙ୍କ ସହିତ ମୋଟ ୭୮ ଜଣ ବନ କର୍ମଚାରୀ ସାମିଲ ଥିଲେ। ଜୀବନ ସୁରକ୍ଷା ଜ୍ୟାକେଟ୍, ମାନଚିତ୍ର, ପକ୍ଷୀଙ୍କ ପ୍ରଜାତି ଚିହ୍ନଟ କିଟ ଆଦି ନେଇ ଜଳଭଣ୍ଡାର ମଧ୍ୟରେ ବିଭିନ୍ନ ସ୍ଥାନରେ ପକ୍ଷୀଙ୍କ ପ୍ରଜାତି ଚିହ୍ନଟ ସହ ଗଣନା କରିଥିଲେ। ଏଥିରେ ସାଇବେରିଆ, କାସ୍ପିଆନ ହ୍ରଦ, ବୈକାଲ ହ୍ରଦ, ମଙ୍ଗୋଲିଆ ତଥା ମଧ୍ୟପ୍ରାଚ୍ୟ ଏସିଆ ଓ ହିମାଳୟ ଅଞ୍ଚଳରୁ ବହୁସଂଖ୍ୟାରେ ପକ୍ଷୀ ରହିଛନ୍ତି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପକ୍ଷୀ ଗଣନା ହୋଇଥିଲା। ଗଣନାକାରୀଙ୍କଠାରୁ ତଥ୍ୟ ଓ ରିପୋର୍ଟ ସଂଗ୍ରହ କରାଯିବ। ରିପୋର୍ଟକୁ ବିଭିନ୍ନ ପର୍ଯ୍ୟାୟରେ ତର୍ଜମା କରାଯାଇ ଆସନ୍ତା ୧୧ ବା ୧୨ରେ ପକ୍ଷୀଙ୍କ ସଂଖ୍ୟା ଓ ପ୍ରଜାତି ସମ୍ପର୍କିତ ଚୂଡ଼ାନ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଡିଏଫ୍‌ଓ ଦାଶ କହିଛନ୍ତି।

# ବିଦେଶାଗତ ପକ୍ଷୀ ସୁରକ୍ଷା ପାଇଁ 'ମହାନଦୀ ଆଳତି'

ସମ୍ବଲପୁର,୮।୧(ପ୍ରମୋଦ ବହିଦାର)

ସମ୍ବଲପୁର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ହୀରାକୁଦ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ନୀଳ ଜଳରାଶି ମଧ୍ୟରେ ସୋମବାର ପକ୍ଷୀ ଗଣନା ହୋଇଥିବାବେଳେ ରବିବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ପକ୍ଷରୁ ମହାନଦୀ ଆଳତୀ କରାଯାଇଥିଲା। ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡ ମହାନଦୀ ଅବବାହିକାରେ ବସବାସ କରୁଥିବା ଗ୍ରାମବାସୀ ବିଦେଶାଗତ ପକ୍ଷୀ ଗଣନାରେ ବନ୍ୟପ୍ରାଣୀ ବିଭାଗକୁ ସହାୟତା କରି ପକ୍ଷୀଙ୍କ ସୁରକ୍ଷା ପାଇଁ ହାତ ବଢ଼ାଇଛନ୍ତି। ପକ୍ଷୀ ଗଣନାର ପୂର୍ବ ସନ୍ଧ୍ୟାରେ ପକ୍ଷୀଗ୍ରାମ ଭାବେ ପରିଚିତ ଛତିଶଗଡ଼ ସୀମାନ୍ତ ଗୋବିନ୍ଦପୁରରେ ଗ୍ରାମବାସୀଙ୍କ ପକ୍ଷରୁ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସହ ଗ୍ରାମବାସୀଙ୍କ ମଙ୍ଗଳମନାସୀ ପ୍ରଥମ ଥର ପାଇଁ 'ମହାନଦୀ ଆଳତୀ' କରିଛନ୍ତି। ଏଥିରେ ଆଖପାଖର ୯ଟି ପଞ୍ଚାୟତର ପ୍ରାୟ ୫ ହଜାର ଲୋକ ସାମିଲ ହୋଇଥିଲେ। ସେହିପରି ଗ୍ରାମଦେବୀ ମା' ପଥରାସେନୀଙ୍କ ପାଇଁ ଜଣାଶୁଣା ମହାନଦୀ କୂଳସ୍ଥିତ ଅନ୍ୟତମ ଗ୍ରାମ ଅର୍ଜୁଣ୍ଡା ଗ୍ରାମବାସୀ ମଧ୍ୟ ସେମାନଙ୍କ ସହ ହାତ ମିଳାଇ ପକ୍ଷୀ ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି। ଏଥିପାଇଁ ପଥରାସେନୀଙ୍କ ପୀଠରେ ମଧ୍ୟ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବ 'ମହାନଦୀ ଆଳତୀ'। ଯାହା ଆଗାମୀ ବର୍ଷମାନଙ୍କରେ ପ୍ରତ୍ୟେକ ମାସ ବୁଙ୍ଗାପାଲି ଓ ବାଞ୍ଜିପାଲି ଗ୍ରାମରେ ଆୟୋଜିତ ହେବାକୁ ସ୍ଥିର ହୋଇଛି। ତେବେ ଉଭୟ ଗ୍ରାମର ବଣ, ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ବିଶେଷ କରି ବିଦେଶାଗତ ପକ୍ଷୀ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ନିକଟସ୍ଥ ବୁଙ୍ଗାପାଲି ଓ ବାଞ୍ଜିପାଲି ସହ ଡୁଙ୍ଗୁରୀ, ଆମ୍ବାଭୋନା, କପାସିରା, କର୍ଲା, ଲଖନପରୁ, ଖୋଲା ଓ ଉତ୍ତମ ଗ୍ରାମପଞ୍ଚାୟତବାସୀ ନିଜର ନୈତିକ ଦାୟିତ୍ୱ ମନେକରି ମିଳିତ ଭାବେ ଡେବ୍ରିଗଡ଼ ଅଭୟାରଣ୍ୟ ଜଙ୍ଗଲ ସହ ନିକଟସ୍ଥ ଅଞ୍ଚଳକୁ ପରିଷ୍କାର ତଥା ପରିବେଶ ସୁରକ୍ଷା ସ୍ୱରୂପ ସମ୍ପୂର୍ଣ୍ଣ ଭାବେ ଆବର୍ଜନା ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି।

### ଗଣ୍ଡ ସମାଜର ବାର୍ଷିକସଭା,ବନ୍ଧୁମିଳନ

କୁଚିଣ୍ଡା,୮।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କେଶଇବାହାଲ (ଗୋଦାମଗୁଡା)ଠାରେ ସୋମବାର ଉତ୍ତରଗାଁ ସର୍କଲର ଷଡବଂଶୀୟ ଗଣ୍ଡ ସମାଜର ବାର୍ଷିକ ସଭା ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଉତ୍ତରଗାଁ ସର୍କଲ ସଭାପତି ରବୀନ୍ଦ୍ର କୁମାର ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଷଡ଼ବଂଶୀ ଗଣ୍ଡ ସମାଜ ଏବଂ ଗୋଣ୍ଡୱାନା ମଧ୍ୟରେ ଥିବା ସଂସ୍କୃତି, ପରମ୍ପରା, ଚାଲିଚଳନ, ବେଶଭୂଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡିଶା ପ୍ରଦେଶ ଓ ପଶ୍ଚିମ ଓଡ଼ିଶାରେ ଗୋଣ୍ଡୱାନା ସଂସ୍କୃତି ପାଳନ କରୁଥିବା କିଛି ସମାଜର ବ୍ୟକ୍ତିମାନେ ହିନ୍ଦୁ ଧର୍ମକୁ ବିରୋଧ କରି ଏ ଅଞ୍ଚଳର ଗୋଣ୍ଡମାନଙ୍କର ଧର୍ମ ନଷ୍ଟ କରୁଥିବାରୁ ସଭାରେ ନିନ୍ଦା କରାଯାଇଥିଲା। ସମାଜକୁ ସଙ୍ଗଠିତ କରି ଆଗାମୀ ଦିନରେ ଯୁବ ଗୋଷ୍ଠୀକୁ ସଶକ୍ତ କରିବା ସହ ଗୋଣ୍ଡୱାନା ସହ କୌଣସି ସାମାଜିକ ଓ ବୈବାହିକ ସମ୍ପର୍କ ନ ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ସମ୍ବଲପୁର ସଭାପତି ବଦ୍ରି କୁମାର ବରିହା, ଦେବଗଡ଼ ସଭାପତି ଉପେନ୍ଦ୍ର କୁମୁରା, ଲକ୍ଷ୍ମୀ ନାରାୟଣ ସିଂ, ବରଗଡ ସଭାପତି ଶ୍ୟାମ କୁମାର ଭୋଇ, କେନ୍ଦୁଝର ସଭାପତି ଜନାର୍ଦ୍ଦନ ନାଏକ, ହୀରାକୁଦ ସଭାପତି ବନମାଳୀ ଭୋଇ, କଷଡା ସଭାପତି ଭକ୍ତରାମ କୁମୁରା ,ଦିବ୍ୟଶଙ୍କର ନାଏକ, ଜୟପାଳ ନାଏକ, ଅରୁଣ ନାଏକ, ମହାଦେବ ବାଗ, କୁଳମଣୀ ମାଝିଙ୍କ ସମେତ ବିଭିନ୍ନ ଆଞ୍ଚଳିକ ଗୁଡିର ୩ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# କୁଚିଣ୍ଡାରେ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ



ଜଗନ୍ନାଥ ଅର୍ପଣ ରଥର କୁଚିଣ୍ଡା ବ୍ଲକରେ ଶୁଭାରମ୍ଭ କରାଯାଉଛି।

କୁଚିଣ୍ଡା,୮।୧(ବିରଞ୍ଚି ଦର୍ଶୀ)

ଜାନୁଆରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ନିମନ୍ତେ ଜୟ ଜଗନ୍ନାଥ ଅର୍ପଣ ରଥର ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକରେ ଶୁଭାରମ୍ଭ ହୋଇଯାଇଛି। ଏହାକୁ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ବିଡ଼ିଓ ନିରଞ୍ଜନ କୁମାର ସା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ,ଏସଏଚଜି ସଭ୍ୟାମାନେ ଉପସ୍ଥିତ ଥିଲେ। ଏହି ରଥ କୁଚିଣ୍ଡା ବ୍ଲକର ସମସ୍ତ ଗ୍ରାମର ଘରକୁ ଘର ପରିଭ୍ରମଣ କରିବ। ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବା ପରେ ଏହା ଜଗନ୍ନାଥ ମନ୍ଦିର ପୁରୀକୁ ପଠାଯିବାର କାର୍ଯ୍ୟକ୍ରମ ରହିଛି।

# ଗରିବ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନ କର



ସମ୍ବଲପୁର ମହାନଗର ନିଗମରେ ଭାଜପାର ପ୍ରତିନିଧି ଦଳ।

ସମ୍ବଲପୁର,୮।୧ (ଭବାନୀ ଶଙ୍କର ଭୋଇ):

ଗରିବ ପରିବାରଙ୍କୁ ପକ୍କା ଘର ଖଣ୍ଡିଏ ଯୋଗେଇ ଦେବା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆରମ୍ଭ କରିଥିଲେ। ତେବେ ସେଥିପାଇଁ ଆବଶ୍ୟକ ସ୍ଥାୟୀ ପଟ୍ଟା ଥିବା ଜମି ଖଣ୍ଡିଏ ନ ଥିବାରୁ ବହୁ ଗରିବ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ସକ୍ଷମ ହେଉ ନ ଥିବା ଭାଜପା ପକ୍ଷରୁ ସୋମବାର ଅଭିଯୋଗ କରାଯାଇଛି। ସମ୍ବଲପୁର ଭାଜପା ପକ୍ଷରୁ ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଜମି ପଞ୍ଜିକରଣ ପ୍ରମାଣପତ୍ର (ଏଲ୍.ଆର୍.ସି) ପ୍ରଦାନ୍ କରିବାକୁ ଦାବି କରାଯାଇଛି। ଚାରି ପାଞ୍ଚ ଦଶନ୍ଧିରୁ ସରକାରୀ ଜମିରେ ଘର କରି ରହୁଥିବା ଲୋକଙ୍କୁ ଏଲ.ଆର୍.ସି ବଦଳରେ ସ୍ଥାୟୀ ପଟ୍ଟା ପ୍ରଦନ କରାଯାଉ ବୋଲି ସମ୍ବଲପୁର ଭାଜପା ଜିଲା ସଭାପତି ଗିରିଶ ପଟେଲ ଦାବି କରିଛନ୍ତି। ତାଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତନିଧି ଦଳ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ ପୌରାୟୁକ୍ତ ସରୋଜିନୀ ପ୍ରସନ୍ କୁଲୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନିଲ ବେହେରା, ଦାମୋଦର କର, ଶିବ କୁମାର୍ ଅଗ୍ରୱାଲ, ସମିର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ବିଷ୍ଣୁ ରକ୍ଷୀତ, ଜୟନ୍ତ ଦାସ, ଫଣି ଭୂଷଣ ମିଶ୍ର, ଶମ୍ଭୁ ବରେଲିଆ, ମନୋଜ ସ୍ୱାଇଁ, ସଞ୍ଜୟ ଷଡ଼ଙ୍ଗୀ, ଦିଲୀପ ଚୋବେ, ଦିଲୀପ ଶର୍ମା, ଅନିଲ ସୁନା, କିଶୋର ମେହେର, ପ୍ରଦିପ କୁମାର ବେହେରା, ନାରାୟଣ ପଣ୍ଡା, ରାଜୀବ ସାହୁ, ମୁନ୍ନା ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଆଇଏମ୍‌ରେ ସିଇଓ ଇମର୍ସନ କାର୍ଯ୍ୟକ୍ରମ

- ଯୋଗଦେଲେ ୭୭ ଜଣ କର୍ମଜୀବୀ ପେସାଦାର
- ଭଲ ଲିଡର ହେବାକୁ ହେଲେ ଭାବନାତ୍ମକ ବୁଦ୍ଧିମତା ଆବଶ୍ୟକ

ସମ୍ବଲପୁର, ୮।୧(ବି.ଶଙ୍କର)

ଆଇଆଇଏମ ସମ୍ବଲପୁର କ୍ୟାମ୍ପସରେ ୨୦୨୨–୨୪ ଓ ୨୦୨୩–୨୫ ବ୍ୟାଚର ଏକଜିକ୍ୟୁଟିଭ ଏମବିଏ ପାଇଁ ସିଇଓ ଇମର୍ସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇ ଥିଲେ। ସେ କହିଥିଲେ ଯେ, ଏକଜିକ୍ୟୁଟିଭ ଏମବିଏ ବ୍ୟାଚ ସକାଶେ ଏକ ସାମଗ୍ରିକ ଶିକ୍ଷାର ବାତାବରଣ ସୃଷ୍ଟିକରିବା ଲାଗିଆଇଆଇଏମ ସମ୍ବଲପୁରର ପ୍ରତିଶ୍ରୁତିବଦ୍ଧତା ରହିଛି। ତେଣୁ ସିଇଓ ଇମର୍ସନ କାର୍ଯ୍ୟକ୍ରମ ହେଉଛି ଅବିଚ୍ଛେଦ୍ୟ ଅଂଶ। ଜଣେ ଭଲ ଲିଡର ହେବା ପାଇଁ ବିପଦ ପରିଚାଳନା ଜାଣିବା, ଭାବନାତ୍ମକ ବୁଦ୍ଧିମତା, ଆତ୍ମସଚେତନତା ଏବଂ ସାମାଜିକ ଦକ୍ଷତାର ମିଶ୍ରଣ ଆବଶ୍ୟକ ରହିଛି। ଏଥିପାଇଁ ଆତ୍ମ ନିୟନ୍ତ୍ରଣ ନିହାତି ଜରୁରୀ। ଛାତ୍ରୀଛାତ୍ରମାନେ ଏହି ଗୁଣ ବିକାଶ ପାଇଁ ପ୍ରୟାସ କରିବା ଉଚିତ ବୋଲି ପ୍ରଫେସର ଜୟସ୍ୱାଲ ମତବ୍ୟକ୍ତ କରିଥିଲେ। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ସଭାପତି ତଥା କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସଫଳ ବ୍ୟବସାୟିକ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଉପାଦାନ ସମ୍ପର୍କରେ ଆଲୋକପାତ କରିବା ସହ ରଣନୀତି, ଢାଞ୍ଚା, ବ୍ୟବସ୍ଥା ଏବଂ ଦକ୍ଷତା ସମେତ ୪–ଏସ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ବ୍ୟବସାୟ ଏବଂ ଗ୍ରାହକ ପରିଚାଳନା କରିବାଠାରୁ କର୍ମଚାରୀ ଓ ଦଳଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ ପରିଚାଳନା କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଭାରତ ସରକାରଙ୍କ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟିର ଯୁଗ୍ମ ସଚିବ ଡ. ଆଲୋକ କୁମାର ମିଶ୍ର ଏକଜିକ୍ୟୁଟିଭ ଶିକ୍ଷାର ଉଦୀୟମାନ ଦୃଶପଟ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ। ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ ମୁଖ୍ୟ ଚେତନ ଶ୍ରୀବାସ୍ତବ ଦଳଗତ କାର୍ଯ୍ୟର ମହତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଧୁନିକ କର୍ମକ୍ଷେତ୍ରର ଜଟିଳତାକୁ ଦୂର କରିବା ପାଇଁ ବୁଝାମଣା ଓ ଭାବନାତ୍ମକ ପରିପକ୍ୱତା ରହିବା ଜରୁରୀ। ଆଇଆଇଏମ ସମ୍ବଲପୁରର ଏକଜିକ୍ୟୁଟିଭ ଏମବିଏ ଅଧ୍ୟକ୍ଷା ପ୍ରଫେସର ଶିଖା ଭରଦ୍ୱାଜ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଆଇଏମ ସମ୍ବଲପୁର ଦିଲ୍ଲୀ କ୍ୟାମ୍ପସର ୱାର୍କିଂ ପ୍ରଫେସନାଲ ଡ. ଗିରିଶ ମୋହନ ଗୁପ୍ତା, ଶାରଦା ଗୁପ୍ତା, ଏମବିଏ ଛାତ୍ରୀ ଆରୁଷି ଶ୍ରୀବାସ୍ତବ, ସପକଳ ଗୌରୀ ଗଣେଶ, ହିମାନ୍ସି ସୋନି ଓ ଉଜାଲା ସିଂହଙ୍କୁ ଶିକ୍ଷାରେ ଉତ୍କର୍ଷ ପାଇଁ ଏକ ଲକ୍ଷ ଟଙ୍କାର ବୃତ୍ତି ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ନିକଟରେ ଆଇଆଇଏମ ସମ୍ବଲପୁରର ଦିଲ୍ଲୀ ସେଣ୍ଟରରେ ଏମବିଏ ଫର ୱାର୍କିଂ ପ୍ରଫେସନାଲଙ୍କ ସିଇଓ ଇମର୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ଆଇଆଇଏମ ସମ୍ବଲପର ପକ୍ଷରୁ ଅଭିଜ୍ଞ ପେସାଦାରମାନଙ୍କ ସହ ସିଧାସଳଖ କଥାବାର୍ତ୍ତା ମାଧ୍ୟମରେ ବ୍ୟବହାରିକ ଜ୍ଞାନ, ଶିଳ୍ପ ଧାରା ଏବଂ ନେତୃତ୍ୱ ଦକ୍ଷତା ବିଷୟରେ ଅବଗତ କରାଯାଇଥିଲା। ଏହିକାର୍ଯ୍ୟକ୍ରମରେ ୭୭ ଜଣ କର୍ମଜୀବୀ ପେସାଦାର (ୱାର୍କିଂ ପ୍ରଫେସନାଲ) ଅଂଶଗ୍ରହଣ କରିଥିଲେ।



ଆଇଆଇଏମ ସମ୍ବଲପୁର କ୍ୟାମ୍ପସରେ ଆୟୋଜିତ ସିଇଓ ଇମର୍ସନ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

# ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

କୁଚିଣ୍ଡା,୮।୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ପଞ୍ଚାୟତ ବିଲେଇଗଡ଼ ପଡ଼ିଆରେ ସୋମବାର ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ରେ କେନ୍ଦ୍ର ଶିକ୍ଷା,ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଏକ ବଡ ଅର୍ଥନୀତି ଆଡକୁ ଗତି କରୁଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଓ ବୃନ୍ଦାବନ ମାଝି, ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧୂରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାଶ, ଆଇଓସିଏଲ ଚିଫ ଜେନେରାଲ ମ୍ୟାନେଜର ସବ୍ୟସାଚୀ ମୁଖାର୍ଜୀ, ଏପିଡ଼ି ଟୁନୁ ମେହେର, ଏସ୍‌ଏଲବିସି ଜିଏମ ଗୌତମ ପାତ୍ର, ସମ୍ବଲପୁର ଆଞ୍ଚଳିକ ପୋଷ୍ଟ ମାଷ୍ଟର ରିଙ୍କୁ ଗାଙ୍ଗୁଲି, ଏସବିଆଇ ଆଞ୍ଚଳିକ ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ସମ୍ବଲପୁର ନାବାର୍ଡ ଡିଜିଏମ ଧୀରେନ୍ଦ୍ର କୁମାର ଦାଶ, କ୍ଷେତ୍ର ପ୍ରଚାର ଅଧିକାରୀ (ଏମଆଇବି) ମନମୋହନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭାରତକୁ ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ଯୋଗଦେଇଥିବା ସହସ୍ରାଧିକ ଜନସାଧାରଣଙ୍କୁ ଶପଥ ପାଠ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ମୋଦି ବିଭିନ୍ନ ରାଜ୍ୟର ହିତାଧିକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଥିବାର କାର୍ଯ୍ୟକ୍ରମ ଏଲଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଗ୍ୟାସ କନେକ୍ସନ, କିଷାନ କ୍ରେଡିଟ କାର୍ଡ ଆଦି ବଣ୍ଟନ କରିଥିଲେ। ପ୍ରାରମ୍ଭରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଶେଷରେ ବାମରା ଏବିଡ଼ିଓ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁଯାତ୍ରାକୁ ପାଠ୍ୟକ୍ରମରେ ସାମିଲ ପାଇଁ ହେବ ଉଦ୍ୟମ: ଧର୍ମେନ୍ଦ୍ର ପ୍ରଧାନ



ଚିପିଲିମାରେ ଧନୁଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମ୍ବଲପୁର,୮।୧ (ଭବାନୀଶଙ୍କର ଭୋଇ)

ଧନୁଯାତ୍ରା ହେଉଛି ପଶ୍ଚିମ ଓଡ଼ିଶାର ସାଂସ୍କୃତିକ, ଧାର୍ମିକ ଓ ଲୋକାଭିନୟର ସମାହାର। ଧନୁଯାତ୍ରାର କୌଣସି ଲିଖିତ ପଟ୍ଟକଥା ନ ଥାଏ। କିନ୍ତୁ ଦର୍ଶକମାନଙ୍କୁ ଆମର ପରମ୍ପରା ସହ ବାନ୍ଧି ରଖି ଆକୃଷ୍ଟ କରିପାରେ ବୋଲି ସୋମବାର ସମ୍ବଲପୁର ଜିଲାର ଚିପିଲିମା ଠାରେ 'ମାଆ ଘଣ୍ଟେଶ୍ୱରୀ ଧନୁଯାତ୍ରା କମିଟି, ଚିପିଲିମା' ପକ୍ଷରୁ ଆୟୋଜିତ ଧନୁଯାତ୍ରା ମହୋତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧନୁଯାତ୍ରା କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ମୂଲ୍ୟବୋଧର ଗଭୀର କଥା କଂସ ଦରବାରରୁ ଲୋକଙ୍କ ପାଖରେ ଲୋକଭାଷାରେ ପହଞ୍ଚିଛି। ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଧନୁଯାତ୍ରାକୁ ପାଠ୍ୟକ୍ରମରେ ସାମିଲ କରିବା ପାଇଁ ଉଦ୍ୟମ କରାଯିବ। ଦେଶରେ ପ୍ରଣୀତ ନୂତନ ଜାତୀୟ ଶିକ୍ଷା ନୀତିରେ ଧନୁଯାତ୍ରା ଭଳି ଲୋକକଳା ଓ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି। ଧନୁଯାତ୍ରାକୁ ଲୋକଉତ୍ସବରେ ପରିଣତ କରି ସ୍ଥାନୀୟ ଅଞ୍ଚଳରେ ଏକ ଆନନ୍ଦ ଓ ଉଲ୍ଲାସର ବାତାବରଣ ତିଆରି କରିଥିବାରୁ ଆୟୋଜକଙ୍କୁ ମନ୍ତ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଦେଶରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଆୟୋଜନ ହେବାକୁ ଯାଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ମନ୍ଦିର ଓ ତୀର୍ଥକ୍ଷେତ୍ରକୁ ସ୍ୱଚ୍ଛ ରଖିବା ସହ ଜାନୁଆରୀ ୨୨ରେ ଦୀପ ଜାଳିବା ପାଇଁ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି।

## ସଂକ୍ଷେପରେ

### କାନ୍ଥରେ ବାଇକ୍ ପିଟି ହୋଇ ଚାଳକ ମୃତ

ଲାଞ୍ଜିଗଡ଼,୮।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଗଡ଼ ଆଶ୍ରମପଡାସ୍ଥିତ କୁମ୍ଭାରପଡ଼ା ନିକଟରେ ଭାରସାମ୍ୟ ହରାଇ ଏକ ବାଇକ୍ କାନ୍ଥରେ ପିଟିହୋଇଛି। ଏଥିରେ ମସ୍କାପଦର ଦଇତୁ ହରିଜନ(୫୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଜ୍ୱାଇଁ ମନୀଷ ତାଣ୍ଡି ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ସୋମବାର ସନ୍ଧ୍ୟାରେ ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ମସ୍କାପଦର ଗାଁର ଦଇତୁ ଓ ତାଙ୍କ ଜ୍ୱାଇଁ ମନୀଷ ଏକ ବାଇକରେ ନିଜ ଗାଁ ମସ୍କା ପଦର ଠାରୁ ଲାଞ୍ଜିଗ ଆସୁଥିଲେ। ଆଶ୍ରମପଡାସ୍ଥିତ କୁମ୍ଭାରପଡା ନିକଟରେ ମୁଖ୍ୟ ରାସ୍ତା କଡ ଏକ ପାଚେରୀ କାନ୍ଥରେ ବାଇକ ପିଟି ହୋଇଯାଇଥିଲା। ଫଳରେ ଉଭୟେ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଲାଞ୍ଜିଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଦଇତୁ ଓ ମନୀଷଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଦଇତୁଙ୍କୁ ମୃତ ଘୋଷଣା କରିଥିବା ବେଳେ ମନୀଷଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ହେବାରୁ ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧/୨୪) ରୁଜୁ କରି ତଦନ୍ତ କରାଯାଉଥିବା ଲାଞ୍ଜିଗଡ ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକୋକା ସୂଚନା ଦେଇଛନ୍ତି।

### ରେଳ ଲାଇନ୍ ଟ୍ରାକ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ନୂଆପଡ଼ା,୮।୧(ମକାରୁ ବେମାଲ)

ରାୟପୁର-ବିଶାଖାପାଟନାମ ରେଲୱେ ଲାଇନ ଟ୍ରାକରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ନୂଆପଡା ରେଲଷ୍ଟେଶନ ଠାରୁ ୩ କି.ମି. ଦୂରରେ ଭେରା ଗାଁ ନିକଟ ରେଲଲାଇନ ଟ୍ରାକରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ନୂଆପଡା ସଦର ପୋଲିସଙ୍କୁ ଖବର ଦେଇଥିଲେ। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୋଲିସକୁ ଖବର କରିଥିଲା। ରେଲୱେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହ ଚିହ୍ନଟ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛ। ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ଜଣାପଡିନାହିଁ, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ରେଲୱେ ପୋଲିସ ସୂତ୍ରରୁ ପ୍ରକାଶ।

### ମକରମେଳା ଉପଲକ୍ଷେ ଶୁଭଖମ୍ବ ସ୍ଥାପନ



ପଲମ/କର୍ଲାମୁଣ୍ଡା,୮।୧ (ଭିକାରି ଗଉଡ/ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ଶ୍ରୀ ଶ୍ରୀ ନିଳକଣ୍ଠେଶ୍ୱର ମନ୍ଦିର ପରିସରରେ ସୋମବାର ମକର ମେଳା ପାଇଁ ଶୁଭଖମ୍ବ ସ୍ଥାପନ କରାଯାଇଛି। ମନ୍ଦିର ଶ୍ରେଷ୍ଠ ପୂଜକ ନେତ୍ରାନନ୍ଦ ବଡମାଲି ପୂଜାର୍ଚ୍ଚନା କରିବା ପରେ ଶୁଭଖମ୍ବ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମକରମେଳା କମିଟି ସଭାପତି ଜଗତରାମ ଭୋଇ, ଉପସଭାପତି ହିରାମଣି ସାହୁ, ସମ୍ପାଦକ ସୁଶାନ୍ତ ଜାନୀ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସହ ସମ୍ପାଦକ ଦୟାନିଧି ବାଗ,ସଭ୍ୟ ଜୟଦେବ ସାହୁ, ରାଜିନ୍ଦ୍ର ବେହେରା, ଲୋକନାଥ ଦାସ, ଟଙ୍କ ସାହୁ, କ୍ଷିତନ୍ତ ମାଝି ପ୍ରମୁଖ ଯୋଗଦାନ ଦେଇଥିଲେ।

# ବ୍ଲକ, ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ

ଜୁନାଗଡ଼,୮।୧(ସୁନୀଲ କୁମାର ସିଂହ)



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

- ବିକାଶ ପାଇଁ ସମସ୍ତେ ଏକଜୁଟ ହେବା ଆବଶ୍ୟକ
- ଗାୟକ ସର୍ବେଶ୍ୱର ଭୋଇଙ୍କ ଗୀତରେ ଝୁମିଲେ ଦର୍ଶକ

କଳାହାଣ୍ଡି ଜିଲା ଜୁନାଗଡ ସହର ହାଇସ୍କୁଲ ପଡିଆଠାରେ ଚାଲିଥିବା ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ସୋମବାର ଉଦଯାପିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସବିତା ମେହେରଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ତହସିଲଦାର ସୁରମି ସୁରେନ, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏନଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମଲାଲ ହିଆଲ, ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, ସଂସ୍କୃତି ଗବେଷକ ପରମେଶ୍ୱର ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର ଲୋକକଳା ଓ ସଂସ୍କୃତି ଆଜି ବିଶ୍ୱ ଦରବାରରେ ପରିଚିତ। ଏହାକୁ ଉଜ୍ଜ୍ୱଳୀତ କରିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯିଏ ଯେଉଁ ଦଳର ଥାଉନା କାହିଁକି ସମସ୍ତେ ବିକାଶ ପାଇଁ ଏକଜୁଟ ହେବା ଆବଶ୍ୟକ ବୋଲି ବିଧାୟକ ମିଶ୍ର କହିଥିଲେ। ସେହିପରି କଳାହାଣ୍ଡିର ଇତିହାସକୁ ଏକ ଗ୍ୟାଲେରୀରେ ସ୍ଥାନ ଦେଲେ ଆଗାମୀ ପିଢି ଏହା ଉପରେ ଜାଣିପାରିବେ ବୋଲି ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ କହିଥିଲେ। ସାଂସ୍କୃତିକ ସଭା ଜିଲା ସାମ୍ବାଦିକ ୟୁନିୟନ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ ପରିଚାଳନା କରିଥିଲେ। କଳାହାଣ୍ଡି ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଜୁନାଗଡ଼ କଳା ବିକାଶ କେନ୍ଦ୍ରର ଓଡିଶୀ, ଛୋରିଆଗଡ଼ର ଘୁମୁରା, ଜୁନାଗଡ଼ ଗନ୍ତାୟତ ପଡାର ବଜାଶାଲ, ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସିଙ୍ଗାରି, ବୁଢ଼ୀପଡ଼ର ଡାପ ପରିବେଷଣ ହୋଇଥିଲା। ପଶ୍ଚିମ ଓଡ଼ିଶାର ସୁନାମ ଧନ୍ୟ ଗାୟକ ସର୍ବେଶ୍ୱର ଭୋଇ ଓ ଟିମ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ବେଶ ଚିତାକର୍ଷକ ହୋଇଥିଲା।

# ପ୍ରଦେଶ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ଭବାନୀପାଟଣା,୮।୧(ଉତ୍ତମ କୁମାର ଦାଶ)

## ଚିର୍ଚେଗୁଡ଼ା ମଣ୍ଡିରେ ଧାନ କିଣା ଅନିୟମିତତା ଘଟଣା



ପ୍ରଦେଶ କଂଗ୍ରେସ କୃଷକ ସେଲ ସଭାପତି ରାଜ୍ୟପାଳଙ୍କୁ ଦାବିପତ୍ର ଦେଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିର୍ଚେଗୁଡା ମଣ୍ଡିରେ ଧାନ କିଣାରେ ଅନିୟମିତତା ଘଟଣା ନେଇ ରାଜ୍ୟ କୃଷକ ସେଲ ପ୍ରଦେଶ ସଭାପତି ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ଏକ ଦାବି ପ୍ରଦାନ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ଚାଷୀଙ୍କୁ ତାଙ୍କ କ୍ଷତିପୂରଣ ଦେଇ ନ୍ୟାୟ ପ୍ରଦାନ କରିବା ପାଇଁ ସେମାନେ ନିବେଦନ କରିଛନ୍ତି। ସୂଚନା ଯେ, ଜୁନାଗଡ଼ ବ୍ଲକ ଚିର୍ଚେଗୁଡା ମଣ୍ଡିରେ ଧାନ କିଣା ଅନିୟମିତତା ହୋଇଥିବା ସାମାନାକୁ ଆସିଥିଲା। ଓଜନ ମେଶିନ ଜରିଆରେ ଠକେଇ କରି କୁଇଣ୍ଟାଲ ପିଛା ୬ କିଗ୍ରା ହଡ଼ପ କରାଯାଉଥିବା ଚାଷୀ ଅଭିଯୋଗ କରିଥିଲେ। ଏହାକୁ ନେଇ 'ଧରିତ୍ରୀ'ରେ ପ୍ରଥମେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଏହା ଲୋକ ଲୋଚନକୁ ଆସିଥିଲା। ଗତ ୨୬ ତାରିଖରେ କଂଗ୍ରେସର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଚିର୍ଚେଗୁଡା ମଣ୍ଡି ପରିଦର୍ଶନ କରିଥିଲେ। ଧାନ ଓଜନ ମେଶିନରେ ଠକେଇ ଯୋଗୁ କୁଇଣ୍ଟାଲ ପିଛା ୬ କେଜି କମ ଦେଖାଉଥିବା ଚାଷୀ ଅଭିଯୋଗ କରିଥିଲେ। ଏହାପରେ ଅଭିଯୋଗ ପ୍ରମାଣ ପାଇଁ କଂଗ୍ରେସ ପ୍ରତିନିଧି ଦଳ ଓଜନ ମେଶିନ ପରୀକ୍ଷା ପରେ ଠକେଇ ବିଷୟରେ ଜଣାପଡିଥିଲା। ପ୍ରତିନିଧି ଦଳ ସ୍ଥାନୀୟ ତହସିଲଦାର, ଧର୍ମଗଡ଼ ଉପଜିଲାପାଳଙ୍କୁ ଜଣାଇଥିଲେ। ପରେ ବିଭାଗୀୟ ଅଧିକାରୀ ମଣ୍ଡି ଆସି ଓଜନ ମାପକ ଯନ୍ତ୍ର ଜବତ କରିଥିଲେ। ଏପରି କି ଗତ ବୁଧବାର ଏହାକୁ ନେଇ ଜିଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ, ଭିଜିଲାନ୍ସ ବିଭାଗ ଓ ସମବାୟ ଜିଲା ନିବନ୍ଧକଙ୍କୁ ଫେରାଦ ହୋଇଥିଲେ। ସେମାନେ ଏ ବିଷୟରେ ଏକ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲେ।

# ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ

କେସିଙ୍ଗା,୮।୧(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ଅଧ୍ୟକ୍ଷ ନୃପରାଜ ଯଦବଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ସୋମବାର ସଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ ତାରିଖରେ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ କିପରି ପାଳନ କରାଯିବ ସେଥିପାଇଁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉତ୍ସବରେ ମଶାଲ ଯାତ୍ରା, ନାଚ, ଗୀତ, ଲୋକକଳା, ଆଲୋକିକରଣ, ତୋରଣ ସାଜସଜା, ପୁରସ୍କାର ବଣ୍ଟନ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ନିର୍ବାହୀ ଅଧିକାରିଣୀ କିରଣ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ବି.ଚନ୍ଦ୍ର ଶେଖର ଆଚାରି, ରମେଶ ଚନ୍ଦ୍ର ଜେନା, କାଉନ୍‌ସିଲର ରମେଶ ଚନ୍ଦ୍ର ଜେନା, ସୂର୍ଯ୍ୟ କାନ୍ତ ଦାଶ, ବିକ୍ରମ ବାରିକ, ଏନଏସିର କର୍ମଚାରୀ ପ୍ରମୁଖ ଉପସ୍ଥିତ ମତାମତ ପ୍ରଦାନ କରିଥିଲେ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ

ଗୋଲାମୁଣ୍ଡା,୮।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ହାଇସ୍କୁଲ ପଡିଆରେ ଦୁଇ ଦିନ ଧରି ଚାଲିଥିବା ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦଯାପିତ ହୋଇଯାଇଛି। ବୃନ୍ଦାବାହାଲ ସରପଞ୍ଚ ଇଂ ଦିନେଶ କୁମାର ରାଉତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବୃନ୍ଦାବାହାଲ ପିଇଓ ଡିଷ୍ଟିକ ବାଣୁଆ ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ପ୍ରତିଯୋଗୀମାନେ ନୃତ୍ୟ, ଗୀତ, ବକ୍ତୃତା, ଝୋଟି, ହୁଳହୁଳି, ଶଙ୍ଖଫୁଙ୍କା ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ରୂପେ ଗୋଲାମୁଣ୍ଡା ତହସିଲଦାର ଅଶୋକ ପଟ୍ଟନାୟକ, ଗୋଲାମୁଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀମତୀ ଶ୍ୱେତାପଦ୍ମା ସେଠ ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳର ଲୁକାୟିତ କଳା ସଂସ୍କୃତି ତଥା ପ୍ରତିଭାର ଉନ୍ମୋଚନ ଓ ପ୍ରଦର୍ଶନ ପାଇଁ କଳାହାଣ୍ଡି ଉତ୍ସବ ଏକ ପ୍ରଭାବଶାଳୀ ମାଧ୍ୟମ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କୃତୀ ପ୍ରତିଯୋଗୀମାନେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଠାରୁ ମାନପତ୍ର ସହ ପୁରସ୍କୃତ ହେବା ସହ ସମ୍ବର୍ଦ୍ଧିତ ହୋଇଥିଲେ। ଗ୍ରାମର ଯୁବବର୍ଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଖମାରହଲଦୀ ଓ ଚିଚିଆ ପଞ୍ଚାୟତ ପିଇଓ ରୂପେ ଦାୟିତ୍ୱ ନିର୍ବାହ କରୁଥିବା ବିଶ୍ୱ ରଂଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ଇନ୍ଦ୍ରାବତୀରୁ ରବି ଚାଷ ପାଇଁ ଛଡ଼ାଗଲା ଜଳ

ଭବାନୀପାଟଣା,୮।୧(ଉତ୍ତମ କୁମାର ଦାଶ)



କଳାହାଣ୍ଡି ଜିଲା ଇନ୍ଦ୍ରାବତୀରୁ ସୋମବାର ଚଳିତ ରବି ଚାଷ ପାଇଁ ଜଳସେଚନ ଆରମ୍ଭ ହୋଇଛି। ଏଥିରେ ଇନ୍ଦ୍ରାବତୀ ବାମ, ଦକ୍ଷିଣ ଓ ମେଗା ଲିଫ୍ଟ କେନାଲ ମାଧ୍ୟମରେ ଚାଷୀଙ୍କୁ ଜଳ ଯୋଗାଣ କରାଯାଇଛି। ଇନ୍ଦ୍ରାବତୀ ଜଳସେଚନ ଜିଲାର ଅର୍ଥନୀତି ଓ କର୍ମ ଯୋଗାଣ କ୍ଷେତ୍ରରେ ଜୀବନ ରେଖା ପାଲଟି ଥିବା ବେଳେ ଚଳିତ ରବି ଜଳସେଚନ ବାମ ମୁଖ୍ୟ କେନାଲରେ ୩୧,୩୧୫ ହେକ୍ଟର ସମେତ ଦକ୍ଷିଣ ମୁଖ୍ୟ କେନାଲରେ ୨୦,୦୭୩ ଓ ମେଗା ଲିଫ୍ଟ କେନାଲରେ ପରିବର୍ଦ୍ଧିତ ଆୟକଟ ସହିତ ୧୬, ୬୪୫ ହେକ୍ଟର ମୋଟ ୭୧,୨୭୪ ହେକ୍ଟର ଜମିରେ ଜଳସେଚନ ଲକ୍ଷ ରଖାଯାଇ ଥିବା ସୂଚନା ମିଳିଛି। ଏଥିରେ ପ୍ରାୟ ୩୩୫ ଗ୍ରାମର ଚାଷୀ ଉପକୃତ ହେବେ। ଅନ୍ୟପକ୍ଷରେ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ବର୍ତ୍ତମାନ ୬୩୬.୪୫ମିଟର ଜଳସ୍ତର ଥିବାରୁ ଚାଷୀଙ୍କ ମଧ୍ୟରେ ଏବେଠୁ ସୁରକ୍ଷିତ ଜଳସେଚନ ନେଇ ଆଶଙ୍କା ବଢ଼ିବାରେ ଲାଗିଲାଣି। ତେବେ ପର୍ଯ୍ୟାୟ କ୍ରମେ ଜଳ ସେଚନ ସହିତ ସ୍ୱଳ୍ପ ମିଆଦି କିସମର ଧାନ ଚାଷ କରିବା ପାଇଁ ଚାଷୀଙ୍କୁ ବିଭାଗୀୟ ଅଧିକାରୀ ନିବେଦନ କରିଛନ୍ତି। ସେହିପରି ୧୨୦ ଦିନ ପରିବର୍ତ୍ତେ ଏଥର ୯୦ ଦିନ ଜଳ ଯୋଗାଣ କରାଯିବ ବୋଲି ଜଣାପଡିଛି।

## ବାଲସି ମଣ୍ଡଳସ୍ତରୀୟ ବୈଠକ, କର୍ମକର୍ତ୍ତା ଚୟନ

କେସିଙ୍ଗା,୮।୧(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବୁଦିପଦରଠାରେ ବାଲସି ମଣ୍ଡଳସ୍ତରୀୟ ବୈଠକ ବ୍ଲକ ସଭାପତି ଚକ୍ରଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନରୁ ବୁଦିପଦର ଗ୍ରାମରେ କର୍ମକର୍ତ୍ତା ଚୟନ ହୋଇ ନ ଥିଲା। ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲା ସଭାପତି ନିଲମଣି ସାହୁଙ୍କ ନିର୍ଦ୍ଦେଶକ୍ରମେ ବୁଢ଼ୀପଦର ଗ୍ରାମରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଭାବେ ବିରଞ୍ଚି ସାହୁ, କୋଷାଧ୍ୟକ୍ଷ ଭାବେ ଛବିନ୍ଦ୍ର ସାହୁ, ଉପ ସଭାପତି ବୈସୁତ ସାହୁ, ଦମୟନ୍ତି ସାହୁ, ସଭ୍ୟାସଭ୍ୟ ଭାବେ ଟଙ୍କଧର ସାହୁ, କୁମାର ସାହୁ, ଶିଶୁପାଳ, ଶିବ ସାହୁ, ଅମ୍ବିକା ସାହୁ, ଦ୍ରୌପଦୀ ସାହୁ, ଦଇମତି ସାହୁ, ଅଞ୍ଜନା ସାହୁ ପ୍ରମୁଖ ନିର୍ବାଚିତ ହୋଇଥିଲେ। ମଣ୍ଡଳ ସଭାପତି ମନୋହର ସାହୁ, ସମ୍ପାଦକ ଅଶନି ସାହୁ, ବାଲସି ଗ୍ରାମ୍ୟ କମିଟି ସଭାପତି ନକୁଳ ସାହୁ, କାର୍ଜି କିଶନ ସାହୁ, ବିରଞ୍ଚି ସାହୁ, ଉପସଭାପତି କୁମାର ମଣି ସାହୁ, ଜିଲା ସଭ୍ୟ ରାମେଶ୍ୱର ସାହୁ, ବାଲସି ମଣ୍ଡଳର ସଭ୍ୟ ଡୁମେଶ୍ୱର ସାହୁ, ପଦ୍ମନାଭ ସାହୁ, ଭମରମାଳ ଗ୍ରାମ୍ୟ କମିଟି ସଭାପତି ଉମାକାନ୍ତ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସାହୁ ସମାଜରେ ନାରୀ ଜାତିର ଆଗ୍ରଗତି, ନାରୀ ସୁରକ୍ଷା, ଶିକ୍ଷା, ନିଶା ନିବାରଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା।

## କୋଦୋମେରୀ, ବିଶୋରାଠାରେ ଅର୍ପଣ ରଥକୁ ସ୍ୱାଗତ



ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ନୂଆପଡ଼ା,୮।୧(ମକାରୁ ବେମାଲ)

ନୂଆପଡା ଜିଲା ସଦର ବ୍ଲକ ବିଶୋରା ଓ କୋଦୋମେରୀ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ସୋମବାର ସ୍ୱାଗତ କରାଯାଇଛି। କୋଦୋମେରୀ ପଞ୍ଚାୟତର କୋଦୋମେରୀ, ଚୁହୁରୀ, କେରମେଲି ଓ ବିଶୋରା ପଞ୍ଚାୟତର ବିଶୋରା, ଝିଟକି, ଲୁକୁପାଲି, ଡୋଟୋ, ଚିଙ୍ଗରାସିରା, ବାବନକେରା ଆଦି ଗାଁରେ ଅର୍ପଣ ରଥକୁ ସଂକିର୍ତ୍ତନ, ବାଜା, ଘୁମରା ସହ ଗ୍ରାମବାସୀ ସ୍ୱାଗତ କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ଗାଁ ସାରା ପ୍ରକମ୍ପିତ ହୋଇ ଉଠିଥିଲା। କୋଦୋମେରୀ ସରପଞ୍ଚ ମମତା ପୁଞ୍ଜିଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପରିତୋଶ ମିଶ୍ର, ସାମାଜିକ କର୍ମୀ ଅସିତ କୁମାର ପୁଞ୍ଜି, ନାଏବ ସରପଞ୍ଚ ଗଣେଶ ଶବର, ୱାର୍ଡ ମେମ୍ବର ଦୀପିକା ସାହୁ, ଖେମରାଜ ସାହୁ, ହିରାବାଇ ମାଝି, ବୁଦ୍ଧିଆରୀନ ଯାଦବ, ଯୋସ୍ନାମୟୀ ଦଣ୍ଡସେନା, ଭମର ସିଂ ମାଝି, ପ୍ରଶାନ୍ତ ମାଝି ଓ ଗ୍ରାମବାସୀ ଉପସ୍ଥିତଥିଲେ। ସେହିପରି ବିଶୋରା ସରପଞ୍ଚ ଲିଲେଶ୍ୱରୀ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ୍ ନିର୍ବାହୀ ଅଧିକାରୀ ସୁବ୍ରତ ପ୍ରଧାନ, ମନୋଜ ଦଣ୍ଡସେନା, ନାଏବ ସରପଞ୍ଚ ନାରଦ କେଉଟ, ମଣିରାମ ମାଝି, କମଳ ମାଝି, କୃପା ମାଝି, ଗେସରାମ ମାଝି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଖଡ଼ିଆଳ,୮।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସଞ୍ଜୀବ ବରର୍ଡି ଯୋଗଦେଇଥିଲେ। ସାଧନ କର୍ମୀ ଭାବେ ନୂଆପଡ଼ା ଅତିରିକ୍ତ ଶିକ୍ଷା ଅଧିକାରୀ ଉତ୍କଳ ମଣି ଅଗସ୍ତି, ନୂଆପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ଭୋଇ, ଏମ.ଆଇ.ଏସ ସଂଯୋଜକ ଧର୍ମେନ୍ଦ୍ର କୁମାର ଦଣ୍ଡସେନା ଓ ଇନଚାର୍ଜ ପ୍ରୋଗାମର୍ ନିଖିଳ ଓଝା ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ, ବୋଡେନ ଓ ସିନାପାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଲିମ ଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଗୌରୀ ଶଙ୍କର ଦୁବେ, ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ, ପ୍ରଶାନ୍ତ କୁମାର ପଣ୍ଡା, ରତନ ସିଂ ବାରିକ, ଶ୍ୟାମ ନାରାୟଣ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ।




ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଶିକ୍ଷା, ସ୍ୱାସ୍ଥ୍ୟ, କର୍ମନିଯୁକ୍ତି ପାଇଁ କରିବ ସଂଗ୍ରାମ

ଭବାନୀପାଟଣା/ଜୁନାଗଡ଼,୮।୧(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)




ଉଦ୍‌ଯାପନୀ ସମାରୋହରେ ଅତିଥିଗଣ।

**ସିପିଆଇର ରାଜ୍ୟ ପରିଷଦ ବୈଠକ**
- ଆଇଏନ୍‌ଡିଆଇଏର ଶକ୍ତି ବୃଦ୍ଧି କରିବ ସିପିଆଇ
- ଭତ୍ତା ୫ ହଜାର କରିବା ପାଇଁ କରିବ ଆନ୍ଦୋଳନ
- ୧୭ ବିଧାନସଭା,୩ ଲୋକସଭାରେ ପ୍ରାର୍ଥୀ ଦେବା ପାଇଁ ଚିହ୍ନଟ

କଳାହାଣ୍ଡି ଜିଲା ଜୁନାଗଡ଼ ସହର ମୋନାର୍କ ପେଲେସରେ ଗତ ୩ ଧରି ଚାଲିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଓଡ଼ିଶା ରାଜ୍ୟ ପରିଷଦ ବୈଠକ ଉଦଯାପିତ ହୋଇଯାଇଛି। ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଓଡିଶାର ଜନଗଣଙ୍କ ଜୀନ ଓ ଜୀବିକା ସୁରକ୍ଷା ପାଇଁ ଛାତ୍ର, ଯୁବ, ଶ୍ରମିକ, କୃଷକ, ମହିଳା, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ବୁଦ୍ଧିଜୀବୀଙ୍କ ଅଧିକାର ହାସଲ ସହ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ସିପିଆଇର ନିଜସ୍ୱ ଶକ୍ତି ବୃଦ୍ଧି କରିବାକୁ ସଂକଳ୍ପ ନେଇଛି। ସେହିପରି ଆର୍‌ଏସଏସ ଆଦର୍ଶରେ ପରିଚାଳିତ ଭାଜପାକୁ ପରାଜିତ କରି ସଂସଦୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ଦେଶର ସମସ୍ତ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରୀକ ଦଳକୁ ନେଇ ଗଠିତ (ଆଇଏନଡିଆଇଏ) ମେଣ୍ଟକୁ ଶକ୍ତିଶାଳୀ ବଳିଷ୍ଠ କରାଯିବା ସହ ଏହାର ବିପୁଳ ବିଜୟ ପାଇଁ ନିଷ୍ପତ୍ତି ନିଆଯାଇଛି। ଜନବସତି ଉଚ୍ଛେଦ ନକରି, କୃଷି ଉପଯୋଗୀ ଜମି ଶିଳ୍ପାୟନ ନାମରେ ହଡ଼ପ ବନ୍ଦ କରିବା, ରାଜ୍ୟର ଶ୍ରମିକଙ୍କ ସଳ୍ପ ମଜୁରୀ ହାର ଓ କୃଷି ଭିତ୍ତିକ ଶିଳ୍ପ ନ ଥିବାରୁ ଓଡିଶାର ଅର୍ଦ୍ଧାଧିକ ଜିଲାରୁ ଲକ୍ଷ ଲକ୍ଷ ଯୁବ ପିଢୀ ପ୍ରବାସୀ ଶ୍ରମିକ ଭାବେ ଯାଇ ଶୋଷଣ ଅତ୍ୟାଚାରର ଶିକାର ହେବା ବ୍ୟବସ୍ଥା ବନ୍ଦ କରି ଯୁବ ସମାଜର ଭବିଷ୍ୟତ ସୁରକ୍ଷିତ କରବି ପାଇଁ କର୍ମନିଯୁକ୍ତିକୁ ଅଗ୍ରାଧିକାର ଦେବା ଓ ଭ୍ରଷ୍ଟାଚାରୀ ଲୋପ ପାଇଁ ପାର୍ଟି ନିଷ୍ପତ୍ତି କରିଛି। ରାଜ୍ୟରେ ଭାଜପା ଓ ବିଜେଡ଼ିକୁ ପରାଜିତ କରି ଏକ ଶକ୍ତିଶାଳୀ ବିକଳ୍ପ ସରକାର ଗଠନ ପାଇଁ ଓଡିଶାରେ ୧୭ ବିଧାନ ସଭା ଆସନରେ ଓ ୩ ଲୋକ ସଭା ଆସନରେ ପାର୍ଟି ନିର୍ବାଚନ ଲଢ଼ିବା ପାଇଁ ଚିହ୍ନଟ କରିଛି। ସେହିପରି ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା ୫ ହଜାର କରିବାକୁ ସିପିଆଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ୩ ଦିନ ଧରି ଅନୁଷ୍ଠିତ ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ଅଭୟ ସାହୁ, ଦଳର ଜାତୀୟ ସମ୍ପାଦକ ଡ. ରାମକୃଷ୍ଣ ପଣ୍ଡା, ପୂର୍ବତନ ରାଜ୍ୟ ସମ୍ପାଦକ ଡ. ଆଶିଷ କାନୁନଗୋ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଡ. ଅଶୋକ ଦାଶ, ଡ. ପ୍ରଶାନ୍ତ ପାଇଯୋଷୀ, ଡ. ଜୟନ୍ତ ଦାସ, ଡ. ପ୍ରକାଶ ଚନ୍ଦ୍ର ପାତ୍ର, ଡ. ଦାମୋଦର ବେହେରା, ଶ୍ରମିକ ନେତା ଡ.ଜୟ ଜେନା, କୃଷକ ନେତା ଡ. ଶଶୀଭୂଷଣ ସ୍ୱାଇଁ, ଛାତ୍ରନେତା ଡ. ସଂଘମିତ୍ରା ଜେନା, ଯୁବନେତା ଡ. ପ୍ରଦୀପ ସେଠୀ, ମହିଳା ନେତ୍ରୀ ଡ. ଜୀନ୍ମୟୀ ସାହାଣୀ, ଖେତମଜଦୂର ନେତା ଡ. ସୁର ଜେନା, ନୂଆ ଦୁନିଆ ସମ୍ପାଦକ ଡ. ରମେଶ ପାଢ଼ୀ, ଜିଲା ସମ୍ପାଦକ ଡ. ନିରଞ୍ଜନ ବାରିକ, ଡ. ଶୁଭେନ୍ଦୁ ପ୍ରତାପ ମହାନ୍ତି, ଡ. ବିଦ୍ୟାଧର ମାହାନ୍ତ, ଡ. ଜଗବନ୍ଧୁ ମିଶ୍ର, ଡ. ସାରଙ୍ଗଧର ମିଶ୍ର, ଡ. ଈଶର ପରିଡ଼ା, ଡ. ଅଭିଜିତ ସାହୁ, ଡ. କୃଷ୍ଣଚନ୍ଦ୍ର ରାଉତ, ଡ. ଅମୀୟ ପଟ୍ଟନାୟକ, କଃ ଏନ ଗୋପାଳ, କଃ ଅକ୍ଷୟ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୀନେଶ ସଭାପତି, ରଞ୍ଜିତ ସମ୍ପାଦକ

**ସୁବର୍ଣ୍ଣପୁର ଜିଲା ହାବିଲଦାର-କନେଷ୍ଟବଲ ସଂଘ ନିର୍ବାଚନ**

ସୋନପୁର,୮।୧(ମୃତ୍ୟୁଞ୍ଜୟ ଶତପଥୀ)

ହାବିଲଦାର-କନଷ୍ଟେବଲ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ଫଳାଫଳ ଅନୁଯାୟୀ ସଭାପତି ଭାବେ ଦୀନେଶ ମିଶ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ବିଦ୍ୟାଧର ଧରୁଆ ଉପସଭାପତି, ରଞ୍ଜିତ ପଧାନ ସମ୍ପାଦକ, ଯଦୁନାଥ ଦାଣ୍ଡିଆ କୋଷାଧ୍ୟକ୍ଷ, ସୁରସେନ୍ ଡୁଙ୍ଗଡୁଙ୍ଗ୍ ସହସମ୍ପାଦକ-୧, କାର୍ତ୍ତିକେଶ୍ୱର ରାଉତ ସହସମ୍ପାଦକ-୨ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ବରୁଣ ସାହୁ, ଦୁର୍ଯ୍ୟୋଧନ କାଲସାହି, କବି ମିସ୍ତ୍ରୀ, ମଧୁ କୁମ୍ଭାର, ନାରାୟଣ ଭୋଇ, ରବିନ୍ଦ୍ର କୁଅଁର, ସଞ୍ଜିବ୍ କୁମାର ସାହୁ, ଶଙ୍କର୍ଷଣ ପଟ୍ଟନାୟକ, ସତ୍ୟାନନ୍ଦ ଧରୁଆ ଓ ସୁବ୍ରତ ବେହେରା ନିର୍ବାଚିତ ହୋଇଛନ୍ତି । ଆସନ୍ତା ୨ ବର୍ଷ ପାଇଁ ନିର୍ବାଚିତ ପ୍ରତିନିଧିମାନେ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି।

### ରକ୍ତଦାନ ଶିବିର: ୩୩ ୟୁନିଟ ରକ୍ତ ସଂଗ୍ରହ

ବିନିକା, ୮।୧ (ରାମ ଗୋପାଳ ବାଘ)

ବିନିକା ବ୍ଲକ ଅନ୍ତର୍ଗତ ପାପୀ ଗ୍ରାମରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ବୁର୍ଲା ରକ୍ତଭଣ୍ଡାରର ଡା. ହୃତିକ ପଧାନ, କର୍ମଚାରୀ ନନ୍ଦିଘୋଷ ଦୀପ, ଲାଲୁ ବିଶ୍ୱାଳ, ଜନକ ବେହେରା ଓ ଭରସା ପରିବାର ପ୍ରତିଷ୍ଠାତା ପ୍ରେମରାଜ ନିହାଲ ସିଂ, ପଦ୍ମଶ୍ରୀ ଡା ଜିତେନ୍ଦ୍ରୀୟ ହରିପାଲଙ୍କ ସମେତ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ଶିବିର ହୋଇଥିଲା ।

### ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଜୟନ୍ତୀ ପାଳିତ

ବିନିକା,୮।୧( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ୱାର୍ଡ ନମ୍ବର ୧୦ ଉର୍ଲେଠାରେ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ୮୨ ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଦ୍ଧାର୍ଥ ଜୁନିୟର କଲେଜର ଅଧକ୍ଷା ରେଖା ପଧାନ, ମୁଖ୍ୟବକ୍ତା ଭାବେ ଡା. ଅନିରୁଦ୍ଧ କୁରକୁରିଆ ଓ ସ୍ୱତନ୍ତ୍ର ଅତିଥି ଭାବେ ଶାଶ୍ୱତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ସାମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମୁରଲୀଧର ବିଶ୍ୱାଳ, ଶିଳ୍ପପତି ମମତାଜ ପଣ୍ଡା, ଏନଏସି ଉପାଧ୍ୟକ୍ଷା ତପସ୍ୱନୀ ମେହେର, ଉଦ୍ୟୋଗୀ ହିମାଂଶୁ ପାଣିଗ୍ରାହୀ, ଆବାହକ ତଥା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଜୟନ୍ତୀ ସ୍ମୃତି କମିଟିର ପ୍ରତିଷ୍ଠାତା ରାମ ଗୋପାଳ ବାଘ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ଶିକ୍ଷାବିତ୍ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । କାଉନସିଲର ଆଶାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବୃଦ୍ଧାବୃଦ୍ଧମାନଙ୍କୁ ଶୀତ ବସ୍ତ୍ର ବିତରଣ କରାଯାଇଥିଲା। ସାମାଜିକ କର୍ମୀ ତଥା କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ ଓ ବାଦ୍ୟକାରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବୀରମହାରାଜପୁର ଓ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ହୋଇଥିଲା । ଶିବିରକୁ ସମାଜସେବିକା ଜାହ୍ନବୀ ପଣ୍ଡା ଫିତା କାଟି ଉଦ୍‌ଘାଟନ କରିଥିଲେ। ମୋଟ ୩୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକ ଚିକିତ୍ସା ପାଇଁ ୭ ଜଣଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସନ୍ଧ୍ୟାରେ କଣ୍ଠଶିଳ୍ପୀ ଚୁମକି ପାଢ଼ୀ, ପ୍ରିୟଦର୍ଶିନୀ ସୁନା, ଲବ ଦୀପ, କୁଶ ଦୀପ, ମନ୍ତ୍ରରାମ ସୁନା, ଶିଶୁ ନୃତ୍ୟ ଶିଳ୍ପୀ ଆରାଧନା ଜଗଦଳା, ପ୍ରିୟାଂଶି ବାଗଙ୍କ ଗୀତ ନାଚ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ବନମାଳୀ ମିଶ୍ର, ଗୋପୀନାଥ ପଣ୍ଡା, ଉଦ୍ଧବ ହାତୀ, ସୁଧାଂଶୁ ଶେଖର ପୁରୋହିତଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ୪ ଦିନ ପରେ ଅପହୃତ ବ୍ୟବସାୟୀ ଉଦ୍ଧାର

**୧ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖି ଅପହରଣ ଘଟଣା**

- ୪ ଅଭିଯୁକ୍ତ ସହ ଜଣେ ନାବାଳକ ଗିରଫ
- ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକଙ୍କ ସୂଚନା

କନ୍ଧମାଳ,୮।୧(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଦପଲା ଗାଁ ନିକଟରେ ଗତ ବୁଧବାର ବିଳମ୍ବିତ ରାତିରେ ୧ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖି ଖମାର ଗ୍ରାମର ବ୍ୟବସାୟୀ ପରମେଶ୍ୱର ମହାକୁଡଙ୍କୁ ଅପହରଣ କରାଯାଇଥିଲା । ଅପହୃତ ପରମେଶ୍ୱରଙ୍କୁ ପୋଲିସ ପକ୍ଷରୁ ରବିବାର ଉଦ୍ଧାର କରାଯାଇଛି । ଏହି ଘଟଣାରେ ୪ ଜଣ ଅଭିଯୁକ୍ତ ଓ ଜଣେ ନାବାଳକଙ୍କୁ ଗିରଫ କରାଯାଇଥିବା ନେଇ ସୋମବାର ଦିନ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ମନମୁଣ୍ଡାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆରକ୍ଷୀ ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ, ପରମେଶ୍ୱର ଦପଲା ଗ୍ରାମର ସମିତ ମହାଲିଙ୍ଗ ଓ ଶ୍ୟାମସୁନ୍ଦର ଦନ୍ତାଙ୍କ ଠାରୁ ୧୨ ହଜାର ଟଙ୍କା ନେଇ ଫେରାଇ ନ ଥିଲେ । ଟଙ୍କା ପାଇଁ ଗତ ବୁଧବାର ଦିନ ସମିତ ମହାଲିଙ୍ଗ , ଶ୍ୟାମସୁନ୍ଦର ନିଜ ଗ୍ରାମର ଚୈତନ୍ୟ ମହାକୁଡଙ୍କ ସହ ମିଶି ପରମେଶ୍ୱରଙ୍କୁ ଅପହରଣ କରି ଶ୍ୟାମସୁନ୍ଦରଙ୍କ କପା ବାଡିରେ ଲୁଚାଇଥିଲେ । ଏହି


ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ଅଧିକାରୀ।

ଅପହରଣ ଘଟଣାରେ ଦପଲା ଗ୍ରାମର ମନୋଜ ଦନ୍ତା ଓ ଦୁଇ ଜଣ ନାବାଳକ ମଧ୍ୟ ସାମିଲ ହୋଇଥିଲେ । ପରେ ଅପହରଣକାରୀମାନେ ପରମେଶ୍ୱରଙ୍କ ସମ୍ପର୍କୀୟ ମନହରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଠାରୁ ୧ ଲକ୍ଷ ଟଙ୍କା ଦାବି କରିଥିଲେ । ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭାଇ ମଦନ ମୋହନ ପ୍ରଧାନ ଟଙ୍କା ଧରି ଘଟଣାସ୍ଥଳକୁ ଆସିଥିଲେ। ଅପହରଣକାରୀଙ୍କ ସହ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭାଇଙ୍କର ଯୁକ୍ତିତର୍କ ହୋଇ ଗଣ୍ଡଗୋଳ ଘଟିଥିଲା । ଏନେଇ ପୂର୍ଣ୍ଣଚନ୍ଦ୍ର ୧୧୨କୁ ଫୋନ କରିଥିଲେ । ଖବରପାଇ ଘଟଣାସ୍ଥଳରେ ମନମୁଣ୍ଡା ଥାନାର ଏଏସଆଇ କୁମୁନ୍ଦ ଚନ୍ଦ୍ର ଭୋଇ ପହଞ୍ଚିବା ପରେ ଅପହରଣକାରୀମାନେ ଏଏସଆଇ ଭୋଇଙ୍କୁ ପିଟିଥିଲେ । ଏହାଛଡା ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ଭାଇ ମଦନମୋହନଙ୍କୁ ମାଡ ମାରି ଟଙ୍କା ନେଇ ଯିବା ସହ ପରମେଶ୍ୱରଙ୍କୁ ଘଟଣା ସ୍ଥଳରୁ ଧରି ଫେରାର ହୋଇଯାଇଥିଲେ । ଏନେଇ ମନମୁଣ୍ଡା ଥାନାରେ ନଂ ୪/୨୦୨୪ ଓ ନଂ ୬/୨୦୨୪ରେ ଦୁଇଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଗତ ରବିବାର ଦିନ ପୋଲିସ ପରମେଶ୍ୱରଙ୍କୁ ଉଦ୍ଧାର କରିବା ସହ ଏହି ଘଟଣାରେ ସମିତ ମହାଲିଙ୍ଗ , ଶ୍ୟାମସୁନ୍ଦର ଦନ୍ତା, ଚୈତନ୍ୟ ମହାକୁଡ ଓ ମନୋଜ ଦନ୍ତାଙ୍କୁ ଗିରଫ କରିବା ସହ ଜଣେ ନାବାଳକଙ୍କୁ ମଧ୍ୟ ଗିରଫ କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ସୂଚନା ଦେଇଥିଲେ । ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ଓ ଗିରଫ ୪ ଅଭିଯୁକ୍ତଙ୍କୁ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଥିଲେ । ସମ୍ପୃକ୍ତ ନାବାଳକଙ୍କୁ ବୌଦ୍ଧ ଜୁଭେନାଇଲ କୋର୍ଟ ପଠାଯାଇଥିଲା । ଖବରାଦାତା ସମ୍ମିଳନୀରେ ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, ମନମୁଣ୍ଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ଯୋଗ ଦେଇଥିଲେ ।

# ଅଞ୍ଚଳବାସୀଙ୍କ ଏକତାର ପ୍ରତୀକ


ସୋନପୁର ବ୍ଲକ କୁଦୋପଲି ଗ୍ରାମରେ ଅର୍ପଣ ରଥର ଶୁଭାରମ୍ଭ କରାଯାଉଛି।

**ସୋନପୁର ବ୍ଲକ**

- କୁଦୋପାଲିରେ ଅର୍ପଣ ରଥର ଶୁଭାରମ୍ଭ

ସୋନପୁର,୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ କୁଦୋପାଲି ଗ୍ରାମରେ ସୋମବାର ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀର ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ଧ୍ୱନିରେ ଅର୍ପଣ ରଥକୁ ଗ୍ରାମ ପରିକ୍ରମା କରାଯାଇଥିଲା । ପରେ ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ ହୋଇଥିଲା । ପଞ୍ଚାୟତର ସବୁ ଗ୍ରାମକୁ ଏହି ରଥ ଯାଇ ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ । ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ରଥ ସମ୍ମୁଖରେ ସଂକଳ୍ପ ପୂଜାବିଧି ପୂର୍ବକ ଅକ୍ଷତ ଚାଉଳ ଓ ଗୁଆ ଦେଇ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ନାୟକ କହିଛନ୍ତି, ଏହା କେବଳ ଏକ ରଥ ନୁହେଁ, ଏହା ଅଞ୍ଚଳବାସୀଙ୍କ ଏକତା ତଥା ଓଡ଼ିଆ ଜାତିର ସାଂସ୍କୃତିକ ମୂଲ୍ୟବୋଧ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତୀକ। ଏହି ରଥ ପରିକ୍ରମା କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ମଧୁସୂଦନ ଓତା, କରମଚାନ୍ଦ ମହାନ୍ତିଙ୍କ ସହ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ , ସରପଞ୍ଚ ସାନୁଜ କର୍ମୀ, ସମିତି ସଭ୍ୟାସଭ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଶତାଧିକ ଜଗନ୍ନାଥ ପ୍ରେମୀ ଭକ୍ତଗଣ ଉପସ୍ଥିତ ରହି ଏହି ଆଧାତ୍ମିକ କାର୍ଯ୍ୟରେ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖ ଦିନ ପୁରୀ ଶ୍ରୀମନ୍ଦିରଠାରେ ଅନୁଷ୍ଠିତ ହେବ । ସମସ୍ତ ଜନସାଧାରଣ ଶ୍ରୀକ୍ଷେତ୍ରର ଏହି ପବିତ୍ର ଯଜ୍ଞ ଅନୁଷ୍ଠାନରେ ଯୋଡ଼ିହୋଇ ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ କରିବାକୁ ପ୍ରତି ପରିବାରରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଉଛି ।

# ବିଭୋର କଲା ଓଡ଼ିଶୀ, ଗୋଟିପୁଅ ନୃତ୍ୟ



ଭୁବନେଶ୍ୱରର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି(ବାମ), ବାଲିଗୁଡାର କଳାକାରମାନଙ୍କ ଆଦିବାସୀ ନୃତ୍ୟ।

**ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା**

ସୋନପୁର,୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୋମବାର ସୁବର୍ଣ୍ଣ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଓଡିଶୀ, ଗୋଟିପୁଅ, ଖୋର୍ଦ୍ଧାର ପାଇକ ଆଖଡା, ଛଉ, ବିହୁ ଓ ଲାବନି ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ପ୍ରଥମ ଚରଣରେ ସୋନପୁର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଯାହାକି ମଞ୍ଚରେ ଭକ୍ତିଭାବ ଆଣିଥିଲା। ଖୋର୍ଦ୍ଧାର କଳାକାରମାନେ ପାଇକ ଆଖଡା କୌଶଳ ପ୍ରଦର୍ଶନ କରିଥିବା ବେଳେ ଭୁବନେଶ୍ୱରର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କୁ ବିଭୋର କରିଥିଲା। ପରେ ପଶ୍ଚିମବଙ୍ଗର ପୁରୁଲିଆ ଛଉ, ମୟୂରଭଞ୍ଜର କଳାକାରଙ୍କ ଛଉ ନୃତ୍ୟ, ଆସାମର ବିହୁ, ମହାରାଷ୍ଟ୍ରର ଲାବନି, କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କଳାକାର ସଂଘ ପକ୍ଷରୁ ଆଦିବାସୀ ନୃତ୍ୟ, ବରଗଡ ଜିଲା ପଦ୍ମପୁର ରମେଶ ଓ ସାଥୀଙ୍କ ଚୁଟ୍‌କୁଚୁଟା ନୃତ୍ୟ ଓ ଟିଟିଲାଗଡ ଏକତାରା କଲଚରାଲ ଗ୍ରୁପ୍‌ର କଳାକାର ଢାପ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟ ଓ ବାଦ୍ୟର ମହା ସଙ୍ଗମରେ ପ୍ରକମ୍ପିତ ହୋଇ ଉଠିଥିଲା ମଞ୍ଚ। କଳାକାରଙ୍କ ଲୋକନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଅବିନାଶ ହୋତା, ଚୌଧୁରୀ ବିଭାର, ଅମୃତାଂଶୁ ପଣ୍ଡା, ଦେବାଶିଷ ପଟ୍ଟନାୟକ ଓ ରୁବି ବେହେରା ମଞ୍ଚ ପରିଚାଳନା କରିଥିଲେ। ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ଲୋକ ମହୋତ୍ସବ, ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଏବଂ ସୁବର୍ଣ୍ଣ କୃଷି ଓ ଯନ୍ତ୍ରପାତି ମେଳାର ସୋମବାର ସାଂସ୍କୃତିକ ସଭାରେ ଜିଲାପାଳ ବିମଳେନ୍ଦୁ ରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି ଯୋଗଦେଇ କହିଥିଲେ, ବିବିଧ ସାଂସ୍କୃତିକ ବୈଭବରେ ସୁବର୍ଣ୍ଣପୁର ଜିଲା ପରିପୂର୍ଣ୍ଣ। ବହୁ ସୁଯୋଗ୍ୟ ସନ୍ତାନଙ୍କୁ ଏହି ମାଟି ଜନ୍ମ ଦେଇଛି। ଜିଲାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅନନ୍ୟ । ଏ ସବୁର ବିକାଶ ଓ ପ୍ରଚାର, ପ୍ରସାରରେ ଏହି ଲୋକ ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏମ୍‌ପି ବିଶି ମତପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ସଭା ସଂଯୋଜନା କରିଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଅମରପାଲି,୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବନ୍ଧୀୟ ୫୯ ଗୋଟି ପଞ୍ଜୀକୃତ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ୪୩ ଗୋଟି ବ୍ୟକ୍ତିଗତ, ୧୬ ଗୋଟି ସାମୂହିକ ଦରଖାସ୍ତ ଓ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତର ବିଚାର କରି ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଶିବିରରେ ଉଫୁଲା ଗ୍ରାମ ପଞ୍ଚାୟତର ୩ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତାର ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର , ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଦୁର୍ଗା ଦାସ , ବୀରମହାରାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବାସୁଦେବ ଛତ୍ରିଆ, ସିଏସଓ ସୁରେଶ ପାଣିଗ୍ରାହୀ, ଜିଲା ଶ୍ରମ ଅଧିକାରୀ ଡିଲେଶର ଖାକା, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ କର୍ମଚାରୀ ଯୋଗ ଦେଇଥିଲେ।

# ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା


ଅର୍ପଣ ରଥ ଶୁଭାରମ୍ଭ ଅବସରରେ ପୂଜାର୍ଚ୍ଚନା ।

ତଲଗାଁ,୮।୧(କୁନା ବେହେରା)

ସୋମବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଠାରୁ ଜୟ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ହୋଇଛି । ନାମ ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳି ଧ୍ୱନୀ ମଧ୍ୟରେ ହରଭଙ୍ଗା ବିଡ଼ିଓ ସ୍ୱପ୍ନିତା ନାୟକ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ପୁରୁଣାକଟକ ପଞ୍ଚାୟତ ପରିକ୍ରମା କରି ବ୍ଲକର ଆଡେଣିଗଡ଼ ପଞ୍ଚାୟତରେ ପହଞ୍ଚିଥିଲା। ଏହି ଅବସରରେ ରଥକୁ ଆଡେଣିଗଡ ପଞ୍ଚାୟତଠାରେ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ପଞ୍ଚାୟତର ସରପଞ୍ଚ ଅଜିତ୍ କୁମାର ପ୍ରଧାନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମଲିକଙ୍କ ତତ୍ତ୍ୱାବଧାନରେ ରଥ ଆଡେଣିଗଡ଼ ପଞ୍ଚାୟତର ପ୍ରତ୍ୟେକ ସାହି ପରିକ୍ରମା କରିଥିଲା। ଭକ୍ତିମୟ ପରିବେଶରେ ଗ୍ରାମରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଇଥିଲା । ରଥ ପରିକ୍ରମା ସମୟରେ ଶହ ଶହ ମହିଳା ଓ ପୁରୁଷ ଭକ୍ତ ସାମିଲ ହୋଇଥିଲେ ।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଗାଁ ଦାଣ୍ଡ


ଅର୍ପଣ ରଥ ଗ୍ରାମ ପରିକ୍ରମା କରୁଛି।

**କନ୍ଧମାଳ ବ୍ଲକ୍‌ରେ ଅର୍ପଣ ରଥର ଶୁଭାରମ୍ଭ**

ଘଣ୍ଟାପଡ଼ା,୮।୧(ପ୍ରଭାତ କୁମାର ସାହୁ)

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ହେବାକୁ ଥିବା ବେଳେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ବୌଦ୍ଧ ଜିଲା କଣ୍ଟାମାଳସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ଓ ବିଡିଓ ସାମି ଜୟଶ୍ରୀ ରେଙ୍ଗୀ ପୂଜାର୍ଚ୍ଚନା ପରେ ଅକ୍ଷତ ଚାଉଳ ଅର୍ପଣକରି ଗ୍ରାମ୍ୟ ପରିକ୍ରମା ନିମନ୍ତେ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ । ବିଡିଓ ରେଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଡବ୍ଲୁଇଓ ଜ୍ୟୋତିରଞ୍ଜନ ବେହେରାଙ୍କ ସଂଯୋଜନାରେ ଗ୍ରାମ୍ୟ ପରିକ୍ରମା ନିମନ୍ତେ ଜଗନ୍ନାଥ ମନ୍ଦିରରୁ ଅର୍ପଣ ରଥ ବାହାରିବା ମାତ୍ରେ କଣ୍ଟାମାଳ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା । ମହିଳା ଓ ପୁରୁଷ କୀର୍ତ୍ତନ ମଣ୍ଡଳୀ ସହିତ ସମବେତ ଜନସାଧାରଣଙ୍କ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଘରେ ଘରେ ଦୀପ ପ୍ରଜ୍ୱଳନକରି ରଥକୁ ସ୍ୱାଗତକରି ଅକ୍ଷତ ଚାଉଳ ,ଗୁଆ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାମାଳ ବିଡିଓ ରେଙ୍ଗୀ, ବ୍ଲକ ଅଧ୍ୟକ୍ଷା ସେନାପତି, ଡବ୍ଲୁଇଓ ବେହେରା, ଇଞ୍ଜିନିୟର ଦିବ୍ୟଲୋଚନ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ, ପିଇଓ ଭୁଲେଶ୍ୱର ନାଗ, ଟୁଟୁ ରାଉତଙ୍କ ସମେତ ବ୍ଲକ କର୍ମଚାରୀ, ବ୍ଲକ କ୍ଷେତ୍ର କର୍ମଚାରୀ, ମହିଳା ମିଶନ ଶକ୍ତି,ଏମ୍‌ବିକେ, ସିଆର୍‌ପି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ କଣ୍ଟାମାଳ ଗ୍ରାମବାସୀ ରଥ ପରିକ୍ରମାରେ ସହଯୋଗ କରିଥିଲେ । ମଙ୍ଗଳବାରଠାରୁ କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ଓ ପଲସାଗୋରା ଜୋନ୍‌ରୁ ଦୁଇଟି ରଥ ବାହାରି ପ୍ରତ୍ୟେକ ପଞ୍ଚାୟତର ପ୍ରତି ଗ୍ରାମର ପ୍ରତି ପରିବାରରୁ ଅକ୍ଷତ ଚାଉଳ,ଗୁଆ ଗ୍ରହଣକରି ଜଗନ୍ନାଥ ଧାମକୁ ପଠାଯିବ ବୋଲି ଅର୍ପଣ ରଥର ସଂଯୋଜକ ଜ୍ୟୋତିରଞ୍ଜନ ବେହେରା ପ୍ରକାଶ କରିଛନ୍ତି।

# ବୌଦ୍ଧକୁ ହରାଇ ଏସଡିସିଏ ସୋନପୁର ଚାମ୍ପିୟନ

**୧୭ ତମ ରାଜ୍ୟସ୍ତରୀୟ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ**

- କେ.ଜି.କ୍ରିଷ୍ଣାଙ୍କୁ ମ୍ୟାନ ଅଫ୍ ଫାଇନାଲ
- ଦେବାଶିଷ ବାଗଙ୍କୁ ମ୍ୟାନ ଅଫ ସିରିଜ

ଅମରପାଲି,୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ହେଉଥିବା ୧୭ ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବୌଦ୍ଧକୁ ହରାଇ ଏସଡିସିଏ ସୋନପୁର ଚାମ୍ପିୟନ ହୋଇଛି। ମ୍ୟାଚ ଦୁଇଟି ଫର୍ମାଟ ରେ ହୋଇଥିଲା। ପ୍ରଥମ ଫର୍ମାଟରେ ବୌଦ୍ଧ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୯ ଉଇକେଟ ହରାଇ ୮୯ରନ କରିଥିଲା। ଦଳର ଦେବାଶିଷ ବାଗ ୩୭ ଓ ବିଭୂତି ମଲ୍ଲିକ ୧୪ ରନ କରିଥିଲେ। ବିପକ୍ଷ ସୋନପୁରର ବିକି ନାଗ,ପୁରୁଷୋତ୍ତମ ପାତ୍ର ଓ ରାକେଶ ସାହୁ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଏସଡିସିଏ ସୋନପୁର ଦଳ ଆବଶ୍ୟକ ୯୦ ରନକୁ ୧୦.୧ ଓଭରରେ ୭ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ଶଙ୍କର ସେଠୀ ୪୧ ରନ ଓ ଅଭିଲାଷ ନାୟକ ୧୨ ରନ କରିଥିଲେ। ବୌଦ୍ଧର ଦେବାଶିଷ ବାଗ ୪ଟି ଓ ଲକ୍ଷ୍ମୀଧର ପ୍ରଧାନ ୨ ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ବୌଦ୍ଧ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୭୩ ରନ


ଅତିଥିଙ୍କ ଗହଣରେ ଚାମ୍ପିୟନ ସୋନପୁର ଦଳ।

କରିଥିଲା। ଦଳର ବିଭୂତି ମଲ୍ଲିକ ୪୧ ରନ ଓ ତାପସ ପଣ୍ଡା ୧୩ ରନ କରିଥିଲେ। ବିପକ୍ଷ ସୋନପୁରର ରାକେଶ ପଣ୍ଡା ଓ ପୁରୁଷୋତ୍ତମ ପଣ୍ଡା ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ଆବଶ୍ୟକ ୭୪ ରନକୁ ୫ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର କେ.ଜି.କ୍ରିଷ୍ଣା ୩୧ ରନ ଓ ସୌରଭ ବେଦବାକ ୨୭ ରନ କରିଥିଲେ। ବିପକ୍ଷ ବୌଦ୍ଧର ଲକ୍ଷ୍ମୀଧର ପ୍ରଧାନ ଓ ଦେବାଶିଷ ବାଗ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଟୁର୍ନାମେଣ୍ଟ ପରିଚାଳନା କମିଟିର ସଭାପତି ରାମ ପ୍ରସାଦ କର୍ଣ୍ଣ ଅଧ୍ୟକ୍ଷତା କରିଥିଲେ। କମିରା ସରପଞ୍ଚ ଅନୁସୟା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘର ପୂର୍ବତନ ସଭାପତି ପଠାନ ପଣ୍ଡା, ଜିଲା କୃଷକ ସଂଗଠନର ଉପସଭାପତି ଧରଣୀ ଧର ପାଢ଼ୀ, ଶ୍ରମିକ ସଂଗଠନ ସଭାପତି କର୍ଣ୍ଣରାଜ ପ୍ରଧାନ, କ୍ରୀଡ଼ା ସଂଗଠକ ପ୍ରାଣବନ୍ଧୁ ସାହୁ, ସାମାଜିକ କର୍ମୀ ସପନ ପ୍ରଧାନ, ଆୟୋଜକ ସମ୍ପାଦକ ବିଶ୍ୱଜିତ ପାଢ଼ୀ, ପ୍ରାଣବନ୍ଧୁ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧର ଋଷି ମେହେରଙ୍କୁ ଶ୍ରେଷ୍ଠ ଫିଲ୍ଡର୍, ଦେବାଶିଷ ବାଗଙ୍କୁ ଶ୍ରେଷ୍ଠ ବୋଲର ଏବଂ ମ୍ୟାନ ଅଫ ଦି ସିରିଜ, ଋଷି ମେହେରଙ୍କୁ ଶ୍ରେଷ୍ଠ ବେଟର ଓ ସୋନପୁରର ଅଭିଳାଷ ନାୟକଙ୍କୁ ଶ୍ରେଷ୍ଠ ଉଇକେଟ କିପର ଓ କେ. ଜି. କ୍ରିଷ୍ଣାଙ୍କୁ ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସୋନପୁର ଦଳକୁ ନଗଦ ୨୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ ବୌଦ୍ଧ ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ଚନ୍ଦ୍ର ଶେଖର ପ୍ରଧାନ ସ୍କୋରର, ପରୀକ୍ଷିତ କର୍ଣ୍ଣ ଅନ୍‌ଲାଇନ ସ୍କୋରର ଏବଂ ବି. ଏସ. ରାଓ, ଦେବେନ୍ଦ୍ର ଭୋଇ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମଦ୍ୟପଙ୍କ ଉପଦ୍ରବ, ଥାନାରେ ଅଭିଯୋଗ

ବଡ଼ଗାଁ,୮।୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପେଟଫୋଡ ଗ୍ରାମରେ ମଦ୍ୟପଙ୍କ ଉପଦ୍ରବ ବଢୁଥିବା ଅଭିଯୋଗ କରି ଗ୍ରାମର ମହିଳାମାନେ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର କିଶୋରୀ ଟପ୍ପୋ, ରଜନୀ ମାଝି, ଉର୍ମିଳା ମାଝି, ସୁମିତ୍ରା କଣ୍ଟା, ସୁମିତ୍ରା ବାଗେ, ରୀତା ମାଝି, ଫୁଲେଶ୍ୱରି ମାଝି ପ୍ରମୁଖ ଅଭିଯୋଗ ପତ୍ରରେ ଦର୍ଶାଯାଇଛନ୍ତି ଯେ, ଗ୍ରାମରେ ମଦ୍ୟପଙ୍କ ଉପଦ୍ରବ ବଢ଼ିଚାଲିଛି। ମଦ୍ୟ ପାନ କରିବା ଯୋଗୁ ପରିବାର ପ୍ରତିପୋଷଣରେ ସମସ୍ୟା ଦେଖାଦେଉଛି। ଗ୍ରାମର କେତେକ ମହିଳାଙ୍କୁ ମଦ ବିକ୍ରି ବନ୍ଦ କରିବାକୁ କୁହାଯାଉଥିଲେ ମଧ ସେମାନେ ମାନୁ ନ ଥିବା ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ପୋଲିସ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ଜମି ବିବାଦକୁ କେନ୍ଦ୍ର କରି ମାଡ଼ ଅଭିଯୋଗ

ବଡ଼ଗାଁ,୮।୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଟିମନା ନିକଟ ଗୁଠିଆପଡା ଗ୍ରାମରେ ରବିବାର ଅପରାହ୍ନରେ ଜମି ବିବାଦକୁ କେନ୍ଦ୍ର କରି ଜଣେ ବୃଦ୍ଧାଙ୍କ ସହିତ ତାଙ୍କ ପୁଅ, ବୋହୂ ଓ ନାତିଙ୍କୁ ମାଡ଼ ମରାଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣା ଅନୁଯାୟୀ, ସୁଖ ବାହାଲା (୬୫)ଙ୍କୁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ବେଳେ ଭାଲୁମୁଣ୍ଡା ଗ୍ରାମର ୧୦ ଜଣ ବ୍ୟକ୍ତି ସେଠାରେ ପହଞ୍ଚି ସୁଖ ବାହାଲାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ବୋହୂ ଛଡାଇବା ପାଇଁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ମଧ ମାଡ ମାରିଥିଲେ। ସମ୍ପୃକ୍ତ ବ୍ୟକ୍ତି ପ୍ରାୟ ଦେଢ଼ ଘଣ୍ଟା ଉପଦ୍ରବ କଲାପରେ ଗୃହ ନିର୍ମାଣରେ ବ୍ୟବହୃତ ସାମଗ୍ରୀ, ଲୁହା ରଡ ଆଦି ଟ୍ରାକ୍ଟରରେ ଲଦି ନେଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ତୃତୀୟ ଥର ସାମୂହିକ ଅସ୍ଥିକଳସ ବିସର୍ଜନ କରିବ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୮।୧(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ର ଟିମ୍ ଶ୍ମଶାନ ବନ୍ଧୁ ଆସନ୍ତା ୯ ତାରିଖରେ ୫୬ ମୃତକଙ୍କ ଅସ୍ଥିକଳସ ନେଇ ପ୍ରୟାଗରାଜ, ବନାରସ ଓ ଗୟା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଶ୍ମଶାନ ବନ୍ଧୁ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡା, ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ସୂଚନା ପ୍ରଦାନ କରିଛନ୍ତି। ପରେ ଏହି ଟିମ୍ ସୁନ୍ଦରଗଡ ପ୍ରତ୍ୟାବର୍ତ୍ତନ କରି ଗଙ୍ଗା ଭୋଜ୍ୟ ଓ ବ୍ରାହ୍ମଣ ଭୋଜନ କରିବାକୁ ଯୋଜନା ରଖିଥିବା ପ୍ରକାଶ କରିଛନ୍ତି। ନଭେମ୍ବର ୨୦୨୨ରେ ମଧ ୫୦ ଅସ୍ଥିକଳସ ବିସର୍ଜନ ଓ ପିଣ୍ଡ ପ୍ରଦାନ କରିଥିଲେ। ସେହିପରି ୨୦୨୧ ଜୁଲାଇରେ ଅସ୍ଥିକଳସ ଗୁଡିକ ପ୍ରୟାଗରାଜକୁ ନେଇ ସେଠାରେ ବିସର୍ଜନ କରିବା ସହିତ ଗୟାଠାରେ ପିଣ୍ଡଦାନ କରିଥିଲେ।

### ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବେଦବ୍ୟାସ,୮।୧(ଆଲୋକ ସ୍ୱାଇଁ): ବ୍ରାହ୍ମଣୀତରଙ୍ଗ ଥାନା ମନ୍ଦିର ରୋଡ୍‌ରେ ଜଣେ ଯୁବକ ନିଶାଗ୍ରସ୍ତ ହୋଇ ସ୍ଥାନୀୟ ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯୁବତୀଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଅଭିଯୁକ୍ତ ହେଲେ ମହେଶ ନାଏକ (୩୫)। ଏ ନେଇ ପୋଲିସ ମାମଲା (ନଂ.୮/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ମହେଶ ଉକ୍ତ ଯୁବତୀଙ୍କ ଘରେ ପଶି ଅସଦାଚରଣ କରିଥିଲେ। ଏପରିକି ପୂର୍ବରୁ ମଧ୍ୟ ଯୁବକ ଜଣଙ୍କ ଯୁବତୀଙ୍କୁ ହଇରାଣ କରୁଥିଲେ ବୋଲି ତାଙ୍କ ମା' ଏତଲାରେ ଉଲ୍ଲେଖ କରିଛନ୍ତି।

### ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

ସୁନ୍ଦରଗଡ,୮।୧(ଜୟ ନାରାୟଣ ମେଣ୍ଡୁଲି): ସ୍ଥାନୀୟ ସତସଙ୍ଗ ବିହାର ଓ ଶଙ୍କରା ସ୍ଥିତି କଲ୍ୟାଣ ମଣ୍ଡପଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ଜୟନ୍ତୀ ଓ ନବନିର୍ମିତ ଶ୍ରୀମନ୍ଦିର ପ୍ରଥମ ବାର୍ଷିକ ଶୁଭ ଉଦ୍‌ବୋଧନ ସ୍ମୃତି ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ ଓ ସାହାନାଇସହ ଉଷା କିର୍ତ୍ତନ ସହର ପରିକ୍ରମା କରିଥିଲା। କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତାଭାବେ କୃତିବାସ ଆଚାର୍ଯ୍ୟ ଯୋଗଦେଇ ଠାକୁରଙ୍କ ଭାବଧାରା ସମ୍ପର୍କରେ ଆଲୋଚନା କରିଥିଲେ।


କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ନିଷ୍ଠାର ସହ ଚେଷ୍ଟା କଲେ ସଫଳତା ନିଶ୍ଚିତ

କୁତ୍ରା,୮।୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସିନୀଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ହକି ଇଣ୍ଡିଆ ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ଅନୁଷ୍ଠାନର ପୂର୍ବତନ ପ୍ରଧାନ ଶିକ୍ଷକ ବିସିକେଶନ ସାହୁ, ଲାଲମୋହନ ନାଏକ, ମୋ ସ୍କୁଲ ଅଭିଯାନର ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ଉପଦେଷ୍ଟା ପ୍ରଭୁଦୟାଲ ଅଗ୍ରୱାଲ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ତିର୍କୀ ନିଜର ଛାତ୍ର ଜୀବନ ଓ ସଂଘର୍ଷ ବିଷୟରେ କହିବା ସହ ନିଷ୍ଠାର ସହ ଚେଷ୍ଟା କଲେ ସମସ୍ତ କ୍ଷେତ୍ରରେ ନିଶ୍ଚିତ ଭାବେ ସଫଳତା ମିଳିଥାଏ ବୋଲି ପ୍ରକାଶ କରିଥିଲେ। ବର୍ତ୍ତମାନ ସୁନ୍ଦରଭାବେ ରୂପ ନେଇଥିବା ଏହି ବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ପ୍ରାରମ୍ଭରେ ଯେଉଁ ମାନଙ୍କ ଉଦ୍ୟମ ରହିଥିଲା ସେମାନେ ପ୍ରଶଂସାର ପାତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଯୋଗଦେଇ ସନ୍ତାନଙ୍କ ଭବିଷ୍ୟତ ଗଠନ ଦିଗରେ ଅଭିଭାବକମାନେ ସମୟପଯୋଗୀ ପଦକ୍ଷେପ ନେବା ଉଚିତ ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି, ଏବିଇଓ ଲକ୍ଷଣ ଜାମୁଣ୍ଡା, ଶିବା ସିମେଣ୍ଟ ସିଏସଆର୍ ବିଭାଗ ଅଧ୍ୟକ୍ଷକ ଅଲେଖ କୁମାର ରାଉଳ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଧାନ ବକ୍ତବ୍ୟ ମାଧମରେ ଛାତ୍ରୀଛାତ୍ରଙ୍କୁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରି ନିଜର ସୁନ୍ଦର ଭବିଷ୍ୟତ ଗଠନ କରିବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶାରିରୀକ କ୍ରୀଡା କୌଶଳ ପ୍ରଦର୍ଶନ ହୋଇଥିଲା। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଜସ୍ମିନ ମଞ୍ଜ ପରିଚାଳନା କରିଥିଲେ। ବିଦ୍ୟାଳୟର ଧୃତି ସୁନ୍ଦର ସାହୁ, ଦିପିକା କେର୍କେଟା, ରୀତା କଣ୍ଟା, ଅବିନାଶ କର, ସୁଦାମ ମହାନନ୍ଦ, ସୁନିଲ ସେଠୀ, ରୋହିତ ଜୟପୁରିଆ, ଲିପିକା ସାହୁ,ଲିପିକା କାଲୋ ପ୍ରମୁଖ ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଧୁକ ମୁନରେ ଗ୍ରାହକ ସେବା କେନ୍ଦ୍ରରୁ ୮୦ହଜାର ଲୁଟ୍

ସୁନ୍ଦରଗଡ,୮।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ସାଲେପାଲି ଗ୍ରାମରେ ଥିବା ଏକ ଗ୍ରାହକ ସେବାକେନ୍ଦ୍ରରୁ ସୋମବାର ମଧ୍ୟାହ୍ନରେ ୩ ଲୁଟେରା ବନ୍ଧୁକ ଦେଖାଇ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଧରୁଆଡିହି ଥାନା ଆଇଆଇସି ସଂଯୁକ୍ତା ସାହୁ ସଦଳବଳ ପହଞ୍ଚି ଲୁଟେରାଙ୍କୁ ଧରିବା ପାଇଁ ତନାଘନା ଚଳାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସାଲେପାଲି ଗ୍ରାମରେ ଥିବା ଗ୍ରାହକ ସେବାକେନ୍ଦ୍ରକୁ ଏକ ବାଇକ୍‌ରେ ହେଲମେଟପିନ୍ଧା ୩ ଯୁବକ ଆସିଥିଲେ। ଜଣେ ଯୁବକ ଉକ୍ତ କେନ୍ଦ୍ରର ମାଲିକ ଅନିଲ ବାଗଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଡ୍ରୟାରରେ ଥିବା ଟଙ୍କା ଦେବାକୁ କହିଥିଲେ। ଅନିଲ ନ ଦେବାରୁ ତାଙ୍କୁ ମାରି ଡ୍ରୟାରରେ ଥିବା ୩୦ ହଜାର ଟଙ୍କା ଏବଂ ପକେଟରେ ଥିବା ୫୯ ହଜାର ଟଙ୍କା ନେଇ ସେଠାରୁ ଫେରାର ହୋଇଯାଇଥିଲେ। କେନ୍ଦ୍ରରେ ଥିବା ଗ୍ରାହକ ଓ ପାଖ ଦୋକାନୀ ପାଟି କରିବାରୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୋଲିସ ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କ ରିପୋର୍ଟ ଆଧାରରେ କେସ ନଂ ୪ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ତେବେ ୩ ଯୁବକଙ୍କ ହାତରେ ବନ୍ଧୁକ ଥିବା ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛି ମାସ ପୂର୍ବରୁ ଲେଫ୍ରିପଡା ଥାନା ଅଞ୍ଚଳରେ ମଧ ଗ୍ରାହକ ସେବା କେନ୍ଦ୍ରରୁ ଏହି ଭଳି ଲୁଟ୍ ହୋଇଥିଲା।

# ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର


ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଉଛି।

ରାଉରକେଲା, ୮।୧(ସଙ୍ଗୀତା ଜେନା)

ସେକ୍ଟର-୬ କମ୍ୟୁନିଟି ସେଣ୍ଟରଠାରେ ରବିବାର ଉପହାର ଅନୁଷ୍ଠାନ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସଭାପତି ସୂର୍ଯ୍ୟକାନ୍ତ ସାହୁଙ୍କ ଉପସ୍ଥିତିରେ ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ୍ ସେନାପତି, ଭାଜପା ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ଦୁର୍ଗାଚରଣ ତନ୍ତୀ, କାର୍ଡିଓଲୋଜିଷ୍ଟ ଡା. ମିଲନ୍ ଶତପଥୀ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ଔଷଧ ବିଶେଷଜ୍ଞ ଡା. ମକରଧ୍ୱଜ ରଥ, ଡା. ସୁନୀତା ପତି ପ୍ରମୁଖ ରକ୍ତଚାପ, ଇସିଜି, ଆର୍‌ବିସି, ଏଲ୍‌ପିଟି, ରକ୍ତ ପରୀକ୍ଷା କରାଇଥିଲେ। ଚିନ୍ମୟ ପତି, ସୂର୍ଯ୍ୟ ମିଶ୍ର, ରାଜଶ୍ରୀ ସାହୁ, କୌଶଲ୍ୟା ମହାନନ୍ଦ, ଗାଡୁ ବାଗ, ତୁଷାର ଜେନା ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ଶତାଧିକ ଲୋକ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କୁତ୍ରା,୮।୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଅନୁଷ୍ଠିତ ହୋଇଯାଇଛି। ଏହିକାର୍ଯ୍ୟକ୍ରମରେ ଜିଲାପାଳ ଡ. ପରାଗ ଗଭାଲି, ଆରକ୍ଷୀ ଅଧ୍ୟକ୍ଷକ ପ୍ରତ୍ୟୁଷ ଦିବାକର,ଅନ୍ୟାନ୍ୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୬୯ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୫ ବ୍ୟକ୍ତିଗତ ଏବଂ ୨୭ ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୭ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସନ୍ କାର୍ଡ ସମସ୍ୟା,ଭତ୍ତା ଆଦି ପ୍ରମୁଖ ରହିଥିଲା। ଅନ୍ୟ ପକ୍ଷରେ କୁତ୍ରା ଭାଜପା ପକ୍ଷରୁ ଖୁଟମୁଣ୍ଡା ଠାରୁ କୁରମୁରୁ ୧୦ ନମ୍ବର ରାଜ୍ୟ ରାଜପଥର ଶୋଚନୀୟ ଅବସ୍ଥାକୁ ନେଇ ଜିଲାପାଳଙ୍କୁ ଦରଖାସ୍ତ ପ୍ରଦାନ କରିଥିଲେ। ଏହି ଜନ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ମନୋଜ ମହାଜନ,ସଦର ଉପ ଜିଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

# ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ରାଉରକେଲା,୮।୧(ସଙ୍ଗୀତା ଜେନା)

୨୦୨୧ରେ ଏକ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ଘଟଣାର ଅଭିଯୁକ୍ତ ଇମ୍ରାନ ଖାଁଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ମାସ ଜେଲଦଣ୍ଡ ପାଇଁ ରାଉରକେଲା ଏଡିଜେ ମନୋଜ କୁମାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ୨୦୨୧ ଜାନୁଆରୀ ୩୧ରେ ଇମ୍ରାନ ରାଉରକେଲା ରେଲୱେ ଷ୍ଟେଶନ ନିକଟସ୍ଥ ଏକ ହୋଟେଲରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସତ୍ୟ ନାରାୟଣ ମହାପାତ୍ର ସରକାରୀ ଓକିଲ ଥିଲେ।

# ଘୁମୁରା ଉଦ୍‌ଯାପିତ

ଗୋଲାମୁଣ୍ଡା,୮।୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ହାଇସ୍କୁଲ ପଡିଆରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ ହୋଇଛି। ସରପଞ୍ଚ ଇଂ ଦିନେଶ କୁମାର ରାଉତଙ୍କ ସଭାପତିତ୍ୱରେ ବୃନ୍ଦାବାହାଲ ପିଇଓ ଡିଷ୍ଟିକ ବାଣୁଆ ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗୀମାନେ ନୃତ୍ୟ, ଗୀତ, ବକ୍ତୃତା, ଝୋଟି, ହୁଳହୁଳି, ଶଙ୍ଖଫୁଙ୍କା ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ରୂପେ ଗୋଲାମୁଣ୍ଡା ତହସିଲଦାର ଅଶୋକ ପଟ୍ଟନାୟକ, ଗୋଲାମୁଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ୱେତାପଦ୍ମା ସେଠ ପ୍ରମୁଖ ମଞ୍ଚାସୀନ ଥିଲେ।

# ପ୍ରଦେଶ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

## ଚିଚୈଗୁଡ଼ା ମଣ୍ଡିରେ ଧାନକିଣା ଅନିୟମିତତା ଘଟଣା

ଭବାନୀପାଟଣା,୮।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚୈଗୁଡା ମଣ୍ଡିରେ ଧାନ କିଣାରେ ଅନିୟମିତତା ଘଟଣା ନେଇ ରାଜ୍ୟ କୃଷକ ସେଲ ପ୍ରଦେଶ ସଭାପତି ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ଏକ ଦାବି ପ୍ରଦାନ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ଚାଷୀଙ୍କୁ ତାଙ୍କ କ୍ଷତିପୂରଣ ଦେଇ ନ୍ୟାୟ ପ୍ରଦାନ କରିବା ପାଇଁ ସେମାନେ ନିବେଦନ କରିଛନ୍ତି। ସୂଚନା ଯେ, ଜୁନାଗଡ଼ ବ୍ଲକ ଚିଚୈଗୁଡା ମଣ୍ଡିରେ ଧାନ କିଣା ଅନିୟମିତତା ହୋଇଥିବା ସାମାନାକୁ ଆସିଥିଲା। ଓଜନ ମେଶିନ ଜରିଆରେ ଠକେଇ କରି କୁଇଣ୍ଟାଲ ପିଛା ୬ କିଗ୍ରା ହଡ଼ପ କରାଯାଉଥିବା ଚାଷୀ ଅଭିଯୋଗ କରିଥିଲେ। ଏହାକୁ ନେଇ 'ଧରିତ୍ରୀ'ରେ ପ୍ରଥମେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ଏହା ଲୋକ ଲୋଚନକୁ ଆସିଥିଲା। ଗତ ୨୬ ତାରିଖରେ କଂଗ୍ରେସର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଚିଚୈଗୁଡା ମଣ୍ଡି ପରିଦର୍ଶନ କରିଥିଲେ। ଧାନ ଓଜନ ମେଶିନରେ ଠକେଇ ଯୋଗୁ କୁଇଣ୍ଟାଲ ପିଛା ୬ କେଜି କମ ଦେଖାଉଥିବା ଚାଷୀ ଅଭିଯୋଗ କରିଥିଲେ। ଏହାପରେ ଅଭିଯୋଗ ପ୍ରମାଣ ପାଇଁ କଂଗ୍ରେସ ପ୍ରତିନିଧି ଦଳ ଓଜନ ମେଶିନ ପରୀକ୍ଷା ପରେ ଠକେଇ ବିଷୟରେ ଜଣାପଡିଥିଲା। ପ୍ରତିନିଧି ଦଳ ସ୍ଥାନୀୟ ତହସିଲଦାର, ଧର୍ମଗଡ଼ ଉପଜିଲାପାଳଙ୍କୁ ଜଣାଇଥିଲେ। ପରେ ବିଭାଗୀୟ ଅଧିକାରୀ ମଣ୍ଡି ଆସି ଓଜନ ମାପକ ଯନ୍ତ୍ର ଜବତ କରିଥିଲେ। ଏପରି କି ଗତ ବୁଧବାର ଏହାକୁ ନେଇ ଜିଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ, ଭିଜିଲାନ୍ସ ବିଭାଗ ଓ ସମବାୟ ଜିଲା ନିବନ୍ଧକଙ୍କୁ ଫେରାଦ ହୋଇଥିଲେ।

# ୮ରୁ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପଞ୍ଜୀକରଣ

ସୁନ୍ଦରଗଡ,୮।୧(ଜୟ ନାରାୟଣ ମେଣ୍ଡୁଲି)

ତୃଣମୂଳ ସ୍ତରରୁ ଜିଲା ତଥା ରାଜ୍ୟରେ ଲୁକ୍କାୟିତ ତଥା ଉଦୀୟମାନ ପ୍ରତିଭାକୁ ଚିହ୍ନଟ କରି ସେହି କ୍ରୀଡା ନୈପୁଣ୍ୟକୁ ଶାଣିତ କରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ପ୍ରତି ଜିଲାରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୮ରୁ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ କାର୍ଯ୍ୟାଳୟରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ବିଦ୍ୟାଳୟ ନିଜର ଦଳ ଚୟନ କରି ଖେଳାଳି ପଞ୍ଜୀକରଣ ପାଇଁ ଆବଶ୍ୟକ ନଥିପତ୍ର ସଂସଦ କାର୍ଯ୍ୟାଳୟରେ ଜମା କରିବାକୁ ପଡ଼ିବ। ଯଦି ବିଦ୍ୟାଳୟର ସଂପୂର୍ଣ୍ଣ ଦଳ ହୋଇ ପାରୁନାହିଁ ତାହେଲେ ମଧ ସେମାନେ ନିଜ ଶିକ୍ଷାର୍ଥୀଙ୍କୁ ଆବଶ୍ୟକ ନଥିପତ୍ର ଦେଇ ପଞ୍ଜୀକୃତ କରାଇ ପାରିବେ। ପଞ୍ଜୀକୃତ ଖେଳାଳୀଙ୍କ ଏକ ବିଧିବଦ୍ଧ ଚୟନ ପ୍ରକ୍ରିୟା ପ୍ରଣୟନ କରାଯିବ। ଜାନୁଆରୀ ୧୭ରେ ଟ୍ରାଏଲ୍ସ ଜରିଆରେ ଖେଳାଳିଙ୍କୁ ଚୟନ କରି ଦଳ ମଧ ଗଠନ କରାଯିବ। ଏହି ପଞ୍ଜୀକରଣ ପାଇଁ ଡିଜିଟାଲ ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡ ଓ ବିଦ୍ୟାଳୟ ମୁଖ୍ୟଙ୍କ ଠାରୁ ଷ୍ଟାମ୍ପ ସହିତ ଦସ୍ତଖତ ହୋଇଥିବା ଘୋଷଣାନାମା ବିଦ୍ୟାଳୟର ଲେଟର ହେଡ୍‌ରେ ପ୍ରଦାନ କରିବାକୁ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ପ୍ରକାଶ କରିଛନ୍ତି। ବିଶେଷ ସୂଚନା ପାଇଁ କ୍ରିକେଟ୍ ସମ୍ପାଦକ ଶିଶିର କୁମାର ପଟେଲଙ୍କୁ ୭୦୦୮୨୧୪୨୨୩ ଓ ଶୁଭମ୍ ଦାଶଙ୍କୁ ୭୭୪୯୯୫୨୦୩୩ ନମ୍ବରରେ ସଂପର୍କ କରିବାକୁ ସେ ମତ ବ୍ୟକ୍ତ କରିଛନ୍ତି।

# ଫାର୍ମାସିଷ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଜଗାଙ୍ଗପୁର,୮।୧(ଅଶୋକ ପାଣି)

ଓଡ଼ିଶା ଫାର୍ମାସିଷ୍ଟ ସର୍ଭିସ ଆସୋସିଏଶନ ସୁନ୍ଦରଗଡ ଶାଖାର ବରିଷ୍ଠ ଫାର୍ମାସି ଅଫିସର ଲିଙ୍ଗରାଜ ପୃଷ୍ଟି ଗତ ୩୧ରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ସେ ଜିଲାର ବିଭିନ୍ନ ଅଞ୍ଚଳରେ ରହି ସେବା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରଠାରେ ସଂଘର ଜିଲା ସଭାପତି ରାଜେନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡା. ରଶ୍ମିକାନ୍ତ ଦାସ, ଫାର୍ମାସିଷ୍ଟ ଉମାକାନ୍ତ ମହାପାତ୍ର, ରଞ୍ଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଲିଙ୍ଗରାଜ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଫୁଟ୍‌ବଲ ଟୁର୍ନାମେଣ୍ଟ : କୁଚିଣ୍ଡା ଚାମ୍ପିୟନ

ବାଲିଶଙ୍କରା,୮।୧( ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ବନ୍ଧବାହାଲଠାରେ ଜୟତରାମ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ଜିଲା ବିଜେଡି ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡ. ବିନୟ ଟପ୍ପୋ ଯୋଗଦେଇ ଥିଲେ। ଏହି ଟୁର୍ନାମେଣ୍ଟ ପାଇଁ ଏସଡିସି ତରଫରୁ ୨ ଲକ୍ଷ ଟଙ୍କା ଜୟତରାମ କ୍ଲବକୁ ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ବାଲିଶଙ୍କରା ଜିଲାପରିଷଦ (କ) ଜୋନ ସଭ୍ୟ ବିନୋଦ କୁଜୁର, ବାଲିଶଙ୍କରା (ଖ) ଜୋନ ଜିଲାପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ପୂର୍ବତନ ବରିଷ୍ଠ ଖେଳାଳି ଉପସ୍ଥିତ ରହି କ୍ରୀଡାକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ କୁଚିଣ୍ଡା ଓ ସମ୍ବଲପୁର-୧୧ ମଧ୍ୟରେ ହୋଇଥିଲା। ୪-୦ ଗୋଲରେ କୁଚିଣ୍ଡା ଦଳ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ କୁଚିଣ୍ଡା ଦଳକୁ ଦେଢ଼ ଲକ୍ଷ ଟଙ୍କା ଓ ରନର୍ସଅପ ସମ୍ବଲପୁର-୧୧ ଦଳକୁ ଏକ ଲକ୍ଷ ଟଙ୍କା, ତୃତୀୟଭାବେ ବିଶାଳ ବ୍ରଦର୍ସ ୨୫ ହଜାର ଟଙ୍କା ଏବଂ ୪ର୍ଥ ଦଳ ମୟୁରଭଞ୍ଜକୁ ୨୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡା ସଂସଦ ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଖେଳ ପରିଚାଳନା ହୋଇଥିଲା। ହେମନ୍ତ ଦାଶ, ଅଶୋକ ପାଣ୍ଡ, କୁମର ଛତ୍ରିଆ, ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ କାର୍ଯ୍ୟଭାର ତୁଲାଇଥିଲେ। ଏହିଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

## ସଂକ୍ଷେପରେ

### ଦଳ ପ୍ରତି ଅଧିକ ସମର୍ଥନ ଜୁଟାଇବାକୁ ସଂକଳ୍ପ

**ଜିଲା କଂଗ୍ରେସର ସାଧାରଣ ବୈଠକ**

**ଦେବଗଡ,୮।୧ (ଶଶାଙ୍କ ଶେଖର ଝାଙ୍କର):** ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତ ଝରିଆଗୁଡା ଗ୍ରାମରେ ସୋମବାର ଜିଲା କଂଗ୍ରେସର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସମ୍ପାଦକ ଅନୀଲ ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦଳ ସଭାପତି ସେମ ହେମ୍ବ୍ରମ ଯୋଗଦେଇ ଦଳୀୟ କର୍ମୀଙ୍କ ସହିତ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ କରିବା ନିମନ୍ତେ ସବିଶେଷ ଆଲୋଚନା କରାଯିବା ସହ ପ୍ରତ୍ୟେକ କର୍ମୀ ଘର ଘର ବୁଲି ଜନସାଧାରଣଙ୍କୁ ସାହାଯ୍ୟ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହ ଦଳ ପ୍ରତି ଅଧିକରୁ ଅଧିକ ସମର୍ଥନ ଜୁଟାଇବାକୁ ଉପସ୍ଥିତ କର୍ମୀ ସଂକଳ୍ପ କରିଥିଲେ।

### ଦେଶୀ ମଦ,ମହୁଲ ପୋଚ ଜବତ କଲେ ଗ୍ରାମବାସୀ

**ଦେବଗଡ,୮।୧(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଥାନା ନୁଆଗାଁ ଗ୍ରାମବାସୀ ସୋମବାର ଉକ୍ତ ଗ୍ରାମରୁ ବିପୁଳ ପରିମାଣର ଦେଶୀ ମଦ ଓ ମହୁଲ ପୋଚ ଜବତ କରିବା ସହ ଚୋରା ମଦ ବେପାରୀଙ୍କୁ କାବୁ କରି ଆଦର୍ଶ ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ନୁଆଗାଁ ଗ୍ରାମର କୌଣସି ବ୍ୟକ୍ତି ନିଶାଦ୍ରବ୍ୟ କାରବାର କରି ପାରିବେ ନାହିଁ ବୋଲି ଗ୍ରାମବାସୀ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ। ମାତ୍ର ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ଅମାନ୍ୟ କରି ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଦେଶୀ ମଦ ବେପାର କରୁଥିଲେ। ଗ୍ରାମର ବହୁ ମହିଳା ଓ ପୁରୁଷ ଚଢାଉ କରି ଉକ୍ତ ବ୍ୟକ୍ତିଙ୍କୁ କାବୁ କରିବା ସହ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମଦ ଜବତ କରିଥିଲେ। ପରେ ଦେବଗଡ ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମହୁଲ ପୋଚ ଓ ମହୁଲକୁ ଜବତ କରିବା ସହ ଉକ୍ତ ବ୍ୟକ୍ତିଙ୍କୁ ଥାନାକୁ ଆଣି ଅଧିକ ପଚରା ଉଚରା କରୁଛି।

# ୨୭ରେ ସମଲେଇ ପ୍ରକଳ୍ପ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୮।୧(ପ୍ରମୋଦ ବହିଦାର)**

- ସାମିଲ ହେବେ ୫-ଟି ଅଧ୍ୟକ୍ଷ
- ସମଗ୍ର ପଶ୍ଚିମ ଓଡ଼ିଶାର ଭକ୍ତଙ୍କୁ ସାମିଲ କରିବାକୁ ଉଦ୍ୟମ
- ପ୍ରକଳ୍ପ ଦ୍ୱାରା ଭକ୍ତ ଉପକୃତ ହେବାକୁ ଦିଆଯିବ ଗୁରୁତ୍ୱ

ସମ୍ବଲପୁର ଠାରେ ଚାଲିଥିବା ସମଲେଇ ପ୍ରକଳ୍ପ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୭ରେ ଏହି ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଉଦ୍‌ଘାଟିତ ହେବ ବୋଲି ସୂଚନା ମିଳିଛି। ଏନେଇ ସୂଚନା ଦେଇ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି ଯେ, ସମଲେଇ ପ୍ରକଳ୍ପ ଅନ୍ତର୍ଗତ ମା' ସମଲେଶ୍ୱରୀ ମନ୍ଦିର ରୂପାନ୍ତିକରଣର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟ ଚାଲିଛି। ତେବେ ଆସନ୍ତା ଜାନୁଆରୀ ୨୭ ତାରିଖ ମାଘ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ପ୍ରକଳ୍ପର ଲୋକାର୍ପଣ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ତେଣୁ ଟ୍ରଷ୍ଟବୋର୍ଡ ପକ୍ଷରୁ


ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ।

ଏହାର ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ଭବ୍ୟ ଉଦ୍‌ଘାଟନୀ ସମାରୋହରେ ଯୋଗଦେବାକୁ ଉଭୟ ମୁଖ୍ୟମନ୍ତ୍ରୀ ଓ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ସଦୟ ସ୍ୱୀକୃତୀ ଦେଇଛନ୍ତି। ସେ ଆହୁରି କହିଛନ୍ତି ଏହି ଉତ୍ସବ ୪/୫ ଦିନ ଧରି ଚାଲିବାକୁ ଥିବାବେଳେ ଲୋକାର୍ପଣ ଦିନଠାରୁ ମହାନଦୀ ଆଳତୀ ଶୁଭାରମ୍ଭ ହେବ। ଏଥିରେ ଯୋଗ ଦେବାକୁ ରାଜ୍ୟର ବିଭିନ୍ନ ଦେବଦେବୀ ପୀଠଗୁଡ଼ିକୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ସେହିପରି ଭବ୍ୟ ଲୋକାର୍ପଣ ଉତ୍ସବରେ ବିଶେଷ କରି ସମଗ୍ର ପଶ୍ଚିମ ଓଡ଼ିଶାର ଭକ୍ତମାନେ କିଭଳି ସାମିଲ ହୋଇପାରିବେ ସେନେଇ ଉଦ୍ୟମ କରାଯାଉଛି। ଏହି ଭବ୍ୟ ଉତ୍ସବରେ ସହସ୍ରାଧିକ ଭକ୍ତ ସାମିଲ ହେବା ସମ୍ଭାବନା ରହିଛି। ଏଥିପାଇଁ ବ୍ୟାପକ ବ୍ୟବସ୍ଥା ମଧ୍ୟ କରାଯିବ। ସମଲେଇ ପ୍ରକଳ୍ପ ଦ୍ୱାରା ଭକ୍ତମାନେ କିଭଳି ବ୍ୟାପକ ଭାବେ ଉପକୃତ ହୋଇ ପାରିବେ ସେନେଇ ଟ୍ରଷ୍ଟବୋର୍ଡ ସର୍ବଦା ତତ୍ପର ବୋଲି ଶ୍ରୀ ବାବୁ କହିଛନ୍ତି।

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ,୮।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜାନୁୟାରୀ ୨୬ ତାରିଖ ଭୋର ୪.୩୦ରେ ରାମଧୁନ, ସକାଳ ୬ ଟାରେ ପ୍ରଭାତ ଫେରି, ସକାଳ ୭.୩୦ରେ ବିଭିନ୍ନ ଅନୁଷ୍ଠାନ ଗୁଡିକରେ ଜାତୀୟ ପତକା ଉତ୍ତୋଳନ ଏବଂ ୮.୩୦ରେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ଜିଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ କରାଯିବ। ପତକା ଉତ୍ତୋଳନ ପରେ ଚତୁର୍ଥ ଆଇଆରବି ବାଟାଲିୟନ ଏବଂ ପୋଲିସ ବ୍ୟାଣ୍ଡ ଟ୍ରୁପ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯିବ। ପ୍ରାଥମିକ, ମଧ୍ୟଇଂରାଜୀ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ।

ଜାନୁଆରୀ ୧୨ରେ ଓଡ଼ିଆ ଓ ଇଂରାଜୀ ବକ୍ତୃତା, ୧୩ରେ ଓଡ଼ିଆ ଦେଶାତ୍ମକ ସଙ୍ଗୀତ ଓ ଜଣା ଅଜଣା ପ୍ରତିଯୋଗିତା, ୧୪ରେ ରଙ୍ଗୋଲି, ଚିତ୍ରାଙ୍କନ ଓ ଫେନ୍ସି ଡ୍ରେସ ଏବଂ ୨୦ରେ ଦଳଗତ ଅଭିନୟ ପ୍ରତିଯୋଗିତା କରାଯାଇ ସାଧାରଣତନ୍ତ୍ର ଦିବସରେ କୃତି ପ୍ରତିଯୋଗିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପ୍ୟାରେଡ ପଡ଼ିଆରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ଗୁଡ଼ିକୁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସାଂସ୍କୃତିକ ଦଳକୁ ମନୋନୀତ କରିବେ। ବିଭିନ୍ନ ଅନୁଷ୍ଠାନ ଓ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ହେବ। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀ ଏବଂ ସ୍ୱତନ୍ତ୍ର ଉପକାରାଗାରରେ ଥିବା ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟମ ନିୟନ୍ତ୍ରଣ ଦାୟିତ୍ୱ ଆରକ୍ଷୀ ଅଧିକ୍ଷକ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ଖବରଦାତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ଛତୁଚାଷ ତାଲିମ ଶିବିର ଉଦ୍‌ଘାଟିତ

**କୁଚିଣ୍ଡା,୮।୧(ବିରଞ୍ଚି ଦର୍ଜୀ)**

ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ତେଣ୍ଡାକୁଦର ଗ୍ରାମରେ ଆୱାର୍ଡ ପକ୍ଷରୁ ଏକ ଛତୁଚାଷ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନାବାର୍ଡ ସମ୍ବଲପୁର ଏଜିଏମ ଧିରେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୱାର୍ଡର ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବାମରା ସିଡିପିଓ ମିନତୀ ମିଶ୍ର, ବିଜିନା ଡୁଙ୍ଗଡୁଙ୍ଗ ,ସ୍ୱେଚ୍ଛାସେବୀ ପଦ୍ମିନୀ ବଙ୍କରା, ସାଧନ ସହାୟକ ଅକ୍ଷୟ କୁମାର ସୁତାର ଯୋଗ ଦେଇଥିଲେ। ୧୩ଦିନ ଧରି ହେବାକୁ ଥିବା ତାଲିମର ଉଦ୍ଦେଶ୍ୟ,ଛତୁ ଚାଷ ଦ୍ୱାରା ରୋଜଗାର ଓ ଛତୁ ବିକ୍ରି ପାଇଁ ବଜାର ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିରେ ସିଆର୍‌ପି ସରିତା ଜୋଜୋ ଓ ଏସଏଚଜି ସଭ୍ୟାମାନେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ଲାଞ୍ଜିଗଡ଼,୮।୧(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଗଡ଼ ଆଶ୍ରମପଡାସ୍ଥିତ କୁମ୍ଭାରପଡ଼ା ନିକଟରେ ଭାରସାମ୍ୟ ହରାଇ ଏକ ବାଇକ୍ କାନ୍ଥରେ ପିଟିହୋଇଛି। ଏଥିରେ ମସ୍କାପଦର ଦଇତୁ ହରିଜନ(୫୦)ଙ୍କ ମୃତ୍ୟୁ ଘଟିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଦୀପାରାଣୀ


@ କ୍ଷିତିପ୍ରକାଶ



@ ସାରଥି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ରାଜସ୍ୱ ଅମଲା ସଂଘ

**ଦେବଗଡ,୮।୧(ଶଶାଙ୍କ ଶେଖର ଝାଙ୍କର)**

ଦାବି ପୂରଣ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଲା ଦେବଗଡ ଜିଲା ରାଜସ୍ୱ ଅମଲା ସଂଘ। ୨୦୧୭ରୁ ଓଡିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ସ୍ପେଶାଲ କ୍ୟାଡର ପାଇଁ ଦାବି ହୋଇ ଆସୁଥିଲା। ଗତ ୬ ତାରିଖରେ ଏନେଇ ମୁଖ୍ୟମନ୍ତ୍ରୀ ମୋହର ମାରିଥିବାରୁ ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ ଅମଲା ସଂଘ ପକ୍ଷରୁ ସଂଘ ସଭାପତି କମଳାପତି ସାହୁଙ୍କ ସଭାପତିତ୍ୱରେ ଏକ ଧନ୍ୟବାଦ ସଭାର ଆୟୋଜନ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସଂଘ ମାର୍ଗଦର୍ଶକ ପ୍ରଣବ ପ୍ରକାଶ ଦାଶଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଏହି ଧନ୍ୟବାଦ ସଭାରେ ଜିଲା ରାଜସ୍ୱ ଅମଲା ସଂଘର ମୁଖ୍ୟ ପରାମର୍ଶଦାତା ଗିରିଶ ଚନ୍ଦ୍ର ସାହୁଙ୍କ ସମେତ ଜିଲାରେ କାର୍ଯ୍ୟରତ ରାଜସ୍ୱ ବିଭାଗର ସମସ୍ତ ଅମଲା ଉପସ୍ଥିତ ଥିଲେ।


ଉପସ୍ଥିତ ଅମଲା ସଂଘର କର୍ମକର୍ତ୍ତା।

## ସେମିରେ ଦେବଗଡ଼ ପ୍ରଧାନପାଟ କ୍ଲବ


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

**ଦେବଗଡ଼,୮।୧(ଶଶାଙ୍କ ଶେଖର ଝାଙ୍କର)**

**ପ୍ରଧାନପାଟ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଦେବଗଡ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ପ୍ରଧାନପାଟ କ୍ଲବ ପକ୍ଷରୁ ପଞ୍ଚମ ସର୍ବ ଭାରତୀୟ ପ୍ରଧାନପାଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରର ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଦେବଗଡ ପ୍ରଧାନପାଟ କ୍ଲବ ୨-୧ ଗୋଲରେ ଅନୁଗୋଳ ଜିଲା ନାଲକୋ ଦଳକୁ ପରାସ୍ତ କରି ପ୍ରଥମ ସେମି ଫାଇନାଲକୁ ପ୍ରବେଶ କରିଛି। ଖେଳକୁ ସୁବ୍ରତ କୁମାର ପୁରୋହୀତ, ରାଜକୁମାର ମଣ୍ଡଳ, ଅନୀଲ କିଷାନ, ନୀଳ ନାୟକ, ସୌରଭ କୁମାର ନାଏକ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ପ୍ରଧାନପାଟ କ୍ଲବର ଆନନ୍ଦ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସଭାପତି ସୁବାସ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ସରପଞ୍ଚ ସଂଘ ପରାମର୍ଶଦାତା ସତ୍ୟନାରାୟଣ ପାଣି ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳୀ ପାଣି, ଆଇନଜୀବୀ ତନୁଚନ୍ଦ୍ର ପାତ୍ର, ଅମିର ସାହୁ, ସମୀର ସାହୁ, ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର ନାୟକ, ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ବିକାଶ ପ୍ରଧାନ, ସଞ୍ଜୀବ ବେହେରା, ଶରତ ମେହେର, ଅନ୍ତ ମେହେର, ରୂପକ ମାଝି, ଯୋଗେଶ୍ୱର ସାହୁ, ଯୋଗେଶ ନାଏକ, ଜୟନାରାୟଣ ସାମଲ, ଦିପକ ବେହେରା, ପ୍ରଦୀପ ବେହେରା, ବାବୁଲୁ ଜେନା, ମଛିନ୍ଦ୍ର ନାଏକ, ସନ୍ତୋଷ ଭୋଇ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଗଛକୁ ପିଟିଲା ବାଇକ୍, ଚାଳକ ମୃତ

**ଦେବଗଡ,୮।୧(ନିରଞ୍ଜନ ବେହେରା)**

ଦେବଗଡ ଜିଲା ରିଆମାଳ ଥାନା ଅନ୍ତର୍ଗତ ସାନଡଙ୍ଗାଘାଟ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ବାଇକ୍ ଗଛରେ ପିଟି ହେବା ଯୋଗୁ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ରିଆମାଳ ବ୍ଲକ ନୁଆଡିହି ଗ୍ରାମର ନରେନ୍ଦ୍ର ପ୍ରଧାନ। ରିଆମାଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ନରେନ୍ଦ୍ର ଏକ ବାଇକ୍ ଯୋଗେ ତାଳକୁଣ୍ଡି ଗ୍ରାମର ନିଜ ସମୁଦି ଘରୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା।

## ଦେହୁରୀପାଳ କ୍ଲବ ଚାମ୍ପିୟନ

**ଦେବଗଡ଼,୮।୧(ଶଶାଙ୍କ ଶେଖର ଝାଙ୍କର)**

**କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ରିଆମାଳ ବ୍ଲକ କୋହ୍ଲବସା ପଞ୍ଚାୟତ ଅଜ୍ଜୁନଝରି ଗ୍ରାମରେ ବିଏଫ୍‌ସି କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତେଲିମୁଣ୍ଡା କ୍ରିକେଟ କ୍ଲବକୁ ପରାସ୍ତ କରି ଦେହୁରୀପାଳ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଅମ୍ପାୟାର ଭାବେ ଅନୀଲ ସୁହୁଲା ଓ କୁନାଲସେନ ପ୍ରଧାନ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ କିଶୋର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସଂଧ୍ୟାରେ ଆୟୋଜକ ବିଏଫ୍‌ସି କ୍ଲବ ସଭାପତି ଅମିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ସଦସ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ଚାମ୍ପିୟନ ଦେହୁରୀପାଳ କ୍ରିକେଟ କ୍ଲବ ଓ ରନର୍ସ ଅପ୍ ତେଲିମୁଣ୍ଡା କ୍ରିକେଟ କ୍ଲବକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ତପନ ସାହୁ, ରମାକାନ୍ତ, ବିକାଶ, ତୋଫାନ ଓ ରିତୁନଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ସମ୍ବର୍ଦ୍ଧିତ କରାଯାଉଛି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ,୮।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ତିଲେଇବଣି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ମୋଟ ୧୯ଟି ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ ଏଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ଅଭିଯୋଗ ଗୁଡିକ ମଧ୍ୟରେ ୧୧ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଥିଲା। ବିଶେଷ ଭାବେ ବିଦ୍ୟୁତ୍ ସମସ୍ୟା,



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ପାନୀୟ ଜଳ ସମସ୍ୟା, ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ସମେତ ରାସନକାର୍ଡରେ ସାମିଲ କରିବା ନିମନ୍ତେ ଅଭିଯୋଗ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଓ ଡେପୁଟୀ କଲେକ୍ଟର ଅଞ୍ଜନୀ କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ରେଳ ଲାଇନ୍ ଟ୍ରାକ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ନୂଆପଡ଼ା,୮।୧(ମକାରୁ ବେମାଲ)**

ରାୟପୁର-ବିଶାଖାପାଟନାମ ରେଲୱେ ଲାଇନ ଟ୍ରାକରୁ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ନୂଆପଡା ରେଳଷ୍ଟେଶନ ଠାରୁ ୩ କି.ମି. ଦୂରରେ ଭେରା ଗାଁ ନିକଟ ରେଲଲାଇନ ଟ୍ରାକରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ନୂଆପଡା ସଦର ପୋଲିସଙ୍କୁ ଖବର ଦେଇଥିଲେ। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୋଲିସକୁ ଖବର କରିଥିଲା। ରେଲୱେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

DSPL-506

ଆମ ଓଡ଼ିଶା ନବୀନ ଓଡ଼ିଶା

# ବି.ଏସ୍.କେ.ୱାଇ ନବୀନ କାର୍ଡ଼

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ଓଡ଼ିଶା ସରକାର



"ପ୍ରତିଟି ଜୀବନ ମୂଲ୍ୟବାନ"

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବର୍ତ୍ତମାନ ସୁଦ୍ଧା ବି.ଏସ୍.କେ.ୱାଇ କାର୍ଡ଼ ଅନ୍ତର୍ଭୁକ୍ତ ପରିବାରମାନଙ୍କ ପାଇଁ




- ବର୍ତ୍ତମାନ ସୁଦ୍ଧା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ଓ ରେସନ୍ କାର୍ଡ଼ ଅନ୍ତର୍ଭୁକ୍ତ ପରିବାରମାନଙ୍କ ନିମନ୍ତେ କାର୍ଡ଼ ପାଇବା ପାଇଁ ଥିବା ଯୋଗ୍ୟତା ଏବଂ ମିଳୁଥିବା ଚିକିତ୍ସା ସହାୟତା ଆଦି ସର୍ତ୍ତରେ କୌଣସି ପରିବର୍ତ୍ତନ ହେବ ନାହିଁ । ସେମାନେ ବି.ଏସ୍.କେ.ୱାଇ ନବୀନ କାର୍ଡ଼ ନିମନ୍ତେ ଆବେଦନ କରିବା ଆବଶ୍ୟକ ନାହିଁ ।
- ଜାତୀୟ ଖାଦ୍ୟ ନିରାପତ୍ତା ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ ଭାବେ ଅନ୍ତର୍ଭୁକ୍ତ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବି.ଏସ୍.କେ.ୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ ।
- ବି.ଏସ୍.କେ.ୱାଇ ହିତାଧିକାରୀମାନେ ପୂର୍ବପରି ଘରୋଇ ହସ୍ପିଟାଲ ମାନଙ୍କରେ ସବୁ ପ୍ରକାର ରୋଗର ଦେୟମୁକ୍ତ ଚିକିତ୍ସା ପାଇପାରିବେ ।

## ବି.ଏସ୍.କେ.ୱାଇ ନବୀନ କାର୍ଡ଼ର ପ୍ରାବଧାନ

- ବର୍ତ୍ତମାନ ବି.ଏସ୍.କେ.ୱାଇ ଅନ୍ତର୍ଭୁକ୍ତ ହୋଇନଥିବା ସବୁ ଗ୍ରାମୀଣ ପରିବାର (ନିୟମିତ ସରକାରୀ କର୍ମଚାରୀ, ପେନ୍‌ସନ୍ ଧାରୀ ଏବଂ ଆୟକର ଦାତାଙ୍କ ବ୍ୟତୀତ) ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପାଇଁ ଯୋଗ୍ୟ ବିବେଚିତ ହେବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲମାନଙ୍କରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡ଼ିକର ଦେୟମୁକ୍ତ ଚିକିତ୍ସା ପାଇବେ । ହୃଦ୍ ରୋଗ, କିଡ୍‌ନୀ ରୋଗ, ଲିଭର ରୋଗ, ବ୍ରେନ୍ ଷ୍ଟ୍ରୋକ୍, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡ଼ାଜଳା ଆହତ, ସ୍ନାୟୁ, ମାଂସପେଶୀ ଏବଂ କ୍ୟାନ୍‌ସର ରୋଗ ଆଦିକୁ ଗୁରୁତର ( କ୍ରିଟିକାଲ ) ରୋଗ ଅନ୍ତର୍ଭୁକ୍ତ କରାଯାଇଛି । ବି.ଏସ୍.କେ.ୱାଇ ନବୀନ କାର୍ଡ଼ ଧାରୀ ବ୍ୟକ୍ତିମାନେ ଓଡ଼ିଶା ଏବଂ ଓଡ଼ିଶା ବାହାର ଅନ୍ତର୍ଭୁକ୍ତ ହସ୍ପିଟାଲରେ ଏହିସବୁ ରୋଗର ଦେୟମୁକ୍ତ ଚିକିତ୍ସା ପାଇବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ ମାଧ୍ୟମରେ ଏହି ସୁବିଧା ୨୦୨୪ ମସିହା ମେ ମାସ ୧ ତାରିଖ ଠାରୁ ପ୍ରାପ୍ତ ହେବ ।

## ବି.ଏସ୍.କେ.ୱାଇ ନବୀନ କାର୍ଡ଼ରେ ପଞ୍ଜୀକରଣ ପାଇଁ ଯୋଗ୍ୟତା ଓ ପ୍ରକ୍ରିୟା

**ଏହି କାର୍ଡ଼ ନିମନ୍ତେ ପଞ୍ଜୀକରଣ ପାଇଁ ଏକ ପରିବାରର ସମସ୍ତ ସଦସ୍ୟ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବା ଆବଶ୍ୟକ:**

- ସେମାନେ ସମସ୍ତେ ଓଡ଼ିଶାର ଗ୍ରାମାଞ୍ଚଳରେ ବସବାସ କରୁଥିବେ ।
- କୌଣସି ସଦସ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ଦାତା ହୋଇନଥିବେ ।
- କୌଣସି ସଦସ୍ୟ ନିୟମିତ ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ୍ ଭୋଗୀ ହୋଇନଥିବେ ।
- କୌଣସି ସଦସ୍ୟ ବର୍ତ୍ତମାନ ଚାଲୁଥିବା ବି.ଏସ୍.କେ.ୱାଇ କାର୍ଡ଼ / ରେସନ୍ କାର୍ଡ଼ ଅନ୍ତର୍ଭୁକ୍ତ ହୋଇନଥିବେ ।

ଆମ ଓଡ଼ିଶା ନବୀନ ଓଡ଼ିଶା

# ବି.ଏସ୍.କେ.ୱାଇ ନବୀନ କାର୍ଡ଼

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
ଓଡ଼ିଶା ସରକାର



"ପ୍ରତିଟି ଜୀବନ ମୂଲ୍ୟବାନ"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପଞ୍ଜୀକରଣ ପାଇଁ ଆବଶ୍ୟକୀୟ କାଗଜପତ୍ର

- ପରିବାରର ମୁଖ୍ୟଙ୍କ ନାମରେ ପଞ୍ଜୀକରଣ ହେବା ଆବଶ୍ୟକ।
- ଗୋଟିଏ ପରିବାରର ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ସଦସ୍ୟ ବି.ଏସ୍.କେ.ୱାଇ ନବୀନ କାର୍ଡ଼ ନିମନ୍ତେ ପରିବାର ପକ୍ଷରୁ ଆବେଦନ କରିପାରିବେ।
- ଦରଖାସ୍ତକାରୀଙ୍କର ସକ୍ରିୟ ମୋବାଇଲ ନମ୍ବର ସଂଯୁକ୍ତ ବିଧିସିଦ୍ଧ ଆଧାର କାର୍ଡ଼ ଥିବା ଆବଶ୍ୟକ।
- ଦରଖାସ୍ତକାରୀଙ୍କ ପାଇଁ ଆଧାର ଭିତ୍ତିକ ଇ - କେ.ୱାଇ.ସି ବାଧ୍ୟତାମୂଳକ।
- ୧୮ ବର୍ଷରୁ ଉର୍ଦ୍ଧ୍ୱ ସବୁ ସଦସ୍ୟମାନଙ୍କର ଭୋଟ ପରିଚୟ ପତ୍ର ଥିବା ଆବଶ୍ୟକ।
- ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ନିମନ୍ତେ ପରିବାର ମୁଖ୍ୟଙ୍କର ବିଧିସିଦ୍ଧ ସକ୍ରିୟ ମୋବାଇଲ ନମ୍ବର ଥିବା ଆବଶ୍ୟକ।
- ଦରଖାସ୍ତକାରୀ ଏବଂ ପରିବାର ମୁଖ୍ୟଙ୍କର ସଦ୍ୟତମ ଫଟୋ।
- ୫ ବର୍ଷରୁ କମ୍ ପିଲାଙ୍କ ସମେତ ସବୁ ସଦସ୍ୟମାନଙ୍କର ଆଧାର କାର୍ଡ଼।
- ଯଦି ୫ ବର୍ଷରୁ କମ୍ କୌଣସି ପିଲାଙ୍କର ଆଧାର ନମ୍ବର ନଥାଏ ତେବେ ତା ୩୦.୬.୨୦୨୪ ରିଖ ସୁଦ୍ଧା ସମ୍ପୃକ୍ତ ପିଲାଙ୍କର ଆଧାର ନମ୍ବର ଦାଖଲ ନିମନ୍ତେ ପ୍ରତିଜ୍ଞା ପତ୍ର (ଅଣ୍ଡରଟେକିଂ) ଦିଆଯିବା ଆବଶ୍ୟକ।

## ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପାଇଁ କେମିତି ଆବେଦନ କରିବେ

ନବୀନ କାର୍ଡ଼ ପାଇଁ ଉପରୋକ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପରିବାର ୨ ଟି ଉପାୟରେ ଆବେଦନ କରିପାରିବେ

**ସ୍ୱ-ପଞ୍ଜୀକରଣ:** ଦରଖାସ୍ତକାରୀ *www.bskynabin.odisha.gov.in* ସାଇଟ୍ କୁ ଯାଇ ନିଜେ ପଞ୍ଜୀକରଣ କରିପାରିବେ। ଆବଶ୍ୟକ ହେଲେ ଦରଖାସ୍ତକାରୀ ସହାୟତା କେନ୍ଦ୍ର (ହେଲ୍ପ-ଡେସ୍କ) ର ବୈଷୟିକ ସହାୟତା ନେଇପାରିବେ।

**ମୋ ସେବାକେନ୍ଦ୍ରରେ ପଞ୍ଜୀକରଣ:** ଦରଖାସ୍ତକାରୀ ମଧ୍ୟ ନିକଟବର୍ତ୍ତୀ ମୋ ସେବାକେନ୍ଦ୍ରରେ ବିନା ଦେୟରେ ପଞ୍ଜୀକରଣ କରିପାରିବେ।

**ସମସ୍ତ ଦରଖାସ୍ତ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ ହେବ। କୌଣସି ଅଫ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।**

## କେବେ ଆବେଦନ କରିବେ

ଆବେଦନ ପାଇଁ *www.bskynabin.odisha.gov.in* ପୋର୍ଟାଲ ତା ୭/୧/୨୦୨୪ ରିଖ ଦିନ ଖୋଲିବ ଏବଂ ତା ୧୭/୧/୨୦୨୪ ରିଖ ଦିନ ବନ୍ଦ ହେବ। ଏହି ସମୟ ମଧ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ ହେବା ଆବଶ୍ୟକ।

**ସମୟ ଉପଯୋଗୀ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟରେ ସରକାରୀ ଓ ବେସରକାରୀ ହସ୍ପିଟାଲମାନଙ୍କରେ ଉପଲବ୍ଧ ସୁବିଧାର ସର୍ବାଧିକ ଉପଯୋଗ ସହ ପର୍ଯ୍ୟାୟକ୍ରମେ ବି.ଏସ୍.କେ.ୱାଇ ପରିସରକୁ ସମ୍ପ୍ରସାରିତ କରାଯାଉଛି।**

**ଓଡ଼ିଶାର ଜନସାଧାରଣଙ୍କ ପାଇଁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ। ଏଥି ନିମନ୍ତେ ପରବର୍ତ୍ତୀ ସମ୍ପ୍ରସାରଣ ପର୍ଯ୍ୟାୟରେ ସହରାଞ୍ଚଳରେ ବାସ କରୁଥିବା ପରିବାର, ସରକାରୀ କର୍ମଚାରୀ, ପେନ୍‌ସନ୍ ଭୋଗୀ ଏବଂ ଅନ୍ୟାନ୍ୟ ସହାୟତା-ଯୋଗ୍ୟ ବର୍ଗମାନଙ୍କୁ ସାମିଲ କରାଯିବା ପ୍ରସ୍ତାବ ଉପରେ ନୀତିଗତ ନିଷ୍ପତ୍ତି ନିଆଯାଇଛି।**

## ହେଲ୍ପ-ଡେସ୍କ ସହାୟତା

ଦରଖାସ୍ତ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧିତ କୌଣସି ସହାୟତା, ଆପତ୍ତି ଓ ଅଭିଯୋଗ ଆଦି ନିମନ୍ତେ ଦରଖାସ୍ତକାରୀ
**ବି.ଏସ୍.କେ.ୱାଇ କାର୍ଡ଼ ସହାୟତା ନମ୍ବର - ୧୫୫୩୬୯ କୁ**
ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ।

OIPR-10001/13/0143/2324

# ଗୁଜରାଟ, ଚେନ୍ନାଇର ବୃହତ୍ ବିଜୟ

## ଅଲ୍‌ଟିମେଟ ଖୋ ଖୋ

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ର ସୋମବାର ଅନୁଷ୍ଠିତ ୨ଟି ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ବୃହତ୍ ବିଜୟ ହାସଲ କରିଛନ୍ତି। ଗୁଜରାଟ ୪୨-୨୨ ପଏଣ୍ଟରେ ତେଲୁଗୁ ଯୋଦ୍ଧାସ୍‌କୁ ଏବଂ ଚେନ୍ନାଇ ୪୨-୧୯ରେ ରାଜସ୍ଥାନ ୱାରିୟର୍ସଙ୍କୁ ପରାସ୍ତ କରିଛି। ଗୁଜରାଟ, ଯୋଦ୍ଧାସ୍ ଓ ଚେନ୍ନାଇ ପୂର୍ବରୁ ସେମିଫାଇନାଲରେ ସ୍ଥାନ ପକ୍କା କରି ସାରିଛନ୍ତି। ଚେନ୍ନାଇ ୯ ମ୍ୟାଚରୁ ୬ ବିଜୟ ସହ ୨୨ ପଏଣ୍ଟ ପାଇ ଟେବୁଲର ଶୀର୍ଷକୁ ଫେରିଛି। ଗୁଜରାଟ ୯ ମ୍ୟାଚରୁ ୬ ବିଜୟ ସହ ୨୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଚଳିତ ସିଜନରେ ନିଜର ଶେଷ ଲିଗ୍ ମ୍ୟାଚ ଖେଳିଥିବା ତେଲୁଗୁ ଯୋଦ୍ଧାସ୍ ୧୦ ମ୍ୟାଚରୁ ୬ ବିଜୟ ସହ ୧୮ ପଏଣ୍ଟରେ ସ୍ଥିର ରହିଛି। ରାଜସ୍ଥାନ ୧୦ ମ୍ୟାଚରୁ ୧୦ ପରାଜୟ ସହ ଅଭିଯାନ ଶେଷ କରିଛି। ମଙ୍ଗଳବାର ଓଡ଼ିଶା ଜଗରନଟ୍ସ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ମୁମ୍ବାଇ ଖିଲାଡିଜ୍‌କୁ ଭେଟିବ। ଏହି ମ୍ୟାଚ ଜିତି ଓଡ଼ିଶା ଜଗରନଟ୍ସ ପଏଣ୍ଟ ଟେବୁଲର ଶୀର୍ଷରେ ରହିବା ଆଶାରେ ରହିଛି। ବର୍ତ୍ତମାନ ଏହି ଦଳ ୯ ମ୍ୟାଚରୁ ୫ ବିଜୟ ସହ ୨୦ ପଏଣ୍ଟ ପାଇଛି।



ମୁମ୍ବାଇ-ଚେନ୍ନାଇ ପୂର୍ବ ମ୍ୟାଚରେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ ଅବସରରେ ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି।


ଗୁଜରାଟ ଜାଏଣ୍ଟ୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଶୁଟିଂ: ବରୁଣ, ଇଶାଙ୍କୁ ଅଲିମ୍ପିକ କୋଟା

ଜାକର୍ତ୍ତା, ୮।୧ (ପି.ଟି.)

ଭାରତର ଯୁବ ଶୁଟର ବରୁଣ ତୋମାର ଓ ଇଶା ସିଂ ଏଠାରେ ଚାଲିଥିବା ଏସିଆନ କ୍ୱାଲିଫାୟର୍ସରେ ଦେଶ ପାଇଁ ଯଥାକ୍ରମେ ପୁରୁଷ ଓ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ସହ ଅଲିମ୍ପିକ କୋଟା ହାସଲ କରିଛନ୍ତି। ଏହି ଦୁଇଜଣଙ୍କ ପରେ ପ୍ୟାରିସ ପାଇଁ ଯୋଗ୍ୟତା ହାସଲ କରିଥିବା ଶୁଟରମାନଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି; ଯାହାକି ସର୍ବାଧିକ ହୋଇଥିବା ବେଳେ ଟୋକିଓ ଅଲିମ୍ପିକ୍ସ ସମକକ୍ଷ ହୋଇପାରିଛି। ଅବଶିଷ୍ଟ କ୍ୱାଲିଫାୟର୍ସରୁ ଭାରତର ଅନ୍ୟ କେତେଜଣ ଜୁଲାଇ-ଅଗଷ୍ଟ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାର ସମ୍ଭାବନା ରହିଛି। କଣ୍ଟିନେଣ୍ଟାଲ ଇଭେଣ୍ଟରେ ଭାରତ ସୋମବାର ଦୁଇ ସ୍ୱର୍ଣ୍ଣ ସମେତ ୬ ପଦକ ହାସଲ କରିଛି। ୨୦ ବର୍ଷୀୟ ତୋମାର ଫାଇନାଲରେ ୨୩୯.୬ ଶଟ୍ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅରୁଣ ଚିମା ୨୩୭.୩ ସ୍କୋର ସହ ରୌପ୍ୟ ଏବଂ ମଙ୍ଗୋଲିଆର ଦାଭାଖୁ ଏଙ୍କଥାଇଭାନ (୨୧୭.୨) ବ୍ରୋଞ୍ଜ ଜିତିଥିଲେ। ପୂର୍ବରୁ ତୋମାର (୫୮୬), ଚିମା (୫୭୫) ଓ ଉଜାୱାଲ ମଲିକ (୫୭୫) ମୋଟ ୧୭୪୦ ସ୍କୋର କରି ୧୦ ମିଟର ଏୟାର ପିସ୍ତଲ ଟିମ୍ ସ୍ୱର୍ଣ୍ଣ ଜିତିଥିଲେ। ତୋମାର ହେଉଛନ୍ତି ଟୋକିଓ ଅଲିମ୍ପିଆନ ସୌରଭ ଚୌଧାରୀଙ୍କ ସମ୍ପର୍କୀୟ ଭାଇ; ଯିଏ କି ୨୦୧୮ ଏସିଆନ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୧୯ ବର୍ଷୀୟା ଇଶା ମହିଳା ଇଭେଣ୍ଟରେ ୨୪୩.୧ ସ୍କୋର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପାକିସ୍ତାନର କିସ୍‌ମାଲା ତଲତ (୨୩୬.୩) ରୌପ୍ୟ ପଦକ ହାସଲ କରିଥିବା ବେଳେ ଭାରତର ଅନ୍ୟ ଜଣେ ରିଦିମ ସାଙ୍ଗୱାନ (୨୧୪.୫) ବ୍ରୋଞ୍ଜ ପଦକ ପାଇଥିଲେ। ୨୧ ବର୍ଷୀୟା ତଲତ ମଧ୍ୟ ଅଲିମ୍ପିକ ଯୋଗ୍ୟତା ହାସଲ କରିଛନ୍ତି। ଇଶା, ରିଦିମ ଓ ସୁରଭି ମିଳିତ ଭାବେ ୧୭୩୬ ସ୍କୋର କରି ଦଳଗତ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଇଶା ହେଉଛନ୍ତି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଏବଂ ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟ ବିଶ୍ୱଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜେତା। ସେ ଏଠାରେ ୨୫ ମିଟର ପିସ୍ତଲରେ ସ୍ୱର୍ଣ୍ଣ ପଦକ ଲାଭ କରିପାରିଥାନ୍ତେ କିନ୍ତୁ ଜଣେ ବ୍ୟକ୍ତିଗତ ଭାବେ ଦେଶ ପାଇଁ ଗୋଟିଏ କୋଟା ହାସଲ କରିପାରିବେ।


ଇଶା ସିଂ ଓ ବରୁଣ ତୋମାର।

# ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ପଲମ,୮।୧(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ସାପ୍ତାହିକ ବଜାର ପଡିଆରେ ଶ୍ୟାମ ସ୍ମାରକି ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୨ଟି ଦଳ ଯୋଗଦାନ ଦେଇଥିଲା। ଶେଷ ଦିନ ଖେଳରେ ଟକର୍ଲା ଓ ତୁଲାପଡା ମଧ୍ୟରେ ଖେଳ ଆୟୋଜନ କରାଯାଇଥିଲା। ଟକର୍ଲା ଦଳକୁ ପ୍ଲାଷ୍ଟିକ ଖେଳରେ ୫/୧ ଗୋଲରେ ତୁଲାପଡା ଦଳ ବିଜୟ ଲାଭ କରିଥିଲେ। ରେଫରି ଭାବେ ପିଙ୍କୁ ଚନ୍ଦନ ଖେଳ ପରିଚାଳନା କରିଥିବା ବେଳେ ଲାଇନମେନ ଭାବେ ବିକ୍ରମ ନାଗ ଓ ସରୋଜ ପଧାନ ରହିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଯୋଗଦାନ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଦଳକୁ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଅତିଥି ଭାବେ ସୁନୀଲ ସାହୁ, ବିଦେଶୀ ସାହୁ, ସରୋଜ ଗଉଡ, ପ୍ରଶନ୍ନ ମାଝି, ଧରମା ସାହୁ, ଫକିର ମାଝି, ଶତ୍ରୁଘନ ମାଝି ପ୍ରମୁଖ ଯୋଗଦାନ ଦେଇ ସହଯୋଗ କରିଥିଲେ। ଗତ ୨୭ ତାରିଖରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇ ୮ରେ ଉଦ୍‌ଯାପିତ ହୋଇଛି।

# ସୌରାଷ୍ଟ୍ର ୨୭୭ ରନରେ ଅଲ୍‌ଆଉଟ୍

## ସି.କେ ନାଇଡୁ ଟ୍ରଫି

ବରଗଡ଼,୮।୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ କ୍ରୀଷ୍ଟା ବିକାଶ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ୨୩ ବର୍ଷରୁ କମ୍ ସି. କେ. ନାଇଡୁ ଟ୍ରଫି ମ୍ୟାଚ୍‌ର ପ୍ରଥମ ଇନିଂସରେ ସୌରାଷ୍ଟ୍ର ୩୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ଦଳକୁ ୧୨୨ ରନ୍‌ର ଅଗ୍ରଣୀ ମିଳିଛି। ସୌରାଷ୍ଟ୍ର ପକ୍ଷରୁ ହେତ୍ୱିକ କୋଟାକ୍ ୮୨, ପାର୍ଶ୍ୱରାଜ ରଣା ୪୭ ଓ ଅମିତ ରଞ୍ଜନଙ୍କ ୨୯ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ୬୮ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଆଶୁତୋଷ ମାରାଣ୍ଡି ୨ଟି ଓ ସମ୍ପିତ ବରାଳ ଗୋଟିଏ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୮୦ ରନ କରିଥିବା ଓଡ଼ିଶା ଦଳ ଦ୍ୱିତୀୟ ଇନିଂସ ଆରମ୍ଭ କରି ସୋମବାର ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୫ରନ କରିଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଓ ବରଗଡ ଜିଲା କ୍ରିକେଟ ଅସୋସିଏଶନ ଆୟୋଜନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।


ଆଶୁତୋଷ ଛୁରିଆ

# ଭାରତୀ, ଅମୂଲ୍ୟଙ୍କୁ କମଲ ଗାଙ୍ଗୁଲି କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ଷାଠିଏ ଓ ସତୁରି ଦଶକରେ ଦେଶର ଶ୍ରେଷ୍ଠ ଫୁଟବଲ ଗୋଲକିପର ଭାବେ ପରିଚିତ ଥିବା ଭାରତୀକୃଷ୍ଣ ମିଶ୍ର ଏବଂ ସଫଳ ହକି କୋଚ ଅମୂଲ୍ୟ ବେହେରାଙ୍କୁ ୨୦୨୩ ବର୍ଷର ସମ୍ମାନଜନକ କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯିବ। ଅମୂଲ୍ୟ ଶ୍ରେଷ୍ଠ କୋଚ୍ ଏବଂ ଭାରତୀକୃଷ୍ଣ ଲାଇଫ ଟାଇମ ପୁରସ୍କାର ଲାଭ କରିବେ। ବିଶିଷ୍ଟ କ୍ରିକେଟ କୋଚ କମଲ ଗାଙ୍ଗୁଲିଙ୍କ ସ୍ମୃତିରେ ରାଜ୍ୟର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ସହିଦ ସ୍ପୋର୍ଟିଂ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ମାରୁତି ଇଷ୍ଟେଟ ଇଣ୍ଡିଆ (ପ୍ରା.) ଲିମିଟେଡ ଏହାର ପ୍ରାୟୋଜକ ରହିଛି। ଫେବୃଆରୀ ୧୮ରେ କ୍ଲବ ପରିସରରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି।

୬୦ ଦଶକରେ ଲିଟିଲ ଥଙ୍ଗରାଜ ଭାବରେ ଡକା ଯାଉଥିବା ଭାରତୀକୃଷ୍ଣ ମିଶ୍ର ୧୯୬୫ରେ ଟୋକିଓରେ ଅନୁଷ୍ଠିତ ଯୁଥ୍ ଏସିଆନ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳରେ ସାମିଲ ହୋଇ ଖେଳିଥିଲେ। ୧୯୬୦ରେ ପ୍ରଥମ ସୁବ୍ରତ କପ୍‌ରେ ଭାରତୀ ସାମିଲ ଥିବା ଓଡ଼ିଶା ଦଳ ସେମି ଫାଇନାଲକୁ ଯାଇଥିଲା। ୧୯୬୭ରେ ସେମିକୁ ଯାଇଥିବା ଓଡ଼ିଶା ସନ୍ତୋଷ ଟ୍ରଫି ଦଳରେ ସେ ସାମିଲ ଥିଲେ ଏବଂ ତା' ପରବର୍ଷ ଏହି ପ୍ରତିଯୋଗିତାରେ ସେ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। କମ୍ବାଇଣ୍ଡ କଟକ ଦଳରୁ ସେ ୬୦ ଦଶକରେ ଆଇଏଫଏ ସିଲ୍‌ଡ, ଡୁରାଣ୍ଡ ଏବଂ ରୋଭର୍ସ କପ୍‌ରେ ନିୟମିତ ଖେଳିଥିଲେ। ଭ୍ରମଣକାରୀ ସୋଭିଏଟ୍ ସଂଘ ଦଳ ବିପକ୍ଷରେ ତିନୋଟି ମ୍ୟାଚ ଖେଳିବା ସହ ଗୋଟିକରେ ନେତୃତ୍ୱ ମଧ୍ୟ ନେଇଥିଲେ। ୧୯୮୨ ଏସିଆନ ଗେମ୍ସ ବେଳେ ସେ ଜାତୀୟ ଫୁଟବଲ ଚୟନକର୍ତ୍ତା ଥିଲେ ଏବଂ ୧୯୮୩ ଓ ୧୯୮୪ର ଜାତୀୟ ସ୍କାଉଟର ଥିଲେ। ସେଲ ଫୁଟବଲ ଏକାଡେମୀ ସ୍ଥାପନ କମିଟିର ସଦସ୍ୟ ସହ ଓଡ଼ିଶା ସନ୍ତୋଷ ଟ୍ରଫି ଦଳର କୋଚ ଓ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିଲେ ଭାରତୀ। ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଫୁଟବଲ, ଭଲିବଲ ଏବଂ କ୍ରିକେଟରେ ପ୍ରତିନିଧିତ୍ୱ କରିଥିଲେ। ବୁର୍ଲା ଇଞ୍ଜିନିୟରିଂ କଲେଜରୁ ସେ ଶିକ୍ଷା ଗ୍ରହଣ କରିଥିଲେ।

ସେହିପରି ଅମୂଲ୍ୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳରୁ ତିନି ବର୍ଷ ହକି ଖେଳିବା ପରେ ଜାତୀୟ କ୍ରୀଡ଼ା ପ୍ରତିଷ୍ଠାନରୁ କୋଚ ଭାବେ ତାଲିମପ୍ରାପ୍ତ ହୋଇ ୧୯୯୧ରୁ କୋଚ ଭାବେ ଦାୟିତ୍ୱ ଆରମ୍ଭ କରିଥିଲେ। ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ କୋଚ ଭାବରେ କାର୍ଯ୍ୟ କରିବା ଭିତରେ ଭାରତୀୟ ହକି ଦଳ ପାଇଁ ଏକାଧିକ କ୍ୱାଲିଟି ଖେଳାଳି ପ୍ରଦାନ କରିଛନ୍ତି। ଏହି ଖେଳାଳିଙ୍କ ତାଲିକା ବେଶ୍ ଲମ୍ବା। ସେମାନଙ୍କ ମଧ୍ୟରେ ଅଛନ୍ତି ଇଗ୍ନେସ ଓ ପ୍ରବୋଧ ତିର୍କୀ, ୱିଲିୟମ ଖାଲକୋ, ଜ୍ୟୋତି ସୁନୀତା କୁଲୁ, ସୁନୀଲ ଏକ୍କା, ସୁନୀଲ ଜୋଜୋ ଏବଂ ସୁଦୀପ ଚିରମାକୋ ପ୍ରମୁଖ ଖେଳାଳି।


ଭାରତୀକୃଷ୍ଣ ମିଶ୍ର


ଅମୂଲ୍ୟ ବେହେରା

# ମା' ଲଙ୍କେଶ୍ୱରୀ କ୍ରିକେଟ: ଡୁଡୁକାଠେଙ୍ଗା ଚାମ୍ପିୟନ

**କୋକସରା,୮।୧(ଦୁଷ୍ମନ୍ତକୁମାରପାଢ଼ୀଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ବଡକେନ୍ଦୁଗୁଡା ଲିଟିଲ ଚାମ୍ପ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା' ଲଙ୍କେଶ୍ୱରୀ କ୍ରିକେଟ୍ ଟ୍ରଫି ଉଦଯାପିତ ହୋଇଯାଇଛି। ଡୁଡୁକାଠେଙ୍ଗା ମା' ଠାକୁରାଣୀ କ୍ରିକେଟ କ୍ଲବ ଓ ଆମପାଣି ବୁଢାରଜା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଡୁଡୁକାଠେଙ୍ଗା ଚାମ୍ପିୟନ ହୋଇଛି। ଟସ ଜିଣି ଡୁଡୁକାଠେଙ୍ଗା ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଆମପାଣି ବୁଢାରଜା ସମସ୍ତ ଉଇକେଟ ହରାଇ ୭୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମା' ଲଙ୍କେଶ୍ୱରୀ ଯୁବକ ସଂଘ ସଭାପତି ଆଦିତ୍ୟ ପଣ୍ଡାଙ୍କ ସଭାପତିତ୍ୱରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ କାଉଡୋଲା ସରପଞ୍ଚ ଦେବୀସିଂ ତାଣ୍ଡି, ସମ୍ମାନିତ ଅତିଥି ଭାବେ ରଣଜିତ ଖମାରୀ, ହେମନ୍ତ ହଂସ, ଜୟରାମ ରାଉତ, ଗଣପତି ହଂସ, ଅର୍ଜୁନ ଭାଟି, ଆମପାଣି ପାକ୍ସ ସମ୍ପାଦକ ବିକାଶ ପଣ୍ଡା, ୱାର୍ଡ ସଭ୍ୟ କେଦାର ନାଗ, ଭୀମସେନ ଭାଟି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଦେବାର୍ଜନ ନାଗ ଓ ପ୍ରଶାନ୍ତ ନାଏକ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାଏକ ଓ ମନୋଜ ସୁନା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ ଡୁଡୁକାଠେଙ୍ଗା ଓ ରନର ଅପ୍ ଆମପାଣିକୁ ଟ୍ରଫି ସହ ପୁରସ୍କାର ରାଶି ଉପସ୍ଥିତ ଅତିଥିମାନେ ପ୍ରଦାନ କରିଥିଲେ। ଲିଟିଲ ଚାମ୍ପ କ୍ରିକେଟ କ୍ଲବ ସଭାପତି ତ୍ରିନାଥ ନାଗ, ସମ୍ପାଦକ ଅଜିତ ନାଏକ, ତ୍ରିଭୁବନ ହଂସ, ଟେମ୍ପୁ ନାଏକ, ବିନୟ ରାଉତ, ତିଲକ ରଞ୍ଜନ ନାଗଙ୍କ ସମେତ ସମସ୍ତ ସଦସ୍ୟ, ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଲୁକ୍କାୟିତ ଭାବେ ରହିଥିବା ଯୁବ ପ୍ରତିଭାକୁ ଆଗକୁ ନେବା ପାଇଁ ପ୍ରତିବର୍ଷ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଚଳିତବର୍ଷ ୨୦ଟି କ୍ରିକେଟ ଟିମ ସାମିଲ ହୋଇଥିଲେ।






# ବ୍ୟାଟିଂ ବିଫଳତା ଯୋଗୁ ଓଡ଼ିଶା ପରାସ୍ତ

## ରଣ୍‌ଜୀ ଟ୍ରଫି

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ବ୍ୟାଟିଂ ବିଫଳତା ଯୋଗୁ ଓଡ଼ିଶା ଚଳିତ ରଣ୍‌ଜୀ ସିଜନରେ ନିଜର ପ୍ରଥମ ମ୍ୟାଚ୍‌ରେ ପରାଜୟ ସ୍ୱାଦ ଚାଖିଛି। ଭଦୋଦରାର ମୋତିବାଗ ଷ୍ଟାଡିୟମରେ ସୋମବାର ଶେଷ ହୋଇଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୧୪୭ ରନରେ ବରୋଦାଠାରୁ ହାରିଯାଇଛି। ବିଜୟ ଲକ୍ଷ୍ୟ ୪୩୨ ଥିବାବେଳେ ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୮୪ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବରୋଦାର ପ୍ରଥମ ଇନିଂସ ୩୫୧ ରନ ଜବାବରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ପ୍ରଥମ ଇନିଂସରେ ମାତ୍ର ୧୭୮ରେ ଅଲ୍‌ଆଉଟ ହୋଇଥିଲା। ବରୋଦା ଏହାର ଦ୍ୱିତୀୟ ଇନିଂସକୁ ୨୫୮/୪ରେ ଘୋଷଣା କରିଥିଲା।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୦୩/୧ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶାକୁ ଅନ୍ତିମ ଦିବସରେ ମ୍ୟାଚ ଡ୍ର ରଖିବାକୁ ହେଲେ ସତର୍କତାର ସହ ଦିନସାରା ବ୍ୟାଟିଂ କରିବା ଜରୁରୀ ଥିଲା। ଟପ୍ ଅର୍ଡରର ୩ ବ୍ୟାଟରଙ୍କ ଉପଯୋଗୀ ଅବଦାନ ଯୋଗୁ ଦଳ ଠିକ୍ ପଥରେ ମଧ୍ୟ ଅଗ୍ରସର ହୋଇଥିଲା। ଦଳ ଏକଦା ୨ ଉଇକେଟରେ ୧୯୨ ରନରେ ପହଞ୍ଚି ଭଲ ସ୍ଥିତିରେ ମଧ୍ୟ ଥିଲା। ମାତ୍ର ଅଧିନାୟକ ଶାନ୍ତନୁ ମିଶ୍ର ଓ ସନ୍ଦୀପ ପଟ୍ଟନାୟକଙ୍କ ମଧ୍ୟରେ ଭାଗୀଦାରି ଭାଙ୍ଗିବା ସହ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇ ଯାଇଥିଲା। ଦୁହେଁ ଦ୍ୱିତୀୟ ଉଇକେଟରେ ୨୩୬ ବଲ୍‌ରୁ ୮୯ ରନ ଯୋଡ଼ି ଦଳ ପାଇଁ ଡ୍ର' ଆଶା ସଞ୍ଚାର କରିଥିଲେ। ଅର୍ଦ୍ଧଶତକ ହାସଲ କରିବାପରେ ସନ୍ଦୀପ ୫୧ ରନ୍‌କରି ଆଉଟ ହେବା ସହ ପାର୍ଟନରଶିପ୍ ଭାଙ୍ଗିଥିଲା। ଶାନ୍ତନୁ ଦଳ ପକ୍ଷରୁ ସର୍ବାଧିକ ୭୮ ରନ ସଂଗ୍ରହ କରିଥିଲେ ହେଁ ଅପରପଟରୁ ସେପରି ସମର୍ଥନ ମିଳି ନ ଥିଲା। ୯୨ ରନ ମଧ୍ୟରେ ଓଡ଼ିଶାର ୮ ଉଇକେଟ ପଡ଼ି ଯାଇଥିଲା। ଶୁଭ୍ରାଂଶୁ ସେନାପତି ୧, କାର୍ତ୍ତିକ ବିଶ୍ୱାଳ ୦ ଓ ଗୋବିନ୍ଦ ପୋଦ୍ଦାର ୧୪ ରନ କରି ଆଉଟ ହେବାରୁ ଓଡ଼ିଶା ପରାଜୟ ମୁହାଁ ହୋଇଥିଲା। ଆଶୀର୍ବାଦ ସ୍ୱାଇଁ ୨୧ ଏବଂ ଶେଷ ଭାଗରେ ସୂର୍ଯ୍ୟକାନ୍ତ ପ୍ରଧାନ ଆକ୍ରମଣାତ୍ମକ ୪୬ (୩୫ ବଲ, ୨ ଚୌକା, ୪ ଛକା) ରନ କରିଥିଲେ। ଓଡ଼ିଶା ଦଳକୁ ବଡ଼ କ୍ଷତି ପହଞ୍ଚାଇଥିଲେ ୨୨ ବର୍ଷୀୟ ଅଫ୍ ସ୍ପିନର ମହେଶ ପିଥିୟା। ସେ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୬୧ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଜ୍ୟୋସ୍ନିଲ ସିଂ ୨ଟି ଏବଂ ଅତୀତ ସେଠ୍ ଓ ନିନାଦ ରଥଭା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବରୋଦା ପ୍ରଥମ ଇନିଂସ: ୩୫୧। ଓଡ଼ିଶା ପ୍ରଥମ ଇନିଂସ: ୧୭୮। ବରୋଦା ଦ୍ୱିତୀୟ ଇନିଂସ: ୨୫୮/୪ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୦୩/୧ (ଶାନ୍ତନୁ ମିଶ୍ର-୭୮, ଅନୁରାଗ ଷଡ଼ଙ୍ଗୀ-୫୬, ସନ୍ଦୀପ ପଟ୍ଟନାୟକ-୫୧, ମହେଶ ପିଥିୟା-୫/୬୧, ଜ୍ୟୋସ୍ନିଲ ସିଂ-୨/୩୧, ଅତୀତ ସେଠ-୧/୨୮, ନିନାଦ ରଥଭା-୧/୬୬)।


ଶାନ୍ତନୁ ମିଶ୍ର

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୯/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, January 9/2024 Page 20 ₹ 7.00 SAMBALPUR



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାଲ୍‌କୋର ୪୪ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୮।୧

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନାଲ୍‌କୋର ୪୪ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟର ଏହି ଅନନ୍ୟ ସଫଳତା ସହ ୪୩ବର୍ଷରୁ ଅଧିକ ସମୟ ପୂରଣ କରିବାର ମାଇଲଖୁଣ୍ଟକୁ ପାଳନ କରିବା ନିମନ୍ତେ କମ୍ପାନୀର ଭୁବନେଶ୍ୱର କର୍ପୋରେଟ୍ କାର୍ଯ୍ୟାଳୟ ସହ ଅପରେଟିଂ ୟୁନିଟ୍ ଏବଂ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ନାଲ୍‌କୋ ନଗରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲ୍‌କୋର ଅଧ୍ୟକ୍ଷ ତଥା ପ୍ରବନ୍ଧକ ନିର୍ଦ୍ଦେଶକ ଶ୍ରୀଧର ପାତ୍ର କମ୍ପାନୀର କାର୍ଯ୍ୟକାରିଣୀ ନିର୍ଦ୍ଦେଶକ, ମୁଖ୍ୟ ସତର୍କତା ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିବାଦନ ଜଣାଇବା ସହ ସେମାନଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ଏପରିକି




ହିତାଧିକାରୀମାନଙ୍କ ସହଯୋଗ ନିମନ୍ତେ ସେ ସାଧୁବାଦ ଜଣାଇଛନ୍ତି।

ଅପରପକ୍ଷରେ ପାତ୍ର କହିଛନ୍ତି, ବିଗତ ୪୩ବର୍ଷର କଠିନ ତଥା ଆନ୍ତରିକ ଉଦ୍ୟମ ଏବଂ ବ୍ୟବସାୟର ପ୍ରାୟ ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ ଦିଗରେ ନିରନ୍ତର ପ୍ରଚେଷ୍ଟା ନାଲ୍‌କୋ ଭଳି ଏକ ବ୍ୟବସାୟିକ ଉଦ୍ୟୋଗ ସୃଷ୍ଟି କରିବାରେ ସହାୟକ ହୋଇଛି, କମ୍ପାନୀ ସର୍ବଦା ଉଚ୍ଚ ପ୍ରଦର୍ଶନ କରିବାରେ ସଫଳ ହୋଇପାରିଛି। ଗତ ତିନି ବର୍ଷ ମଧ୍ୟରେ କମ୍ପାନୀ ଅନେକ ମହତ୍ତ୍ୱପୂର୍ଣ୍ଣ ସଫଳତା ଏବଂ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିପାରିଛି। ସେହିଭଳି ବ୍ୟାକୱାର୍ଡ ଇଣ୍ଟିଗ୍ରେସନ ତଥା ଆବଶ୍ୟକ ଶକ୍ତି ଏବଂ ବକ୍ସାଇଟ ଭଳି କଞ୍ଚାମାଲର ଉପଲବ୍ଧତା ଫଳରେ ଆଗାମୀ ୩ଦଶନ୍ଧି ନିମନ୍ତେ ଏକ ଦୀର୍ଘସ୍ଥାୟୀ ବ୍ୟବସାୟକୁ ସୁନିଶ୍ଚିତ କରାଯାଇପାରିଛି। ଉଲ୍ଲେଖଯୋଗ୍ୟ, ଆବଣ୍ଟିତ କୋଇଲା ବ୍ଲକଗୁଡିକ କାର୍ଯ୍ୟକ୍ଷମ ହେବା ଏବଂ ପଟାଙ୍ଗି ବକ୍ସାଇଟ୍ ଖଣିର ବିଧିଗତ ଅନୁମତି ମିଳିବା ଫଳରେ ଚାଲୁରହିଥିବା ବିଶୋଧନାଗାରର ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଭବିଷ୍ୟତରେ ହେବାକୁ ଥିବା ସ୍ମେଲଟର ବିସ୍ତାର ଯୋଜନା ଗତିଶୀଳ ହୋଇପାରିଛି। ପରିଶେଷରେ ପ୍ରତିଷ୍ଠା ଦିବସ ଉପଲକ୍ଷେ କମ୍ପାନୀର ପୂର୍ବତନ ସିଏମଡି ଏବଂ ନିର୍ଦ୍ଦେଶକମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୮।୧

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୬୭୧ (୬୭୦.୯୩) ପଏଣ୍ଟ ବଢ଼ି ୭୧,୩୫୫ (୭୧,୩୫୫.୨୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୯୮ (୧୯୭.୮୦) ପଏଣ୍ଟ ହ୍ରାସ ଘଟି ୨୧,୫୧୩ (୨୧,୫୧୩.୦୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ହୋଣ୍ଡାର ୩ୟ ଆସେମ୍ବ୍ଲି ଲାଇନ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଗୁଜରାଟସ୍ଥିତ ବିଠଲପୁରଠାରେ ଥିବା କମ୍ପାନୀର ୪ର୍ଥ ଦୁଇଚକିଆ କାରଖାନାଠାରେ ତୃତୀୟ ଆସେମ୍ବ୍ଲି ଲାଇନ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷ କରି ଉକ୍ତ କାରଖାନାର କ୍ଷମତା ୬.୫ ଲକ୍ଷ ୟୁନିଟ୍‌କୁ ବୃଦ୍ଧି ପାଇଛି। ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ସଭାପତି, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁସୁମୁ ଓଟାନି କହିଛନ୍ତି, ଗୁଜରାଟର ବିଠଲପୁରଠାରେ ଥିବା ଆମର କାରଖାନାରେ ନୂଆ ତୃତୀୟ ଆସେମ୍ବ୍ଲି ଲାଇନ୍‌କୁ ଉଦ୍‌ଘାଟନ କରିବା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏପରିକି ଗ୍ରାହକମାନଙ୍କୁ ଶୀଘ୍ର ସେବା ଯୋଗାଇ ଦେବା ଲାଗି ଉକ୍ତ କ୍ଷମତା ସମ୍ପ୍ରସାରଣ କରାଯାଇଛି,ଏହା ହୋଣ୍ଡାର ମୋଟ ବାର୍ଷିକ ଉତ୍ପାଦନ କ୍ଷମତାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆଣିବ। ହୋଣ୍ଡାର ଗୁଜରାଟ କାରଖାନା ଦେଶ ଓ ରପ୍ତାନି ବଜାର ଲାଗି ସ୍କୁଟର ଉତ୍ପାଦନ କରୁଛି, ଯାହା କେବଳ ଭାରତ ନୁହେଁ ସାରା ବିଶ୍ୱର ସ୍କୁଟରୀକରଣ ଧାରାରେ ଅଗ୍ରଣୀ ଭୂମିକା ବଜାୟ ରଖିବାରେ ସହାୟକ ହୋଇଛି। ବିଠଲପୁର କାରଖାନାରେ ହୋଣ୍ଡାର ଆକ୍ଟିଭା, ଡିଓ, ଆକ୍ଟିଭା ୧୨୫ ଓ ଡିଓ ୧୨୫ ସ୍କୁଟର ନିର୍ମାଣ କରାଯାଉଛି। ଉକ୍ତ କାରଖାନାରେ ଏକ ଉତ୍ସର୍ଗୀକୃତ ଇଞ୍ଜିନ ଲାଇନ୍ ରହିଛି, ଯେଉଁଠାରେ ୨୫୦ସିସିରୁ ଅଧିକ କ୍ଷମତା ଇଞ୍ଜିନ ବିଶ୍ୱ ବଜାର ଲାଗି ପ୍ରସ୍ତୁତ କରାଯାଉଛି।


## Ph.D. ଉପାଧି ଲାଭ



ଡ଼ଃ. ସୌମେନ୍ ନନ୍ଦ ନିଜ ପ୍ରସ୍ତୁତ ସନ୍ଦର୍ଭ 'BANCASSURANCE-AN ANALYSIS IN COGNITIVE PERSPECTIVE' ପାଇଁ ISBM ବିଶ୍ୱବିଦ୍ୟାଳୟ ଛତିଶଗଡ଼ରୁ Ph.D. ଉପାଧି ଲାଭ କରିଛନ୍ତି। ପ୍ରଫେସର ଡ଼ଃ. ବରଦା ପ୍ରସାଦ ଭୋଳ, ISBM, ବିଶ୍ୱବିଦ୍ୟାଳୟଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଏହି ସ୍ୱରଚିତ ସନ୍ଦର୍ଭଟି ବାହ୍ୟ ପରୀକ୍ଷକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଏହି ଗବେଷଣା ପାଇଁ ଡ. ନନ୍ଦ ତାଙ୍କ ପିତା ଡ଼ଃ. ସଦାଶିବ ନନ୍ଦ, ମାତା ପ୍ରଫେସର ଡ଼ଃ. ଶାନ୍ତା ମିଶ୍ର, ପତ୍ନୀ ଇଂ. ସୁମିତା ନନ୍ଦ ଓ ଅନ୍ୟ ପରିବାର ସଦସ୍ୟଙ୍କ ସାହାଯ୍ୟ ପାଇଁ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଧ-୨୨୧୩


# ଆଇଏଆଇରେ ବେଦାନ୍ତ ଆଲୁମିନିୟମ ସାମିଲ

ଭୁବନେଶ୍ୱର, ୮।୧ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ଅନ୍ତର୍ଜାତୀୟ ଆଲୁମିନିୟମ ପ୍ରତିଷ୍ଠାନ (ଆଇଏଆଇ) ରେ ସାମିଲ ହୋଇଛି। ଏପରିକି ବିଶ୍ୱର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀଙ୍କ ମଧ୍ୟରେ ବେଦାନ୍ତ ଆଲୁମିନିୟମ ଆଇଏଆଇର ନୂତନ ସଦସ୍ୟତା ଲାଭ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥିରତାକୁ ଆଗେଇ ନେବା ପାଇଁ ଆମେ ଅନ୍ତର୍ଜାତୀୟ ଆଇଏଆଇରେ ଯୋଗଦାନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅନ୍ୱେଷଣ କ୍ଷେତ୍ରରେ ଆମର କାର୍ଯ୍ୟକଳାପକୁ ବଢ଼ାଇବା ପାଇଁ ଅତ୍ୟାଧୁନିକ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଆମେ ବିଶ୍ୱାସ କରୁ ଏବଂ ଜଣେ


ଜନ୍ ସ୍ଲାଭେନ୍

ସଦସ୍ୟ ଭାବେ ଆମେ ଆଇଏଆଇ ଓ ଅନ୍ୟାନ୍ୟ ଶିଳ୍ପପତିମାନଙ୍କ ସହ ସହଯୋଗ କରିବା ସହିତ ସମଗ୍ର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳା ପାଇଁ ଏକ ଅଧିକ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ ଏବଂ ସହଯୋଗ କରିବୁ। ଏହି ସହଭାଗିତା ପାଇଁ ଆମେ ବେଶ୍ ଉତ୍ସାହିତ ଏବଂ ଏକତ୍ର ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବାକୁ ଅପେକ୍ଷା କରିଛୁ।

ସେହିଭଳି ଆଇଏଆଇର ସାଧାରଣ ସମ୍ପାଦକ (ସେକ୍ରେଟାରି ଜେନେରାଲ୍) ମାଇଲ୍ସ ପ୍ରୋସେର କହିଛନ୍ତି, ବେଦାନ୍ତ ଆଇଏଆଇର ମୂଲ୍ୟ ଏବଂ ଲକ୍ଷ୍ୟ ସହିତ ଏକ ନିରାପଦ, ନିରପେକ୍ଷ ଓ ନିରନ୍ତର ବିଶ୍ୱ ଆଲୁମିନିୟମ୍ ଶିଳ୍ପ ପାଇଁ ସମାନ ହୋଇଥିବାବେଳେ ଆମେ ସେମାନଙ୍କୁ ଆମର ସଦସ୍ୟତାରେ ସ୍ୱାଗତ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବିଶ୍ୱର ସର୍ବୋଚ୍ଚ ଆଲୁମିନିୟମ୍ ଉତ୍ପାଦକ ଭାବେ ବେଦାନ୍ତ ଆଲୁମିନିୟମର ସଦସ୍ୟତା ଆଇଏଆଇ ଏବଂ ଏକ ସ୍ଥାୟୀ ଆଲୁମିନିୟମ୍ ଶିଳ୍ପର ବିଶ୍ୱ ସ୍ୱରକୁ ସୁଦୃଢ଼ କରିବ। ବିଶେଷକରି ଏହା ଆଲୁମିନିୟମ୍ ଶିଳ୍ପର କାର୍ଯ୍ୟକଳାପ ଆଦି ବିଷୟରେ ଏକ ବ୍ୟାପକ ବୁଝାମଣାକୁ ପ୍ରୋତ୍ସାହିତ କରିବା ସହିତ ଏକ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନକୁ ମଧ୍ୟ ଉତ୍ସାହିତ ତଥା ସ୍ଥାୟୀ ପ୍ରୟୋଗରେ ଆଲୁମିନିୟମ୍ ବ୍ୟବହାର ଦ୍ୱାରା ହାସଲ ହେବାକୁ ଥିବା ସମ୍ଭାବ୍ୟ ଲାଭକୁ ମଧ୍ୟ ଆଲୋକିତ କରୁଛି।

# ଋଣ ପ୍ରଦାନ କ୍ଷେତ୍ରରେ ଓଜିବି ପୁରସ୍କୃତ

ଭୁବନେଶ୍ୱର, ୮।୧

କ୍ରମାଗତ ୨ୟ ଥର (ବର୍ଷ) ଲାଗି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ଋଣ ପ୍ରଦାନ କ୍ଷେତ୍ରରେ ପୁରସ୍କୃତ ହୋଇଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନରେ ଓଜିବିକୁ ଶ୍ରେଷ୍ଠ ବ୍ୟାଙ୍କ୍ ଭାବେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ଲୋକସେବା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବ୍ୟାଙ୍କଗୁଡ଼ିକୁ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଜିବିର ଚେୟାରମ୍ୟାନ (ଅଧ୍ୟକ୍ଷ) ଋଷି ସିଂହଙ୍କ ସମେତ ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ ଉକ୍ତ ଆୟୋଜନରେ ଯୋଗଦେଇ



ମୁଖ୍ୟମନ୍ତ୍ରୀଙ୍କଠାରୁ ଉପରୋକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଓଜିବିର ଆଞ୍ଚଳିକ ପ୍ରବନ୍ଧକ (ବାଲେଶ୍ୱର) ସୌମ୍ୟ ଦର୍ଶନ କର, ଆଞ୍ଚଳିକ ପ୍ରବନ୍ଧକ (ଚଣ୍ଡିଖୋଲ) ଦିଗ୍‌ବିଜୟ ବାହାଦୁର ଦାସ, ଆଞ୍ଚଳିକ ପ୍ରବନ୍ଧକ (ଢେଙ୍କାନାଳ) ସିପ ସାଗର ଆଚାର୍ଯ୍ୟଙ୍କ ସମେତ କମାର ଗାଁ ଶାଖା ପରିଚାଳକ ବିନେଶ କୁମାର ଶଙ୍ଖୁଆ ଏବଂ ଋଣ ବିଭାଗ ମୁଖ୍ୟ ପ୍ରଭୁ ପ୍ରସାଦ ମିଶ୍ର ଓ ଋଣ ବିଭାଗ ଅଫିସର ବି. ସାଇ ଭାର୍ଗବ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅପରପକ୍ଷରେ ଓଜିବି ଗତ ଦୁଇ ବର୍ଷ ହେଲା ମୁଖ୍ୟମନ୍ତ୍ରୀଙ୍କଠାରୁ ଉପରୋକ୍ତ ପୁରସ୍କାର ଗ୍ରହଣ କରି ଆସୁଛି। ଏପରିକି ବ୍ୟାଙ୍କ୍ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରିଥିବାବେଳେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଏହା ଜରିଆରେ ଉପକୃତ ହୋଇଛନ୍ତି।


# Classified Everyday

0674-2580101, 2549949




REAL ESTATE

SALE

ଗୃହପଯୋଗୀ ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ ମୌଜାରେ ୩୦ଫୁଟ୍ ରୋଡ୍ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495. D-2093

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75097

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ। 7788888879, 8249034529. D-75291




Newly health benefited SPA expert therapist at Mastercanteen. Contact: 7749034655. D-75185

Relax, refresh your body, mind by expert therapist. Contact: 8338800330. D-75181

**Asribadda Panchakarma herbal SPA, Kesharimall, Bhubaneswar. Contact: 8926173473.** D-75091

Newly open SPA positively health benefits with expert therapist. 9938843929. D-75184

Newly open health benefits SPA special offer @ 799 Bapuji Nagar. 8018429809. D-75183

**Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-** classifieddharitri@gmail.com

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open Jyoti SPA positively health benefits (expert therapist). 8458067955. D-75182

## LOST

ଆମ୍ଭେ ଶ୍ରୀ ସୂର୍ଯ୍ୟନାରାୟଣ ରାଉତ ଓ ଶ୍ରୀ ସତ୍ୟନାରାୟଣ ରାଉତ, ପିତା- ପୂର୍ଣ୍ଣଚନ୍ଦ୍ର ରାଉତ, ଗ୍ରାମ- ବନପୁର, ନୂଆସାହି, ପୋ- ନୂଆ ସୋମେଶ୍ୱରପୁର, ଥାନା- ସତ୍ୟବାଦୀ, ଜିଲ୍ଲା- ପୁରୀ ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛୁ ଯେ ଆମ୍ଭର ଗୋଟିଏ କବଲା ନଂ.- ୧୧୫୪୧୪୦୦୫୫୯, ମୌଜା- ବିରାମଚନ୍ଦ୍ରପୁର, ତା ୦୫।୦୧।୨୦୨୪ରିଖ ଦିନ ଆମ୍ଭର କୌଣସି ଅସାବଧାନତା ଯୋଗୁ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କବଲାଟିକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଅଛୁ। ଓକିଲ- ଦୀପକ କୁମାର ସାହୁ, ମୋ- ୯୯୩୭୦୫୮୭୮୫. ଧ-୨୨୧୪

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

ମୁଁ ଶ୍ରୀ ହୃଦାନନ୍ଦ ପଟ୍ଟନାୟକ, ଗ୍ରାମ- ବିଲିପଡ଼ା, ପୋ- ବିନାୟକପୁର, ଥାନା- ପିପିଲି, ଜିଲ୍ଲା- ପୁରୀ ଏତଦ୍ୱାରା ଜଣାଉଅଛି କି ଗତ ତା ୨୨।୦୫।୧୯୯୬ରିଖରେ କେଲୁଣୀ ମହାନ୍ତିଙ୍କ ଠାରୁ ଏ୦.୦୪ଡିସିମିଲି ଜମିଟିଏ କିଣିଥିଲି। ଯାହାର ଅରିଜିନାଲ୍ ସେଲ୍‌ଡିଡ୍ ନଂ.- ୧୦୫୧ ଥିଲା। ଖାତା ନଂ.- ୧୦୪ ଏବଂ ପ୍ଲଟ୍ ନଂ.- ୬୯୮ ଥିଲା। ଏହି ସେଲ୍‌ଡିଡ୍‌ଟି ଗତ ତା ୦୩।୦୧।୨୦୨୪ରିଖ ଦିନ ମୁଁ ଗୁଡ଼ିଆପୋଖରୀରୁ ଘରକୁ ଫେରିବା ବାଟରେ କେଉଁଠି ହଜିଯାଇଛି। ଯେଉଁ ସହୃଦୟ ବ୍ୟକ୍ତି ପାଇଥା'ନ୍ତି ମୋର 9938871561ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ- ୨୨୧୦

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 06.01.2024, I Suvendu Acharya, S/o. Janardan Acharya and Sujata Acharya, Permanent resident of Plot No.-1562/5109, S.B.I Colony, Soubhagya Nagar, Lane-10, Bhubaneswar-751003, Dist.- Khordha, in the state of Odisha, I have changed my name from "Suvendu Padhi" to "Suvendu Acharya". Henceforth, I shall be known as "Suvendu Acharya" for all purposes. D-2218

I, Anil Panda, S/o- Brundaban Panda, resident of At- Panda Street, P.O./ Dist./P.S.- Ganjam, PIN-761026, Odisha declare by affidavit No.-09 dated 08.01.2024 that now onwards I shall be known as Anil Panda for all future purposes. D-2211

I, Smita Rani Sahoo, W/o Santosh Kumar Mohapatra, D/o Dhruba Charan Sahoo, resident of Plot No.- 22/990, Oukhamapatna, Dhenkanal- 759015, Odisha declared by affidavit No.- 9145, dated 24.04.2013, that now onwards I shall be known as SMITA MOHAPATRA for all future purposes. D-75186

I, S R Smruti Pritam alias Sarat Rasmi Smruti Pritam S/o Sarat Chandra Nayak, R/o Gadsahi, Karanjia, Mayurbhanj, Odisha-757037 have changed my name to Smruti Pritam. D-2217

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Bhubaneswar on 7.06.2023, I Radhashyam Murmu, S/o- Seral Chandra Murmu of Village-Kenduhata, P.O.-Salabani, P.S.-Khunta, Dist.-Mayurbhanj, Odisha, PIN-757075, have changed my name from Radhashyam Murmu to Shyam Murmu. Hence I shall be known as Shyam Murmu for all future purposes. D-2215

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଂ ଇଂ ଗୁରୁପ୍ରସାଦ ସିଂହ**
ଆବିର୍ଭାବ : ୦୪.୦୭.୧୯୪୨
ତିରୋଧାନ : ୨୧.୧୨.୨୦୨୨

ଚାହୁଁ ଚାହୁଁ ଏବେ ବରଷେ ବିତିଲା
ଶ୍ରଦ୍ଧାଞ୍ଜଳି ଆମର ନିଅ,
ଅମରପୁରରେ ରହିକରି ବା'
ଆଶିଷ ତୁମର ଦିଅ ।୧।
ସେ ଆଶିଷ ଲଭି ଜୀବନ ପଥରେ
ଚାଲୁଥାଉ ବୀର ପରି ;
ତୁମ ସ୍ମୃତି ମନେ ଆସିଲେ ହେ ବା'
ଲୋତକ ପଡଇ ଝରି ।୨।

ଶୋକସନ୍ତପ୍ତ: ପତ୍ନୀ, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ତଥା ପରିବାରବର୍ଗ

ଧ-୭୫୦୯୬

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା
ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳୀ ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୭୧୬୯୮



**ଟେଷ୍ଟରୁ କ୍ଲାସେନଙ୍କ ଅବସର**

ଦକ୍ଷିଣ ଆଫ୍ରିକୀୟ ଉଇକେଟକିପର-ବ୍ୟାଟର ହେନରିଚ୍ କ୍ଲାସେନ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

୦୬

୦୨

**ଫେବୃଆରୀରେ ବିଜୟଙ୍କୁ ବିବାହ କରିବେ ରଶ୍ମିକା**

ଅଭିନେତ୍ରୀ ରଶ୍ମିକା ମାନ୍ଦାନା ଆସନ୍ତା ଫେବୃଆରୀରେ ସାଉଥ୍ ଅଭିନେତା ବିଜୟ ଦେବରକୋଣ୍ଡାଙ୍କୁ ବିବାହ କରିବାକୁ ଯାଉଛନ୍ତି।





କେନ୍ଦୁଝର ଜିଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରେ ସକାଳ ୮ଟା ସମୟରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇ ରହିଛି। (ଫଟୋ: ବୀରକିଶୋର ଦାଶ)

# ଦିଲ୍ଲୀକୁ ବଳିଗଲା ଓଡ଼ିଶା ସହର

**ମାରାତ୍ମକ ପ୍ରଦୂଷଣ**

- ଅତିପ୍ରଦୂଷିତ ୬ ସହର
- କାମ ଦେଉନି କ୍ଲିନ ଏୟାର ଆକ୍ସନ ପ୍ଲାନ
- ନଗର ଉନ୍ନୟନ, ପୌରାଞ୍ଚଳକୁ ଚିଠି ଲେଖିଲା ଏସ୍‌ପିସିବି

ଭୁବନେଶ୍ୱର, ୮।୧(ଅନିଲ ଦାସ)

ଓଡ଼ିଶାର ପ୍ରଦୂଷଣ ରାଜଧାନୀ ଦିଲ୍ଲୀକୁ ଟପିଯାଇଛି। ରାଜ୍ୟର ପ୍ରମୁଖ ସହର ଧୂଳି, ଧୂଆଁରେ ଅଣନିଃଶ୍ୱାସୀ ହୋଇ ପଡ଼ିଛି। ରାଜ୍ୟର ପ୍ରମୁଖ ସହର ପ୍ରଦୂଷଣ ମାତ୍ରା ମାରାତ୍ମକ ସ୍ତରରେ ରହୁଛି। ଯାନବାହନ ଓ ଶିଳ୍ପାଞ୍ଚଳରୁ ନିର୍ଗତ ଧୂଆଁ, ନିର୍ମାଣ କାର୍ଯ୍ୟ ଯୋଗୁ ବାହାରୁ ଥିବା ଧୂଳି, ବର୍ଜ୍ୟବସ୍ତୁ ପୋଡ଼ିବା ଯୋଗୁ ସହରାଞ୍ଚଳ ପ୍ରଦୂଷଣ ବଳୟରେ ଢାଙ୍କି ହୋଇଯାଉଛି। ଗତ କିଛି ମାସ ହେବ ରାଜ୍ୟରେ ଟୋପାଏ ବର୍ଷା ନ ହେବା ଏବଂ ବାୟୁ ପ୍ରବାହ ଅତ୍ୟନ୍ତ ଧିମା ଥିବାରୁ ପ୍ରଦୂଷଣ ମାତ୍ରା ବହୁ ମାତ୍ରାରେ ବଢ଼ି ଯାଇଛି।

ବାୟୁର ପ୍ରଦୂଷଣ ସ୍ତର ୦-୫୦ ବାୟୁ ମାନଦଣ୍ଡ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ଭିତରେ ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ ଭଲ। ମାତ୍ର ୩୦୧ରୁ ୪୦୦ ମଧ୍ୟରେ ରହିଲେ ତାହା ମାରାତ୍ମକ। ରାଜଧାନୀ ଦିଲ୍ଲୀରେ ବାୟୁ ମାନଦଣ୍ଡ ୩୪୬ ଥିବା ବେଳେ ସୋମବାର ସନ୍ଧ୍ୟା ୬ଟାରେ ଅନୁଗୋଳର ଏକ୍ୟୁଆଇ ୩୫୭ ରହିଥିବା ବେଳେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରଠାରେ ୩୪୨, ପଟିଆଠାରେ ୩୩୧, ବାଲେଶ୍ୱର ସହରରେ ୩୩୬, କେନ୍ଦୁଝର ୩୨୮, କଟକ ୩୪୨, ତାଳଚେର ୩୧୪ ରହିଛି।

ପ୍ରଦୂଷଣ ଉପରେ ନଜର ରଖିବା ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) କାର୍ଯ୍ୟ କରୁଛି। ବୋର୍ଡ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଉଛି। ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ସହରବାସୀ ପ୍ରଦୂଷଣରେ ଛଟପଟ ହେଉଛନ୍ତି। କହିବାକୁ ଗଲେ ସହରାଞ୍ଚଳରେ ନିଃଶ୍ୱାସ ପ୍ରଶ୍ୱାସ ନେବା ପ୍ରାଣଘାତକ ହେଲାଣି। ଶ୍ୱାସରୋଗୀ, ବୃଦ୍ଧାବୃଦ୍ଧ, ପିଲା ଏବଂ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ପରିବେଶବିତ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ସମେତ କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର, ରାଉରକେଲା ଏବଂ କଳିଙ୍ଗନଗର ଆଦି ଅତି ପ୍ରଦୂଷିତ। ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ଦ୍ୱାରା କରାଯାଇଥିବା ସର୍ଭେରୁ ଏକଥା ସ୍ପଷ୍ଟ ହୋଇଛି।

ସହରାଞ୍ଚଳର ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଧ୍ୟ ଅନେକ ସମୟରେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଉଛନ୍ତି। ଆଖିଦୃଶିଆ ପଦକ୍ଷେପ ନିଆ ନ ଯିବାରୁ ଗୋଟିଏ ପରେ ଗୋଟିଏ ସହର ପ୍ରଦୂଷଣ ବଳୟ ଭିତରକୁ ଚାଲିଯାଉଛି। ସାଧାରଣତଃ ବାୟୁରେ ୧୦ ମାଇକ୍ରନରୁ କମ୍ ଧୂଳିକଣା ଓ ପ୍ରଦୂଷିତ ଦ୍ରବ୍ୟ ରହିବା କଥା। ମାତ୍ର ସହରାଞ୍ଚଳଗୁଡ଼ିକରେ ଏହାଠାରୁ ଯଥେଷ୍ଟ ଅଧିକ ରହୁଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନାନୁଯାୟୀ ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ହାର ପ୍ରାୟ ୩୬ ପ୍ରତିଶତ ଅଧିକ ଥିବାବେଳେ ଅନୁଗୋଳ ୨୮, କଟକ ୨୭, ରାଉରକେଲା ୪୧ ଏବଂ ତାଳଚେର ୪୫ ପ୍ରତିଶତ ଉପରେ ରହୁଛି।

ସହରାଞ୍ଚଳରେ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ପାଇଁ ଏକ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଏନ୍‌ଜିଟି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ୭ ସହରାଞ୍ଚଳର ବାୟୁ ପ୍ରଦୂଷଣ ମାତ୍ରା କିପରି ହ୍ରାସ କରାଯାଇପାରିବ ସେ ନେଇ ରାଜ୍ୟ ସରକାର ଏକ ସମନ୍ୱିତ ସ୍ୱଚ୍ଛ ବାୟୁ ଆକ୍ସନ ପ୍ଲାନ (କମ୍ପ୍ରେହେନସିଭ କ୍ଲିନ ଏୟାର ଆକ୍ସନ ପ୍ଲାନ) ପ୍ରସ୍ତୁତ କରିଛନ୍ତି। ଏଥିରେ ରାଜ୍ୟ ପରିବହନ ବିଭାଗ, ଶିଳ୍ପ, କୃଷି, ଖଣି ଓ ଇସ୍ପାତ, ଗୃହନିର୍ମାଣ ଓ ନଗର ଉନ୍ନୟନ ଭଳି ଅନ୍ୟାନ୍ୟ ବିଭାଗକୁ ସାମିଲ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ତୁଲାଇବ। ସିପିସିବି ଦ୍ୱାରା ଏହାକୁ ଅନୁମୋଦନ କରାଯାଇଛି।

ପ୍ରଦୂଷିତ ବାୟୁମଣ୍ଡଳକୁ ସାମାନ୍ୟ ସ୍ତରକୁ ଆଣିବା ପାଇଁ ଶିଳ୍ପାଞ୍ଚଳ ଓ ଯାନବାହନ ଜନିତ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ସହରାଞ୍ଚଳ ନିକଟରେ ଥିବା ଅତି ପ୍ରଦୂଷିତ ଶିଳ୍ପାନୁଷ୍ଠାନଗୁଡ଼ିକୁ ସ୍ଥାନାନ୍ତର କରିବା, ସହରାଞ୍ଚଳରେ ଅଧିକମାତ୍ରାରେ ସବୁଜ ବଳୟ ସୃଷ୍ଟି କରିବା, ସର୍ବସାଧାରଣ ପରିବହନ ସେବାରେ ସଂସ୍କାର ଆଣିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଯାନବାହନରୁ ବାହାରୁଥିବା ଧୂଆଁ, ବର୍ଜ୍ୟବସ୍ତୁ ପରିଚାଳନା, ☞ପୃଷ୍ଠା-୨

## ପୂର୍ବତନ ସରପଞ୍ଚ, ପିଇଓଙ୍କୁ ୪ବର୍ଷ ଜେଲ

**ସରକାରୀ ଅର୍ଥ ହେରଫେର ମାମଲା**

ସୁନ୍ଦରଗଡ଼,୮।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ବିଚାରପତି ସୋମବାର ଏକ ସରକାରୀ ଅର୍ଥ ହେରଫେର ମାମଲାର ବିଚାର କରି ହେମଗିର ବ୍ଲକ୍ କେନ୍ଦୁଡିହି ପଞ୍ଚାୟତର ପୂର୍ବତନ (ଅବସରପ୍ରାପ୍ତ) ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ଘାସି ଓ ପୂର୍ବତନ



ଶଙ୍କର କିଷାନ | ଦୁର୍ଯ୍ୟୋଧନ ଘାସି

ସରପଞ୍ଚ ଶଙ୍କର କିଷାନ(୫୧)ଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ଦେଢ଼ ଲକ୍ଷ ଟଙ୍କା ଲେଖାଏ ଜରିମାନା ଓ ଅନାଦାୟ ଆହୁରି ୧ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ଉକ୍ତ ପଞ୍ଚାୟତକୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଦ୍ୱାଦଶ ଅର୍ଥ କମିଶନ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅନୁଦାନରୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀ ୧ଲକ୍ଷ ୯୪ହଜାର ୨୦୦ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସ ସମ୍ବଲପୁର ଥାନା କେସ୍ ନଂ. ୩୫/ତା୨୯/୬/୨୦୦୯ରିଖରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ରାୟ ପ୍ରକାଶ ପରେ ଉଭୟଙ୍କୁ ସୁନ୍ଦରଗଡ଼ ଜେଲକୁ ପଠାଇ ଦିଆଯାଇଛି। ଏଥିସହିତ ଭିଜିଲାନ୍ସ ପକ୍ଷରୁ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଘାସିଙ୍କ ☞ପୃଷ୍ଠା-୨

## ୧୨ରୁ 'କୃଷି ଓଡ଼ିଶା-୨୦୨୪



କୃଷି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅଧିକାରୀ।

**ଯୋଗଦେବେ ୫ହଜାର ମହିଳା କୃଷକ**

ଭୁବନେଶ୍ୱର, ୮।୧(ଅସମାପିକା ସାହୁ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଫିକି) ପକ୍ଷରୁ ଆସନ୍ତା ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନଠାରେ 'କୃଷି ଓଡ଼ିଶା-୨୦୨୪' ଅନୁଷ୍ଠିତ ହେବ। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'କୃଷି ପ୍ରଗତିରେ ମହିଳା'। ସୋମବାର ବିଭାଗ ପକ୍ଷରୁ କୃଷି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏନେଇ ସୂଚନା ଦେଇ କହିଛନ୍ତି, କୃଷିକ୍ଷେତ୍ରରେ ମହିଳାଙ୍କ ଅବଦାନ ସର୍ବଦା ୬୦%ରୁ ଅଧିକ ରହିଛି। ସେମାନଙ୍କ ଅବଦାନକୁ ପାଳନ କରିବା ପାଇଁ ଚଳିତ ବର୍ଷ କୃଷି ଓଡ଼ିଶାର ବିଷୟବସ୍ତୁ 'କୃଷି ପ୍ରଗତିରେ ମହିଳା' ରଖାଯାଇଛି। ମୂଳ ଲକ୍ଷ୍ୟ ହେଉଛି, କୃଷି କ୍ଷେତ୍ରରେ କିଭଳି ଓଡ଼ିଶାକୁ ଆଗକୁ ନେଇପାରିବା ଓ ଲୋକଙ୍କ ଲାଗି ନିଯୁକ୍ତି ସୃଷ୍ଟି କରିବା। ଗୋଟିଏ ଛାତ ତଳେ କୃଷିକ୍ଷେତ୍ର ସହ ଜଡ଼ିତ ଅଂଶୀଦାର ଯଥା ମହିଳା ଚାଷୀଙ୍କଠାରୁ ଆରମ୍ଭ କରି ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବେ। ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ଚାଷକାମରେ କ୍ଷେତରେ କାମ କରିବା ଠାରୁ ଆରମ୍ଭ କରି ବିହନ ସଂରକ୍ଷଣ ଏବଂ ଅମଳ ପରବର୍ତ୍ତୀ ପର୍ଯ୍ୟନ୍ତ ମହିଳାଙ୍କର ସକ୍ରିୟ ଭୂମିକା ରହୁଥିଲେ ମଧ୍ୟ ନିଷ୍ପତ୍ତି ନେବା କ୍ଷେତ୍ରରେ ଯେତିକି ମିଳିବା କଥା ସେତିକି ମିଳୁନାହିଁ। କୃଷି ଓଡ଼ିଶା ଜରିଆରେ ଚାଷକାମର ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ଗୁରୁତ୍ୱ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଥିବା ସଚିବ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କୃଷି ଓଡ଼ିଶା-୨୦୨୪ର ଲୋଗୋକୁ ଉନ୍ମୋଚନ କରିଥିଲେ।

'କୃଷି ଓଡ଼ିଶା-୨୦୨୪'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟର ପ୍ରାୟ ୫ହଜାର ମହିଳା କୃଷକ, ୨୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ କୃଷି ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବେ। ସଫଳ ମହିଳା କୃଷକ ଓ ଏସ୍‌ଏଚ୍‌ଜିଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ୧୭ଟି ବୈଷୟିକ ଅଧିବେଶନ, କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର, ସେମିନାର ଆଦି ଅନୁଷ୍ଠିତ ହେବ। ଏଥିସହ କୁଇଜ, ବକ୍ତୃତା, ପରୀକ୍ଷାମୂଳକ ଜଳକ୍ରୀଡ଼ା, କୃଷକମାନଙ୍କ ସ୍ଥାନୀୟ କଳା, କାହାଣୀ ଉପସ୍ଥାପନ, ପୋଷ୍ଟକାର୍ଡ ବିନିମୟ, କୃଷକ ସୁଗମକାରୀ କେନ୍ଦ୍ର ଓ ପରୀକ୍ଷାମୂଳକ ଶୈକ୍ଷିକ କେନ୍ଦ୍ରର ଆୟୋଜନ କରାଯାଇଛି। ଏହି ଅବସରରେ ରାଜ୍ୟର ୩୦ ଜିଲାରୁ ଆସିଥିବା ସଫଳ କୃଷି ମଡେଲରେ ନିଜର ଉତ୍କର୍ଷକୁ ପ୍ରଦର୍ଶିତ କରିଥିବା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଗ୍ରଣୀ କୃଷକ, କୃଷି ଉଦ୍ୟୋଗୀ, ଏସ୍‌ଏଚ୍‌ଜିଗୁଡ଼ିକୁ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

## ଇଂଲିଶ୍ ଉଚ୍ଚାରଣ ଶିଖାଇ ଚର୍ଚ୍ଚାରେ ଧୀରଜ

ଭୁବନେଶ୍ୱର, ୮।୧(ଅସମାପିକା ସାହୁ)

ସୋସିଆଲ ମିଡିଆରେ ଇଂଲିଶ ଉଚ୍ଚାରଣ ଶିଖାଇ ଭାଇରାଲ ହେଉଛନ୍ତି ଓଡ଼ିଆ ପୁଅ ଧୀରଜ ଟକ୍ରୀ। ନିଜ ୟୁନିକ୍ ଷ୍ଟାଇଲରେ ଇଂଲିଶ ଉଚ୍ଚାରଣ କିପରି କରିବେ, ଫରେନରଙ୍କ ଭଳି ଇଂଲିଶ କିପରି କହିବେ, ତା'ର ଶୈଳୀ ଶିଖାଉଛନ୍ତି। ଧୀରଜଙ୍କ ଇଂଲିଶ ଉଚ୍ଚାରଣ ଶିକ୍ଷା ଭିଡିଓ ଏବେ ଚର୍ଚ୍ଚାକୁ ଆସିଥିବାବେଳେ ଗୋଟିଏ ମାସରେ ୧ମିଲିୟନ ପାଖାପାଖି ଫଲୋର୍ସ ଏହାର ଲୋକପ୍ରିୟତାକୁ ପ୍ରମାଣିତ କରୁଛି। କୁହାଯାଏ ସୋସିଆଲ ମିଡିଆ କେତେବେଳେ କାହାକୁ ବି ଷ୍ଟାର୍ କରିଦିଏ। ଏବେ ଏହି ଷ୍ଟାର୍ ତାଲିକାରେ ଓଡ଼ିଶାର ୨୧ ବର୍ଷୀୟ ଧୀରଜ ଯୋଡ଼ି ହୋଇଛନ୍ତି। ଧୀରଜ ଏପରି ମଜାଳିଆ ଢଙ୍ଗରେ ବିଦେଶୀଙ୍କ ଭଳି ଇଂଲିଶ ଉଚ୍ଚାରଣର କଳା ଶିଖାଉଛନ୍ତି, ଯାହାକୁ ଲକ୍ଷ ଲକ୍ଷ ନେଟିଜେନ୍ସ ପସନ୍ଦ କରୁଛନ୍ତି। ନିକଟରେ ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଇନ୍‌ଷ୍ଟାଗ୍ରାମ'ରେ ଭାଇରାଲ୍ ହେବା ପରେ ସେ ଲୋକଲୋଚନକୁ ଆସିଛନ୍ତି। ଅନେକ ସୋସିଆଲ ମିଡିଆ ୟୁଜର ତାଙ୍କୁ ପ୍ରଶଂସା କରିବା ସହ ତାଙ୍କର ୟୁନିକ୍ ଷ୍ଟାଇଲକୁ ପସନ୍ଦ କରିଛନ୍ତି। ତାଙ୍କ ଇନ୍‌ଷ୍ଟା ଆକାଉଣ୍ଟରେ ପୋଷ୍ଟ ହୋଇଥିବା ୯୩ଟି ଭିଡିଓ ମଧ୍ୟରୁ ଅଧିକାଂଶ ୧ ଲକ୍ଷରୁ ଅଧିକ ଲୋକ ଦେଖିଛନ୍ତି। ତାଙ୍କର କେତେକ ଭିଡିଓକୁ ୧୧ ନିୟୁତରୁ ଅଧିକ ଲୋକ ଦେଖିଛନ୍ତି।






**ସଂକ୍ଷେପରେ**

## ସୁବର୍ଣ୍ଣରେଖାରେ ବୁଡ଼ି ପୁଣି ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ରୂପସା, ୮।୧(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ବସ୍ତା ଥାନା ରାଜଘାଟ ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ବୁଡ଼ି ସୋମବାର ପୁଣି ଜଣେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଉତ୍ତରପ୍ରଦେଶ ଆଗ୍ରା ଡିଙ୍ଗର ଗ୍ରାମର ସୁମିତ କୁମାର। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୪) ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଆଗ୍ରା ଡିଙ୍ଗର ଅଞ୍ଚଳରୁ ୫୫ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ବସ୍ ଯୋଗେ ବୈଦ୍ୟନାଥ ଧାମରୁ ପୁରୀ ଜଗନ୍ନାଥ ଧାମକୁ ତୀର୍ଥ କରିବାକୁ ଯାଉଥିଲେ। ରାଜଘାଟ ବାରୁଣୀ ପଡ଼ିଆଠାରେ ବସ୍‌ର ରହଣି ହୋଇଥିଲା। ନିକଟରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ତୀର୍ଥଯାତ୍ରୀମାନେ ସ୍ନାନ କରିଥିଲେ। ଅସାବଧାନତାବଶତଃ ସୁମିତ ନଦୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଓ ତୀର୍ଥଯାତ୍ରୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଯେ, ଗତ ରବିବାର ଏହିଠାରେ ଯାଜପୁର ଜିଲା ପାଣିକୋଇଲି ଥାନା ଜହ୍ନା ଅଞ୍ଚଳର ଜଣେ ତୀର୍ଥଯାତ୍ରୀ ଅଜିତ ଭୋଳ ନଦୀରେ ବୁଡ଼ି ପ୍ରାଣ ହରାଇଥିଲେ।

## ଭିଜିଲାନ୍ସ ଜାଲରେ ଟାଉନ ଥାନା ଏଏସ୍‌ଆଇ

ଜୟପୁର/କୋରାପୁଟ, ୮।୧ (ପବନ ପାଣିଗ୍ରାହୀ/ଅମିତାଭ ବେହେରା)

୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସୋମବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ଜୟପୁର ଟାଉନ ଥାନା ଏଏସ୍‌ଆଇ ଅନିଲ କୁମାର ନାୟକ। ଗାଡି ମୁକୁଳାଇବାକୁ ଥାନାକୁ ଆସିଥିବା ଜଣେ ଗାଡିଚାଳକଙ୍କୁ ଏଏସ୍‌ଆଇ ନାୟକ ୫ ହଜାର ଟଙ୍କା ଜଣେ କମ୍ବଳ ବ୍ୟବସାୟୀଙ୍କ ମାଧ୍ୟମରେ ଲାଞ୍ଚ ମାଗିଥିଲେ। ଏହି ଟଙ୍କା ଜୟପୁର ପୁରୁଣା ଏସ୍‌ଡିପିଓ ଆବାସ ଗୃହ ନିକଟରେ କମ୍ବଳ ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀଙ୍କୁ ଦେବାକୁ ସେ କହିଥିଲେ। ତେବେ ସମ୍ପୃକ୍ତ ଗାଡିଚାଳକ ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ସୋମବାର ସେ କମ୍ବଳ ବ୍ୟବସାୟୀଙ୍କୁ ୫ ହଜାର ଟଙ୍କା ଦେଇଥିଲେ। ସେଠାରେ ପହଞ୍ଚି ଏଏସ୍‌ଆଇ ନାୟକ ଟଙ୍କା ନେବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କଠାରୁ ଏହି ଟଙ୍କା ଜବତ କରି କେମିକାଲ୍ ପରୀକ୍ଷା କରି ରଙ୍ଗ ହାତରେ ଏଏସ୍‌ଆଇଙ୍କୁ ଧରାଯାଇଥିଲା। ଏହି ଘଟଣାରେ ଜଣେ କନିଷ୍ଠ ଯନ୍ତ୍ରୀ ଏବଂ ଜଣେ କିରାଣିଙ୍କୁ ସାକ୍ଷୀ ରଖାଯାଇଛି। ତାଙ୍କ ସରକାରୀ ବାସଭବନ ଓ ପୈତୃକ ଘର ଉପରେ ମଧ୍ୟ ଚଢାଉ କରାଯାଇଛି। ଖବର ଲେଖା ହେବା ବେଳକୁ ଏଏସ୍‌ଆଇ ନାୟକଙ୍କୁ ପଚରାଉଚରା ଜାରି ରହିଛି।

# ଦୁର୍ନୀତିର ମୁଖା ଖୋଲିଲା ଅଡିଟ୍

**ଯାଜପୁର ପୌର ପରିଷଦ**

- ୭୨.୫୬ କୋଟି ଟଙ୍କାର ହିସାବ ମିଳିନି
- ଏମ୍‌ଏଲ୍‌ଏ ପାଣ୍ଠିର ବ୍ୟାପକ ଅନିୟମିତତା

ଯାଜପୁର, ୮।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଦୁର୍ନୀତିର ମୁଖା ଖୋଲିଛି ଲୋକାଲ୍ ଫଣ୍ଡ ଅଡିଟ୍ (ଏଲ୍‌ଏଫ୍‌ଏ)। ଯାଜପୁର ପୌର ପରିଷଦରେ ଗତ ୧୨ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ ୩୧।୩।୨୦୨୨ ସୁଦ୍ଧା ୭୨ କୋଟି ୫୬ ଲକ୍ଷ ୨୪ ହଜାର ୯୭୫ ଟଙ୍କାର ହିସାବ ମିଳୁନାହିଁ। ସେହିସବୁ କାର୍ଯ୍ୟର ବିନିଯୋଗ ପତ୍ର(ୟୁସି) ଦାଖଲ ବାକି ପଡ଼ିଛି। ଏହାବାଦ ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍‌ଏଲ୍‌ଏଲାଡ୍)ର ବାସ୍ତବ କ୍ଷେତ୍ରରେ ପ୍ରୟୋଗ ନ ହୋଇ ନିୟମ ସମୂହକୁ ଉଲ୍ଲଂଘନ କରାଯାଇଛି। କ୍ୟାଶବୁକ ଓ ପାସ୍‌ବୁକର ନିୟମିତ ମିଳାମିଶା, ଉପଯୁକ୍ତ ଭାବେ ଡିସିବି ରେଜିଷ୍ଟର ପରିଚାଳନା, ହୋଲ୍ଡିଂ ଟ୍ୟାକ୍ସ ଓ ରାଜସ୍ୱ ଆଦାୟରେ ଅବହେଳା, ୫୬.୨୯ ଲକ୍ଷ ଟଙ୍କାର ସରକାରୀ ଟ୍ୟାକ୍ସ ଦାଖଲ ନ ହେବା ଇତ୍ୟାଦି ଅନିୟମିତତା ସଂକ୍ରାନ୍ତରେ ପର୍ଦ୍ଦାଫାଶ କରିଛି ଅଡିଟ୍। ଏପରି କି କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ କେତେକ ଉନ୍ନୟନ ପ୍ରକଳ୍ପରେ ନିର୍ଦ୍ଧାରିତଠାରୁ ବହୁ ଗୁଣା ଅଧିକ ବିଲ୍ ହୋଇଥିବା ଅଡିଟ୍ ଟିମ୍ ପକ୍ଷରୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି।

ସହର ଓ ସହରବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା କାର୍ଯ୍ୟକାରୀ କରିବାକୁ ପୌର ପରିଷଦ ରହିଛି। ଏଠାରେ ନିର୍ବାହୀ ଅଧିକାରୀ ମୁଖ୍ୟ ଭାବେ ବିଭିନ୍ନ ଯୋଜନାର କାର୍ଯ୍ୟକାରୀ କରିଥାନ୍ତି। କିନ୍ତୁ ଏଠାରେ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସିଂହଭାଗ ଅର୍ଥ ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ୨୮।୧୧।୨୦୨୨ରୁ ୧୨।୪।୨୦୨୩ ମଧ୍ୟରେ ଅଡିଟର ଅଶୋକ କୁମାର ସେଠୀଙ୍କ ନେତୃତ୍ୱରେ ୨୦୨୦-୨୧ ଓ ୨୦୨୧-୨୨ ବର୍ଷର ହୋଇଥିବା ଅଡିଟ ରିପୋର୍ଟରେ ଏଭଳି ଅନେକ ଅନିୟମିତତାକୁ ପର୍ଦ୍ଦାଫାଶ କରାଯାଇଛି। ଅଡିଟ୍ ସମୟରେ ପୌର ପରିଷଦର କ୍ୟାଶ୍‌ବୁକ, ଲୋନ୍ ରେଜିଷ୍ଟର, ଇନ୍‌ଭେଷ୍ଟମେଣ୍ଟ ରେଜିଷ୍ଟର, ଆଉଟ୍‌ଷ୍ଟାଣ୍ଡିଂ ଆଡଭାନ୍ସ ଲେଜର ଆଦି କାଗଜପତ୍ର ଯାଞ୍ଚ ହୋଇଥିଲା। ୨୦୨୧-୨୨ ବର୍ଷରେ ପୂର୍ବବର୍ଷର ବଳକା ଓ ଅନୁଦାନକୁ ମିଶାଇ ୭୦.୫୯ କୋଟି ଟଙ୍କା ମହଜୁଦ ରହିଥିଲା। ତେବେ ଅଡିଟ ବର୍ଷରେ ୨୭.୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଏହାର ବିନିଯୋଗ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଡିଟ୍‌ରେ ଧରାପଡ଼ିଛି। ଫଳରେ ସରକାରୀ ଅର୍ଥର ଉପଯୁକ୍ତ ବିନିଯୋଗ ହେବା ସମ୍ପର୍କରେ ଅଡିଟ ରିପୋର୍ଟରେ ସନ୍ଦେହ ପ୍ରକଟ କରାଯାଇଛି।

ଅନ୍ୟପକ୍ଷରେ ଯାଜପୁର ପୌର ପରିଷଦର ସମ୍ପୃକ୍ତ ଅଧିକାରୀ ୟୁସି ଦାଖଲ କରିବାକୁ ପଦକ୍ଷେପ ନିଆଯାଉଛି ଏବଂ ଖୁବ୍‌ଶୀଘ୍ର ଏହାର ଅନୁପାଳନ ହେବ ବୋଲି ଅଡିଟ ଟିମ୍‌କୁ ଆଶ୍ୱାସନା ଦେଇଥିଲେ। ଏମ୍‌ଏଲ୍‌ଏଲାଡ୍ ପାଣ୍ଠିରେ ୧୪ଟି ପ୍ରକଳ୍ପରେ ୩୫ ଲକ୍ଷ ୪୮ ହଜାର ଟଙ୍କା ବିନିଯୋଗ ହୋଇଛି। ଏହି ପାଣ୍ଠିରୁ ଅନ୍ୟୂନ ୧୦ ପ୍ରତିଶତ ଅର୍ଥ ଦକ୍ଷତା ବିକାଶ ଏବଂ ବେକାର ଯୁବକଙ୍କୁ ତାଲିମ କାର୍ଯ୍ୟକ୍ରମରେ ବିନିଯୋଗ ନିୟମ ରହିଛି। କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ କରାଯାଇ ୨୦୧୯-୨୦ ବର୍ଷରେ ଟଙ୍କାଟିଏ ବିନିଯୋଗ ହୋଇନାହିଁ। ଅନ୍ୟପକ୍ଷେ କୌଣସି ଧାର୍ମିକ ପୀଠରେ ଏମ୍‌ଏଲ୍‌ଏଲାଡ୍ ବିନିଯୋଗ ହେବାର ନିୟମ ନାହିଁ। କିନ୍ତୁ ୨୦୨୦-୨୧ ଓ ୨୦୨୧-୨୨ରେ ୧୦ଟି ଧାର୍ମିକ ପୀଠରେ ଏହି ପାଣ୍ଠିର ବିନିଯୋଗ ହୋଇଛି ବୋଲି ଅଡିଟ୍ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ ସହିତ ବ୍ୟାପକ ଦୁର୍ନୀତି ହୋଇଥିବା ଅଡିଟ୍‌ରେ ଧରାପଡିଛି। ଏହାବାଦ୍ ୭୮,୪୭୭ ଟଙ୍କା ଅଣ୍ଡର ଅବଜେକ୍ସନରେ ରଖାଯାଇ ଅସୁଲି କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପୌର ପରିଷଦ ନିୟମ ଅନୁସାରେ ଆକାଉଣ୍ଟ ରେକର୍ଡ ପରିଚାଳନା କରିବାରେ ବିଫଳ ହୋଇଛି। ତେଣୁ ୟୁସି ଦାଖଲ ସମେତ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରିବାକୁ ଅଡିଟ୍ ଟିମ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଯାଜପୁର ପୌରପରିଷଦ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଛନ୍ତି, ଲୋକାଲ୍ ଫଣ୍ଡ୍ ଅଡିଟ୍ ରିପୋର୍ଟ ସମ୍ପର୍କରେ ସେ ଶୁଣିଛନ୍ତି। କିନ୍ତୁ ଏଯାଏ ତାଙ୍କୁ କୌଣସି ପତ୍ର ମିଳିନାହିଁ। ପୌରପରିଷଦରେ ଅନିୟମିତତା କିମ୍ବା ଅବହେଳା ସଂକ୍ରାନ୍ତରେ ପତ୍ର ଆସିଲେ ତଦନୁସାରେ ପଦକ୍ଷେପ ନିଆଯିବ।

## ଫେବୃଆରୀରେ ବିଜୟଙ୍କୁ ବିବାହ କରିବେ ରଶ୍ମିକା



**ମୁମ୍ବାଇ:** ନିକଟରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଆନିମଲ' ପାଇଁ ଅଭିନେତ୍ରୀ ରଶ୍ମିକା ମାନ୍ଧାନା ଚର୍ଚ୍ଚାରେ ଅଛନ୍ତି। ମୁଭିରେ ତାଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଇଛି। ବହୁତ କମ୍ ବୟସରେ ସେ ସାଉଥ୍‌ରୁ ବଲିଉଡ୍ ପର୍ଯ୍ୟନ୍ତ ନିଜର ନାମ ଅର୍ଜନ କରିଛନ୍ତି। ରଶ୍ମିକା ସବୁ ସମୟରେ କୌଣସି ନା କୌଣସି କାରଣକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ତେବେ ସେ ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଆଲୋଚନାକୁ ଆସିଛନ୍ତି। ଦୀର୍ଘ ଦିନ ଧରି ସାଉଥ୍ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହିତ ରଶ୍ମିକାଙ୍କ ନାମ ଯୋଡ଼ା ହୋଇଥିଲା। ଉଭୟଙ୍କୁ ମଧ୍ୟ ଅନେକ ଥର ଏକାଠି ଦେଖିବାକୁ ମିଳିଛି। ଏବେ ଏଥିନେଇ ଏକ ଖବର ସାମ୍ନାକୁ ଆସିଛି। ରଶ୍ମିକା ଏବଂ ବିଜୟ ସେମାନଙ୍କ ସମ୍ପର୍କକୁ ଅଫିସିଆଲ କରିବାକୁ ଯାଉଛନ୍ତି। ଦୁହେଁ ଆସନ୍ତା ଫେବୃଆରୀରେ ବିବାହ ବନ୍ଧନରେ ବାନ୍ଧି ହେବେ। ହେଲେ ଏପର୍ଯ୍ୟନ୍ତ ଅଫିସିଆଲ ଭାବେ ଉଭୟ ତାରକାଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ। ତେବେ ରଶ୍ମିକା ୨୦୧୬ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠୁ ସେ ତାଙ୍କ ଅଭିନୟର ଯାଦୁରେ ସମସ୍ତଙ୍କୁ ନିଜର କରି ରଖିଛନ୍ତି। ଆଗକୁ ତାଙ୍କ ପାଖରେ ପୁଷ୍ପା:୨ ବ୍ୟତୀତ ଆଉ ୩ଟି ମୁଭି ରହିଛି।

## ବ୍ଲୁ ଡାଇମଣ୍ଡ ବରଗଡ଼କୁ ହରାଇ ସେମିରେ ଫରେଷ୍ଟ ଭିଲାଇ

ନୂଆପଡ଼ା,୮।୧(ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବ ଭାରତୀୟ ୩୨ତମ ୱାଇଏମସି କପ କ୍ରିକେଟ ସୋମବାର ପୁଲ ବି'ର ଦ୍ୱିତୀୟ ମ୍ୟାଚ୍‌ରେ ବ୍ଲୁ ଡାଇମଣ୍ଡ ଗରଗଡକୁ ହରାଇ ଫରେଷ୍ଟ ଭିଲାଇ ସେମି ଫାଇନାଲରେ ପ୍ରବେଶ କରିଛି। ପୁଲ ବି ଦ୍ୱିତୀୟ ମ୍ୟାଚ ବ୍ଲୁ ଡାଇମଣ୍ଡ ବରଗଡ ଓ ଫରେଷ୍ଟ ଭିଲାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଡାଇମଣ୍ଡ ଟସ ଜିଣି ପ୍ରଥମେ ବୋଲିଂ କରିବା ନିଷ୍ପତ୍ତି ନେଇଥିଲା। ଫରେଷ୍ଟ ଭିଲାଇ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ୨୪୨ ରନର ବିଜୟ ଲକ୍ଷ୍ୟ ନେଇ ବରଗଡ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଫଳରେ ଫରେଷ୍ଟ ଭିଲାଇ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ୱାଇଏମସି କପ କ୍ରିକେଟ ଆବାହକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନୂଆପଡା କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ ମୁଖ୍ୟଅତିଥି, ଧରମବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ଜିଲା ପରିଷଦ ସଦସ୍ୟ ଭରତଲାଲ



ଖେଳାଳିମାନଙ୍କ ସହ ମୁଖ୍ୟଅତିଥି କରମର୍ଦ୍ଦନ କରୁଛନ୍ତି।

**ସର୍ବଭାରତୀୟ ୩୨ତମ ୱାଇଏମ୍‌ସି କପ୍ କ୍ରିକେଟ**

ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନ ପୁରସ୍କାର ବିତରଣୀ ଉତ୍ସବରେ ଖରିଆର ରୋଡ ଏନ୍‌ଏସି ଉପାଧ୍ୟକ୍ଷ ନିଶାନ୍ତ ଡାଗା ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ମନୋଜ ସିଂଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ ମଞ୍ଚ ପରିଚାଳନା ଏବଂ ସଞ୍ଜୟ ନାଏକ ଓ ନାରାୟଣ ମେହେର ଖେଳ ପରିଚାଳନା କରିଥିଲେ। ଅଂଶୁମାନ ଗୁପ୍ତା ସ୍କୋର ଦାୟିତ୍ୱ ତୁଲାଇଛନ୍ତି। ପୁନିତ ରାଉତ, ଜୟ କିଷନ ସୁନାନୀ, ମୁକେଶ ସିଂ, ସୀମାଞ୍ଚଳ ମହାପାତ୍ର ଧାରାବିବରଣୀ ଶୁଣାଉଛନ୍ତି। ଯୁଥମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ତପନ କୁମାର ବଗର୍ତ୍ତି, ଉପ ସଭାପତି ରଞ୍ଜିତ ସୁନା, ଶ୍ରୀରାମ ମିଶ୍ର, ମେଡିଆ ପ୍ରଭାରି ରାଜ କିରଣ ସିହଦେଓ ପ୍ରମୁଖ ସହଯୋଗ କରିଛନ୍ତି। ମଙ୍ଗଳବାର ପୁଲ ବି ଦ୍ୱିତୀୟ ସେମୀ ଫାଇନାଲ ମ୍ୟାଚ ଫରେଷ୍ଟ ଭିଲାଇ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହେବ।

## ମନ୍ଦିର ଉପରକୁ ଗୋବର ମାଡ଼

କାମାକ୍ଷାନଗର,୮।୧(ସୁଧୀର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ଶିବୁଳାପଶିଠାରେ ଥିବା ବହୁ ପୁରାତନ ସ୍ୱପେଶ୍ୱର ମହାଦେବ ମନ୍ଦିର ଉପରକୁ ରବିବାର ରାତିରେ ହୋଇଛି ଗୋବର ମାଡ଼। ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଇର୍ଷାନ୍ୱିତ ହୋଇ କେତେଜଣ ଦୁର୍ବୃତ୍ତ ଏପରି କରିଥିବା ପରିଚାଳନା କମିଟି ପକ୍ଷରୁ ସୋମବାର ଥାନାରେ ଏତଲା ଦିଆଯାଇଛି। କମିଟି ପକ୍ଷରୁ ଦର୍ଶାଯାଇଛି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଏବେ ସବୁଠି ପରିକ୍ରମା ରଥ ପରିଭ୍ରମଣକୁ ନେଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ହରିନାମ ଓ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହେଉଛି। ଏପରି ସମୟରେ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଉପରକୁ ରାତି ଅଧରେ ଗୋବର ମାଡ଼ କରାଯିବା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୋଗୁ ମନ୍ଦିର ପରିବେଶ ବେଶ୍ ସୁନ୍ଦର ଦିଶୁଥିବା ବେଳେ କମିଟିର ଏହି ସଫଳତାକୁ ସହି ନ ପାରି କେତେଜଣ ଦୁର୍ବୃତ୍ତ ଏପରି ଘୃଣ୍ୟ କାର୍ଯ୍ୟ କରିଥିବା ଅନୁମାନ କରାଯାଉଛି। ତୁରନ୍ତ ପୋଲିସ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରିବାକୁ ମନ୍ଦିର ପରିଚାଳନା କମିଟି ସଭାପତି ନିଶାକର ଜେନା ଏତଲାରେ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ଶରତ କୁମାର ମହାଳିକ କହିଛନ୍ତି, ଅଭିଯୋଗ ପରେ ଘଟଣାର ତଦନ୍ତ ଜାରିରହିଛି।

## ୧୦ କୋଟିର ମାନହାନି ମାମଲା କଲେ ଅଞ୍ଜନା

**ବିବାଦରେ 'ବାରଙ୍ଗ ୧୯୯୯'**




ଭୁବନେଶ୍ୱର,୮।୧(ସତ୍ୟଜିତ୍ ରାଉତ)

ଓଟିଟି ପ୍ଲାଟ୍‌ଫର୍ମ 'କଞ୍ଚା ଲଙ୍କା' ପକ୍ଷରୁ ରିଲିଜ୍ ହୋଇଥିବା 'ବାରଙ୍ଗ ୧୯୯୯'କୁ ନେଇ ବିବାଦ ଅଧିକ ଘନେଇବାରେ ଲାଗିଛି। ଏହି ୱେବ ସିରିଜ୍‌ରେ ଜଣେ ବଳାତ୍କାର ପୀଡ଼ିତାଙ୍କ ସଂଘର୍ଷର କାହାଣୀ ଦର୍ଶାଯାଇଥିବା ନିର୍ମାଣକାରୀ ସଂସ୍ଥା କହୁଥିବାବେଳେ ଅଞ୍ଜନା ମିଶ୍ର ଶୁଟିଂ ସମୟରୁ ଏହାକୁ ବିରୋଧ କରିଆସୁଛନ୍ତି। ତାଙ୍କ ସହ ଘଟିଥିବା ଘଟଣାକୁ ଏଥିରେ ଦର୍ଶାଯାଇଥିବା ଅଞ୍ଜନା ଦାବି କରୁଛନ୍ତି। ଏପରିକି ଏହି ସିରିଜ୍‌କୁ ୭୨ ଘଣ୍ଟା ମଧ୍ୟରେ ବନ୍ଦ କରିବାକୁ ସପ୍ତାହ ତଳେ ଅଞ୍ଜନା ତାଙ୍କ ଓକିଲ ବିଭୁପ୍ରସାଦ ତ୍ରିପାଠୀଙ୍କ ଜରିଆରେ 'କଞ୍ଚାଲଙ୍କା'ର ସହ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବିଭୁପ୍ରସାଦ ରଥ, ସହ ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକଙ୍କ ସହ ୟୁଟ୍ୟୁବ୍, ଫେସ୍‌ବୁକ୍ କର୍ତ୍ତୃପକ୍ଷ ଓ ଅନ୍ୟମାନଙ୍କୁ ନୋଟିସ୍ ପଠାଇଥିଲେ। ଏହାସତ୍ତ୍ୱେ ଏହାର ପ୍ରସାରଣ ବନ୍ଦ କରା ନ ଯିବାରୁ ଅଞ୍ଜନା ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଶନିବାର ସେ ତାଙ୍କ ଓକିଲଙ୍କ ଜରିଆରେ ନୋଟିସ୍ ପାଇଥିବା ୮ଜଣଙ୍କ ବିରୋଧରେ ଭୁବନେଶ୍ୱର ସିନିୟର ଡିଭିଜନ ସିଭିଲ୍ ଜଜ୍‌ଙ୍କ କୋର୍ଟରେ ୧୦ କୋଟିର ମାନହାନି ମାମଲା ଦାଏର କରିଛନ୍ତି। ଏ ସମ୍ପର୍କରେ ଅଞ୍ଜନା କହିଛନ୍ତି, ଘଟଣା ଜାଣିବା ପରେ ମୁଁ ଉକ୍ତ ସିରିଜ୍ ବନ୍ଦ କରିବାକୁ ସାମ୍ବାଦିକ ସମ୍ମିଳନୀ କରି ଚେତାବନୀ ଦେଇଥିଲି। ଏପରିକି ନୋଟିସ୍ ପଠାଯିବା ପରେ ମଧ୍ୟ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ସିରିଜ୍‌କୁ ଓଟିଟି ପ୍ଲାଟଫର୍ମରୁ ଡିଲିଟ୍ କରାଗଲା ନାହିଁ। ତେଣୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଅଞ୍ଜନା କହିଛନ୍ତି।

ସୂଚନାଯୋଗ୍ୟ, ୧୯୯୯ ଜାନୁଆରୀ ୯ ରାତିରେ ବାରଙ୍ଗ ନିକଟରେ ଏକ ଗଣବଳାତ୍କାର ଘଟଣା ସାରା ଦେଶରେ ଚହଳ ପକାଇଥିଲା। ଏଥିପାଇଁ ଓଡ଼ିଶାରେ ସରକାର ବଦଳି ଯାଇଥିଲା। ମହିଳା ଥାନା ପୋଲିସ ପ୍ରଥମେ ସହ ଅଭିଯୁକ୍ତ ପ୍ରଦୀପ ସାହୁଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତଭାର ନେଇ ଅନ୍ୟତମ ଅଭିଯୁକ୍ତ ଧୀରେନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହି ମାମଲାର ତଦନ୍ତଭାର ନେଇଥିଲା। ୧୯୯୯ ଏପ୍ରିଲ ୪ରେ ସିବିଆଇ ପକ୍ଷରୁ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୨୦୦୨ ଏପ୍ରିଲ ୨୯ରେ ଖୋର୍ଦ୍ଧା ଜିଲା ଦୌରାଜଜ୍ ମହେନ୍ଦ୍ର ଓ ଧୀରେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଜା ଶୁଣାଇଥିଲେ। ୨୦୨୦ ଜାନୁଆରୀ ୨୪ରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ହେଲେ ମାମଲାରେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ଲୁଚି ବୁଲୁଥିଲେ। ଦୀର୍ଘ ୨୨ ବର୍ଷ ପରେ ଅର୍ଥାତ୍ ୨୦୨୧ ଫେବୃଆରୀ ୨୧ରେ କମିଶନରେଟ ପୋଲିସର ଏକ ଟିମ୍ ମହାରାଷ୍ଟ୍ର ଆମ୍ବିଭ୍ୟାଲିରୁ ତାଙ୍କୁ ଗିରଫ କରିଥିଲା। ଏବେ ବିବନଙ୍କ ବିରୋଧରେ କୋର୍ଟରେ ଶୁଣାଣି ଜାରି ରହିଛି।

## ଆମ୍ବାଗୁଡ଼ା ରାସ୍ତାରେ ୪ ଭାଲୁ

ଜୟପୁର, ୮।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକରେ ଭାଲୁ ଆତଙ୍କ ଦେଖାଦେଇଛି। ଏନେଇ ଜୟପୁର ବନାଞ୍ଚଳର ଆମ୍ବାଗୁଡା, କୁମୁଲିପୁଟ, ପୁଟ୍ରା, ହାଡିଆ, ସିନ୍ଧିଗାଁରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ୪ଟି ଭାଲୁ ରାତିରେ ଗ୍ରାମାଞ୍ଚଳଗୁଡିକରେ ବୁଲୁଛନ୍ତି। ଚାରି ଦିନ ହେବ ଏହି ଭାଲୁଗୁଡିକ ଜଙ୍ଗଲ ଛାଡି ଗ୍ରାମ ଓ ସହରାଞ୍ଚଳ ମୁହାଁ ହୋଇଛନ୍ତି। ଖବର ପାଇ ବନ ବିଭାଗ ପାଟ୍ରୋଲିଂ କରିବା ସହ ଭୟଭୀତ ନ ହେବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛି। ଦିନ ହେଉ କି ରାତି ଭାଲୁ ରାସ୍ତାରେ ବୁଲୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଭୟରେ ଗ୍ରାମବାସୀ ବାହାରକୁ ବାହାରୁନାହାନ୍ତି। ଫଳରେ ଆମ୍ବାଗୁଡା ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀ ରାତିରେ ଘରକୁ ନ ଫେରି ଆଉ ଏକ ଗ୍ରାମରେ ଆଶ୍ରୟ ନେଉଛନ୍ତି। ରାତିରେ ଉକ୍ତ ରାସ୍ତା



ଉପରେ ୪ଟି ଭାଲୁ ଶୋଇ ରହୁଛନ୍ତି। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ରାତ୍ରକାଳୀନ ପାଟ୍ରୋଲିଂକୁ କଡାକଡି କରାଯାଇଥିବା ଜୟପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା ଓ ବନପାଳ ରଞ୍ଜିତା ନାୟକ କହିଛନ୍ତି।

# ଆରମ୍ଭ ହେଲା ଗଙ୍ଗାସାଗର ମେଳା

- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ୧୫ ଓ ୧୬ରେ ପୁଣ୍ୟସ୍ନାନ
- ୯ରୁ ରସଲପୁର-ମୟାଗାଲିନୀ ଯାତ୍ରୀ ଫେରିଘାଟ ବନ୍ଦ

ଭୋଗରାଇ, ୮।୧(ପ୍ରଦୀପ ଦାସ)

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦୀପର ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ହେବାକୁ ଯାଉଥିବା ପ୍ରସିଦ୍ଧ ଗଙ୍ଗାସାଗର ମେଳାକୁ ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍‌ଘାଟନ କରିଛନ୍ତି। ମେଳାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗଙ୍ଗାସାଗର ମେଳାକୁ ୫୦ଲକ୍ଷରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କ ଆଗମନ ସୂଚନା ମିଳିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏବେଠୁ ତୀର୍ଥଯାତ୍ରୀଙ୍କ ମେଳାକୁ ଆସିବାକୁ କୋଲକାତାର ହାଓ୍ଵଡ଼ା, ବାବୁଘାଟ, ଧର୍ମତଳା, ସିଆଲଦା ରେଳଷ୍ଟେଶନରେ ତୀର୍ଥଯାତ୍ରୀ ସହ ବହୁ ସାଧୁ, ସନ୍ଥ ଓ ନାଗାସନ୍ୟାସୀଙ୍କ ଭିଡ଼ ଜମିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ଜଳ, ସ୍ଥଳ ଓ ଆକାଶବାହିନୀକୁ ସଜାଗ ରଖାଯାଇଛି। ସାଗରମେଳା ପ୍ରବେଶପଥରେ ମେଟାଲ ଡିଟେକ୍ଟର ସହ ଲଟ ନଂ. ୮, କଚୁବେରିଆ, ନାମଖାନା, ଚେମାଗଡ଼ି, ଭାରତ ସେବାଶ୍ରମ ସଂଘ, ଶଙ୍କରାଚାର୍ଯ୍ୟ ଆଶ୍ରମ, କପିଳମୁନି ମନ୍ଦିର ଏବଂ ଭିଆଇପି ସ୍ଥାନଗୁଡ଼ିକରେ ୧୧୫୦ ସିସି କ୍ୟାମେରା, ୨୨ଟି ଡ୍ରୋନ୍, ୪ଟି ଜଳ ଓ ଜରୁରୀକାଳୀନ ସେବା ପାଇଁ ଗୋଟିଏ ଆକାଶ ଆମ୍ବୁଲାନ୍ସ , ୮ ହଜାର ପୋଲିସ, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ମୁତୟନ ସହିତ ସାଗରବନ୍ଧୁ ନାମିତ ୮ଶହ ଜଣିଆ ଟିମ୍ ପ୍ରସ୍ତୁତ ରହି ତୀର୍ଥଯାତ୍ରୀଙ୍କୁ ସହାୟତା ଦେବେ ବୋଲି ଜିଲା ଶାସକ ସୁମିତ ଗୁପ୍ତା ଧରିତ୍ରୀକୁ ସୂଚନା ଦେଇଛନ୍ତି।



ଗଙ୍ଗାସାଗରସ୍ଥିତ ପ୍ରସିଦ୍ଧ କପିଳମୁନି ମନ୍ଦିରରେ ପୁଣ୍ୟାର୍ଥୀଙ୍କ ଭିଡ଼।

ଏତଦ୍‌ଭିନ୍ନ କୋଲକାତାରୁ ଗଙ୍ଗାସାଗର ପର୍ଯ୍ୟନ୍ତ ୨ହଜାର ୫ଶହ ଯାତ୍ରୀ ପରିବହନ ସେବା, ସିଆଲଦାଠାରୁ କାକଦ୍ୱୀପ ନାମଖାନା ପର୍ଯ୍ୟନ୍ତ ୬୬ଟି ଅତିରିକ୍ତ ଟ୍ରେନ, ମୁଡ଼ିଗଙ୍ଗା ନଦୀରୁ ପାରିହେବା ନିମନ୍ତେ ଲଟ ନଂ. ୮ ରୁ କଚୁବେରିଆ ଓ ନାମଖାନାରୁ ଚେମାଗଡି ପର୍ଯ୍ୟନ୍ତ ୩୨ଭେସେଲ, ୧୦୦ ଭୂତଳ ଜଳ ପରିବହନ ଯାତ୍ରୀ ପରିସେବା ଲଞ୍ଚ ଯୋଗାଇ ଦିଆଯାଇଛି। ମେଳା ପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩୨ଟି ଉଚ୍ଚସ୍ତରୀୟ କମିଟି ଗଠନ କରି ସମୀକ୍ଷା କରିଥିବା ବେଳେ ୧୫ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ପୁଣ୍ୟାର୍ଥୀଙ୍କ ପାଇଁ ୭ଟି ଅସ୍ଥାୟୀ ହସ୍‌ପିଟାଲ, ୧୨ଟି ସ୍ଥାନରେ ମେଡିକାଲ ଟିମ, ୧ଶହ ଆମ୍ବୁଲାନ୍ସ, ୧୧ହଜାର ଶୌଚାଗାର ଓ ତୀର୍ଥଯାତ୍ରୀଙ୍କ ରହିବା ସକାଶେ ହଜାର ହଜାର ଅସ୍ଥାୟୀ ହୁଗୁଳା ଘର ନିର୍ମାଣ କରାଯାଇଛି। ଗଙ୍ଗସାଗରରେ କୌଣସି ତୀର୍ଥଯାତ୍ରୀଙ୍କ ଅକାଳ ମୃତ୍ୟୁ ଘଟିଲେ ୫ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ୧୫ ଓ ୧୬ତାରିଖରେ ପୁଣ୍ୟସ୍ନାନ ଥିବାରୁ ସାଗର ଓ ସଙ୍ଗମସ୍ଥଳରେ ଏବେଠୁ ଲକ୍ଷାଧିକ ପୁଣ୍ୟାର୍ଥୀଙ୍କ ସମାଗମ ହୋଇଛି। ୮ତାରିଖରୁ ରସଲପୁର-ମୟାଗାଲିନୀ ଲଞ୍ଚ ଯାତ୍ରୀ ଫେରିଘାଟ ସରକାରୀ ଭାବେ ବନ୍ଦ ଯୋଗୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଦୁଇ ମେଦିନୀପୁର ଜିଲାର ଲକ୍ଷାଧିକ ତୀର୍ଥଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ୨୦ରୁ ଗହୀରମଥାରେ ଡଲ୍‌ଫିନ୍ ଗଣନା

କେନ୍ଦ୍ରାପଡ଼ା, ୮।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଭିତରକନିକା ସାମୁଦ୍ରିକ ଅଞ୍ଚଳର ଗହୀରମଥାରେ ଆସନ୍ତା ୨୦ ତାରିଖଠାରୁ ଡଲ୍‌ଫିନ୍ ଗଣନା ହେବ। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗଣନା କାର୍ଯ୍ୟ ପାଇଁ ବନ ବିଭାଗ ୯ଟି ଟିମ୍ ପ୍ରସ୍ତୁତ କରୁଛନ୍ତି। ଏହି ସାମୁଦ୍ରିକ ଜୀବଙ୍କ ଉପଲବ୍ଧିକୁ ନେଇ ଗଣନା ରିପୋର୍ଟ ପ୍ରକାଶ ପାଇବ। ତେବେ ପାଣିପାଗ ବହୁ ସମୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ତାରିଖ ପରିବର୍ତ୍ତନ ହେବା ସମ୍ଭାବନା ଅଛି। ଟିମ୍ ସଦସ୍ୟ ଧାମରା ମୁହାଣଠାରୁ ମହାନଦୀ ମୁହାଣ ମଧ୍ୟସ୍ଥ ଗହୀରମଥା ସମୁଦ୍ରାଞ୍ଚଳ, ଭିତରକନିକା ଜାତୀୟ ଉଦ୍ୟାନସ୍ଥ ଜଳାଶୟରେ ଅନୁଧ୍ୟାନ କରିବେ ବୋଲି ବନ ବିଭାଗ ରେଞ୍ଜ ଅଫିସର ପ୍ରଦୋଷ ମହାରଣା ସୋମବାର ସୂଚନା ଦେଇଛନ୍ତି। ଏହି ସମୟରେ ଗଣନାକାରୀ ଡଲ୍‌ଫିନ୍‌ଙ୍କ ଉପସ୍ଥିତିକୁ ଜିପିଏସ୍ ଲୋକେସନ ଦ୍ୱାରା ସୂଚନା ପ୍ରଦାନ କରିବେ। ଏ ସମ୍ପର୍କରେ ରେଞ୍ଜ ଅଫିସର ମହାରଣା କହିଛନ୍ତି, ଗହୀରମଥାକୁ ୧୯୯୭ ମସିହାରେ ସଂରକ୍ଷିତ କରାଯାଇଛି। ଏଠାରେ ବିରଳ ଅଲିଭ୍ ରିଡ୍‌ଲେଙ୍କ ମିଳନ ହେଉଥିବା ବେଳେ ଦେଶୀ ବିଦେଶୀ ପକ୍ଷୀଙ୍କ ସମ୍ଭାର ପ୍ରତ୍ୟେକ ବର୍ଷ ଶୀତଋତୁରେ ବଢ଼ିଥାଏ। ବନ ବିଭାଗ ପକ୍ଷରୁ ଗତ ୫ରୁ ଆସନ୍ତା ୧୩ ତାରିଖ ମଧ୍ୟରେ କୁମ୍ଭୀର ନିୟୋଜିତ ଅଛି। ଏହାପରେ ୨୦ ତାରିଖଠାରୁ ୩ ଦିନିଆ ଡଲ୍‌ଫିନ୍ ଗଣନା ହେବ। ଗତବର୍ଷ ଏହି ଅଞ୍ଚଳରେ ମୋଟ ୫୫୦ ଡଲ୍‌ଫିନ ଦେଖାଦେଇଥିଲେ। ଏଥିମଧ୍ୟରୁ ଇରାୱାଡି ପ୍ରଜାତିର ୬ଟି, ବଟଲନୋଜ ପ୍ରଜାତିର ୨୮୧ଟି, ହମ୍ପବ୍ୟାକ ୨୦୬ଟି, ଷ୍ଟିପଡ ୫୨ଟି ଓ ସ୍ପିନର ପ୍ରଜାତିର ୩ଟି ଡଲ୍‌ଫିନ ରହିଥିଲା ବୋଲି ରେଞ୍ଜ ଅଫିସର ମହାରଣା ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ**

### ଦିଲ୍ଲୀକୁ ବଳିଗଲା...

କୋଠାବାଡ଼ି ନିର୍ମାଣ ଯୋଗୁ ହେଉଥିବା ପ୍ରଦୂଷଣ ଇତ୍ୟାଦିକୁ ରୋକିବା ଲାଗି ପଦକ୍ଷେପ ନିଆଯିବାକୁ ବ୍ୟବସ୍ଥା ହୋଇଛି। ରାଉରକେଲା, ତାଳଚେର, କଳିଙ୍ଗନଗର, ଅନୁଗୋଳ ଶିଳ୍ପାଞ୍ଚଳ ସହରରେ ଶିଳ୍ପଭିତ୍ତିକ ପ୍ରଦୂଷଣ ରୋକିବାକୁ ଏକ ବଡ଼ ଆହ୍ୱାନ ହୋଇଛି। ସେହି ସବୁ ସହରରେ ପି.ଏମ୍. (ପାର୍ଟିକୁଲେଟ ମ୍ୟାଟର)-୧୦ ରହୁଛି। ଏହାକୁ ୧୪ରୁ ୧୫ ପ୍ରତିଶତ ହ୍ରାସ କରିବାକୁ ପଡ଼ିବ। ସେହିପରି ଭୁବନେଶ୍ୱର, କଟକ ଓ ବାଲେଶ୍ୱରରେ ବାୟୁ ପ୍ରଦୂଷଣ ପି.ଏମ୍.-୧୦କୁ ୨୭ରୁ ୩୬ ପ୍ରତିଶତକୁ ହ୍ରାସ କରିବା ନେଇ ଆକ୍ସନ ପ୍ଲାନରେ ପରାମର୍ଶ ଦିଆଯାଇଛି। ତେବେ ବିଭାଗଗୁଡ଼ିକର ସମନ୍ୱୟ ଅଭାବରୁ ଆକ୍ସନ ପ୍ଲାନ କାମ ଦେଉନି। ପ୍ରଦୂଷଣରେ ସହରବାସୀ ଘାଣ୍ଟି ହେଉଛନ୍ତି।

ପରିବେଶ ନିର୍ଦ୍ଦେଶକ ତଥା ଏସ୍‌ପିସିବି ମେମ୍ବର ସେକ୍ରେଟାରୀ କେ. ମୁରୁଗେସେନ କହିଛନ୍ତି, ବାରମ୍ବାର ରାସ୍ତାଘାଟ ନିର୍ମାଣ ହେବା ଯୋଗୁ କେତେକ ସ୍ଥାନରେ କିଛି ସମୟ ପାଇଁ ପ୍ରଦୂଷଣ ମାତ୍ରା ବଢ଼ି ଯାଉଛି। ଓଡ଼ିଶାରେ ପ୍ରଦୂଷଣ ହାର ସେତେଟା ଚିନ୍ତାଜନକ ନୁହେଁ। କେତେକ ସହରରେ ପ୍ରଦୂଷଣ ହାର ସାମାନ୍ୟ ଅଧିକ ରହୁଛି। ରାସ୍ତାଘାଟ ନିର୍ମାଣ ବେଳେ ଠିକାଦାରମାନେ ଗାଇଡ୍‌ଲାଇନ ପାଳନ କରୁ ନାହାନ୍ତି। ପ୍ରଦୂଷଣକୁ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ, ମହାନଗର ନିଗମ, ପୌରସଂସ୍ଥାଗୁଡ଼ିକୁ ଚିଠି ଲେଖାଯାଇଛି। ସେଥିପାଇଁ କ୍ଲିନ ଏୟାର ଆକ୍ସନ ପ୍ଲାନ ଏବଂ ମାଇକ୍ରୋ ପ୍ଲାନ କରାଯାଇଛି। ସହରଗୁଡ଼ିକର ପରିବେଶ କିପରି ସ୍ୱଚ୍ଛ ରହିବ ସେ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେବା ସହ ନିୟମିତ ପରିସ୍ଥିତିର ସମୀକ୍ଷା କରାଯାଉଛି ବୋଲି ସେ କହିଛନ୍ତି।

### ପୂର୍ବତନ ସରପଞ୍ଚ...

ପେନସନ ବନ୍ଦ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍କାଳୀନ ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ରାଧାକୃଷ୍ଣ କାନୁନ୍‌ଗୋ ଏହି ମାମଲାରେ ତଦନ୍ତକାରୀ ଅଫିସର ଥିଲେ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ।

ଫ୍ୟାଶନ୍

# ମଙ୍ଗଳସୂତ୍ର

**ବିବାହିତାଙ୍କର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ମଙ୍ଗଳସୂତ୍ର। ଆଜିକାଲି ବଜାରରେ ବିଭିନ୍ନ ଡିଜାଇନ୍‌ର ମଙ୍ଗଳସୂତ୍ର ଉପଲବ୍ଧ। ଏହାକୁ କିଣିବା ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି ...**

**ସ୍ପେଶାଲ କ୍ୟାରେକ୍ଟର ମଙ୍ଗଳସୂତ୍ର**
ଆଜିକାଲି ମହିଳାମାନଙ୍କୁ ପସନ୍ଦ ନିଜ ସ୍ୱାମୀଙ୍କ ନାଁକୁ ମଙ୍ଗଳସୂତ୍ରରେ ଲେଖିବା। ଏହା ଏକ ଧାରାରେ ପରିଣତ ହୋଇଗଲାଣି। ଏହା ଦେଖିବକୁ କ୍ଲାସି ଲାଗିଥାଏ । ଆପଣ ଏଥିରେ କୌଣସି ଭଲ ଡିଜାଇନ୍ କ୍ରିଏଟ୍ ମଧ୍ୟ କରିପାରିବେ। ଏଥିପାଇଁ ଏହା ମହିଳାଙ୍କୁ ଅଧିକ ପସନ୍ଦ ଆସିଥାଏ। ଏହି ମଙ୍ଗଳସୂତ୍ରରେ ଡାଇମଣ୍ଡ ଲାଗିଥିବାର ଦେଖାଯାଏ। ଏହାକୁ ଆପଣ ଯେକୌଣସି ଆଉଟ୍‌ଫିଟ୍ ସହ ପିନ୍ଧିପାରିବେ।



**ହ୍ୟାଣ୍ଡମେଡ୍ ମଙ୍ଗଳସୂତ୍ର**
ଆଜିକାଲି ବିଭିନ୍ନ ଡିଜାଇନ୍‌ର ମଙ୍ଗଳସୂତ୍ର ମାର୍କେଟରେ ଦେଖିବାକୁ ମିଳୁଛି। ହ୍ୟାଣ୍ଡମେଡ୍ ମଙ୍ଗଳସୂତ୍ର ଏହା ପିନ୍ଧିବାକୁ ବହୁ କମ୍ଫର୍ଟେବଲ ଲାଗିଥାଏ। ଡିଜାଇନ୍ ମଧ୍ୟ ଅଲଗା ଅଲଗା ହୋଇଥାଏ। ଆଜିକାଲି ଏଥିରେ ଡବଲ ଆଇ, ଷ୍ଟୋନ ଏବଂ ପର୍ଲ ଆଦିର କାମ ଦେଖିବାକୁ ମିଳୁଛି। ଆପଣ ଚାହିଁଲେ ଆର୍ଟିଫିସିଆଲ୍ ମଙ୍ଗଳସୂତ୍ର ମଧ୍ୟ କରି ପାରିବେ।

**ଟ୍ରାଡିଶନାଲ ମଙ୍ଗଳସୂତ୍ର**
କେତେକ ମହିଳା ଅଛନ୍ତି, ଯେଉଁମାନେ କି ପ୍ରତିଦିନ ମଙ୍ଗଳସୂତ୍ର ପିନ୍ଧିବାକୁ ପସନ୍ଦ କରନ୍ତି। ଆପଣ ଯଦି ଟ୍ରାଡିଶନାଲ ମଙ୍ଗଳସୂତ୍ର ପିନ୍ଧୁଛନ୍ତି ତେବେ ଏହାକୁ ଟ୍ରାଡିଶନାଲ ଆଉଟ୍‌ଫିଟ୍ ସହିତ ପିନ୍ଧନ୍ତୁ ଯାହା ଆପଣଙ୍କୁ ବହୁତ ମାନିବ। ଟ୍ରାଡିଶନାଲ ଡିଜାଇନ୍‌ରେ ଆପଣ ଟେମ୍ପଲ ଡିଜାଇନ୍ ମଙ୍ଗଳସୂତ୍ର ପିନ୍ଧିପାରିବେ।

**ଷ୍ଟୋନ୍ ୱାର୍କ ଡିଜାଇନ୍ ମଙ୍ଗଳସୂତ୍ର :** ମହିଳା ମାନେ ସୁନାଗହଣା ପିନ୍ଧିବାକୁ ଏତେଟା ପସନ୍ଦ କରନ୍ତି ନାହିଁ। ଏମିତିରେ ସେମାନେ କିଛି ନୂଆ ଟ୍ରାଏ କରିବାକୁ ଭାବିଥାନ୍ତି। ଆପଣଙ୍କୁ ଡାଇମଣ୍ଡ ଏବଂ ଗୋଲ୍‌ଡ ମିକ୍ସ ହୋଇଥିବା ବିଭିନ୍ନ ପ୍ରକାର ଡିଜାଇନ୍ ମିଳିଯିବ। ଆପଣ ଷ୍ଟୋନ୍ ୱାର୍କ ଥିବା ମଙ୍ଗଳସୂତ୍ରକୁ ଯେକୌଣସି ଆଉଟ୍‌ଫିଟ୍ ସହ ପିନ୍ଧିପାରିବେ।

# ସଫଳତା ଅନ୍ତରାଳେ...



**ସମସ୍ତେ ନିଜ କ୍ୟାରିୟରରେ ସଫଳତା ପାଇବାକୁ ଚାହାନ୍ତି। କିନ୍ତୁ ନିଜର କିଛି ଖରାପ ଅଭ୍ୟାସ ତାଙ୍କୁ ପଛକୁ ଟାଣିନେଇଥାଏ। ଦୁନିଆର ସଫଳ ଲୋକଙ୍କ ପାଖରେ ଯେତିକି ସମୟ ଥାଏ ଆପଣଙ୍କ ପାଖରେ ମଧ୍ୟ ସେତିକି ସମୟ ରହିଥାଏ, କିନ୍ତୁ ଏହି ସମୟକୁ ସେମାନେ କିପରି ସଦୁପଯୋଗ କରନ୍ତି ,ଯାହା ସେମାନଙ୍କ ସଫଳତାର ଚାବିକାଠି ପାଲଟେ । ଏଥିପାଇଁ ଯଦି ଆପଣ ବି ସଫଳତା ପାଇବାକୁ ଚାହାନ୍ତି ତେବେ ନିଜ ସମୟକୁ ସଠିକ୍ ଉପଯୋଗ କରିବା ସହ ବ୍ୟବହାରକୁ ମଧ୍ୟ ବଦଳାଇବାକୁ ଚେଷ୍ଟା କରନ୍ତୁ । ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...**

**କାମକୁ ଟାଳିବାରୁ ନିଜକୁ ଦୂରେଇ ରଖନ୍ତୁ:** ସମସ୍ତଙ୍କ ଜୀବନରେ ସେଲ୍ଫ ଡିସିପ୍ଲିନ୍ ରହିବା ବହୁତ ଜରୁରୀ। ଏଥିପାଇଁ ସବୁ କାମକୁ ଯଥା ସମ୍ଭବ ସାରିବାକୁ ଚେଷ୍ଟା କରନ୍ତୁ। ଆଜି କାମକୁ ଆଜି କରିବି କାଲି କରିବି ଏମିତି କରନ୍ତୁ ନାହିଁ। ଜରୁରୀ ହୋଇଥିଲେ ସେହି କାମକୁ ସାରିବା ଲାଗି ଏକ ନିର୍ଦ୍ଦିଷ୍ଟ ସମୟ ବାହାର କରନ୍ତୁ। ଏହି ଅଭ୍ୟାସ ଆପଣଙ୍କୁ ସଫଳତା ପର୍ଯ୍ୟନ୍ତ ନେଇପାରିବ।

**ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରଣ କରନ୍ତୁ**
ବିନା କୌଣସି ଲକ୍ଷ୍ୟରେ କୌଣସି କାମ ସମ୍ପନ୍ନ ହୋଇପାରି ନ ଥାଏ। ଏଥିପାଇଁ କୌଣସି କାମ କରିବା ପୂର୍ବରୁ ନିଜର ଏକ ଗୋଲ୍ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା କୌଣସି କାମ କରିବାକୁ ହେଲେ ମୋଟିଭେଶନ୍ ମିଳଥାଏ। ଏଥିସହ ଲକ୍ଷ୍ୟ ନିର୍ଦ୍ଧାରଣ ହେବା ଦ୍ୱାରା ନିଜର ସମୟ ମଧ୍ୟ କିଛି ମାତ୍ରାରେ ବଞ୍ଚାଇପାରିବେ।

**ନିଅନ୍ତୁ ନିଜ ପାଇଁ ନିଷ୍ପତ୍ତି**
ଜୀବନରେ କିମ୍ବା କ୍ୟାରିୟରରେ ସଫଳତା ପାଇବାକୁ ହେଲେ ଆତ୍ମବିଶ୍ୱାସର ନିହାତି ଆବଶ୍ୟକ ରହିଛି। ନିଜ ପାଇଁ କିଛି ନିୟମ କାଇଦା କାନୁନ୍ ରଖନ୍ତୁ, ଯାହାକୁ ନିଜେ ଅନୁସରଣ କରନ୍ତୁ। ଏହା ସହ ନିଜେ କିଛି ନିର୍ଣ୍ଣୟର ନିଷ୍ପତ୍ତି ନିଅନ୍ତୁ ଏବଂ ତାକୁ ଅଭ୍ୟାସରେ ପରିଣତ କରନ୍ତୁ। ସବୁ ଛୋଟବଡ଼ କାମ ପାଇଁ ଅନ୍ୟ ଉପରେ ନିର୍ଭର କଲେ ତାହା ଆପଣଙ୍କ ଲକ୍ଷ୍ୟରେ ବାଧା ସୃଷ୍ଟି ହୋଇଥାଏ।

# ଅଷ୍ଟିଓ ଆର୍ଥ୍ରାଇଟିସ୍ ଓ ମହିଳା

**ଡା. ତୀର୍ଥପ୍ରସାଦ ବରାଳ**



ଆୟୁର୍ବେଦୀୟ ମହାମୁନୀଷୀ ଯଥା–ଚରକ, ଶୁଶ୍ରୁତ ଏବଂ ବାଣଭଟ୍ଟ ପ୍ରମୁଖଙ୍କ ଚିକିତ୍ସା ଶାସ୍ତ୍ରରେ ସନ୍ଧିବାତ ବାତବିଧି ପ୍ରକରଣରେ ବର୍ଣ୍ଣିତ ହୋଇଛି। ବିଶେଷ ଭାବରେ ବୟସ ବଢ଼ିଲେ ଏଭଳି ସମସ୍ୟା ମହିଳାମାନଙ୍କଠାରେ ଅଧିକ ଦେଖାଯାଇଥାଏ। ପ୍ରାୟତଃ ଯେଉଁ ସନ୍ଧି ଉପରେ ଶରୀରର ଭାର ଅଧିକ ପଡ଼ିଥାଏ, ଯେପରି ଆଣ୍ଠୁ ଏବଂ ଅଣ୍ଟା ବା ଯେଉଁ ସନ୍ଧି ଶରୀରର ସାମର୍ଥ୍ୟଠାରୁ ଅଧିକ କାମ କରିଥାଏ, ସେଠାରେ କ୍ରମଶଃ ଶ୍ଳୈଷ୍ମିକ କଫ କ୍ଷୟ ଘଟି ଅସ୍ଥିସନ୍ଧିର ବ୍ୟବଧାନ ହ୍ରାସ ପାଇଥାଏ ଏବଂ ପରସ୍ପର ଅସ୍ଥି ଘର୍ଷଣ ପ୍ରାପ୍ତ ହୋଇଥାଏ। ଏହି ପ୍ରକ୍ରିୟା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଲେ ଧୀରେ ଧୀରେ ସନ୍ଧିର ଗତି(ଆକୁଞ୍ଚନ, ପ୍ରସାରଣ) ହ୍ରାସ ପାଇବା ସହ ବେଦନା ବା ଯନ୍ତ୍ରଣା ଏବଂ ଶୋଥ ଉତ୍ପନ୍ନ ହୁଏ।

କେତେକ କ୍ଷେତ୍ରରେ ସାର୍ବଦୈହିକ ରୋଗ ଯଥା–ସ୍ଥୌଲତା, ବାତରକ୍ତ, ଆଘାତଜନ୍ୟ, ଜନ୍ମଗତ ସନ୍ଧିବିକାର, ମଧୁମେହ, ଆମବାତ ବା ଅନ୍ୟାନ୍ୟ ଶାରୀରିକ ଅନ୍ତଃସ୍ରାବର ଅନିୟମିତତା, ଯେପରି ଓଷ୍ଟ୍ରୋଜେନ୍, ଥାଇରଏଡ୍ ଏବଂ ଗ୍ରୋଥ୍ ହରମୋନ୍‌ର କମ୍ ଯୋଗୁ ଅସ୍ଥିକ୍ଷୟ ଘଟି ସନ୍ଧିବାତ ଉତ୍ପନ୍ନ ହୋଇଥାଏ। ମହିଳାମାନଙ୍କ କ୍ଷେତ୍ରରେ ୪୫–୫୦ବର୍ଷ ପରେ ରଜୋନିବୃତ୍ତି ଯୋଗୁ କ୍ୟାଲ୍‌ସିୟମ ଅବଶୋଷଣ ହେବାରେ ବାଧା ଉତ୍ପନ୍ନ ହୋଇଥାଏ ଏବଂ ସନ୍ଧିବାତ ହେବା ଅଧିକ ଆଶଙ୍କା ଥାଏ। ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଥାଏ ସେମାନେ ପ୍ରାୟତଃ ଔଷଧ ପ୍ରଭାବରୁ ଅଧିକ ପରିସ୍ରା କରିଥାଆନ୍ତି ଏବଂ ଏହି ପରିସ୍ରା ଦ୍ୱାରା କ୍ୟାଲ୍‌ସିୟମର ନିଷ୍କାସନ ହୋଇ ଅସ୍ଥିକ୍ଷୟ ହୋଇଥାଏ। ଗର୍ଭବତୀ କିମ୍ବା ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କର ଅଧିକ ପରିମାଣରେ କ୍ୟାଲ୍‌ସିୟମ ଆବଶ୍ୟକ ହୋଇଥାଏ। ଏହି ଆବଶ୍ୟକତା ପୂରଣ ହୋଇ ନ ପାରିଲେ ଅସ୍ଥିକ୍ଷୟର ମୂଳଦୁଆ ଆରମ୍ଭ ହୋଇଯାଏ ଏବଂ ଏହାଦ୍ୱାରା ସନ୍ଧିବାତ ହୋଇଥାଏ।

ସନ୍ଧିବାତ ବା ଅଷ୍ଟିଓ ଅର୍ଥ୍ରାଇଟିସ୍ କ୍ଷେତ୍ରରେ ଆର୍ଟିକୁଲାର କାର୍ଟିଲେଜ୍‌ର କ୍ଷତି ହୋଇଥାଏ। ତା'ସହ ସେଥିରେ ଥିବା ମ୍ୟୁକୋପଲି ସାକାରାଇଡ୍ କ୍ଷୟପ୍ରାପ୍ତ ହୋଇଥାଏ। ଏହି କ୍ଷତି କ୍ରମଶଃ ଲାଗି ରହି କାର୍ଟିଲେଜ୍‌ର ରୁକ୍ଷତା ଉତ୍ପନ୍ନ କରିଥାଏ। କାର୍ଟିଲେଜ୍‌ର କିଛି ଅଂଶ ସବ୍ କଣ୍ଡାଲ୍ ବୋନ୍‌ରୁ ପୃଥକ୍ ହୋଇ ସନ୍ଧି ସ୍ଥାନରେ ଅଟକି ରହିଥାଏ ଏବଂ ପରେ ଶ୍ଳେଷ୍ମଧରା କଳା ସହ ସଂଯୁକ୍ତ ହୋଇ ସନ୍ଧିର ଗତି ଅବରୋଧ କରିଥାଏ। କେବେକେବେ ଉପାସ୍ଥି (କାର୍ଟିଲେଜ)ର ଅଂଶ ଶ୍ଳେଷ୍ମଧରା କଳାର ଓସିଫାଇଡ୍ ହୋଇଥାଏ, ଯାହାକୁ ଅଷ୍ଟିଓଫାଇଡ୍ସ କୁହାଯାଏ। ଏକ୍ସ–ରେ ଦ୍ୱାରା ଏହା ହାଡ଼ରେ ମୂଷା କାମୁଡ଼ିବା ପରି ପ୍ରତୀୟମାନ ହୋଇଥାଏ। ତେଣୁ ସନ୍ଧିବାତରେ ପ୍ରଥମେ କ୍ଷୟ ଏବଂ ପରେ ଶୋଥ ଉତ୍ପନ୍ନ ହୋଇଥାଏ। ଫଳରେ ରୋଗୀ ସାମାନ୍ୟ ଚାଲିଲେ କଷ୍ଟ ଅନୁଭବ କରେ ଏବଂ ପରେ ଏହା ରୋଗୀକୁ ପଙ୍ଗୁ କରିଦିଏ।



**ଲକ୍ଷଣ :** ଆୟୁର୍ବେଦ ମତାନୁସାରେ ବାତବର୍ଦ୍ଧକ ଆହାର ବିହାର ଯୋଗୁ ଶ୍ଳେଷ୍ମଧରା କଳା କ୍ଷୟ ଏବଂ ମାର୍ଗାବରୋଧ କରିଥାଏ। ଫଳତଃ ବେଦନା,ଶୋଥ, ସନ୍ଧିର କଠୋରତା ଏବଂ ବିକୃତି ଉତ୍ପନ୍ନ ହୋଇଥାଏ। ଏଥିରେ ବେଦନା ଶ୍ରମାଧିକ ଅର୍ଥାତ୍ ଦିନସାରା ଚଲାବୁଲା କରିବା ଫଳରେ ରାତିରେ ଅଧିକ କଷ୍ଟ ଅନୁଭବ ହୋଇଥାଏ। ଅବକାଶ ହ୍ରାସ ଯୋଗୁ ରୋଗୀ ଚାଲିବା ବେଳେ ସନ୍ଧିରେ ରଚରଚ ଅନୁଭବ ହୋଇଥାଏ।

**"ମହିଳାମାନଙ୍କ କ୍ଷେତ୍ରରେ ୪୫–୫୦ବର୍ଷ ପରେ ରଜୋନିବୃତ୍ତି ଯୋଗୁ କ୍ୟାଲସିୟମ ଅବଶୋଷଣ ହେବାରେ ବାଧା ଉତ୍ପନ୍ନ ହୋଇଥାଏ ଏବଂ ସନ୍ଧିବାତ ହେବା ଅଧିକ ଆଶଙ୍କା ଥାଏ। ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଥାଏ ସେମାନେ ପ୍ରାୟତଃ ଔଷଧ ପ୍ରଭାବରୁ ଅଧିକ ପରିସ୍ରା କରିଥାଆନ୍ତି ଏବଂ ଏହି ପରିସ୍ରା ଦ୍ୱାରା କ୍ୟାଲସିୟମର ନିଷ୍କାସନ ହୋଇ ଅସ୍ଥିକ୍ଷୟ ହୋଇଥାଏ। ଗର୍ଭବତୀ କିମ୍ବା ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କର ଅଧିକ ପରିମାଣରେ କ୍ୟାଲ୍‌ସିୟମ ଆବଶ୍ୟକ ହୋଇଥାଏ। ଏହି ଆବଶ୍ୟକତା ପୂରଣ ହୋଇ ନ ପାରିଲେ ଅସ୍ଥିକ୍ଷୟର ମୂଳଦୁଆ ଆରମ୍ଭ ହୋଇଯାଏ ଏବଂ ଏହାଦ୍ୱାରା ସନ୍ଧିବାତ ହୋଇଥାଏ।"**





**ଚିକିତ୍ସା :** ସନ୍ଧିବାତର ଚିକିତ୍ସା ସୂତ୍ର ଅନ୍ୟାନ୍ୟ ବାତବ୍ୟାଧି ପରି କରଣୀୟ, ଯଥା–ସ୍ନେହନ, ସ୍ୱେଦନ, ଶୋଧନ, ଗମନ ଏବଂ ବୃହଣ ଚିକିତ୍ସା। ପ୍ରଥମତଃ ଶରୀରର ଓଜନ ହ୍ରାସ କରିବା ନିହାତି ଜରୁରୀ। ପୀଡ଼ିତ ସନ୍ଧିକୁ କିପରି ବିଶ୍ରାମ ମିଳିବ ସେଥିପ୍ରତି ଯତ୍ନବାନ୍ ହେବା ଉଚିତ। ସ୍ନେହନ,ସ୍ୱେଦନ ଆଦିର ବ୍ୟବସ୍ଥା ତଥା ରୋଗୀର ଅବସ୍ଥା ଦେଖି ବ୍ୟାୟାମ କରଣୀୟ। ସନ୍ଧି ଅଧିକ ଶୋଥଯୁକ୍ତ ଥିଲେ ସ୍ଥାନିକ ସ୍ନେହନ ଅନୁଚିତ ଏବଂ ସ୍ନେହନ ସମୟରେ ତୈଳ ଉଷୁମ ରହିବା ଆବଶ୍ୟକ। ବାହ୍ୟସ୍ନେହରେ ମହାନାରାୟଣ, ବିଷଗର୍ଭ, ପଞ୍ଚଗୁଣା ଆଦିର ପ୍ରୟୋଗ ଦ୍ୱାରା ଶୋଥ, ବେଦନା ନାଶହେବା ସହ ମାଂସପେଶୀ ସନ୍ଧିର ମାର୍ଦ୍ଦବତା ଉତ୍ପନ୍ନ ହୋଇଥାଏ। ବଳା ତୈଳ ଯଥା ମହାମାଶ ତୈଳ ପେଶୀର ପୋଷଣ କରିଥାଏ। ବର୍ତ୍ତମାନ ଉପଲବ୍ଧ ଉଡ଼ନଶୀଳ ତୈଳ ଯଥା–ଉଇକାଲିପଟାସ୍, ଡାଲଚିନି,ଦେବଦାରୁ, ପୁଦିନା ଆଦି ତୈଳର ମିଶ୍ରଣରେ ପ୍ରସ୍ତୁତ ତୈଳ ଉଷୁମ କରିବାର ଆବଶ୍ୟକତା ନ ଥାଏ। ଏହା ଶରୀରରେ ଶୀଘ୍ର ଅବଶୋଷଣ ହୋଇଥାଏ, ବେଦନା, ଶୋଥ କମ୍ କରିବା ସହ ମାଂସପେଶୀ ଆକୁଞ୍ଚନକୁ ପ୍ରତିହତ କରିଥାଏ।

ସ୍ୱେଦ ମଧ୍ୟରେ ବାଷ୍ପସ୍ୱେଦ, ଉପନାହ, ନାଡ଼ୀସ୍ୱେଦ, ପତ୍ରପିଣ୍ଡସ୍ୱେଦ, ପୋଟଳୀ ସ୍ୱେଦ ଆଦିର ପ୍ରୟୋଗ ଅତ୍ୟନ୍ତ ଉପଯୋଗୀ ହୋଇଥାଏ। ଶୋଧନ ଚିକିତ୍ସାରେ ବିରେଚନ ପାଇଁ ଏରଣ୍ଡ ତୈଳ, ଗନ୍ଧର୍ବ ଦସ୍ତାଦି ପାଚନ ବା ଆରୋଗବନ୍ଧାଦି ପାଚନର ପ୍ରୟୋଗ କରାଯାଇପାରେ। ବସ୍ତି ହେଉଛି ବାତରୋଗର ମୁଖ୍ୟ ଏବଂ ପ୍ରଧାନ ଚିକିତ୍ସା। ଏଥିରେ ରୋଗୀର ଅଧା ରୋଗ ଭଲ ହୋଇଯାଏ।

ଉପରୋକ୍ତ ଶୋଧନ ଚିକିତ୍ସା ସହ ଶମନ ଚିକିତ୍ସା କରାଯାଇଥାଏ। ସନ୍ଧିବାତର ମୁଖ୍ୟ କାରଣ ବାୟୁଦୋଷ ହୋଇଥିବାରୁ ଗୁଗୁଳ ପ୍ରଧାନ ଔଷଧ ଯେପରି ରାସ୍ନାଗୁଗୁଳ, ମହାଯୋଗରାଜ ଗୁଗୁଳ, ସିଂହନାଦ ଗୁଗୁଳ ଆଦି ମଧ୍ୟରୁ ଲକ୍ଷଣ ଅନୁଯାୟୀ ଯେକୌଣସି ଗୋଟିଏ ଉପକାରୀ ସାବ୍ୟସ୍ତ ହୋଇଥାଏ। ଆଘାତ ପରେ ଉତ୍ପନ୍ନ ସନ୍ଧିବାତରେ ଲାକ୍ଷାଦି ଗୁଗୁଳ, ଶୋଥ ଥିଲେ ପୁନର୍ନବାଜି ଗୁଗୁଳ ଏବଂ ସଂକ୍ରମଣ ଥିଲେ କୌଶଳ ଗୁଗୁଳ ଫଳପ୍ରଦ ହୋଇଥାଏ। ବାତ ସହ ଯଦି ପିତ୍ତର ସହଭାଗିତା ଥାଏ ତେବେ ସେପରି କ୍ଷେତ୍ରରେ ପଞ୍ଚତିକ୍ତ ଘୃତ ଗୁଗୁଳ ପ୍ରୟୋଗ ବିଧେୟ। ବ୍ୟାଧିର ପୁନରାବର୍ତ୍ତନ ନ ହେବାକୁ ସ୍ୱର୍ଣ୍ଣଘଟିତ ଔଷଧ ଯେପରି ବୃହତ୍ ବାତଚିନ୍ତାମଣି, ରସରାଜ ରସ, ସ୍ୱର୍ଣ୍ଣବସନ୍ତ ମାଳତୀ, ସ୍ୱର୍ଣ୍ଣ ସମୀର ପନ୍ନାଗ ଆଦିର ଔଷଧ ଉପଯୋଗୀ ହୋଇଥାଏ।

*–ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ, ଆମଣ, ଶାସୋଳ, କଟକ*
*ମୋ: ୯୪୩୯୦୯୭୭୩୧*

ସୌନ୍ଦର୍ଯ୍ୟ

# ଶୀତଦିନରେ ମଶ୍ଚରାଇଜର ବ୍ୟବହାର କରୁଥିଲେ...





**ଶୀତଦିନରେ ସାଧାରଣତଃ ସ୍କିନ୍ ଡ୍ରାଏ ହେବା କାରଣରୁ କେତେକ ସମସ୍ୟା ଦେଖାଯାଇଥାଏ। ଏମିତିରେ ସ୍କିନ୍‌ର ଅଧିକ ଧ୍ୟାନ ରଖିବା ନିହାତି ଆବଶ୍ୟକ। ଯେତେ ଶୀତ ବଢ଼ିବା ଆରମ୍ଭ କରେ ,ଆମର ତ୍ୱଚାର ଧ୍ୟାନ ଅଧିକ ନେବାକୁ ପଡ଼ିଥାଏ। ଏମିତିରେ ଏହିଦିନରେ ସ୍କିନ୍ ଟାଇପ୍ ଅନୁଯାୟୀ ମଶ୍ଚରାଇଜର ଲଗାଇବା ଆବଶ୍ୟକ।**

**ନର୍ମାଲ ସ୍କିନ୍**
ନର୍ମାଲ ସ୍କିନ୍ ଥିବା ମହିଳାଙ୍କୁ ଏକ ବାଲାନ୍ସ ମଶ୍ଚରାଇଜର ଲଗାଇବା ଆବଶ୍ୟକ। ଏହି ମଶ୍ଚରାଇଜର ଲୋଶନ ଲଗାଇବା ଦ୍ୱାରା ତ୍ୱଚା ଏତେ ତେଲିଆ ହୋଇ ନ ଥାଏ।

**ଅଏଲି ସ୍କିନ୍**
ଅଏଲି ସ୍କିନ୍ ଥିବା ମହିଳାଙ୍କୁ ଅଧିକ ମଶ୍ଚରାଇଜରର ଆବଶ୍ୟକତା ଏତେଟା ରହି ନ ଥାଏ । କାରଣ ସ୍କିନ୍‌ରେ ପର୍ଯ୍ୟାପ୍ତ ଅଏଲ ବାଲାନ୍ସ ରଖିବାକୁ ହେଲେ ଅତ୍ୟଧିକ ତେଲିଆଯୁକ୍ତ ମଶ୍ଚରାଇଜର ବ୍ୟବହାର କରିବାଠୁ ନିଜକୁ ରକ୍ଷାକରିବା ଆବଶ୍ୟକ।

**ଡ୍ରାଏ ସ୍କିନ୍**
ଶୀତଦିନରେ ଶୁଷ୍କତା ବଢ଼ିଯାଇଥାଏ। ଡ୍ରାଏ ସ୍କିନ୍ ଥିବା ବ୍ୟକ୍ତିଙ୍କୁ ତ୍ୱଚାକୁ ନମନୀୟ ରଖିବାକୁ ହେଲେ ହୟାଲୁରୋନିକ୍ ଏସିଡ୍ କିମ୍ବା ଗ୍ଲିସେରିନ୍ ଭଳି ଇଗ୍ରେଡିଏଣ୍ଟ ଥିବା ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ।

**କମ୍ବିନେଶନ୍ ସ୍କିନ୍**
କମ୍ବିନେଶନ୍ ସ୍କିନ୍ କହିବାକୁ ଗଲେ ଯେଉଁଠି କେତେବେଳେ ଡ୍ରାଏ ଥିବା ବେଳେ ଆଉ କେଉଁଠି ଅଏଲି ସ୍କିନ୍ ଦେଖାଯାଇଥାଏ। ଶରୀରର ଅଏଲି ସ୍ଥାନରେ ଲାଇଟ୍ ମଶ୍ଚରାଇଜର ଲଗାନ୍ତୁ ଏବଂ ଡ୍ରାଏ ସ୍ଥାନରେ କ୍ରିମ୍ ମଶ୍ଚରାଇଜର ବ୍ୟବହାର କରନ୍ତୁ।

**ସେନ୍‌ସିଟିଭ୍ ସ୍କିନ୍**
ସେନ୍‌ସିଟିଭ୍ ସ୍କିନ୍‌ର ଯତ୍ନ ଅଧିକ ନେବାକୁ ପଡ଼ିଥାଏ। ସ୍କିନ୍ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାପାଇବାକୁ ହେଲେ ବିନା ସୁଗନ୍ଧିତ ହାଇପୋଏଲଜେନିକ ମଶ୍ଚରାଇଜର ବ୍ୟବହାର କରିବା ଆବଶ୍ୟକ। ତ୍ୱଚାକୁ ସୁସ୍ଥ ରଖିବାକୁ ହେଲେ କେମୋମାଇଲ୍ କିମ୍ବା ଆଲୋଭେରା ବେସ୍‌ଡ ଥିବା ମଶ୍ଚରାଇଜର ଲଗାଇପାରିବେ।

ଖାଦ୍ୟରୁଚି

# ଗାଜର ହାଲୁଆ

**ଆବଶ୍ୟକ ସାମଗ୍ରୀ:** ଗାଜର ୧କି.ଗ୍ରା., କ୍ଷୀର, ଡାଏଫ୍ରୁଟ୍ସ, ଇଲାଇଚ୍ ପାଉଡର, କନ୍‌ଡେନ୍ସଡ୍ ମିଲ୍କ, ଦେଶୀ ଘିଅ ଏବଂ ଚିନି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗାଜରରୁ ଭଲଭାବେ ଚୋପା ଛଡ଼ାଇ ଦିଅନ୍ତୁ। ଏହାପରେ ଗାଜରକୁ ଭଲଭାବେ ଧୋଇ ଦିଅନ୍ତୁ। ଗାଜରକୁ ଧୋଇଦେଲାପରେ ତାକୁ କଦୁକସ୍ କରି ଦିଅନ୍ତୁ। କଡ଼େଇ ତାତିଲା ପରେ ସେଥିରେ ୨ ଚାମଚ ଘିଅ ପକାନ୍ତୁ। ଘିଅ ଗରମ ହେଲା ପରେ ସେଥିରେ କାଜୁ,କିସ୍‌ମିସ୍‌କୁ ଭାଜି କାଢ଼ି ଦିଅନ୍ତୁ। ଏବେ ସେହି ଘିଅରେ କଦୁକସ୍ ହୋଇଥିବା ଗାଜରକୁ ପକାଇ ଗ୍ୟାସ୍ ଫ୍ଲେମ୍‌କୁ ସିମ୍ କରିଦିଅନ୍ତୁ। ଏବେ ଅନ୍ୟ ଏକ ପାତ୍ରରେ କ୍ଷୀର ପକାଇ ତାକୁ ଫୁଟାଇ ଦିଅନ୍ତୁ। ଏବେ କଡ଼େଇରେ ବସିଥିବା ଗାଜରରେ କ୍ଷୀର ପକାନ୍ତୁ। ଏହାପରେ ଗାଜରକୁ ଭଲଭାବେ ସିଝିବାକୁ ଦିଅନ୍ତୁ। ମଝିରେ ଏହାକୁ ଖଡ଼ିକା ସାହାଯ୍ୟରେ ଏପଟସେପଟ କରନ୍ତୁ। ଏହା ହେବା ଲାଗି ପ୍ରାୟ ୩୦–୩୫ମିନିଟ୍ ସମୟ ଲାଗିଥାଏ। ଏବେ ସେଥିରେ କନ୍‌ଡେନ୍ସଡ୍ ମିଲ୍କ ପକାନ୍ତୁ। ଦେଖନ୍ତୁ ଗାଜରର ରଙ୍ଗ ଧୀରେ ଧୀରେ ଗାଢ଼ ହେବାକୁ ଲାଗୁଛି। ସେଥିରେ ଚିନି ପକାନ୍ତୁ। ଚିନି ଭଲଭାବେ ମିଶିଗଲା ପରେ ସେଥିରେ ଇଲାଇଚ୍ ପାଉଡର, ଭଜା ହୋଇଥିବା କାଜୁ,କିସ୍‌ମିସ୍ ପକାନ୍ତୁ। ଏବେ ଏହାକୁ ଗାର୍ନିସିଂ କରିବାକୁ ହେଲେ ସେଥିରେ କଟା ହୋଇଥିବା ପିସ୍ତା ବାଦାମ ପକାଇପାରିବେ।



# ଐତିହ୍ୟ ସମ୍ପନ୍ନ ଅଠର ନଳା




ଐତିହ୍ୟ ଓ କିମ୍ବଦନ୍ତୀ ସମ୍ପନ୍ନ ପୁରୀର ପ୍ରବେଶପଥ ଅଠରନଳା ନୂଆ ରୂପରେ ଏବେ ଝଲସୁଛି। ଅଠରନଳାକୁ ପୁରୀର ପ୍ରବେଶ ପଥ ଭାବରେ ବିବେଚନା କରାଯାଏ। ଅତୀତରେ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ସ୍ଥଳ ପଥ କିମ୍ବା ଅଠରନଳା ସେତୁ ନ ଥିଲା। ସେତେବେଳେ ଶ୍ରଦ୍ଧାଳୁଙ୍କଠାରୁ ଆରମ୍ଭ କରି ବ୍ୟବସାୟୀମାନେ ଜଳପଥରେ ଆସି ବର୍ତ୍ତମାନର ଅଠରନଳାସ୍ଥିତ ଘାଟରେ ଓହ୍ଲାଇ ପୁରୀକୁ ପ୍ରବେଶ କରୁଥିଲେ। ତେଣୁ ଶ୍ରୀକ୍ଷେତ୍ରର ପ୍ରବେଶପଥ ଭାବରେ ଅଠରନଳାକୁ ଅଭିହିତ କରାଯାଇଥାଏ। ତେବେ ଦୀର୍ଘବର୍ଷ ଧରି ଏହା ଅବହେଳିତ ହୋଇ ରହିବା ପରେ ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ଅଠରନଳାର ଉନ୍ନତୀକରଣ ହୋଇଛି। ଐତିହ୍ୟ କୀର୍ତ୍ତିରାଜି ଅଠରନଳାର ବିକାଶ ସେତୁ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ କରାଯାଇଛି। ଗଙ୍ଗବଂଶର ରାଜା ଭାନୁଦେବଙ୍କ ଦ୍ୱାରା ଅଠରନଳା ସେତୁ ନିର୍ମାଣ କରାଯାଇଥିଲା, ଯାହା ପ୍ରାୟ ୧୩ଶହ ଶତାବ୍ଦୀ ସମୟର ବୋଲି ଅନୁମାନ କରାଯାଏ। ଅଠରନଳା ସେତୁର ଦୈର୍ଘ୍ୟ ୨୮୦ ଫୁଟ ଥିବା ବେଳେ ୩୬ ଫୁଟ ପ୍ରସ୍ଥ । ଉକ୍ତ ସେତୁରେ ଜଳ ନିଷ୍କାସନ ପାଇଁ ୧୮ ଗୋଟି ମାର୍ଗ ରହିଥିବାରୁ ଏହାକୁ ଅଠରନଳା ବୋଲି କୁହାଯାଇଥାଏ। ତେବେ ସେତୁର କିଛି ଦୂରରେ ଅଠରନଳା ନାମରେ ଗୋଟିଏ ଗ୍ରାମ ରହିଥିବାରୁ କେହି କେହି ଉକ୍ତ ସେତୁର ନାମ ଅଠରନଳା ରଖିଥିବା କୁହାଯାଏ। ତେବେ ପୁରୀକୁ ଆସୁଥିବା ଭକ୍ତଟିଏ ଅଠରନଳା ଠାରେ ଶ୍ରୀମନ୍ଦିରର ନୀଳଚକ୍ର ଦେଖି ସେହିଠାରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥାଏ। ଅଠରନଳାର ପୁନରୁଦ୍ଧାର ହେବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଆଲୋକମାଳାରେ ସଜିତ କରାଯାଇଛି, ଯାହା ଐତିହ୍ୟ ଅଠର ନଳା ସେତୁର ସୋନ୍ଦର୍ଯ୍ୟକୁ ଦୁଇଗୁଣିତ କରିଛୁ। ବିଭିନ୍ନ ବୃକ୍ଷ ରାଜି ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକୀକରଣ କିଛି କ୍ଷଣ ପାଇଁ ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଆକର୍ଷିତ କରୁଛି। ଆଲୋକ ସାଙ୍ଗକୁ ଜୟ ଜଗନ୍ନାଥ ଲେଖାଥିବା ଫଳକ ଭକ୍ତମାନଙ୍କୁ ସେତୁ ଉପରେ ସେଲ୍ଫି ନେବାକୁ ବାଧ କରୁଛି। ଅପରପକ୍ଷରେ ଅଠରନଳା ସେତୁ ନିକଟରେ ଏକ ବିଶାଳ କାୟ ଗରୁଡ଼ ପକ୍ଷୀର ପଥର ନିର୍ମିତ ପ୍ରତିମୂର୍ତ୍ତି ରହିଛି, ଯାହା ଶ୍ରୀମନ୍ଦିର ଆଡ଼କୁ ହାତ ଯୋଡ଼ି ଦଣ୍ଡାୟମାନ ଅବସ୍ଥାରେ ରହିଛି। ସେହିପରି ସେତୁ ନିକଟରେ ଏକ ପାର୍କ ନିର୍ମାଣ କରାଯାଇଥିବାରୁ ଏହା ଅଠରନଳା ସେତୁ ଓ ଆଖପାଖର ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁଛି। ତେବେ ଜନଶ୍ରୁତି ରହିଛି, ଯେଉଁମାନଙ୍କର ୧୮ ସନ୍ତାନ ରହିଥାଏ, ସେମାନେ ଆସି ଅଠରନଳା ସହ ସଙ୍ଗାତ ବସିଥାନ୍ତି।

## ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ

ବିଶ୍ୱନିୟନ୍ତାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଆଉ ଟ୍ରାଫିକ୍ ଭିତରେ ଫସିବାକୁ ପଡ଼ିବନି। ଘଣ୍ଟାଘଣ୍ଟା ଧରି ସେମାନଙ୍କ ସମୟ ଅପଚୟ ହେବନି। ଏଣିକି ପୁରୀକୁ ଆରାମଦାୟକ ଯାତ୍ରା କରି ସହଜରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିପାରିବେ ଭକ୍ତ। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ସାଉଣ୍ଟିବେ ସୁଖଦ ଅନୁଭୂତି। ଏଥିପାଇଁ ରାଜ୍ୟ ସରକାର ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର (ଜେବିପିସି) ତିଆରି କରୁଛନ୍ତି। ଏହା ଏବେ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ନିର୍ମାଣାଧୀନ। ଖୁବ୍‌ଶୀଘ୍ର ଏହା ପୂର୍ଣ୍ଣାଙ୍ଗ ରୂପ ନେଇ ଭକ୍ତ, ପର୍ଯ୍ୟଟକଙ୍କୁ ସେବା ଯୋଗାଇଦେବ। ଏଥିପାଇଁ ରାଜ୍ୟ ସରକାର 'ଅବାଢ଼ା' ଯୋଜନାରେ ୨୩୦କୋଟି ୬୨ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରୁଥିବାବେଳେ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଏହାର ନିର୍ମାଣ ଦାୟିତ୍ୱ ନେଇଛି। ଏଠାରେ ପାର୍କିଂ ସୁବିଧା ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା କରାଯାଉଛି। ୭୭,୫୬୮ ବର୍ଗ ମିଟର ଜାଗାରେ ବେସ୍‌ମେଣ୍ଟ ଓ ଗ୍ରାଉଣ୍ଡ ଫ୍ଲୋର୍ ସହ ୫ମହଲା କୋଠା ନିର୍ମାଣ ହେଉଛି। ଏଠାରେ ବହୁତଳ ପାର୍କିଂ ସୁବିଧା ସାଙ୍ଗକୁ ୧୮୯ ଦୋକାନ ଘର, ସବୁ ମହଲାରେ ଲବି, ୧,୮୪୦ ବର୍ଗମିଟର ଅଞ୍ଚଳରେ ଫୁଡ୍ କୋର୍ଟ ଏବଂ ଏଣ୍ଟରଟେନମେଣ୍ଟ ଜୋନ, ଉପର ମହଲାରେ ୬,୯୩୬ ବର୍ଗ ମିଟର ଅଞ୍ଚଳରେ ଧ୍ୟାନକେନ୍ଦ୍ର ଆଦି ନିର୍ମାଣ ହେଉଛି। ଏଠାରେ ଏକକାଳୀନ ୧,୪୨୦ କାର୍ ଏବଂ ୩୦୮ ଦୁଇଚକିଆ ଯାନ ପାର୍କିଂ କରିପାରିବ। ସେହିପରି ତଳ ମହଲାରେ ୧୦ଟି ଦୋକାନ ଘର, ପ୍ରଥମ ମହଲାରେ ୧୮ଟି, ଦ୍ୱିତୀୟ ମହଲାରେ ୧୮ଟି, ତୃତୀୟ ମହଲାରେ ୪ଟି ଏବଂ ଚତୁର୍ଥ ମହଲାରେ ୧୩୪ଟି ଦୋକାନ ଘର ରହିଛି। ଏକକାଳୀନ ୬,୬୯୪ ଲୋକଙ୍କ କ୍ଷମତା ରଖୁଥିବା ଏହି ତୀର୍ଥଯାତ୍ରୀ କେନ୍ଦ୍ରର ଉପର ମହଲାରେ ୬,୯୩୬ ବର୍ଗମିଟର ଅଞ୍ଚଳରେ ଧ୍ୟାନକେନ୍ଦ୍ର, ଲାଉଞ୍ଜ ଏବଂ ଖୋଲା ଲନ୍ ରହିଛି। ଏକକାଳୀନ ୨,୨୦୦ରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବସିପାରିବେ।ଯାତ୍ରୀମାନେ ଶ୍ରୀସେତୁ ଦେଇ ସିଧାସଳଖ ଏହି ତୀର୍ଥଯାତ୍ରୀ କେନ୍ଦ୍ରରେ ପହଞ୍ଚିବେ। ଏହିଠାରେ ଗାଡ଼ି ପାର୍କିଂ କରିବା ପରେ ବ୍ୟାଟେରି ଚାଳିତ ଅଟୋରେ ଶ୍ରୀ ମାର୍ଗ ଦେଇ ଶ୍ରୀମନ୍ଦିର ନିକଟକୁ ଯିବେ। ଏପ୍ରିଲ ଶେଷ ସୁଦ୍ଧା ଏହା ସଂପୂର୍ଣ୍ଣ ହୋଇଯିବ।



## ଝଲସିବ ବେଳାଭୂମି ମାର୍ଗ

ବଦଳିବ ବେଳାଭୂମିର ରୂପ। ବେଳାଭୂମି ସହ ବେଳାମାର୍ଗର ହେବ ସୌନ୍ଦର୍ଯ୍ୟକରଣ। ବ୍ଲୁ-ଫ୍ଲାଗ୍ ବିଚ୍‌ର ଅନୁଭବ ଦେବ ଦିଗବାରେଣୀସ୍ଥିତ ସ୍ୱର୍ଣ୍ଣାଭ ବେଳାଭୂମି। ୩ଟି ବିସ୍ତୃତ ପାର୍କିଂ ଅଞ୍ଚଳର ଉନ୍ନତୀକରଣ ସହ ପୁରୀ ବେଳାଭୂମିକୁ ବ୍ଲୁ-ଫ୍ଲାଗ ବିଚ୍ ସଦୃଶ ବିକାଶ କରାଯାଉଛି। ଦିଗବାରେଣୀ ଛକଠାରୁ ଷ୍ଟର୍ଲିନ୍ ଛକ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ୪କିଲୋମିଟର ବେଳାମାର୍ଗ ଓ ବେଳାଭୂମିର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ କାର୍ଯ୍ୟ ଚାଲୁ ରହିଛି। ଏଥିପାଇଁ ୧୦୨ କୋଟି ଟଙ୍କାର ବଜେଟ ରହିଛି। ଖୁବ୍ ଶୀଘ୍ର ପର୍ଯ୍ୟଟକମାନେ ବେଳାଭୂମିକୁ ନୂଆ ରୂପରେ ଅନୁଭବ କରିବାର ସୁଯୋଗ ପାଇବେ। ଆଚାର୍ଯ୍ୟ ହରିହର ଛକରୁ ଦିଗବାରେଣୀ ଛକ ରାସ୍ତାକୁ ସମ୍ପ୍ରସାରଣ କରାଯିବ। ସମ୍ପ୍ରତି ନାଲି ପଡ଼ିଆରେ ପାର୍କିଂ ସୁବିଧା ରହିଥିଲେ ହେଁ ତାହା ଆଗନ୍ତୁକ ପର୍ଯ୍ୟଟକଙ୍କ ଗାଡ଼ି ପାର୍କିଂ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ଦିଗବାରେଣୀ ଛକ ନିକଟରେ ଥିବା ପୁରୁଣା ପାର୍କିଂ ସ୍ଥାନରେ ଗ୍ରାଉଣ୍ଡ (ଜି+୩) ମଲ୍ଟି ଲେଭୁଲ ପାର୍କିଂ ଅଞ୍ଚଳର ବିକାଶ କରାଯାଉଛି। ବେସ୍‌ମେଣ୍ଟ, ଗ୍ରାଉଣ୍ଡ ସହ ୩ଟି ଫ୍ଲୋରରେ ପ୍ରାୟ ୧୦ ହଜାର ୫୦୦ ବର୍ଗମିଟର ପରିମିତ ଅଞ୍ଚଳରେ ପାର୍କିଂ ସୁବିଧା ଉପଲବ୍ଧ ହେବ। ଏକକାଳୀନ ୩୦୦ କାର ପାର୍କିଂର ବ୍ୟବସ୍ଥା କରାଯିବ। ଏହାବ୍ୟତୀତ ନାଲିପଡ଼ିଆ ଓ ସିପସରୁବାଲିରେ ମଧ୍ୟ ଅନୁରୂପ ପାର୍କିଂ ବ୍ୟବସ୍ଥା କରାଯିବ। ବେଳାଭୂମି ପରିସରରେ ବ୍ଲୁ-ଫ୍ଲାଗ ବିଚ୍ ସଦୃଶ ଲ୍ୟାଣ୍ଡସ୍କେପିଂ ତଥା ଝାଉଁଗଛ ଲଗାଯାଉଛି। ସମୁଦ୍ରର ଦୃଶ୍ୟ ଉପଭୋଗ କରିବା ପାଇଁ ୱାଚ୍-ଟାୱାର୍ ସ୍ଥାପନ କରାଯାଉଛି। ବେଳାମାର୍ଗକୁ ସୁଦୃଶ୍ୟ ଆଲୋକୀକରଣରେ ସୁସଜ୍ଜିତ କରାଯିବାର ବନ୍ଦୋବସ୍ତ କରାଯିବ। ପାନୀୟ ଜଳର ବ୍ୟବସ୍ଥା ସହ ଶୌଚାଳୟ ସ୍ଥାପିତ ହେବ।

## ୬୬୬ କିଓସ୍କୋରେ ଥଇଥାନ ହେବେ ବ୍ୟବସାୟୀ

ବେଳାଭୂମି ପରିସରରେ ଏଣିକି ବ୍ୟବସାୟୀମାନେ ଏଣେତେଣେ ବସି ବ୍ୟବସାୟ କରିପାରିବେ ନାହିଁ। ସମସ୍ତ ବ୍ୟବସାୟୀ ସମାନ ପ୍ରକାର କିଓସ୍କୋରେ ନିଜର ବ୍ୟବସାୟ ଚଳାଇବେ। ପ୍ରାୟ ୬୬୬ଟି କିଓସ୍କୋ ସ୍ଥାପନ ହେବ। ଏପର୍ଯ୍ୟନ୍ତ ୧୨୦ କଳଙ୍କି ନିରୋଧ କିଓସ୍କୋ ନିର୍ମାଣ ସରିଥିବାବେଳେ ଅନ୍ୟ କିଓସ୍କୋ ନିର୍ମାଣାଧୀନ ରହିଛି। ବଜାର ପାଇଁ ବେଳାଭୂମି ପରିସରରେ ସ୍ୱତନ୍ତ୍ର ସ୍ଥାନ ନିରୂପିତ ହେବ। ଲୋକେ ଗୋଟିଏ ସ୍ଥାନରୁ ମାର୍କେଟିଂ କରିବାର ସୁଯୋଗ ପାଇପାରିବେ। ଏହାବ୍ୟତୀତ ଅନ୍ୟ ଆନୁଷଙ୍ଗିକ ଉନ୍ନତୀକରଣ କରାଯିବ।

## ବିଶ୍ୱସ୍ତରୀୟ ପାର୍କିଂ





ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରା ଉତ୍ସବ ଓ ସ୍ୱତନ୍ତ୍ର ନୀତିକାନ୍ତି ଦେଖିବା ପାଇଁ ବର୍ଷତମାମ ପୁରୀରେ ଭକ୍ତଙ୍କ ବିପୁଳ ସମାଗମ ହୋଇଥାଏ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପରେ ପୁରୀକୁ ଦର୍ଶନାର୍ଥୀ, ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ତେଣୁ ଅଗଣିତ ଜଗନ୍ନାଥପ୍ରେମୀଙ୍କ ସୁବିଧାକୁ ପ୍ରାଥମିକତା ଦେଇ ପୁରୀରେ ବିଶ୍ୱସ୍ତରୀୟ ପାର୍କିଂ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଅଗଣିତ ଜଗନ୍ନାଥପ୍ରେମୀଙ୍କ ଭକ୍ତିଭାବକୁ ଉଚିତ ସମ୍ମାନ ଜଣାଇ ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହିତ ସମାନ୍ତରାଳ ଗତିରେ ବିଶ୍ୱସ୍ତରୀୟ ପାର୍କିଂ ସ୍ଥଳର ନିର୍ମାଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସେହି ନିଷ୍ପତ୍ତି ଆଧାରରେ ପୁରୀ ସହରରେ ଆଉ ୩ଗୋଟି ଅତ୍ୟାଧୁନିକ (ସମଙ୍ଗ ପାର୍କିଂ, ଜଗନ୍ନାଥ ବଲ୍ଲଭ ପିଲିଗ୍ରିମେଜ ସେଣ୍ଟର, ମଲ୍ଟି ଲେଭେଲ କାର) ପାର୍କିଂ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ନବନିର୍ମିତ ପାର୍କିଂ ସ୍ଥଳ ପୂର୍ବରୁ ଥିବା ପାର୍କିଂ ସ୍ଥଳଗୁଡ଼ିକ ସହ ମିଶିଲେ ଯାନବାହନ ରଖିବା ପାଇଁ କୌଣସି ସମସ୍ୟା ରହିବ ନାହିଁ। ପାର୍କିଂସ୍ଥଳ ନିର୍ମାଣ ନେଇ ଆରମ୍ଭରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଶ୍ୱସ୍ତରୀୟ ପାର୍କିଂ ପାଇଁ ତାଙ୍କର ଇଚ୍ଛାଶକ୍ତି ସଫଳ ହେବା ଦିଗରେ ସେ ଚେଷ୍ଟାରତ ରହି ଆସିଛନ୍ତି। ନିୟମିତ ଭାବରେ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହିତ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ସେ ପ୍ରଯତ୍ନ କରିଛନ୍ତି।



୧



୨



୩

## ଆସ୍ଥା, ବିଶ୍ୱାସର ପ୍ରତୀକ ତୀର୍ଥ ପୁଷ୍କରିଣୀ

ଐତିହ୍ୟ ଏବଂ ଆଧାତ୍ମିକ ସହର ପୁରୀ। ଏଠାରେ ରହିଛି ଅନେକ ପ୍ରାଚୀନ ତୀର୍ଥ ପୁଷ୍କରିଣୀ। ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିଥାନ୍ତି। ଶ୍ରୀମନ୍ଦିର ଏବଂ ବେଳାଭୂମି ପରେ ଅନେକ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀକୁ ବୁଲି ଦେଖିଥାନ୍ତି। କେହି କେହି ମାନସିକ ରଖି ତୀର୍ଥ ପୁଷ୍କରିଣୀ କୂଳରେ ତିଳତର୍ପଣ, ମୁଣ୍ଡନ ଆଦି କରିଥାନ୍ତି। ତୀର୍ଥ ପୁଷ୍କରିଣୀ ସହ ଅନେକ ଭକ୍ତି ଓ ବିଶ୍ୱାସ ଯୋଡ଼ି ହୋଇରହିଛି। ରାଜ୍ୟସରକାର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ଉଦ୍ୟମ ଜାରି ରଖିଥିବାବେଳେ ଏଥିରେ ତୀର୍ଥ ପୁଷ୍କରିଣୀକୁ ସାମିଲ କରିଛନ୍ତି। ପଞ୍ଚତୀର୍ଥ ମଧ୍ୟରୁ ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ସହ ଅନ୍ୟତମ ତୀର୍ଥ ପୁଷ୍କରିଣୀ ନରେନ୍ଦ୍ରର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର କରାଯାଉଛି। ଏଥିପାଇଁ 'ଅବଢ଼ା' ଯୋଜନାରେ ୬୬ କୋଟି ୬୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) କାମ କରୁଛି।

### ୧ ଇନ୍ଦ୍ରଦ୍ୟୁମ୍ନ

ପୁରୁଷୋତ୍ତମ କ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଅନ୍ୟତମ। ରାଜା ଇନ୍ଦ୍ରଦ୍ୟୁମ୍ନ ସହସ୍ର ଅଶ୍ୱମେଧ ଯଜ୍ଞ କରି କୋଟିକୋଟି ଗୋ-ଦାନ କରିଥିଲେ। ଯଜ୍ଞ ପାଇଁ ଆସିଥିବା ଗୋରୁଙ୍କ ଖୁରାରୁ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଗୋମୂତ୍ର ବା ଗୋ-ମୟର ପବିତ୍ର ଏହି ଗର୍ତ୍ତ ତୀର୍ଥ ପୁଷ୍କରିଣୀ ରୂପେ ରୂପାନ୍ତରିତ ହୋଇଥିଲା। ଏହାର ପୂର୍ବରେ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର କୂଳରେ ଅନେକ କ୍ଷୁଦ୍ର ମନ୍ଦିର ମଧ୍ୟ ଶୋଭାପାଉଛି। ଏହି ତୀର୍ଥରେ ସ୍ନାନ, ପିତୃ ଓ ଦେବତାଙ୍କ ତର୍ପଣ ବିଧାନରେ ସମ୍ପାଦିତ କଲେ ମନୁଷ୍ୟଗଣ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ଲାଭ କରନ୍ତି ବୋଲି ବିଶ୍ୱାସ ରହିଛି।

### ୨ ମାର୍କଣ୍ଡେୟ

ପୁରୀର ପଞ୍ଚତୀର୍ଥ ମଧ୍ୟରୁ ମାର୍କଣ୍ଡେୟ ଅନ୍ୟତମ। ଏହି ପୁଷ୍କରିଣୀ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଅବସ୍ଥିତ। ଅନ୍ୟ ପୁଷ୍କରିଣୀ ମଧ୍ୟଭାଗରେ ଦୀପଦାଣ୍ଡି ଥିବାବେଳେ ଏହାର କେନ୍ଦ୍ରସ୍ଥଳରେ ଯଜ୍ଞବେଦୀ ରହିଛି। ଅନ୍ୟ ତୀର୍ଥ ଅପେକ୍ଷା ଏଠାରେ ସର୍ବାଧିକ ତୀର୍ଥଯାତ୍ରୀ ସ୍ନାନ, ଦାନ, ତର୍ପଣ, ଶ୍ରାଦ୍ଧ ଓ ଦଶାହକ୍ରିୟା କରନ୍ତି। ଭାଦ୍ର କୃଷ୍ଣ ଏକାଦଶୀରେ ଶ୍ରୀଜଗନ୍ନାଥଙ୍କ କାଳୀୟ ଦଳନ ନୀତି ଏହି ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥାଏ। ବାଲ୍ମୀକି ରାମାୟଣରେ ବର୍ଣ୍ଣିତ ଅଛି, ସୀତାଙ୍କୁ ଠାବ କରିବା ପାଇଁ ହନୁମାନ ଲଙ୍କାରେ ପହଞ୍ଚିଥିଲେ। ସନ୍ଧ୍ୟା ହୋଇ ନ ଥିବାରୁ ସେ ବିରାଡ଼ି ରୂପ ଧାରଣ କରି ଲଙ୍କାନଗରୀରେ ପ୍ରବେଶ କରିଥିଲେ। ତେଣୁ ହନୁମାନଙ୍କ ସେହି ବିରାଡ଼ି ରୂପ ପୁଷ୍କରିଣୀ କୂଳରେ ଅବସ୍ଥିତ ଶ୍ରୀମାର୍କଣ୍ଡେଶ୍ୱର ମନ୍ଦିରରେ ପୂଜା ପାଉଛନ୍ତି।

### ୩ ନରେନ୍ଦ୍ର

ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀ ରାଜ୍ୟର ଅନ୍ୟତମ ବୃହତ୍ତମ ପୁଷ୍କରିଣୀ। ଶ୍ରୀମନ୍ଦିରଠାରୁ ୨କି.ମି. ଦୂରରେ ଏହା ଅବସ୍ଥିତ। ଏହାର ପୂର୍ବରେ ବାୟାବାବା ମଠ, ପଶ୍ଚିମରେ ବିଶ୍ୱେଶ୍ୱରୀ ଠାକୁରାଣୀ ଓ ବୃଢ଼ଙ୍ଗ ପୋଖରୀ, ଉତ୍ତରରେ ଜଟିଆ ବାବାମଠ ଏବଂ ଦକ୍ଷିଣରେ ଜଗନ୍ନାଥ ବଲ୍ଲଭ ମଠ ରହିଛି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତିବର୍ଷ ଚନ୍ଦନଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ନାମରେ ପରିଚିତ।

## ଐଶାନ୍ୟ କୋଣରେ ଯଜ୍ଞମଣ୍ଡପ

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ । ଏଥିପାଇଁ ପରମ୍ପରା ଅନୁଯାୟୀ ଯଜ୍ଞ କାର୍ଯ୍ୟ କରାଯିବ। ଯେଉଁଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ଯଜ୍ଞ କରାଯିବ। ଏଥିପାଇଁ ପରିକ୍ରମା ପ୍ରକଳ୍ପର ଐଶାନ୍ୟ କୋଣରେ ଯଜ୍ଞମଣ୍ଡପ ନିର୍ମାଣ କରାଯାଉଛି। ୧୨ତାରିଖରୁ ଆରମ୍ଭ ହେବ ପ୍ରତିଷ୍ଠା ଉତ୍ସବର ପୂଜାବିଧି। ବାସ୍ତୁଶାସ୍ତ୍ର ଅନୁସାରେ ଯଜ୍ଞମଣ୍ଡପର ଦୈର୍ଘ୍ୟ ଓ ପ୍ରସ୍ଥ ୨୪ଫୁଟ ୩ଇଞ୍ଚ ଥିବା ବେଳେ ଉଚ୍ଚତା ଅଢେଇ ଫୁଟ ରହିଛି। ସେହିଭଳି ଯଜ୍ଞକୁଣ୍ଡର ଦୈର୍ଘ୍ୟ ଓ ପ୍ରସ୍ଥ ୮ଫୁଟ୍ ୧ଇଞ୍ଚ ଲେଖାଏ ରଖାଯାଇଛି। ଆଉ ସମ୍ପୂର୍ଣ୍ଣ ଶାସ୍ତ୍ରବିଧି ଅନୁସାରେ ଯଜ୍ଞ ମଣ୍ଡପ ନିର୍ମାଣ କରାଯାଉଛି। ୧୨ତାରିଖରେ ଗଜପତି ମହାରାଜା ବ୍ରାହ୍ମଣମାନଙ୍କୁ ବରଣ କରିବେ। ସେହିପରି ୧୩ ଓ ୧୪ରେ ଅଙ୍କୁରା ରୋପଣ କରାଯିବ। ୧୫ରୁ ବିଧିବଦ୍ଧ ଭାବରେ ଯଜ୍ଞ କାର୍ଯ୍ୟ କରାଯିବ। ୧୭ତାରିଖ ଦିନ ଗଜପତି ଯଜ୍ଞର ପୂର୍ଣ୍ଣାହୁତି ଦେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ପୁଷ୍ପାଞ୍ଜଳି ଦେବେ। ସେହିପରି ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞ କରାଯିବା ସହ ଶ୍ରୀମନ୍ଦିରର ଚାରିଦ୍ୱାରରେ ଚାରିବେଦ ଅନୁଷ୍ଠାନ କରାଯିବ। ୧୦୮ ବ୍ରାହ୍ମଣ ବେଦପାଠ କରିବା ସହ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିବେ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଉତ୍ସବମୁଖର ହୋଇଉଠୁଛି ସାରା ରାଜ୍ୟ। ରାଜ୍ୟବାସୀଙ୍କୁ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଜୟଜଗନ୍ନାଥ ଅର୍ପଣ ରଥ ବୁଲୁଛି। ଏହି କ୍ରମରେ ସୋମବାର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସ୍ବାଗତ କରାଯାଉଛି। ରଥ ବୁଲିବା ସମୟରେ ଲୋକମାନେ ଚାଉଳ ଓ ଗୁଆ ଦାନ କରି ପୂଜାର୍ଚ୍ଚନା କରୁଛନ୍ତି।



# ରାଜଧାନୀରେ ଗଡ଼ିଲା ପରିକ୍ରମା ରଥ




ଭାବ ଭକ୍ତିମୟ ଅଧ୍ୟାତ୍ମିକ ପରିବେଶରେ ସୋମବାର ଭୁବନେଶ୍ବରରେ ଗଡିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ।। ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଲା ମହାନଗର ନିଗମ। ରଥ ଯାଉଥିବା ସମୟରେ ଜୟ ଜଗନ୍ନାଥ ଧ୍ୱନି ଶୁଣି ଲୋକେ ସ୍ବତଃସ୍ଫୁର୍ତ୍ତ ଭାବେ ଗୁଆ ଓ ଅରୁଆ ଚାଉଳ ଆଣି ରଥ ପାଖରେ ଦେଇ ପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ସାଉଥ୍-ୱେଷ୍ଟ ଜୋନ୍‌ର ୱାର୍ଡ ନଂ. ୨୭, ୩୭, ୬୨, ୪୯ ଓ ୨୫ରେ ଅର୍ପଣ ରଥ ପରିକ୍ରମା କରିଥିଲା। ଗଣ୍ଡମୁଣ୍ଡା ହନୁମାନ ମନ୍ଦିରରୁ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ସହ ସ୍ଥାନୀୟ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ। ନର୍ଥ ଜୋନ୍‌ର ଆର୍‌ସିଏମ୍ ଜଗନ୍ନାଥ ମନ୍ଦିର, ଶୈଳଶ୍ରୀ ବିହାର ଓ ପାଣ୍ଡରା ଜଗନ୍ନାଥ ମନ୍ଦିରରୁ ଅର୍ପଣ ରଥ ଗଡ଼ିଥିଲା। ସେଠାରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଉତ୍ତର-ପୂର୍ବ ଜୋନ୍‌ର ୬୦ ନଂ. ୱାର୍ଡର କାଠିଆ ବାବା ଆଶ୍ରମ, ୫୮ ନମ୍ବର ୱାର୍ଡର ଜଗନ୍ନାଥ ଆଶ୍ରମ, ୪୫ ନମ୍ବର ୱାର୍ଡର ଚିନ୍ତାମଣୀଶ୍ବର ମନ୍ଦିର, ୬୧ ନମ୍ବର ୱାର୍ଡର ଜଗନ୍ନାଥ ମନ୍ଦିର ଓ ୨୮ ନମ୍ବର ୱାର୍ଡର ଭୁବନେଶ୍ବରୀ ମନ୍ଦିରରୁ ଅର୍ପଣ ରଥର ଶୁଭାରମ୍ଭ ହୋଇଥିଲା। ବିଏମ୍‌ସି ପକ୍ଷରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ରଥ ପୂରା ସହର ପରିକ୍ରମା କରିବ।

# ହୁଳହୁଳି, ଶଙ୍ଖଧ୍ୱନିରେ ସ୍ବାଗତ

ପୁରୀ ପୌରାଞ୍ଚଳରେ ସୋମବାରଠାରୁ ଅର୍ପଣ ରଥ ପରିକ୍ରମା ଆରମ୍ଭ କରିଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିର ସମ୍ମୁଖରୁ ରଥର ଶୁଭାରମ୍ଭ ହୋଇଛି। ହୁଳହୁଳି, ଶଙ୍ଖଧ୍ୱନି ଓ ଜୟ ଜଗନ୍ନାଥ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ବ) କୈଳାସ ଚନ୍ଦ୍ର ନାୟକ ଓ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ବାଇଁଙ୍କ ତତ୍ତ୍ୱାବଧାନରେ ୧, ୨, ୧୬ ଓ ୧୭ ନମ୍ବର ୱାର୍ଡକୁ ଏହି ରଥ ପ୍ରେରଣ କରାଯାଇଥିଲା। ରଥକୁ ପ୍ରତି ୱାର୍ଡରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତି ଘରୁ ଅରୁଆ ଚାଉଳ, ଗୁଆ ଅର୍ପଣ କରାଯାଇଥିଲା। ସେହିପରି ସତ୍ୟବାଦୀର ଆଳିସ, ନରେନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର, ବଳରାମପୁର ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ହରିବୋଲ, ହୁଳହୁଳି ଧ୍ୱନି ଦେଇ ଗ୍ରାମବାସୀ ରଥକୁ ସ୍ବାଗତ କରିବା ସହ ଗୁଆ, ଅରୁଆ ଚାଉଳ ଅର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ବିଡିଓ ଲିପ୍ସା ରାୟ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣପ୍ରସାଦ ବ୍ଲକର ପଣସପଦା, ଚିଲିକା ନୂଆପଡ଼ା, ମାଲୁଦ, ବଡ଼ଖାଡ଼ ପଞ୍ଚାୟତରେ ବିଡିଓ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅର୍ପଣ ରଥ ବୁଲି ଗୁଆ, ଚାଉଳ ସଂଗ୍ରହ କରିଛି।

## ଶ୍ରୀକ୍ଷେତ୍ର ଅନୁଭୂତି

### ଏବେ ଅପେକ୍ଷାର କଷ୍ଟ ନାହିଁ



ଆଗରୁ ବହୁତ ଥର ପୁରୀ ଆସିଛି। ଠାକୁରଙ୍କ ଦର୍ଶନ ପୂର୍ବରୁ ଅନେକ ସମୟରେ କିଛିକିଛି ସମସ୍ୟା ଦେଖାଦିଏ। ମାତ୍ର ଏଥର ଆଉ ସେ ଅବ୍ୟବସ୍ଥା ନାହିଁ। ପରିକ୍ରମା ପ୍ରକଳ୍ପ ପାଇଁ ପୁରୀରେ ସବୁକିଛି ବ୍ୟବସ୍ଥିତ ଢଙ୍ଗରେ ଚାଲିଛି। ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁଙ୍କ ବସିବା ପାଇଁ ସୁବିଧା କରାଯାଇଛି। ତା' ସାଙ୍ଗକୁ ଏସି ମଧ୍ୟ ଲାଗିଛି। ତେଣୁ ଅପେକ୍ଷା କରିବାର କଷ୍ଟ ଆଉ ଲାଗୁନାହିଁ।

–ପ୍ରଶାନ୍ତ କୁମାର ସାହୁ, ଖୋର୍ଦ୍ଧା

### ନୂଆ ବ୍ୟାରିକେଡ୍ ଦେଇ ପ୍ରଭୁଙ୍କୁ ଦର୍ଶନ କଲି



ମୁଁ ବର୍ଷକୁ ୨/୩ଥର ପୁରୀ ଆସେ। ଚଳିତବର୍ଷ ପ୍ରଥମ କରି ପୁରୀ ଆସିଛି। ପୂର୍ବଥର ଅପେକ୍ଷା ଏବେ କାମ ବହୁତ ଆଗେଇ ଗଲାଣି। ନୂଆ ବ୍ୟାରିକେଡ୍ ଦେଇ ସୁରୁଖୁରୁରେ ପ୍ରଭୁଙ୍କ ଦର୍ଶନ କରିପାରିଲି। ବୃଦ୍ଧବ୍ୟକ୍ତିମାନେ କିପରି ସୁବିଧାରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେ ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି।

–ପୂର୍ଣ୍ଣଚନ୍ଦ୍ର ମହାରଣା, କେନ୍ଦ୍ରାପଡ଼ା

### ଶୃଙ୍ଖଳିତ ଦର୍ଶନ ଖୁସି ଲାଗୁଛି



ପ୍ରଶାସନ ଯେଉଁ ବ୍ୟବସ୍ଥା କରିଛି, ସେଥିରେ ଆମେ ସନ୍ତୁଷ୍ଟ। ଏବେ ବହୁତ ଖୁସି ଲାଗୁଛି ପୁରୀକୁ ଆସି। ପାଚେରି ଚାରିକଡ଼ରେ ଫୁଲଗଛ ଲାଗିଥିବାରୁ ସେଠାରେ ପରିଭ୍ରମଣ କରିବାକୁ ଭଲ ଲାଗୁଛି। ମନ୍ଦିର ଭିତରେ ଭିଡ଼ ରହୁଛି, କିନ୍ତୁ ସମସ୍ତେ ଶୃଙ୍ଖଳିତ ଭାବେ କିପରି ଦର୍ଶନ କରିପାରିବେ ସେ ନେଇ ଭଲ ବ୍ୟବସ୍ଥା କରାଯାଉଛି।

–ଗୁରୁ ଚରଣ ସାମଲ, ରାଉରକେଲା

### ପୁରୀକୁ ଆସି ଆତ୍ମତୃପ୍ତି ଲାଭ କରୁଛି



ମହାପ୍ରଭୁଙ୍କ ଦର୍ଶନ ଭଲରେ ହେଲା। କାର୍ତ୍ତିକ ମାସରେ କିଛିଦିନ ଆସି ରହିଥିଲି। ପୁଣି ଆଉଥରେ ଆସିଛି, ୧୦ଦିନ ଠାକୁରଙ୍କ ପାଖରେ ରହିବି। ସେତେବେଳ ଅପେକ୍ଷା ଆହୁରି ଅନେକଗୁଡିଏ କାମ ହୋଇ ଗଲାଣି। ତେଣୁ ପୁରୀକୁ ଆସି ଆତ୍ମତୃପ୍ତି ଲାଭ କରୁଛି।

–ଚନ୍ଦ୍ରମା ସାହୁ, ଗଞ୍ଜାମ, କବିସୂର୍ଯ୍ୟ ନଗର

### ସୌନ୍ଦର୍ଯ୍ୟକରଣ ସହ ଆନୁଷଙ୍ଗିକ ସୁବିଧା



ପୁରୀକୁ ଆସିବା ପରେ ଏକ ନିଆରା ଅନୁଭୂତି ମିଳିଥାଏ। ଆଉ ଏବେ ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଯେଉଁସବୁ ସୁବ୍ୟବସ୍ଥା ଶ୍ରଦ୍ଧାଳୁଙ୍କ ପାଇଁ ହେଉଛି ସେଥିରେ ସମସ୍ତେ ଆନନ୍ଦିତ ହେଉଛନ୍ତି। ଆଗରୁ ଯେତେଥର ପୁରୀ ଆସିଛି କିଛି ନା କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ମାତ୍ର ଏଥର ସୁନ୍ଦର ଭାବେ ଠାକୁରଙ୍କ ଦର୍ଶନ କରିଛି। ପରିକ୍ରମା ପ୍ରକଳ୍ପରେ ସୌନ୍ଦର୍ଯ୍ୟକରଣ ସହିତ ଭକ୍ତଙ୍କୁ ଆନୁଷଙ୍ଗିକ ସୁବିଧା ମିଳି ପାରୁଥିବାରୁ ବେଶି ଖୁସି ଲାଗୁଛି।

–ସଞ୍ଜୁକ୍ତା ସ୍ବାଇଁ, କଟକ

# ଗାଁ ଦାଣ୍ଡରେ ଅର୍ପଣ ରଥ

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଏହି ରଥ ଘର ଘର ବୁଲିବା ସମୟରେ ଭଜନ କୀର୍ତ୍ତନ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ କମ୍ପିଥିଲା। ଭଦ୍ରକ ପୌରାଞ୍ଚଳ ଓ ବ୍ଲକରେ ରଥ ପରିକ୍ରମା କରିଛି। ପୂର୍ବାହ୍ନରେ ଭଦ୍ରକ ସହରାଞ୍ଚଳ ସାଳନ୍ଦୀ ବାଇପାସ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ ରଥର ଶୁଭାରମ୍ଭ କରିଥିଲେ। ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ପୌରାଞ୍ଚଳର ୩୦ଟି ୱାର୍ଡ ପରିକ୍ରମା କରି ପ୍ରତି ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଛି। ସେହିପରି ଭଦ୍ରକ ବ୍ଲକ ବହୁଦରଡ଼ା ପଞ୍ଚାୟତଠାରେ ଶ୍ରୀଜଗନ୍ନାଥ ମନ୍ଦିରରୁ ରଥର ଶୁଭାରମ୍ଭ ହୋଇଥିଲା। ବିଧାୟକ ଓ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ବିଡିଓ ସୀତାକାନ୍ତ ରାଉତ ପ୍ରମୁଖ ଶୁଭାରମ୍ଭ କରିଥିଲେ। ଗୁଜିଦରଡ଼ା, ଆମ୍ବରୋଳି ଓ ଏରଡ଼ାରେ ରଥ ପରିକ୍ରମା କରିଛି। ସେହିପରି ତିହିଡ଼ି, ବାସୁଦେବପୁର, ଧାମନଗର ଏବଂ ଚାନ୍ଦବାଲି ବ୍ଲକରେ ରଥ ଘର ଘର ବୁଲିଛି।







## ବନ୍ଦାପନା କରି ରଥକୁ ସ୍ବାଗତ

ଜାନୁଆରୀ ୧୭ ତାରିଖରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଅନୁଷ୍ଠିତ ହେବାକୁ ଯାଉଛି। ଉତ୍ସବରେ ରାଜ୍ୟର ପ୍ରତିଟି ଗାଁ ଏବଂ ପ୍ରତ୍ୟେକ ପରିବାରକୁ ସାମିଲ କରିବାକୁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତି ଜିଲାରେ ଅର୍ପଣ ରଥର ଶୁଭାରମ୍ଭ ହୋଇଥିବା ବେଳେ ସୋମବାର କେନ୍ଦୁଝର ଜିଲାର ୧୩ ବ୍ଲକ୍ ଓ ୫ ପୌର ଅଞ୍ଚଳରେ ଘରକୁ ଘର ବୁଲି ରଥ ଚାଉଳ, ଗୁଆ ଓ ନଡ଼ିଆ ଇତ୍ୟାଦି ସଂଗ୍ରହ କରୁଛି। ରଥ ପରିକ୍ରମା ସମୟରେ ଭକ୍ତିର ଅପୂର୍ବ ପରିବେଶ ସୃଷ୍ଟି କରୁଛି। ସଂକୀର୍ତ୍ତନ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଗାଁ କମ୍ପୁଛି। ମା' ମାନେ ରାସ୍ତାରେ ଝୋଟି ପକାଇ, ହୁଳହୁଳି ଦେଇ, ଧୂପଦୀପ ଜାଳି, ବନ୍ଦାପନା କରି ରଥକୁ ସ୍ବାଗତ କରୁଛନ୍ତି।



# ମୃଦଙ୍ଗ ବଜାଇଲେ ବିଧାୟକ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ଜଳେଶ୍ୱର ଶିବମନ୍ଦିରରୁ ସୋମବାର ଜୟ ଜଗନ୍ନାଥ ଅର୍ପଣ ରଥ ପାଟଣା ବ୍ଲକ୍‌ର ଚୀନାମାଳିପଶି ପଞ୍ଚାୟତ ପରିକ୍ରମା କରି ଗୁଆ, ଅରୁଆ ଚାଉଳ ସଂଗ୍ରହ କରିଛି। କାର୍ଯ୍ୟକ୍ରମରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ସାମିଲ ହୋଇ ଭକ୍ତଙ୍କ ସହ ମୃଦଙ୍ଗ ଓ ଗିନି ବଜାଇ ଗାଁକୁ ଗାଁ ରଥ ସହ ବୁଲିଥିଲେ। କାର୍ଯ୍ୟକ୍ରମ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ ଓ ଏବିଡିଓ ଚିତ୍ତରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରଥ ସହ ସ୍ଥାନୀୟ ଜନ ପ୍ରତିନଧିମାନେ ମଧ୍ୟ ସାମିଲ ହୋଇଥିଲେ। ପରେ ରଥ ପଲାଣଘାଟି ପଞ୍ଚାୟତ ଗୋଧିରାମ ପଡ଼ାରେ ପରିକ୍ରମା କରିଥିଲା। ଶତାଧିକ ଶ୍ରୀଜଗନ୍ନାଥ ସଂସ୍କୃତିପ୍ରେମୀ ଓ ଭକ୍ତ ସାମିଲ ହୋଇଥିଲେ।



# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା



ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ବୁଲି ପ୍ରତ୍ୟେକ ଘରୁ ଗୁଆ, ଅରୁଆ ଚାଉଳ ସଂଗ୍ରହ କରୁଛି। ଗଞ୍ଜାମ ଜିଲା ଛତ୍ରପୁର ତାଡ଼େପଲ୍ଲୀସାହି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ନଡ଼ିଆ ଭାଙ୍ଗି ଅର୍ପଣ ରଥ ଉଦଘାଟନ କରିବା ସହିତ ନିଜେ ଘରକୁ ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରିଥିଲେ। ସେହିପରି ଛତ୍ରପୁର ବ୍ଲକ ପକ୍ଷରୁ ମଧ୍ୟ ବିଭିନ୍ନ ପଞ୍ଚାୟତରୁ ଗୁଆ, ଚାଉଳ ସଂଗ୍ରହ କରାଯାଇଛି। ଖଲ୍ଲିକୋଟ ଏନ୍‌ଏସିରେ ଅଧ୍ୟକ୍ଷ ଇଂ ନିରଞ୍ଜନ ବେହେରାଙ୍କ ସମେତ ବହୁ କାଉନସିଲର ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଅର୍ପଣ ରଥକୁ ବନ୍ଦାପନା କରି ଶୁଭାରମ୍ଭ ହୋଇଥିଲା। କବିସୂର୍ଯ୍ୟନଗରରେ ଜଗନ୍ନାଥ ମନ୍ଦିରଠାରୁ ଏନ୍‌ଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଦିଗପହଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଜକର ଓ କଇଠଖଣ୍ଡି ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ୨ଟି ରଥକୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଡିଓ ଅନୁପ ଅଭିଷେକ ବେହେରା ଶୁଭାରମ୍ଭ କରିଥିଲେ। ଜି.ଉଦୟଗିରିରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ଏନଏସି ତରଫରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅର୍ପଣ ରଥ ଶଭୁାରମ୍ଭ ହୋଇଥିଲା। ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ।

# ଗୁଆ ଚାଉଳ ସଂଗ୍ରହ



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକରେ ସୋମବାର ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାଜ୍ୟ ରାଜପଥରେ ୩ ରଥକୁ ବିଡିଓ ସୁମତି ପଣ୍ଡା, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ପୂଜାର୍ଚ୍ଚନା କଲାପରେ ରଥ ଗଡିଥିଲା। ଏବିଡିଓ ଉଷାବତୀ ଗରଡ଼ିଆ, ଏପିଓ ତପନ କୁମାର ପୂଜାରୀ, ଜିପିଓ ସୁଜିତ କୁମାର ଦାସ, ମଙ୍ଗଳ ଅଧିକାରୀ ଦିଲୀପ କୁମାର ମାଝି, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସରପଞ୍ଚ ଯୋଗେନ୍ଦ୍ର କିଷାନ, ମହେଶ୍ୱର ବରିହା, ସମିତି ମେମ୍ବର ସାରିକା କେର୍‌କେଟା, ସଂଯୁକ୍ତା କିଷାନଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ, ସଙ୍କୀର୍ତ୍ତନ ମଣ୍ଡଳୀ, ଏସ୍‌ଏଚ୍‌ଜି ମହିଳା ସାମିଲ ହୋଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ୩ ରଥ ବଡ଼ଗାଁ, ଫୁଲବାରୀ, ଟିଁକିଲିପଡ଼ା, ଭୋଇପାଲି ଓ ସାହାଜବାହାଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିକ୍ରମା କରିଛି। ଆସନ୍ତା ୧୧ ତାରିଖ ମଧ୍ୟରେ ରଥ ସମସ୍ତ ପଞ୍ଚାୟତର ଗ୍ରାମଗୁଡ଼ିକୁ ଯାଇ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ସେହିପରି କୁଆଁରମୁଣ୍ଡା ଜଗନ୍ନାଥ ମନ୍ଦିର ପରିସରରେ ବିଡିଓ ଗଙ୍ଗାରାମ ବୁଡେକ ଏହି ରଥର ଶୁଭାରମ୍ଭ କରିଛନ୍ତି। ୨୦ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ମୋଟ ୭ଟି ରଥ ପରିକ୍ରମା କରି ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରିବ। ରଥ ପରିକ୍ରମା ସମୟରେ ଦାୟିତ୍ୱରେ ଥିବା ବ୍ଲକ କର୍ମଚାରୀ ଲୋକଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ବନ୍ଧରେ ଅବଗତ କରାଇବେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ସରପଞ୍ଚ ରାଜେଶ ହାସଦା ପ୍ରମୁଖଙ୍କ ସହ ଅନ୍ୟ ପଞ୍ଚାୟତିରାଜ ଜନପ୍ରତିନିଧି ଉପସ୍ଥିତ ଥିଲେ। ବ୍ଲକ ନିର୍ବାହୀ ଅଧିକାରୀ ଚୈତନ୍ୟ ହେମ୍ବ୍ରମ,ଏବିଡିଓ ପ୍ରଶାନ୍ତ ଜେନା, ଡବ୍ଲୁଇଓ ମନୋଜ ଶତପଥୀ, ଭରତ ସାହୁ, ସନ୍ଧ୍ୟାରାଣୀ ବେହେରା, ମୀନା ମହାନନ୍ଦିଆ ପ୍ରମୁଖ ସମସ୍ତ ପ୍ରକାର ସହାୟତା କରିଥିଲେ। ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ଡବ୍ଲୁଇଓ ଭଗବତ ଟୁଡୁ , ସରପଞ୍ଚ ନେଲସନ ହେମ୍ବ୍ରମ ରଥର ଶୁଭାରମ୍ଭ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୯/୨୦୨୪ Bhubaneswar, Tuesday, January 9/ 2024

# କଳିଙ୍ଗରେ କ୍ଲବ ଫୁଟ୍‌ବଲ ମହାମୁକାବିଲା

**ଭୁବନେଶ୍ୱର, ୮ା୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବ ଆଉ ଏକ ମେଗା ଫୁଟବଲ ପ୍ରତିଯୋଗିତା କଳିଙ୍ଗ ସୁପର କପ୍। ସୁପର କପ୍‌ର ଏହା ୪ର୍ଥ ସଂସ୍କରଣ। ଏଥର ଓଡ଼ିଶାରେ ପ୍ରତିଯୋଗିତା ହେଉଥିବାରୁ ପ୍ରାୟୋଜକ ଦୃଷ୍ଟିରୁ ଏହାର ନାମ କଳିଙ୍ଗ ସୁପର କପ୍ ରଖା ଯାଇଛି। ଓଡ଼ିଶା ଏଫ୍‌ସି ହେଉଛି ଡିଫେଣ୍ଡିଂ ଚାମ୍ପିୟନ। ଗତବର୍ଷ କୋଝିକୋଡ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ଓଡ଼ିଶା ଏଫ୍‌ସି ପ୍ରତିପକ୍ଷ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଥିଲା। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏମାନଙ୍କ ମଧ୍ୟରୁ ଇଣ୍ଡିଆନ ସୁପର ଲିଗ୍‌ର ୧୨ ଦଳ ଏବଂ ଆଇ-ଲିଗ୍‌ର ଶ୍ରେଷ୍ଠ ୪ ଦଳ ସାମିଲ। ଆଇ-ଲିଗ୍‌ରୁ ଗୋକୁଲମ୍ କେରଳ ଏଫ୍‌ସି, ଶ୍ରୀନିଡି ଡେକାନ ଏଫ୍‌ସି ଓ ଶିଲଂ ଲାଜଂ ଏଫ୍‌ସି ସିଧାସଳଖ ଯୋଗ୍ୟତା ପାଇଥିବାବେଳେ ଇଣ୍ଟର କାଶୀ ଦଳ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସିକୁ ୫-୦ ଗୋଲରେ ହରାଇ ମୁଖ୍ୟ ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଛି। ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ର ଅନ୍ୟ ଦଳଗୁଡ଼ିକ ହେଲେ ଏଫ୍‌ସି ଗୋଆ, ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶୀ। ପୂର୍ବ ଫର୍ମାଟ ଅନୁସାରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିବ। ପ୍ରଥମ ସେମିଫାଇନାଲ ଚଳିତ ମାସ ୨୪ ଓ ଦ୍ୱିତୀୟ ସେମିଫାଇନାଲ ୨୫ରେ ଖେଳାଯିବ। ଫାଇନାଲ ୨୮ ତାରିଖରେ ଅନୁଷ୍ଠିତ ହେବ। ଚଳିତବର୍ଷ ପ୍ରତି ଦଳରେ ଅତି ବେଶିରେ ୬ ବିଦେଶୀ ଖେଳାଳି ସାମିଲ ହୋଇପାରିବେ। ସେମାନଙ୍କ ମଧ୍ୟରୁ ଜଣେ ଏଏଫ୍‌ସି (ଏସିଆନ ଫୁଟବଲ କନ୍‌ଫେଡେରେଶନ)ର ହେବା ବାଧ୍ୟତାମୂଳକ।


କଳିଙ୍ଗ ଷ୍ଟାଡିୟମରେ ସୋମବାର ଇଷ୍ଟ ବେଙ୍ଗଲ ଦଳର ଅଭ୍ୟାସ।

### ଅଂଶଗ୍ରହଣକାରୀ ୧୬ ଦଳ

**ଗ୍ରୁପ୍ 'ଏ':** ମୋହନ ବାଗାନ ଏସ୍‌ଜି, ଇଷ୍ଟ ବେଙ୍ଗଲ, ହାଇଦ୍ରାବାଦ, ଶ୍ରୀନିଡି ଡେକାନ
**ଗ୍ରୁପ୍ 'ବି':** କେରଳ ବ୍ଲାଷ୍ଟର୍ସ, ନର୍ଥ ଇଷ୍ଟ ୟୁନାଇଟେଡ, ଜାମସେଦପୁର, ଶିଲଂ ଲାଜଂ
**ଗ୍ରୁପ୍ 'ସି':** ମୁମ୍ବାଇ ସିଟି ଏଫ୍‌ସି, ଚେନ୍ନାଇନ୍, ପଞ୍ଜାବ, ଗୋକୁଲମ୍ କେରଳ
**ଗ୍ରୁପ୍ 'ଡି':** ଏଫ୍‌ସି ଗୋଆ, ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ, ଇଣ୍ଟର କାଶୀ




### ଇଣ୍ଟର କାଶୀ ୫-୦ରେ ବିଜୟୀ

କଳିଙ୍ଗ ସୁପର କପ୍‌ର ମୁଖ୍ୟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ସୋମବାର ଅନୁଷ୍ଠିତ ଏକମାତ୍ର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଇଣ୍ଟର କାଶୀ ୫-୦ ଗୋଲରେ ରାଜସ୍ଥାନ ୟୁନାଇଟେଡ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମାରିଓ ବାର୍କୋ ୧୦ ଓ ୭୫ତମ ମିନିଟରେ ୨ଟି ଏବଂ ଏଡ୍‌ମୁଣ୍ଡ ଲାଲରିଣ୍ଡିକା ୫୮, ହାଓବାମ୍ ତୋମ୍ବା ସିଂ ୮୭ ଓ ଆଜସାଲ ୮୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବାର୍କୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସମୟ |
|---|---|---|
| ଜାନୁଆରୀ ୯ | ଇଷ୍ଟ ବେଙ୍ଗଲ ବନାମ ହାଇଦ୍ରାବାଦ ଏଫ୍‌ସି | ଅପରାହ୍ନ ୨ଟା |
| | ମୋହନ ବାଗାନ ଏସ୍‌ଜି ବନାମ ଶ୍ରୀନିଡି ଡେକାନ | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୦ | କେରଳ ବ୍ଲାଷ୍ଟର୍ସ ବନାମ ଶିଲଂ ଲାଜଂ | ଅପରାହ୍ନ ୨ଟା |
| | ନର୍ଥ ଇଷ୍ଟ ୟୁନାଇଟେଡ ବନାମ ଜାମସେଦପୁର ଏଫ୍‌ସି | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୧ | ମୁମ୍ବାଇ ସିଟି ଏଫ୍‌ସି ବନାମ ଗୋକୁଲମ୍ କେରଳ | ଅପରାହ୍ନ ୨ଟା |
| | ଚେନ୍ନାଇନ୍ ବନାମ ପଞ୍ଜାବ ଏଫ୍‌ସି | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୨ | ଏଫ୍‌ସି ଗୋଆ ବନାମ ଇଣ୍ଟର କାଶୀ | ଅପରାହ୍ନ ୨ଟା |
| | ଓଡ଼ିଶା ଏଫ୍‌ସି ବନାମ ବେଙ୍ଗାଲୁରୁ ଏଫ୍‌ସି | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୪ | ମୋହନ ବାଗାନ ଏସ୍‌ଜି ବନାମ ହାଇଦ୍ରାବାଦ | ଅପରାହ୍ନ ୨ଟା |
| | ଇଷ୍ଟ ବେଙ୍ଗଲ ବନାମ ଶ୍ରୀନିଡି ଡେକାନ | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୫ | ନର୍ଥ ଇଷ୍ଟ ୟୁନାଇଟେଡ ବନାମ ଶିଲଂ ଲାଜଂ | ଅପରାହ୍ନ ୨ଟା |
| | କେରଳ ବ୍ଲାଷ୍ଟର୍ସ ବନାମ ଜାମସେଦପୁର ଏଫ୍‌ସି | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୬ | ଚେନ୍ନାଇନ୍ ବନାମ ଗୋକୁଲମ୍ କେରଳ | ଅପରାହ୍ନ ୨ଟା |
| | ମୁମ୍ବାଇ ସିଟି ଏଫ୍‌ସି ବନାମ ପଞ୍ଜାବ ଏଫ୍‌ସି | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୭ | ଏଫ୍‌ସି ଗୋଆ ବନାମ ବେଙ୍ଗାଲୁରୁ ଏଫ୍‌ସି | ଅପରାହ୍ନ ୨ଟା |
| | ଓଡ଼ିଶା ଏଫ୍‌ସି ବନାମ ଇଣ୍ଟର କାଶୀ | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୧୯ | ହାଇଦ୍ରାବାଦ ବନାମ ଶ୍ରୀନିଡି ଡେକାନ | ଅପରାହ୍ନ ୨ଟା |
| | ମୋହନ ବାଗାନ ଏସ୍‌ଜି ବନାମ ଇଷ୍ଟ ବେଙ୍ଗଲ | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୨୦ | ଜାମସେଦପୁର ବନାମ ଶିଲଂ ଲାଜଂ | ଅପରାହ୍ନ ୨ଟା |
| | କେରଳ ବ୍ଲାଷ୍ଟର୍ସ ବନାମ ନର୍ଥ ଇଷ୍ଟ | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୨୧ | ପଞ୍ଜାବ ଏଫ୍‌ସି ବନାମ ଗୋକୁଲମ୍ କେରଳ | ଅପରାହ୍ନ ୨ଟା |
| | ମୁମ୍ବାଇ ସିଟି ଏଫ୍‌ସି ବନାମ ଚେନ୍ନାଇନ୍ ଏଫ୍‌ସି | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୨୨ | ବେଙ୍ଗାଲୁରୁ ଏଫ୍‌ସି ବନାମ ଇଣ୍ଟର କାଶି | ଅପରାହ୍ନ ୨ଟା |
| | ଏଫ୍‌ସି ଗୋଆ ବନାମ ଓଡ଼ିଶା ଏଫ୍‌ସି | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୨୪ | ପ୍ରଥମ ସେମିଫାଇନାଲ | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୨୫ | ଦ୍ୱିତୀୟ ସେମିଫାଇନାଲ | ସନ୍ଧ୍ୟା ୭ଟା ୩୦ |
| ଜାନୁଆରୀ ୨୮ | ଫାଇନାଲ | ସନ୍ଧ୍ୟା ୭ଟା ୩୦ |

**(ପ୍ରସାରଣ: ସ୍ପୋର୍ଟ୍ସ-୧୮, ଲାଇଭ୍ ଷ୍ଟ୍ରିମିଂ: ଜିଓ ସିନେମା)**

## ଟେଷ୍ଟ କ୍ରିକେଟରୁ କ୍ଲାସେନଙ୍କ ଅବସର

**ପ୍ରିଟୋରିଆ (ଦକ୍ଷିଣ ଆଫ୍ରିକା), ୮ା୧ (ପି.ଟି.):** ଦକ୍ଷିଣ ଆଫ୍ରିକୀୟ ଉଇକେଟକିପର-ବ୍ୟାଟର ହେନରିଚ୍ କ୍ଲାସେନ ଟେଷ୍ଟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୨୦୧୯ରେ ରାଞ୍ଚିରେ ଭାରତ ବିପକ୍ଷରେ ପଦାର୍ପଣ କରିଥିବା ଏହି ୩୨ ବର୍ଷୀୟ କ୍ରିକେଟର ତାଙ୍କ ସଂକ୍ଷିପ୍ତ ଟେଷ୍ଟ କ୍ୟାରିୟରରେ ମାତ୍ର ୪ଟି ମ୍ୟାଚ ଖେଳିଛନ୍ତି। ଗତବର୍ଷ ଜୋହାନ୍ସବର୍ଗରେ ସେ ୱେଷ୍ଟ ଇଣ୍ଡିଜ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ। ଏହି ଫର୍ମାଟରେ ସେ ୧୩.୦୦ ଆଭରେଜରେ ମୋଟ ୧୦୪ ରନ ସଂଗ୍ରହ କରିଥିବା ବେଳେ ସେ ତାଙ୍କ ଟପ୍ ସ୍କୋର ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। କ୍ଲାସେନ କିନ୍ତୁ ଦକ୍ଷିଣ ଆଫ୍ରିକା ପାଇଁ ସୀମିତ ଓଭର କ୍ରିକେଟ ଲାଗି ଉପଲବ୍ଧ ହେବେ। କ୍ଲାସେନ କହିଛନ୍ତି, ଟେଷ୍ଟ ହେଉଛି ତାଙ୍କ ଫେଭରାଇଟ ଫର୍ମାଟ। ତେବେ ବିଭିନ୍ନ ଦିଗରୁ ବିଚାର କରି ସେ ହ୍ୱାଇଟ ବଲ୍ କ୍ରିକେଟରୁ ଅବସର ନେବାଲାଗି ନିଷ୍ପତ୍ତି ନେଇଥିଲେ। ଏହି ବିସ୍ଫୋରକ ବ୍ୟାଟର କିନ୍ତୁ ଆଇପିଏଲ୍, ହଣ୍ଡ୍ରେଡ୍ ଓ ଏମ୍‌ସିଏଲ୍ ଭଳି ଟି୨୦ ଲିଗ୍‌ରେ ଖେଳିବେ। ସପ୍ତାହକ ମଧ୍ୟରେ ରେଡ୍‌ବଲ୍ କ୍ରିକେଟରୁ ଅବସର ନେବାରେ ସେ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଖେଳାଳି। ଗତ ସପ୍ତାହରେ ଭାରତ ବିପକ୍ଷ ଟେଷ୍ଟ ସିରିଜ ୧-୧ରେ ଡ୍ର ରହିବା ପରେ ଡିନ୍ ଏଲ୍‌ଗାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ।

DSPL-519


OIPR-29001/13/0154/2324

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ